ମୃତ୍ୟୁର ତ୍ରିଭୁଜ



ଜ୍ୟୋତିର୍ମୟୀ ମହାନ୍ତି

Digitized by srujanika@gmail.com

ମୃତ୍ୟୁର ତ୍ରିଭୁଜ

ଲେଖିକା :

ଜ୍ୟୋତିର୍ମୟୀ ମହାନ୍ତି, ବି. ଏସ୍. ସି. (ଅନର୍ସ) ଏମ୍. ଏ. ବି. ଇଡ୍

ବାଘସାହି, ଜଗତସିଂହପୁର, କଟକ

ପ୍ରକାଶକ :

ସୁଧାଂଶୁ ପ୍ରକାଶନ

ଝାଞ୍ଜିରିମଙ୍ଗଳା, କଟକ-୯

ପରିବେଷକ :

ଶ୍ରୀନିବାସ ଗୁରୁ

ଗୁରୁଜୀ ବୁକ୍‌ଷ୍ଟଲ

କଟକ-୯

ପ୍ରକାଶକାଳ :

୧୯୮୬

ପ୍ରଚ୍ଛଦପଟ୍ଟ :

ରବି କର

ମୁଦ୍ରଣ :

ଗୁରୁଜୀ ପ୍ରିଣ୍ଟର୍ସ

ଝାଞ୍ଜିରିମଙ୍ଗଳା, କଟକ-୯

ମୂଲ୍ୟ : **ଟ ୧୫-୦୦** ମାତ୍ର

"MRUTYURA TRIVHUJA"

A Scientific Novel by :

Jyotriemayee Mohanty

B. Sc. (Honrs), M. A. B. Ed.

Published by :

Sudhansu Prakasana

Cuttack-9

Distributure :

Shri Srinibas Guru

Gurujee Book Stall

Cuttack-9

First Edition :

1986

Cover Design by :

Rabi Kar

Printed at:

Gurujee Printers

Jhanjirimangala, Cuttack-9

Price :—**Rs 15-00 only**

Digitized by srujanika@gmail.com

ଉତ୍ସର୍ଗ

"କଥାଠାରୁ କାର୍ଯ୍ୟର ପ୍ରଭାବ ମଣିଷର ଅଲକ୍ଷ୍ୟରେ ହୃଦୟର ଗମ୍ଭୀରତମ ପ୍ରଦେଶକୁ ଅଧିକାର କଲଭଳି, ମୋ' ସାହିତ୍ୟକୃତିର ସକଳପାଥେୟ ଯାହାଙ୍କ କାର୍ଯ୍ୟର ପ୍ରେରଣାରୁ ପାଇଛି, ସେହି ପୂଜନୀୟ ବାପାଙ୍କ ପଦକମଳରେ ମୋର **"ମୃତ୍ୟୁର ନିଭୁକ"** ଉତ୍ସର୍ଗୀକୃତ ।

Digitized by srujanika@gmail.com

ନିଜ କଥା

ଅଧୁନା ଉପନ୍ୟାସ ଜଗତରେ ନାନା ପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଥିବାବେଳେ ଏକ ଭିନ୍ନ ସ୍ୱାଦର ଉପନ୍ୟାସ ମୋର ଏହି "ମୃତ୍ୟୁର ତ୍ରିଭୁଜ" । ଯେଉଁଥିରେ କି ବିଜ୍ଞାନ ସମ୍ବନ୍ଧୀୟ ରହସ୍ୟ ଓ ଉତ୍କଣ୍ଠା ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇରହିଛି । ତା' ଛଡ଼ା ଗୋଟି ହୃଦୟର ବେଦନା ବିଦଗ୍ଧ ଅଭିବ୍ୟକ୍ତି, ସ୍ନେହ, ପ୍ରେମ ଏବଂ ମଧୁର ମିଳନର ଆଲେଖ୍ୟ ନେଇ ଏହା କେତେବେଳେ ଉଦ୍ଭାସିତ ତ ଆଉ କେତେବେଳେ ବିରହ, ବିଦଗ୍ଧ, ସ୍ନିଗ୍ଧ ମଧୁର ଆବେଗରେ ଝଙ୍କୃତ ।

ବିଭିନ୍ନ ପତ୍ରପତ୍ରିକା ଓ ବହିପତ୍ରି ଆଟ୍‌ଲାଣ୍ଟିକ୍ ମହାସାଗରରେ ଥିବା ବାର୍ମୁଡ଼ା ବିଷୟରେ ମୁଁ ଯେତିକି ତଥ୍ୟ ପାଇଲି ସେହି ତଥ୍ୟ ଓ ନିଜର କଳ୍ପନା ପ୍ରସୂତ କେତେକ ଚରିତ୍ରକୁ ଆଧାର କରି ପୁସ୍ତକଟି ପ୍ରକାଶ କଲି । ଚରିତ୍ରର କଳା ଓ ଧଳାରଙ୍ଗ ନେଇ ପାଠକଙ୍କ ନିକଟରେ ଏହି ଉପନ୍ୟାସଟି ଯେ କେତେଦୂର ପ୍ରଭାବ ପକାଇବ ତାହା ପାଠକମାନଙ୍କ ମତାମତ ଉପରେ ନିର୍ଭର କରେ । ବିଜ୍ଞାନ ସମ୍ବନ୍ଧୀୟ ଉପନ୍ୟାସର ସଂଖ୍ୟା ଅନ୍ୟାନ୍ୟ ସାହିତ୍ୟିକ କୃତି ତୁଳନାରେ ସ୍ୱଳ୍ପ ହୋଇଥିବାରୁ ଓ ଏହା ଏକ ବିଜ୍ଞାନଜଗତର ବିସ୍ମୟକର ସତ୍ୟ ଉପରେ ଆଧାରିତ ହୋଇଥିବାରୁ ଏହା ପାଠକମାନଙ୍କ ନିକଟରେ ଆଦୃତ ହେବ ବୋଲି ଆଶାକରେ ।

ପାଣ୍ଡୁଲିପିଟି ପଢ଼ି ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟର ଅଧ୍ୟକ୍ଷ ପୂଜ୍ୟ 'ଶ୍ରୀଯୁକ୍ତ ଶାନ୍ତନୁ କୁମାର ଆଚାର୍ଯ୍ୟ' ତାଙ୍କର ଅଭିମତ ଦେଇଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ମହାଶୂନ୍ୟ ସମ୍ବନ୍ଧୀୟ ଅନେକ ତଥ୍ୟର ଅବତାରଣା ପାଇଁ ମୁଁ ଡଃ. ଦେବକାନ୍ତ ମିଶ୍ରଙ୍କ ଲିଖିତ ମହାଶୂନ୍ୟ ବିଜ୍ଞାନର ସହାୟତା ନେଇଥିବାରୁ ଏବଂ ସୁଧାଂଶୁ ପ୍ରକାଶନର ପ୍ରୋପାଇଟର ଶ୍ରୀଯୁକ୍ତ ଶ୍ରୀନିବାସ ଗୁରୁ ବହିର ପ୍ରକାଶ ଦାୟିତ୍ୱ ବହନ କରି ତାକୁ ଲୋକଲୋଚନକୁ ଆଣିଥିବାରୁ ମୁଁ ମଧ୍ୟ ସେମାନଙ୍କ ପାଖେ ମୋର କୃତଜ୍ଞତା ଜଣାଉଛି ।

ଜ୍ୟୋତିର୍ମୟୀ ମହାନ୍ତି

ବାଘସାହି

Digitized by srujanika@gmail.com

ଅଭିମତ

ଶ୍ରୀମତୀ ଜ୍ୟୋତିର୍ମୟୀ ମହାନ୍ତଙ୍କ 'ମୃତ୍ୟୁର ତ୍ରିଭୁଜ' ପାଣ୍ଡୁଲିପିଟି ପଢ଼ିଲି । ଏହା ଏକ ବୈଜ୍ଞାନିକ ଉପନ୍ୟାସ । 'ବର୍ମୁଡ଼ା ଟ୍ରାଙ୍ଗଲ'ର ରହସ୍ୟ ଏ ଉପନ୍ୟାସର ପୃଷ୍ଠଭୂମି । ବର୍ମୁଡ଼ା ଟ୍ରାଙ୍ଗଲ ଆଟଲାଣ୍ଟିକ ମହାସାଗରର ବର୍ମୁଡ଼ାଦ୍ୱୀପ ନିକଟବର୍ତ୍ତୀ ଏକ ଅଞ୍ଚଳ, ଯାହା ଭିତର ଦେଇ ଜାହାଜ ଚଳାଚଳ ଅତ୍ୟନ୍ତ ବିପଦ୍‌ଜନକ । ଏପରିକି ଏ ଅଞ୍ଚଳର ଆକାଶମାର୍ଗ ଦେଇ ଭାସିଯାଉଥିବା ଉଡ଼ାଜାହାଜ ଉପରେ ମଧ୍ୟ ଏଭଳି ଏକ ପାର୍ଥିବ ବା ଅପାର୍ଥିବ ପ୍ରଭାବ ଅନୁଭୂତ ହୁଏ, ଯାହା ଯୋଗୁ ଏ ଅଞ୍ଚଳ ଉପର ଦେଇ ବିମାନ ଚଳାଚଳକୁ ବୈଜ୍ଞାନିକମାନେ ବିପଦ୍‌ଜନକ ମନେକରି ଆସୁଛନ୍ତି ।

ଏହା ଆଧୁନିକ ବିଜ୍ଞାନର ହେତୁବାଦୀ ଅହଂକାର ପ୍ରତି ଖୋଦ ପ୍ରକୃତିର ଏକ ଆହ୍ୱାନ ବୋଲି କୁହାଯାଏ । ଏ ରହସ୍ୟ ଭେଦ କରିବା ଲାଗି ବୈଜ୍ଞାନିକମାନେ ଯେତିକି ବ୍ୟଗ୍ର ତା'ଠାରୁ ଆହୁରି ବେଶୀ ବୈଜ୍ଞାନିକ ଫାଣ୍ଟାସି ସୃଷ୍ଟି ହୋଇଚାଲିଛି । କ୍ଷୁଦ୍ର ବର୍ମୁଡ଼ା ଟ୍ରାଙ୍ଗଲ ଅବବେଷରେ ପରିଣତ ହୋଇଛି ସୁପ୍ରାଚୀନ ଆଟ୍‌ଲାଣ୍ଟିସ ସଭ୍ୟତାର ପୌରାଣିକ ତଥ୍ୟାନୁସନ୍ଧାନ ଭିତ୍ତିକ ଏକ ବୃହତ୍ତର ପରିକଳ୍ପନାରେ । ମାନବ ଜାତିର ପ୍ରାଗୈତିହାସିକ ପୃଷ୍ଠଭୂମି ଡାରଉଇନଙ୍କ ପାର୍ଥିବ ବିବର୍ତ୍ତନବାଦ ପରିବର୍ତ୍ତେ ଅପାର୍ଥିବ ଅର୍ଥାତ୍ ଜୈବିକ ବୋଲି ଯେଉଁ ପ୍ରାଚୀନ ବିଶ୍ୱାସକୁ ଆମେ ହସି ଉଡ଼େଇ ଚାଲିଥିଲେ ବର୍ତ୍ତମାନ ବୈଜ୍ଞାନିକମାନେ ତାହାକୁ ଭିତ୍ତିକରି ଅନୁସନ୍ଧାନ ଆରମ୍ଭ କରିଛନ୍ତି । ଏହି ନବାନୁସନ୍ଧାନର ଅଗ୍ରଦୂତମାନେ ହେଲେ ବୈଜ୍ଞାନିକ ଉପନ୍ୟାସ ବା ସାଇଣ୍ଟିଫିକ୍ ଫିକ୍‌ସନ ।

ପୃଥିବୀର ସମସ୍ତ ଉନ୍ନତ ଦେଶର ମାନଦଣ୍ଡ ଭାବେ ସେ ଦେଶ ଓ ଭାଷାର ସୃଜନାତ୍ମକ ସାହିତ୍ୟରୁ ଉତ୍ପନ୍ନ ବୈଜ୍ଞାନିକ ଉପନ୍ୟାସ ବା ଫାଣ୍ଟାସିଗୁଡ଼ିକୁ ଉଚ୍ଚ ଆସନ ଦିଆହୋଇ ଆସୁଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନର ସମୃଦ୍ଧ ଦେଶଗୁଡ଼ିକର ସଂଖ୍ୟାଧିକ ପାଠକ ସାଇନସ୍

Digitized by srujanika@gmail.com

ଫିକ୍‌ସନର ଭକ୍ତ । ସେଇ ପରିପ୍ରେକ୍ଷରେ ଅନୁନ୍ନତ, ଅନଗ୍ରସର ଦେଶର ପାଠକମାନେ ସାଇନ୍‌ସ ଫିକ୍‌ସନକୁ ପିଲାଖେଳ ମନେକରି ଆଜେବାଜେ ଅବାସ୍ତବତାରେ ପାଠକୀୟ ରୁଚିର ଅପଚୟ କରିବାକୁ ନିଜର କର୍ତ୍ତବ୍ୟ ମନେ କରିଥାଆନ୍ତି । ଫଳରେ ଭାରତୀୟ ସାହିତ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ସ୍ଥାନ ସର୍ବନିମ୍ନ । ଓଡ଼ିଆ ସାହିତ୍ୟର ଅବସ୍ଥା ସେହି ଦୃଷ୍ଟିରୁ ଆହୁରି କରୁଣ । ଓଡ଼ିଶାରେ ବୈଜ୍ଞାନିକ ଉପନ୍ୟାସର ଆଦିସ୍ରଷ୍ଟା ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ପରେ ସାହିତ୍ୟର ଏହି ଦିଗଟି ବର୍ତ୍ତମାନ ମରୁପଥ । ଓଡ଼ିଶାରେ ଆଧୁନିକ ସାହିତ୍ୟର ପ୍ରସାରଣ-ସଂକୋଚନର ମୂଳ କାରଣ ବିଜ୍ଞାନ ଓ ବୈଜ୍ଞାନିକ ଚିନ୍ତାଧାରା ପ୍ରତି ଆମର ଆଦିମ ଅବିଶ୍ୱାସ ଓ ହେୟ ମନୋଭାବ ।

ସାହିତ୍ୟର ଯଥାର୍ଥ ବିକାଶ ପାଇଁ ବିଜ୍ଞାନ ଓ ବୈଜ୍ଞାନିକ ଫାଣ୍ଟାସି ପ୍ରତି ପାଠକର ଅଧିକ ଆଗ୍ରହ ଓ କୌତୁହଳ ସୃଷ୍ଟି ଏକାନ୍ତ ଆବଶ୍ୟକ । ଆଧୁନିକ ଭାଷାର ବିକାଶ ପାଇଁ ଏ ଆବଶ୍ୟକତା ଅନିବାର୍ଯ୍ୟ । ଶ୍ରୀମତୀ ମହାନ୍ତିଙ୍କର 'ମୃତ୍ୟୁର ନିଭୃତ' ଏ ଦିଗରେ ଏକ ଯଥାର୍ଥ ପଦକ୍ଷେପ । ମୋର ଆଶା ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ଏହା ସହାୟକ ହେବ ।

ଶାନ୍ତନୁ କୁମାର ଆଚାର୍ଯ୍ୟ
ଅଧ୍ୟକ୍ଷ, ଜଗତ୍‌ସିଂହପୁର

Digitized by srujanika@gmail.com

ଡିସେମ୍ବର ମାସର ବାର ତାରିଖ । ପାଗର ନିର୍ମଳତା ଯୋଗୁଁ ସକାଳଟି ଖୁବ୍ ସୁନ୍ଦର ଏବଂ ଆରାମଦାୟ ଥିଲା । ପାଗଟା ସେଦିନ ଥିଲା ଖୁବ ଭଲ । ସୁନାରଙ୍ଗର ଉଜ୍ଜଳ ସୂର୍ଯ୍ୟକିରଣ ଚାରିଆଡେ ବିଚ୍ଛୁରିତ ହୋଇ ପଡୁଥିଲା । ସକାଳ ସାତଟା ବାଜିବା ପାଇଁ ଖୁବ୍ ଅଳ୍ପ ସମୟ ବାକିଥିଲା ।

ଆମେରିକାର ଆଟଲାଣ୍ଟିକ୍ ସିଟି ବିମାନଘାଟୀଠାରେ ଆମେରିକାନ୍ ଏୟାର ଫୋର୍ସର ଦୁଇଜଣ ପାଇଲଟ ନିଜ ନିଜର ଦକ୍ଷତାର ପରିଚୟ ଦେବାକୁ ଯାଇ ବିମାନ ଦୁଇଟିକୁ ଆଟଲାଣ୍ଟିକ୍ ମହାସାଗର ଉପରେ ଉଡାଉଥିଲେ । ହଠାତ୍ କ'ଣ ହେଲା କେଜାଣି ଗୋଟିଏ ବିମାନର ରେଡ଼ିଓ ସିଗ୍ନାଲ ମିଳିଲା ନାହିଁ । କଣ୍ଟ୍ରୋଲରୁମ୍‌ରୁ ବିମାନ ବିଷୟରେ କିଛି ଜଣା ପଡ଼ିଲା ନାହିଁ । କିଛି ସମୟ ଏହିପରି ଭାବରେ ଚାଲିଗଲା । ଅନ୍ୟ ବିମାନଟି ମଧ୍ୟ ସାଥୀ ବିମାନଟିର ଦଶା ଭୋଗିଲା । ସମସ୍ତେ ଆଶଙ୍କା କଲେ କେହି ଶତ୍ରୁପକ୍ଷ ବୋଧହୁଏ ଏହି ବିମାନ ଦୁଇଟିକୁ କୌଣସି ମତେ ଅପହରଣ କରି ନେଇଛି ! ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଅନୁସନ୍ଧାନ କରାଗଲା । ବହୁଦିନ ବିତିଗଲେ ବି ବିମାନ ଦୁଇଟି ସମ୍ପର୍କରେ କିଛି ତଥ୍ୟ ମିଳିଲା ନାହିଁ । ହଠାତ୍ କାହିଁକି ବିମାନ ଦୁଇଟି କେଉଁଆଡେ କିପରି ଅଦୃଶ୍ୟ ହୋଇଗଲେ ସେ ବିଷୟରେ ସାମାନ୍ୟତମ ସୂଚନା ମଧ୍ୟ ମିଳିଲା ନାହିଁ । ଖୁବ୍ କମ୍ ଦିନତଳେ ଠିକ୍ ଏହିପରି ଏଇ ଆଟଲାଣ୍ଟିକ୍ ଉପର ଦେଇ ଯାଉଥିବା ଦୁଇଟି ବିମାନ ମଧ୍ୟ ନିଖୋଜ ହୋଇଥିବାର ସମ୍ବାଦ ମିଳିଥିଲା । ନିଖୋଜ ହେବାର କାରଣ ମଧ୍ୟ ଜଣା ପଡ଼ି ନଥିଲା । କେତେକ ଅନୁସନ୍ଧାନ କରି ଜାଣିଲେ ବିମାନଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ପଥଦେଇ ଗଲାବେଳେ ହିଁ ନିଖୋଜ ହେଉଛି । ସେଇ ନିର୍ଦ୍ଦିଷ୍ଟ ପଥଦେଇ ଯାଉଥିବା ବିମାନ ଗୁଡ଼ିକ କାହିଁକି ହଠାତ୍ ନିଖୋଜ ହୋଇ ଯାଉଛନ୍ତି, ତା'ର କାରଣ ବହୁ ଚେଷ୍ଟା ସତ୍ତ୍ୱେ କିଛି ଜଣା ପଡ଼ିଲା ନାହିଁ ।

ପରିଶେଷରେ ସ୍ଥିର କରାଗଲା ଆଉ ଦୁଇଟି ବିମାନ ସେହି ପଥ ଦେଇ ଯିବେ । ସେଠାକାର ବିବରଣୀ ପାଇଲଟମାନେ ଠିକାଠିକ

Digitized by srujanika@gmail.com

କରି ବିମାନ ବନ୍ଦରରେ ଥିବା କଣ୍ଟ୍ରୋଲରଙ୍କୁ ଜଣାଇ ଦେବେ । କଣ୍ଟ୍ରୋଲରୁମ୍‌ରେ ବସି କଣ୍ଟ୍ରୋଲର ମି. ଆର୍କନ ପ୍ରବଳ ଉତ୍କଣ୍ଠା ସହ ଆଗପଛ ହୋଇ ଯାଉଥିବା ଦୁଇଟିଯାକ ବିମାନର ଗତି ବିଧିକୁ ରାଡାର ପରଦାରେ ଲକ୍ଷ୍ୟ କରି ବସିଥାଆନ୍ତି । ପାଗ ସେଦିନ ଖୁବ୍ ଭଲଥାଏ । ଆକାଶରେ ଅଳ୍ପ କେତେଖଣ୍ଡ ମେଘ ଇତସ୍ତତଃ ହୋଇ ଭାସୁଥାଆନ୍ତି । ବିମାନ ଦୁଇଟି ବାଦଲ ଘେରରୁ ନିଜକୁ ମୁକ୍ତ କରି ନୀଳ ଆକାଶ କୋଳରେ ଭାସି ଭାସି ଚାଲିଥାଆନ୍ତି । କିଛି ସମୟ ପରେ ମି. ଆର୍କନ ଆତଙ୍କରେ ଶିହରି ଉଠିଲେ । ରାଡାରର ପରଦାରେ ସେ କେବଳ ଗୋଟିଏ ମାତ୍ର ବିମାନ ଦେଖିପାରୁ ଥାଆନ୍ତି । ଠିକ୍ ଏହି ସମୟରେ ଦ୍ୱିତୀୟ ବିମାନର ପାଇଲଟ ମାଇକ୍ରୋଫୋନ୍‌ରେ ଚିତ୍କାର କରି ଉଠିଲେ, "ଆଟ୍‌ଲାଣ୍ଟିକ୍ ସିଟି ବିମାନ ବନ୍ଦରରୁ ଯାଉଥିବା ଛଅ ଆଠ ଶୂନ ଚାରି ଜେଟ୍‌ରୁ ମୁଁ କହୁଛି, ମତେ କିଛି ସାହାଯ୍ୟ ଦିଅନ୍ତୁ । ମୋ ବିମାନ ସମ୍ପୂର୍ଣ୍ଣ ବିପଦଗ୍ରସ୍ତ ।"

ବିମାନ ବନ୍ଦରରୁ କଣ୍ଟ୍ରୋଲର ପଚାରିଲେ, "ଶୂନ ଚାରି ଜେଟ୍ ଆପଣ କି ପ୍ରକାର ସାହାଯ୍ୟ ଚାହୁଁଛନ୍ତି, ଶୀଘ୍ର କୁହନ୍ତୁ । ଆପଣଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଦେବାଲାଗି ଆମେ ଏଠାରେ ପ୍ରସ୍ତୁତ ଅଛୁ ।"

ପୁଣି ଆକାଶପଥରୁ ଭାସି ଆସିଲା ଏକ କରୁଣ ସ୍ୱର, "ମୋ ବିମାନର ବେଗ ଆଶାତୀତ ଭାବେ ବଢ଼ି ଚାଲିଛି । କଣ୍ଟ୍ରୋଲହୁଇଲ୍ ଉପରେ ମୋର କୌଣସି କ୍ଷମତା ନାହିଁ । ମୋର ମନେ ହେଉଛି ଯେପରି କୌଣସି ଅଜଣା ଆକର୍ଷଣ ଫଳରେ ବିମାନଟି ମୋର ଟାଣି ହୋଇ ଯାଉଛି ।"

"ଶୂନ୍ ଚାରି ଜେଟ୍, ଆପଣ ଶୀଘ୍ର ବିମାନ ଘାଟୀକୁ ଆପଣଙ୍କ ବିମାନଟି ଫେରାଇ ଆଣନ୍ତୁ ।" ଅପର ପକ୍ଷରୁ ଆଉ କୌଣସି କଥା ଶୁଣାଗଲା ନାହିଁ । ରାଡ଼ାର ପରଦାକୁ ଅନାଇ ଚମକି ଉଠିଲେ କଣ୍ଟ୍ରୋଲର । ରାଡ଼ାର ପରଦାରେ କୌଣସି ବିମାନର ପୋଜିସନ୍ ସୂଚିତ ହେଉ ନଥିଲା ।

ନ୍ୟୁୟର୍କ ସ୍ଥିତ ଆମେରିକାନ ଏୟାର ଫୋର୍ସ ଅଫିସରେ ବଡ଼ ଚହଳେଣୀ ପଡ଼ିଗଲା । ଏକାଥରକେ ଚାରୋଟି ବିମାନ ଆଉ

Digitized by srujanika@gmail.com

ପାଇଲଟମାନେ କେଉଁଆଡେ ଯେ ଗଲେ ସେ ବିଷୟରେ କୌଣସି ସନ୍ଧାନ ମଧ୍ୟ ମିଳିଲା ନାହିଁ । ବଡ ବଡ ଅଫିସର ମାନଙ୍କର ଏକ ବୈଠକ ବସି ଏ ସମ୍ପର୍କରେ ଆଲୋଚନା କରାଗଲା । କେହି କେହି ମତ ଦେଲେ କୌଣସି ଶତ୍ରୁପକ୍ଷ ଏକ ନୂତନ କୌଶଳ ଅବଲମ୍ବନ କରି ବିମାନ ଗୁଡ଼ିକୁ ଅପହରଣ କରିବାର ବିଶ୍ୱାସ ହୁଏ । କିନ୍ତୁ ବଡ ଆଶ୍ଚର୍ଯ୍ୟର କଥା, ଯେତେ ଚେଷ୍ଟା କଲେବି କୌଣସି ଗୋଟିଏ ଅପହରଣ ବିମାନର ସନ୍ଧାନ ବି ମିଳୁ ନାହିଁ । ଅନ୍ୟ ଜଣେ ମତ ଦେଲେ ଶତ୍ରୁ ପକ୍ଷ ବୋଧହୁଏ ସେଠାରେ ଏପରି ଏକ ପଦାର୍ଥ ବୈଜ୍ଞାନିକ ପଦ୍ଧତିରେ ରଖି ଦେଇଛି, ଯାହା ଦ୍ୱାରା ସେ ସ୍ଥାନକୁ ଯିବା ମାତ୍ରେ ବିମାନ ଗୁଡ଼ିକ ଖଣ୍ଡଖଣ୍ଡ ହୋଇ ତଳେ ପଡି ଯାଉଛି । ଏତିକିବେଳେ ଆଉ ଜଣେ ଅଫିସର କହି ଉଠିଲେ, "କାଲି ତ ଦେଖିଲି ଟେଲିଗ୍ରାଫ୍‌ରେ ବାହାରିଥିଲା ଅଟଲାଣ୍ଟିକ୍ ବକ୍ଷରେ ଦୁଇଟି ଅଚିହ୍ନା ଶବ ଭାସୁଥିବାର ସନ୍ଧାନ ମିଳିଛି । ମାତ୍ର ଶବ ଗୁଡିକ କିପରି ଓ କେଉଁଠାରୁ ଏହି ମହାସାଗରକୁ ଆସିଲା ତାର କୌଣସି ସନ୍ଧାନ କେହି ପାଇପାରୁ ନାହାନ୍ତି । ଶବଗୁଡ଼ିକୁ ଜଳଜନ୍ତୁମାନେ କ୍ଷତ, ବିକ୍ଷତ କରି ଦେଇଛନ୍ତି । ତେଣୁ ମୋ ମତରେ ସନ୍ଧାନ ନେଲେ ଭଲ ହୁଅନ୍ତା । ସମସ୍ତଙ୍କ ମନକୁ କଥାଟା ଠିକ୍ ପାଇଗଲା । ସ୍ଥିର କରାଗଲା ଆଉ ଏକ ବିମାନ ନିର୍ଦ୍ଦିଷ୍ଟ ପଥ ଦେଇ ଯିବ । ମହାସାଗର ବକ୍ଷରେ ଏକ ଉଦ୍ଧାରକାରୀ ଜାହାଜ ମଧ୍ୟ ଆବଶ୍ୟକୀୟ ଉପକରଣ ସହ ରହିବ । ଏହି ଉଦ୍ଧାରକାରୀ ଜାହାଜ ଉପରେ ଉଡୁଥିବା ବିମାନ ସମ୍ବନ୍ଧରେ ସମସ୍ତ ଫଟୋଚିତ୍ର ଓ ତଥ୍ୟ ସଂଗ୍ରହ କରିବ ।

ଗୋଟିଏ ସମସ୍ୟାର ସମାଧାନ ପରେ ପୁଣି ଗୋଟିଏ ନୂଆ ସମସ୍ୟା ଦେଖାଗଲା । କୌଣସି ବିମାନ ସେ ପଥ ଦେଇ ଯିବାପରେ ଯାହା କିଛି ପରୀକ୍ଷା କରାଯିବ । ବର୍ତ୍ତମାନ ପ୍ରଧାନ ସମସ୍ୟା କେଉଁ ପାଇଲଟ ସେ ସ୍ଥାନକୁ ବିମାନ ନେଇ ଯିବେ ? କାହାକୁବା କୁହାଯିବ ନେବାକୁ । ମଣିଷ ମାତ୍ରେ ହିଁ ମରଣଶୀଳ । ସେ ଏ ପୃଥିବୀକୁ ଦିନେ ନା ଦିନେ ଛାଡ଼ି ଚାଲିଯିବ । ତଥାପି ମରିବାକୁ କେହି ଭଲ ପାଆନ୍ତି ନାହିଁ । ଏତେ ଗୁଡ଼ିଏ ବିମାନ, ପାଇଲଟ ମାନଙ୍କ ସହ ନିଖୋଜ ହେବାପରେ କିଏ ମରଣ ମୁହଁକୁ ଜାଣିଶୁଣି

Digitized by srujanika@gmail.com

ନିଜକୁ ଠେଲି ଦେବାକୁ । ତଥାପି ଏଇ ମଣିଷ ଭିତରେ ଦେବତା, ଆଉ ଅସୁର ବି ଅଛନ୍ତି । ଦେଶପାଇଁ, ଜାତିପାଇଁ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରାଣ ଦେଇଥିବା ବ୍ୟକ୍ତିଙ୍କର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ କିଛି କମ୍ ନାହିଁ । ସମସ୍ତଙ୍କୁ ଚମତ୍କୃତ କରି, ସମସ୍ୟା ସମାଧାନ କରିବା ପାଇଁ ପାଇଲଟ୍ ସାର୍ ଜନ୍ ସେହି 'ମୃତ୍ୟୁର ବଳୟ' ଅଞ୍ଚଳକୁ ବିମାନ ଧରି ଯିବାଲାଗି ସ୍ୱୀକୃତି ପ୍ରଦାନ କଲେ । ସାର୍ ଜନ୍‌ଙ୍କର ଏ ପ୍ରକାର ଦୁଃସାହସିକ ପଦକ୍ଷେପ ପାଇଁ ସମଗ୍ର ଜନତା ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲେ । ଆମେରିକାର ଗୀର୍ଜାମାନଙ୍କରେ ସାର୍ ଜନ୍‌ଙ୍କର ନିରାପତ୍ତା କାମନା କରି ଆମେରିକାବାସୀ ପ୍ରାର୍ଥନା କଲେ, ସାର୍ ଜନ୍‌ଙ୍କର ବିମାନ ନେଇ ଯିବାର ଦିନ ନିକଟ ହେଲା । ତାଙ୍କୁ ବାରମ୍ବାର ସତର୍କ କରି ଦିଆଗଲା । କୌଣସି ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେବା ମାତ୍ରେ ବିମାନ ଆଗକୁ ନ ବଢ଼ାଇ ଫେରି ଆସିବେ ।

ସାର୍ ଜନ୍ ପୂର୍ବପରି ଆଟ୍‌ଲାଣ୍ଟିକ୍ ସିଟି ବିମାନ ବନ୍ଦରରୁ ନିଜ ବିମାନ ଛାଡ଼ିଲେ । କଣ୍ଟ୍ରୋଲର ରାଡାର ପରଦାକୁ ଚାହିଁ ବିମାନର ଗତିବିଧି ଲକ୍ଷ୍ୟ କଲେ । ରାଡ଼ାର ପରଦାରେ ସୂଚିତ ହେଉଥିବା ବିମାନର ପୋଜିସନ୍‌କୁ ଲକ୍ଷ୍ୟ କରି କଣ୍ଟ୍ରୋଲର ପାଟି କରି ଉଠିଲେ "ଏଫ୍ ପାଞ୍ଚ ସାତ ଆଠ, ଆପଣ ଶୀଘ୍ର ଆପଣଙ୍କ ବିମାନକୁ ଆଟ୍‌ଲାଣ୍ଟିକ୍ ସିଟି ଅଭିମୁଖେ ଫେରାଇ ଆଣନ୍ତୁ, ବି କୁଇକ୍, ଶୀଘ୍ର ଆସନ୍ତୁ ।"

ମାଇକ୍ରୋଫୋନ୍‌ରେ ଭାସି ଉଠିଲା । ପାଇଲଟ୍ ସାର୍ ଜନ୍‌ଙ୍କ ସ୍ୱର, "ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ସାବ ଓକ୍ ଅଛି । ଅନ୍ୟାନ୍ୟ ସବୁମ ଅବସ୍ଥା ଅନୁକୂଳ ଅଛି ।"

ଅଳ୍ପ କିଛି ସମୟ ପରେ କଣ୍ଟ୍ରୋଲର ସାବଧାନ କରି କହିଲେ, "ଆପଣ ବିପଦ ସଙ୍କେତର ନିକଟବର୍ତ୍ତୀ । ସତର୍କ ହୁଅନ୍ତୁ ।"

ଏହାପରେ କିଛି ସମୟ ନୀରବରେ କଟିଗଲା ।

ହଠାତ୍ ଶୁଣାଗଲା ପାଇଲଟ୍‌ଙ୍କ କରୁଣସ୍ୱର । ମୁଁ ଫେରି ପାରୁନାହିଁ । ଯେତେ ଚେଷ୍ଟା କଲେ ବି ବିମାନ ମୋର ଆଗକୁ

Digitized by srujanika@gmail.com

ଗୁଳୁଛି । ମୋର ସମସ୍ତ ଦକ୍ଷତା··· । ଯୋଗାଯୋଗ ଛିଣ୍ଡିଗଲା । ରାଡ଼ାର ପରଦାକୁ ଅନାଇ ସେଇଠି କର୍ମୀ ସମସ୍ତ ନିଶ୍ଚଳ ଭାବରେ ବସି ରହିଲେ କଣ୍ଟ୍ରୋଲର ।

କ୍ରମେ ଏ ଖବର ଚାରିଆଡ଼େ ବ୍ୟାପିଗଲା । ଦେଶର ସମସ୍ତେ ଏ ବିଷୟରେ ଚିନ୍ତା କରିବାକୁ ଲାଗିଲେ । ଏପରି ଏକ ଅଦ୍ଭୁତ ଘଟଣା ସମଗ୍ର ଦେଶରେ ଆତଙ୍କ ଖେଳାଇ ଦେଲା ।

ଶିଳ୍ପ ସମୃଦ୍ଧ ଓ ଆଧୁନିକ ବିଜ୍ଞାନରେ ଉତ୍କର୍ଷତା ଲାଭ କରିଥିବା ଆମେରିକାର ଡଃ କଲବର୍ଟ ଡାଉନ୍ ଜଣେ ଖ୍ୟାତନାମା ବୈଜ୍ଞାନିକ ଆଉ ମହାକାଶ ତତ୍ତ୍ୱବିତ୍ । ଗବେଷଣା ହିଁ ତାଙ୍କ ଜୀବନର ଏକମାତ୍ର କାର୍ଯ୍ୟ । ବିଜ୍ଞାନାଗାର ଭିତରେ ଗବେଷଣା କଲାବେଳେ ସେ ଭୁଲି ଯାଆନ୍ତି ସମଗ୍ର ଜଗତକୁ । ସତେ ଯେପରି ବିଜ୍ଞାନର ଉନ୍ନତି ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ।

ଡଃ. କ୍ୟାନେଲ୍ ଆଉ ଜଣେ ବିଜ୍ଞାନବିତ୍ ଓ ଜଣେ ସୌମ୍ୟ ଦର୍ଶନ ଯୁବକ । ବେଶ୍ କର୍ମଠ ଆଉ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ । ଛାତ୍ର ଜୀବନର ପରିସମାପ୍ତି ପରେ ସେ ଡଃ ଡାଉନ୍‌ଙ୍କ ବ୍ୟକ୍ତିଗତ ପରୀକ୍ଷାଗାରରେ ତାଙ୍କ ତତ୍ତ୍ୱାବଧାନରେ ଉଚ୍ଚତର ଡିଗ୍ରୀ ପାଇଁ ଗବେଷଣା ଚଳାଇଥାଆନ୍ତି । ଡଃ ଡାଉନ୍‌ଙ୍କର ତାଙ୍କ ପ୍ରତି ରହିଛି ଅତୁଟ ଶ୍ରଦ୍ଧା ଆଉ ଭରସା ମଧ୍ୟ । ବିଜ୍ଞାନ ଜଗତରେ ଘଟୁଥିବା ରହସ୍ୟକୁ ଭେଦ କରିବାକୁ କ୍ୟାନେଲ୍ ସବୁବେଳେ ଆଗ୍ରହୀ । ସଦାସର୍ବଦା ରହସ୍ୟ ଉଦ୍‌ଘାଟନ ପାଇଁ ସେ ତତ୍ପର । ଆଟଲାଣ୍ଟିକ୍ ମହାସାଗର ଉପରେ ଘଟୁଥିବା ଏହି ଆଶ୍ଚର୍ଯ୍ୟଜନକ ଘଟଣା ତାଙ୍କ କାନକୁ ଗଲା । ସେ ଏହି ଘଟଣାର ଅନୁସନ୍ଧାନରେ ଲାଗିପଡ଼ିଲେ । ତାଙ୍କ ମନରେ ସନ୍ଦେହ ହେଲା । କୌଣସି ନୂତନ ବୈଜ୍ଞାନିକ ତଥ୍ୟ ଏ ରହସ୍ୟ ପଛରେ ଆତ୍ମଗୋପନ କରି ନାହିଁ ତ ? ନଚେତ୍ ଏତେ ଗୁଡ଼ିଏ ବିମାନ ପାଇଲଟମାନଙ୍କ ସହ ଅପହରଣ ହୁଅନ୍ତା କିପରି ? ବିମାନ ସହ ବହୁ ଲୋକଙ୍କ ଜୀବନ ବିପଦଗ୍ରସ୍ତ । ଏହା ପଛରେ ଥିବା ତଥ୍ୟମାନ ସଂଗ୍ରହ କରିବାରେ ସେ ଲାଗି ପଡ଼ିଲେ ।

ସନ୍ଧାନ ନେଇ ସେ ଦେଖିଲେ ଯେ ଏ ଘଟଣାଟି ଉତ୍ତର ଆମେରିକାର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ଆଟ୍‌ଲାଣ୍ଟିକ୍ ମହାସାଗର

Digitized by srujanika@gmail.com

ଉପରେ ଏକ ନିର୍ଦ୍ଦିଷ୍ଟ ତ୍ରିଭୁଜାକାର ସ୍ଥାନ ବାର୍ମୁଡ଼ାରେ ଘଟିଥିଲା । ବାର୍ମୁଡ଼ାର ଏହି ତ୍ରିଭୁଜାକାର ଅଞ୍ଚଳକୁ ଯିଏ ଥରେ ବିମାନ ନେଇ ଯାଇଛି ସେ ଆଉ ପ୍ରାଣ ନେଇ ଫେରି ଆସି ପାରି ନାହିଁ । କ୍ରମେ ଏହି ଘଟଣା ପ୍ରଚଳିତ ହେବାକୁ ଲାଗିଲା । ବାର୍ମୁଡ଼ାର ସେହି ତ୍ରିଭୁଜାକାର ଅଞ୍ଚଳ ଦେଇ ଯାଉଥିବା ସମସ୍ତ ଆକାଶପଥକୁ ବନ୍ଦ କରି ଦିଆଗଲା । ଏହା ଉପରେ ଅନେକ ବୈଜ୍ଞାନିକ, ବିଶେଷଜ୍ଞ ଓ ଇଞ୍ଜିନିୟରମାନେ ଗବେଷଣା କରିବାକୁ ଲାଗିଲେ । ସମସ୍ତଙ୍କର ମିଳିତ ଚେଷ୍ଟା ସତ୍ତ୍ୱେ ବିଜ୍ଞାନ ଏ କ୍ଷେତ୍ରରେ ନିରୁତ୍ତର ରହିଲା । ଯେଉଁ ପ୍ରଖ୍ୟାତ ବୈଜ୍ଞାନିକ-ମାନଙ୍କ ମିଳିତ ଉଦ୍ୟମରେ ସବୁଠାରୁ ଆଶ୍ଚର୍ଯ୍ୟତମ ମହାକାଶଯାନ ପାୟୋନିୟର-୧୦ ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ଥିବା ବିରାଟ ପ୍ରସ୍ତରକଣିକା ସୃଷ୍ଟି କରି ଗ୍ରହାଣୁପୁଞ୍ଜକୁ ଅତିକ୍ରମ କରି ଆମ ସୌର-ଜଗତ ପାର ହୋଇ ଅନନ୍ତ ମହାଶୂନ୍ୟ ମଧ୍ୟରେ ନିର୍ବିଘ୍ନରେ ପ୍ରବେଶ କରିଥିଲା, ସେହି ବୈଜ୍ଞାନିକମାନଙ୍କର ସମସ୍ତ ମିଳିତ ପ୍ରଚେଷ୍ଟା, ଏ ସମସ୍ୟା ସମାଧାନ ଦିଗରେ ବଡ଼ ଅଦ୍ଭୁତ ଭାବରେ ବିଫଳ ହେଲା ।

କେବଳ ବାର୍ମୁଡ଼ାର ସେହି ନିର୍ଦ୍ଦିଷ୍ଟ ତ୍ରିଭୁଜାକାର ଅଞ୍ଚଳରେ ନୁହେଁ, ପୃଥିବୀରେ ଆହୁରି ଏପରି ଅନେକ ସ୍ଥାନ ଅଛି ଯେଉଁଠିକି ଏମିତି ଆଶ୍ଚର୍ଯ୍ୟଜନକ ଘଟଣାମାନ ଘଟିଯାଉଛି । ସୁମାତ୍ରା ଓ ମାଳୟର ଉପଦ୍ୱୀପ ମଝିରେ ଥିବା ସଙ୍କୀର୍ଣ୍ଣ ପଥରେ ଏମିତି ବିମାନ ଅପହରଣ ହେବାର ସମ୍ବାଦମାନ ମିଳୁଛି । ବାସ୍ତବିକ୍ ଏ ସବୁର କାରଣ କ'ଣ ହୋଇପାରେ ସେ ଚିନ୍ତା କରିବାକୁ ଲାଗିଲେ । ଏ ରହସ୍ୟମୟ ଘଟଣା ପଛରେ ଥିବା ସତ୍ୟକୁ ତାଙ୍କୁ ଜାଣିବାକୁ ହିଁ ପଡ଼ିବ । ଏହି ମାୟାପୁରୀର ଅବରୋଧ ଦୁର୍ଗ ମଧ୍ୟରେ ତାଙ୍କୁ ପ୍ରବେଶ କରିବାକୁ ହିଁ ପଡ଼ିବ । ମନେ ମନେ ସେ ଏଥିପାଇଁ ଦୃଢ଼ସିଦ୍ଧାନ୍ତ ଗ୍ରହଣ କଲେ ।

ଅପହୃତ ପାଇଲଟମାନଙ୍କ ଶେଷ କଥାକୁ ମନେ ମନେ ବିଶ୍ଳେଷଣ କରିବାକୁ ଲାଗିଲେ କ୍ୟାନେଲ, ଯେତେ ଚେଷ୍ଟା କଲେ ବି ଦକ୍ଷ ପାଇଲଟମାନେ ବିମାନ ଫେରାଇ ଆଣିପାରୁ ନାହାନ୍ତି । ଏକ ଅଜଣା ଆକର୍ଷଣ ଶକ୍ତି ସେମାନଙ୍କ ବିମାନକୁ ଟାଣିବାରେ ଲାଗିଛି । ବିମାନର ଇଞ୍ଜିନ୍ ଉପରେ ପାଇଲଟମାନଙ୍କର କୌଣସି କଣ୍ଟ୍ରୋଲ ରହୁନାହିଁ । କ୍ୟାନେଲ୍ ଟିକେ ଗଭୀର ଭାବେ ଚିନ୍ତା କରିବାକୁ

Digitized by srujanika@gmail.com

ଲାଗିଲେ । ଏ ପ୍ରକାର ଆକର୍ଷଣ ମହାଶୂନ୍ୟ ମଧ୍ୟରେ, ପୁଣି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ? ଏ ଆକର୍ଷଣ ଶକ୍ତି ଆସୁଛି କେଉଁଠୁ ? ଏହି ଶକ୍ତି ହିଁ ସମସ୍ତ ରହସ୍ୟର ମୂଳ । ଏହି ଆକର୍ଷଣ ଶକ୍ତି ଉପରେ ଗବେଷଣା କଲେ ଏ ରହସ୍ୟର ଦ୍ୱାର ଆପେ ଆପେ ଉନ୍ମୋଚିତ ହୋଇଯିବ ।

କ୍ୟାମେଲଙ୍କର ମନେ ପଡ଼ିଗଲା ଭାରତର ମୃତ୍ୟୁ ଉପତ୍ୟକା କଥା । ସୁଦୂର ଭାରତର ଜାଭା ନାମକ ଏକ ସ୍ଥାନରେ ଏକ ସୁନ୍ଦର ଉପତ୍ୟକା ରହିଛି । ଉପତ୍ୟକାଟି ଫୁଲ, ଫଳ ଭରା ଗଛରେ ପରିପୂର୍ଣ୍ଣ । ମାତ୍ର ସେଠାକୁ ଯିଏ ଯାଉଛି, ସେ ଆଉ ଜୀବନ ନେଇ ଫେରୁ ନାହିଁ । ଏହି ଉପତ୍ୟକାଟି କେବଳ ପ୍ରାଣୀ ଓ ପଶୁପକ୍ଷୀମାନଙ୍କର ହାଡ଼ କଙ୍କାଳରେ ପରିପୂର୍ଣ୍ଣ । ବହୁଦିନ ଧରି ଏ ଉପତ୍ୟକା ଉପରେ ଗବେଷଣା କରାଗଲା । ଶେଷରେ ପ୍ରକୃତ ରହସ୍ୟ ଦିନେ ଉଦ୍‌ଘାଟିତ ହେଲା । ଉପତ୍ୟକାଟି ଘଞ୍ଚ ଗଛଲତାରେ ପରିପୂର୍ଣ୍ଣ । ଗଛମାନଙ୍କରୁ ପତ୍ର ଝଡ଼ି ତଳେ ପଡ଼ି ସଢ଼ୁଥାଏ । ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ଉତ୍ପନ୍ନ ହେଉଥାଏ । ଏହି ଉତ୍ପନ୍ନ ଅଙ୍ଗାରକାମ୍ଳ ଗ୍ୟାସ ଘଞ୍ଚ ଗଛ-ଲତାକୁ ଭେଦ କରି ଉପରକୁ ଯାଇପାରେ ନାହିଁ । ଫଳରେ ଉପତ୍ୟକାଟି ଘନୀଭୂତ ଅଙ୍ଗାରକାମ୍ଳ ଗ୍ୟାସରେ ପରିପୂର୍ଣ୍ଣ ହୋଇଥାଏ । ଏହା ଏକ ବିଷାକ୍ତ ଗ୍ୟାସ । କୌଣସି ପ୍ରାଣୀ ସେଠାକୁ ପ୍ରବେଶ କଲେ ଏହି ଘନୀଭୂତ ଅଙ୍ଗାରକାମ୍ଳ ଗ୍ୟାସକୁ ନିଶ୍ୱାସରେ ଗ୍ରହଣ କରିଥାଏ । ଫଳରେ ଶ୍ୱାସରୁଦ୍ଧ ହୋଇ ସେ ମୃତ୍ୟୁ ମୁଖରେ ପଡ଼େ । ଏ ରହସ୍ୟର ଉନ୍ମୋଚନ ପରେ ସେ ଉପତ୍ୟକାର ନାମ ରଖାଗଲା 'ମୃତ୍ୟୁ ଉପତ୍ୟକା' । ସେ ସ୍ଥାନକୁ ଜୀବନ୍ତ ପ୍ରାଣୀମାନଙ୍କର ଯିବାକୁ ନିଷେଧ କରାଗଲା ।

ଠିକ୍ ଏହିପରି ଏ ଘଟଣା ପଛରେ ଥିବା ରହସ୍ୟ ଦିନେ ନା ଦିନେ ଉଦ୍‌ଘାଟିତ ହେବ । ଅଦମ୍ୟ ଉତ୍ସାହ ନେଇ କ୍ୟାମେଲ୍ ଲାଗି ପଡ଼ିଲେ ଏ ରହସ୍ୟର ଦ୍ୱାରକୁ ଉନ୍ମୋଚନ କରିବାଲାଗି, ଏ ସମସ୍ୟାର ସମାଧାନ ଲାଗି ସେ ଡଃ ଡାଉନ୍‌ଙ୍କ ସହ ଆଲୋଚନା କରିବାକୁ ସ୍ଥିର କଲେ । ସେହି ହିଁ ଏକମାତ୍ର ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି । ତାଙ୍କର ପରି ତତ୍ର ଜ୍ଞାନବୁଦ୍ଧିମାନ ବୈଜ୍ଞାନିକଙ୍କ ଦ୍ୱାରା ନିଶ୍ଚିତ ଭାବରେ ଏ ରହସ୍ୟର ଦ୍ୱାର ଉଦ୍‌ଘାଟିତ ହେବ । ପରଦିନ ଡଃ ଡାଉନ୍‌ଙ୍କୁ ସାକ୍ଷାତ କରି ବିଷୟରେ ଆଲୋଚନା ପାଇଁ ସେ ମନେ ମନେ ସ୍ଥିର କରିନେଲେ ।

Digitized by srujanika@gmail.com

ଖୁବ୍ ସକାଳୁ ସକାଳୁ କ୍ୟାନେଲ୍ ହାତରେ ଗୋଟିଏ ନିଉୟର୍କ ଟାଇମସ୍ ଧରି ସାର୍‌ଙ୍କ ନିକଟରେ ପହଞ୍ଚିଲେ । ଡଃ ଡାଉନ୍ ନିଜକୁ ହଜାଇ ଦେଇଥିଲେ ତାଙ୍କର ଗବେଷଣାଗାରରେ । ଏ ପୃଥିବୀର ମିଥ୍ୟା, ପ୍ରବଞ୍ଚନା, ଜଟିଳତା ଠାରୁ ସେ ନିଜକୁ ଦୂରେଇ ରଖି ହଜି ଯାଇଥିଲେ ଏକ ନୂତନ ରହସ୍ୟ ଉଦ୍‌ଘାଟନରେ । ଖୁବ୍ ସକାଳୁ କ୍ୟାନେଲ୍‌ଙ୍କୁ ଦେଖି ସେ ଖୁବ୍ ଖୁସି ହୋଇଗଲେ । କାରଣ କ୍ୟାନେଲ୍‌ଙ୍କ ପରି ଏକ ଶିଷ୍ଟ, ବୁଦ୍ଧି ସମ୍ପନ୍ନ ଯୁବକ ଉପରେ ତାଙ୍କର ଅତୁଟ ଶ୍ରଦ୍ଧା ରହିଛି । କିନ୍ତୁ ସମସ୍ତ ଆଳାପ ଓ ଆଲୋଚନା ପରେ କ୍ୟାନେଲ୍ ହାତରେ ଧରିଥିବା ନିଉୟର୍କ ଟାଇମସ୍‌କୁ ବଢ଼ାଇଦେଲେ ଡାଉନ ଙ୍କ ହାତକୁ । ସମ୍ବାଦ ପତ୍ରର ପ୍ରଥମ ପୃଷ୍ଠାରେ ବାହାରିଥିବା 'ରହସ୍ୟଜନକ ଅନ୍ତର୍ଦ୍ଧାନ' ଶିରୋନାମାଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଲେ ପଢ଼ିବାକୁ । ବ୍ରିଟିଶ୍ ଏୟାରଓ୍ୱେଜ କମ୍ପାନୀର ବୋଇଙ୍ଗ୍ ସାତ ଶୂନ ସାତ ଏକୋଇଶ ଜଣ ବିମାନ କର୍ମଚାରୀଙ୍କ ସମେତ ତିନିଶହ ଦୁଇଜଣ ଯାତ୍ରୀଙ୍କୁ ଧରି ଆଟ୍‌ଲାଣ୍ଟିକ୍ ମହାସାଗର ଉପର ଦେଇ ଯାଉଥିବା-ରହସ୍ୟଜନକ ଭାବେ ଅନ୍ତର୍ଦ୍ଧାନ ହୋଇଯାଇଛି । ସମସ୍ତ ଚେଷ୍ଟା ସତ୍ତ୍ୱେ ଏହି ଯାତ୍ରୀବାହି ବିମାନଟିର କୌଣସି ପତ୍ତା ମିଳିନାହିଁ ।

—"ଏଥିରେ ବିଶେଷ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?" ସମ୍ବାଦଟି ଉପରେ ଆଖି ବୁଲେଇ ପଚାରିଲେ, ଡଃ-ଡାଉନ୍ ।

– "ଆପଣ ଜାଣି ନାହାନ୍ତି ସାର୍ । ଆପଣ ସେ ସମୟରେ ଭାରତକୁ ଯାଇଥିଲେ । ଭାରତରୁ ଫେରି ଆପଣ ଗବେଷଣାରେ ବୁଡ଼ି ରହିଛନ୍ତି । ଏତିକି କହିସାରି ଏ ପର୍ଯ୍ୟନ୍ତ ଘଟିଥିବା ସମସ୍ତ ବିମାନ ଅପହରଣ ଓ ପାଇଲଟମାନଙ୍କର ଶେଷ ବକ୍ତବ୍ୟ ଡଃ ଡାଉନ୍‌ଙ୍କ ସମ୍ମୁଖରେ ପ୍ରକାଶ କଲେ । ମୋର କାହିଁ ବିଶ୍ୱାସ ହୁଏ, ଏ ଘଟଣା ପଛରେ କିଛି ବୈଜ୍ଞାନିକ କାରଣ ଲୁଚି ରହିଛି ।"

– "କୌଣସି ରାଜନୈତିକ କାରଣ ବି ଥାଇପାରେ ?"

—"ରାଜନୈତିକ କାରଣ ଥିଲେ ଦୁଇଟି ବିଭିନ୍ନ ଦେଶର ବିମାନ ଅପହରଣ କରିବାର କାରଣ କ'ଣ ହୋଇପାରେ ।" କ୍ୟାନେଲ୍ ଉତ୍ତର ଦେଲେ ।

Digitized by srujanika@gmail.com

"କିଛି ସମୟ ଗମ୍ଭୀର ଭାବରେ ଚିନ୍ତାକଲେ ଡଃ ଡାଲ୍ଟନ୍ । ଆଚ୍ଛା ବିମାନ୍ ଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ପଥଦେଇ ଗଲାବେଳେ ଅପହୃତ ହେଉଛନ୍ତି ନା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ?"

"ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ସାର୍ ।" "ତାହାହେଲେ ସେହି ସ୍ଥାନରେ କୌଣସି ଅଜଣା ଗ୍ରହର ଆକର୍ଷଣ ବି ଥାଇପାରେ । ଯାହାଦ୍ୱାରା ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ବିମାନର ବେଗ ଆଶାତୀତ ଭାବେ ବଢ଼ୁଛି ବୋଲି କୁହାଯାଉଛି ।

"ମୁଁ ବି ଏମିତି ଏକ ତଥ୍ୟ ଏହା ପଛରେ ଥିବାର ସନ୍ଦେହ କରି ଆପଣଙ୍କ ପାଖକୁ ଆସିଥିଲି । ଆଜି କେତେକ ବୈଜ୍ଞାନିକମାନେ ମତ ଦିଅନ୍ତି, ମହାଶୂନ୍ୟର କେଉଁ ସ୍ଥାନରେ ହୁଏତ ପ୍ରତିବସ୍ତୁ ଥାଇପାରେ, ଆମ ବସ୍ତୁ ଜଗତର ସମସ୍ତ ବିପରୀତ ଉପାଦାନରେ ଗଢ଼ା ଏବଂ ପ୍ରତିବସ୍ତୁ ବିମାନଗୁଡ଼ିକ ସଂସ୍ପର୍ଶରେ ଆସିଲାପରେ ବିମାନ ମାନଙ୍କୁ ମଧ୍ୟ ସେହି ମହାଶୂନ୍ୟରେ ଧ୍ୱଂସ କରାଇଯାଉଛି ।"

ଆଖିବୁଜି ଡଃ ଡାଲ୍ଟନ୍ ଗମ୍ଭୀର ଭାବରେ କିଛି ସମୟ ବସି ରହିଲେ । ତାପରେ କହିଲେ ଖୁବ୍ ଭଲ ପ୍ଲ୍ୟାଟିଏ ଯୋଗାଡ଼ କରିଛ କ୍ୟାପ୍ଟେନ୍ ।

ମୁଁ ମୋର ନୂତନ ଗବେଷଣାରେ ବୁଡ଼ିରହି ବାହାର ଦୁନିଆ କଥା ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥିଲି । ମୋର ଗବେଷଣା ସଫଳ ହେବାର ଦିନ ଖୁବ୍ ନିକଟତର । ତଥାପି ମୋର ନୂତନ ଗବେଷଣାକୁ କିଛିଦିନ ଏଥିରେ ଲାଗି ଯିବାକୁ ହେବ । କାରଣ ପାଇଲଟ୍ ଓ ଯାତ୍ରୀମାନଙ୍କ ସହ ଗୋଟିଏ ପରେ ଗୋଟିଏ ବିମାନ ଦୁର୍ଘଟଣା ଘଟିଲେ ଆମ ଦେଶର ଯେ ଅପୂରଣୀୟ କ୍ଷତି ଘଟିବ, ଏଥିରେ କିଛି ସନ୍ଦେହ ନାହିଁ । ମତେ ଏ ପ୍ରକାର ନୂତନ ତଥା ଆଶ୍ଚର୍ଯ୍ୟ-ଜନକ ଅନୁସନ୍ଧାନ କାର୍ଯ୍ୟରେ ଲାଗିପଡ଼ିବାକୁ ପଡ଼ିବ । ଏକା ନିଶ୍ୱାସରେ ଏତକ କହିଦେଇ ପୁଣି କିଛି ସମୟ ଆଖିବୁଜି ନିଜକୁ ଚିନ୍ତାରାଜ୍ୟରେ ହଜାଇ ଦେଲେ ଡଃ ଡାଲ୍ଟନ୍ ।

ବୈଜ୍ଞାନିକ ଡାଲ୍ଟନ୍‌ଙ୍କ ପ୍ରକୃତି ସହ କ୍ୟାପ୍ଟେନ ଭଲ ଭାବରେ ପରିଚିତ । ଗୁଡ଼ାଏ ଗପିବା ତାଙ୍କ ମନ୍ଦ ଅଭ୍ୟାସ । ନୀରବରେ ବସି

Digitized by srujanika@gmail.com

ଚିନ୍ତା କରିବାକୁ ସେ ଭଲପାଆନ୍ତି । ଅଦ୍ଭୁତ ତାଙ୍କର ଚିନ୍ତାଶକ୍ତି । ଥରେ ଯେଉଁ ଚିନ୍ତା ତାଙ୍କ ମୁଣ୍ଡଭିତରକୁ ଆସିଛି ତାର ସମାଧାନ ନ କରି ସେ ଛାଡନ୍ତି ନାହିଁ । କ୍ୟାମେଲ୍‌ଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ । ସେ ନିଶ୍ଚୟ ଏ ସମସ୍ୟାର ସମାଧାନ କରିବେ । ଏହି ଦୃଢ଼ ବିଶ୍ୱାସ ମନରେ ନେଇ କ୍ୟାମେଲ ଯେଦିନ ଫେରିଲେ ।

ତା ପରଦିନ ନିଜର ସମସ୍ତ ନିତ୍ୟକର୍ମ ସାରି କ୍ୟାମେଲ୍ ନିଜର ଗାଡ଼ିରେ ଧରି ଡଃ ଡାଉନ୍‌ଙ୍କର ନିକଟ ଅଭିମୁଖେ ବାହାରିଲେ । ରାତିରେ ବହୁତ ବର୍ଷା ହୋଇ ଯାଇଥିଲା । ସକାଳୁ ବର୍ଷା ବନ୍ଦ ହୋଇ ଯାଇଥିଲେ ବି ରାସ୍ତାରେ ଠାଏ ଠାଏ ପାଣି ଜମି ରହିଥିଲା । ସକାଳର ନରମ ସୁନେଲି ଖରା ଓଦା ଘାସ ଉପରେ ପଡ଼ି ଝିଲିମିଲି କରୁଥିଲା ଠିକ୍ ସୁନାପରି । ଡଃ ଡାଉନ୍‌ଙ୍କର କୋଠି ନିକଟତର ହୋଇ ଉଠିଲା ।

ସହରର କୋଳାହଳ ଠାରୁ ଡଃ ଡାଉନ୍‌ଙ୍କ କୋଠି ଟିକିଏ ଦୂରରେ । ବେଶ୍ ଏକ ମନୋରମ ପରିବେଶ ମଧ୍ୟରେ ତାଙ୍କର କୋଠିଟି ଅବସ୍ଥିତ । କୋଠିଟି ଅପେକ୍ଷାକୃତ ଏକ ଉଚ୍ଚ ଜାଗାରେ ଅବସ୍ଥିତ । ଘରପାଖ ଜାଗା ସୁନ୍ଦର ଫୁଲଭରା ଗଛରେ ପରିପୂର୍ଣ୍ଣ । ଡଃ ଡାଉନ୍ ନିଜ ଇଚ୍ଛାରେ ସହରର କୋଳାହଳଠାରୁ ଦୂରରେ ତାଙ୍କର ଫାର୍ମ ନିକଟରେ ଥିବା ଏହି କୋଠିରେ ରହୁଛନ୍ତି । ତାଙ୍କ ମତରେ ତାଙ୍କର ଗବେଷଣା ନିମିତ୍ତ ଏହି ସ୍ଥାନଟି ହିଁ ପ୍ରକୃଷ୍ଟ ।

ପୃଥିବୀରେ ଦେଖାଯାଉଥିବା ଖାଦ୍ୟ ସମସ୍ୟାର ସମାଧାନ ଦିଗରେ ସେ ଏବେ ଏକ ନୂତନ ପଦକ୍ଷେପ ନେଇଛନ୍ତି । ତାଙ୍କ ମତରେ କମ୍ ଦିନ ମଧ୍ୟରେ କୃଷି କ୍ଷେତରେ ଅଧିକ ଅମଳକ୍ଷମ ଫସଲ ଉତ୍ପାଦନ କରି ପାରିଲେ ଦେଶର ଖାଦ୍ୟ ସମସ୍ୟା ନିଶ୍ଚିତ ଭାବେ କିଛି ପରିମାଣରେ ସମାଧାନ ହୋଇପାରିବ । ଗଛରେ ଫଳ ଧାରଣ ଶକ୍ତି ବଢ଼ିବା, ସବୁଜ ଉଦ୍ଭିଦର ଆଲୋକଶ୍ଳେଷଣ କ୍ଷମତା ଉପରେ ନିର୍ଭର କରେ । ତେଣୁ କୃତ୍ରିମ ଉପାୟରେ ଗଛର ଆଲୋକଶ୍ଳେଷଣ କ୍ଷମତା ବଢ଼ିପାରିଲେ ଗଛର ଫଳ ଉତ୍ପାଦନ ଶକ୍ତି ବଢ଼ିପାରିବ । ଏ ବିଷୟରେ ସେ ଗବେଷଣା କରି କିଛିଟି ସଫଳତା ହାସଲ କରିଛନ୍ତି । ଅଦ୍ଭୁତ ତାଙ୍କର ଚିନ୍ତାଶକ୍ତି, ଅଭିନବ ତାଙ୍କର ଉପାୟ । ତାଙ୍କ ମତରେ ଗଛ

Digitized by srujanika@gmail.com

ତାର ଆଲୋକଶ୍ଳେଷଣ ପାଇଁ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ଗ୍ୟାସ ଉପରେ ମୁଖ୍ୟତଃ ନିର୍ଭର କରେ । କୌଣସି ମତେ ବୃକ୍ଷକୁ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ବ୍ୟତୀତ ଅଧିକା ଅଙ୍ଗାରକାମ୍ଳ ଯୋଗାଇ ଦେଲେ ବୃକ୍ଷର ଆଲୋକଶ୍ଳେଷଣ କ୍ଷମତା ବଢ଼ିଯିବ । ଅଧିକା ଅଙ୍ଗାରକାମ୍ଳ ଏକମାତ୍ର ଶୁଷ୍କ ବରଫ ରୂପରେ ଯୋଗାଇ ଦିଆଯାଇ ପାରିବ । ତେଣୁ ସେ ଏହି ଶୁଷ୍କ ବରଫ ବା ଘନୀଭୂତ ଅଙ୍ଗାରକାମ୍ଳ ଗ୍ୟାସକୁ ଗଛର ମୂଳ ଉପରେ ରୁନ୍ଧିଦେଇ ଆଲୋକଶ୍ଳେଷଣ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିପାରିଥିଲେ । ଏପରି କରିବା ଫଳରେ ତାଙ୍କ ଗଣନା ଅନୁଯାୟୀ ଗଛର ଉତ୍ପାଦିକାଶକ୍ତି କେତେ ପରିମାଣରେ ବୃଦ୍ଧି ପାଇପାରିଥିଲା । ଡଃ ଡାଉନ୍‌ଙ୍କର ଏହି କାର୍ଯ୍ୟଲାଗି ସେ ନୋବେଲ୍ ପୁରସ୍କାର ଲାଭ କରି ଦେଶ ବିଦେଶରେ ସମ୍ମାନିତ ହୋଇଥିଲେ । ଏହି ଗବେଷଣାଟିକୁ ସଫଳ କରିବାକୁ କ୍ୟାନେଲ୍‌ଙ୍କର ଅବଦାନ ମଧ୍ୟ ଅନେକ କିଛି ଅଛି । ତେଣୁ କ୍ୟାନେଲ୍‌ଙ୍କ ଉପରେ ଡଃ-ଡାଉନ୍‌ଙ୍କର ଖୁବ ଭଲ ଧାରଣା ଅଛି । ଏବେ ପରେ ଅନ୍ୟ ଏକ ନୂତନ ଉପାୟରେ ଗଛର ଫଳଧାରଣ ଶକ୍ତିକୁ ବଢାଇବା ଲାଗି ସେ ବର୍ତ୍ତମାନ ଗବେଷଣାରତ । ସେହି ଗବେଷଣାର ସଫଳତାର ଦିନ ଖୁବ୍ ନିକଟରେ ।

ଡଃ-ଡାଉନ୍‌ଙ୍କର ଅସାଧାରଣ ଅନୁସନ୍ଧିତ୍ସା ପ୍ରବୃତ୍ତି ବିଷୟରେ ଭାବୁ ଭାବୁ ଡଃ-ଡାଉନ ଙ୍କର ଗେଟ ନିକଟରେ କ୍ୟାନେଲ୍‌ଙ୍କର ଗାଡ଼ି ପହଞ୍ଚି ଯାଇଥିଲା । ଗାଡ଼ି ବାହାରେ ରଖି ଭିତରକୁ ପ୍ରବେଶ କଲେ କ୍ୟାନେଲ୍ । ଘର ସାମ୍ନାରେ ରଙ୍ଗ, ବେରଙ୍ଗ ଏକ ଫୁଲଭରା ବଗିଚା ହସି ଉଠୁଥିଲା । ବଗିଚାର ଗୋଟିଏ କୋଣରେ ପଡ଼ିଥିବା ସିମେଣ୍ଟ ବେଞ୍ଚ ଉପରେ ବସି ରହିଥିଲା । ଡଃ-ଡାଉନ୍‌ଙ୍କର ଏକମାତ୍ର ଆଦରଣୀୟା କନ୍ୟା ଲୁଇସା, ଠିକ୍ ଶଙ୍ଖ ମଲମଲ ଏକ ମାର୍ବଲ ତିଆରି ନାରୀମୂର୍ତ୍ତି ପରି । ତାର ସୁନେଲି ରଙ୍ଗର ସୁନ୍ଦର କେଶଗୁଚ୍ଛ ସକାଳର ସେ ନରମ ପବନରେ ରହି ରହି ଦୋହଲୁଥିଲା ।

ଲୁଇସାର ଫିଟନ୍ତା ପଦ୍ମଫୁଲ ପରି ସୁନ୍ଦର ମୁହଁ ଉପରେ ଦୃଷ୍ଟି ରଖି କ୍ୟାନେଲ୍ ଆଗେଇଲେ, ଲୁଇସା ବସିଥିବା ସିମେଣ୍ଟ ବେଞ୍ଚର ନିକଟକୁ । ବେଞ୍ଚର ଗୋଟିଏ କୋଣକୁ ଘୁଞ୍ଚି ଯାଇ ଲୁଇସା

Digitized by srujanika@gmail.com

କ୍ୟାନେଲ୍‌ଙ୍କର ବସିବା ପାଇଁ ସ୍ଥାନ କରିଦେଲା । ମୁହଁରେ ହସ ଫୁଟାଇ ଲୁଇସାର ନିକଟତର ହୋଇ ବସିପଡ଼ିଲେ କ୍ୟାନେଲ୍ ।

କ୍ୟାନେଲ୍‌ଙ୍କୁ ଦେଖି ଦେଖି ଆଗୁଆ ହୋଇ ଲୁଇସା କହି ପକାଇଲା, ଡାଡ଼ ଆଜି ଖୁବ୍ ସକାଳୁ ଉଠି ଫାର୍ମକୁ ଚାଲିଗଲେଣି । ଏପରି କି ସେ ତାଙ୍କର ସକାଳର କିଛି ନିତ୍ୟକର୍ମ ବି ସାରିନାହାନ୍ତି ।

—"ଏତେ ସକାଳୁ ସାର୍ ଫାର୍ମକୁ ଚାଲିଗଲେଣି ? କାହିଁକି ? କଣ କିଛି ବିଶେଷ ଦରକାର ଥିଲା ।"

—"ହଁ, ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଫାର୍ମର ଗଛମାନଙ୍କରୁ ତାଙ୍କର କିଛି ତଥ୍ୟ ସଂଗ୍ରହ କରିବାର ଥିଲା । କାରଣ ସୂର୍ଯ୍ୟ ଉଦୟ ହୋଇଗଲେ ଗଛର ପତ୍ର ଉପରେ ସୂର୍ଯ୍ୟ କିରଣ ପଡ଼ି ଗଲାପରେ ପତ୍ରରେ ଥିବା ପରିବହିଚକ୍ରରୁ ସଂଗ୍ରହ କରୁଥିବା ଆବଶ୍ୟକ ତଥ୍ୟ ମିଳି ପାଇପାରିବେ ନାହିଁ ।"

ଫାର୍ମକୁ ଯାଇ ଡଃ-ଡାଉନ୍‌ଙ୍କ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି କ୍ୟାନେଲ୍‌ଙ୍କର ଇଚ୍ଛା ଥିଲେ ବି ଏତେ ସକାଳୁ ଲୁଇସାକୁ ଏତେ ନିକଟରେ ପାଇ ଛାଡ଼ି ଚାଲିଯିବାକୁ ସେ ଚାହିଁଲେ ନାହିଁ । ଲୁଇସାକୁ ଦେଖିଲେ କ୍ୟାନେଲ୍‌ଙ୍କ ମନରେ ମାୟା ଜାଗେ । ତା ସୁନ୍ଦର ଦେହେରେ ଏକ ଅଦ୍ଭୁତ ଆକର୍ଷଣ ଶକ୍ତି ରହିଛି । ଫୁଟନ୍ତା ଫୁଲପରି ତାର ସୁନ୍ଦର ସତେଜ ମୁହଁରେ ବଡ଼ ବଡ଼ ଆଖି ଦୁଇଟା ଖୁବ୍ ମାନେ ଏକା । କେଉଁ ଏକ ପ୍ରଖ୍ୟାତ ଶିଳ୍ପୀଙ୍କ ତିଆରି ଦେବୀ ମୂର୍ତ୍ତିପରି ତାର ସେ ସୁନ୍ଦର ରୂପକୁ ଦେଖିଲେ କ୍ୟାନେଲ୍‌ଙ୍କ ମନଟା ନରମ କୋମଳ ହୋଇଉଠେ । ତାକୁ ପାଖରେ ପାଇବା ଲାଗି ଅମାନିଆ ମନଟା ତାଙ୍କର ବ୍ୟାକୁଳ ହୋଇଉଠେ । ମାତ୍ର ତାର ଅଦ୍ଭୁତ ସୁନ୍ଦର ଦେହେରେ ଠାରୁ ଆହୁରି ଅଦ୍ଭୁତ ତାର ଚରିତ୍ର । ମାପିଚୁପି କଥାବାର୍ତ୍ତା, ସଂଯତ ବ୍ୟବହାର ଥିଲା ତାର ପ୍ରକୃତି । ଆମେରିକାନ ଝିଅମାନଙ୍କ ପରି କ୍ଳବ, ନାଚ, ଗୀତ ସବୁଥିଲା ତା ଜୀବନର ପରିବେଶ ଠାରୁ ବହୁ ଦୂରରେ । କପରି ଏକ ଶୁଷ୍କ, ନୀରସ ଜୀବନ କାଟୁଥିଲା ସେ । କ୍ୟାନେଲ୍‌ଙ୍କ ଠାରୁ ସେ ସବୁବେଳେ ନିଜକୁ ଯଥା ସାଧ୍ୟ ଦୂରେଇ ରଖିବାକୁ ଚେଷ୍ଟା କରେ । ଏହାର କାରଣ କ୍ୟାନେଲ୍ କିଛି ଜାଣି

Digitized by srujanika@gmail.com

ଘ'ରନ୍ତି ନାହିଁ । କ୍ୟାନେଲ୍ଙ୍କ ପରି ଉଚ୍ଚ ଶିକ୍ଷିତ, ସୁନ୍ଦର ଆଉ ସ୍ମାର୍ଟ ଯୁବକ କ'ଣ ଲୁଇସା ପରି ଝିଅର ମନୋନୀତ ହୁଅନ୍ତେ ନାହିଁ ? କ୍ୟାନେଲ୍ଙ୍କ ମନରେ ଅନେକ ପ୍ରଶ୍ନ । ଲୁଇସାର ଏପରି ବ୍ୟବହାର ସତ୍ତ୍ୱେ ଦିନେ କି ଦୁଇଦିନ ଲୁଇସାକୁ ନ ଦେଖିଲେ ତାଙ୍କୁ କିଛି ଭଲ ଲାଗେ ନାହିଁ । କୌଣସି ଏକ କାର୍ଯ୍ୟରେ ଆଳ ଧରି ସେ ଗାଡ଼ି ନେଇ ଡଃ-ଡାଉନ୍ଙ୍କର କୋଠିକୁ ଚାଲିଯାଆନ୍ତି ।

ଏପରି ଏକ ନିର୍ଜନ ପରିବେଶରେ ଲୁଇସାର ସେ ସୁନ୍ଦର ମୁହଁଟା ତାଙ୍କୁ ଆହୁରି କମନୀୟ, ଆହୁରି ଆକର୍ଷଣୀୟ ବୋଧହେଲା । ତାଙ୍କର ମନ ହେଉଥିଲା ଲୁଇସାର ସେ ସୁନ୍ଦର ମୁହଁଟାକୁ କ୍ଷଣିକ ଲାଗି ତାଙ୍କ ପ୍ରଶସ୍ତ ବକ୍ଷ ଉପରେ ଧରି ରଖିବା ଲାଗି । ମାତ୍ର ନା, ଲୁଇସା ଏକ ଜଳନ୍ତା ଅଗ୍ନିଶିଖା । ସାମାନ୍ୟ ବ୍ୟବଧାନ ବ୍ୟତିକ୍ରମରେ ସେ ଜଳଉଠେ । ସେ ହସେ, କାନ୍ଦେ, କଥାକୁହେ ଠିକ୍ ଏକ ଚାବି ଦିଆ କଣ୍ଢେଇ ପରି । ତାର କିନ୍ତୁ କେଉଁଥିରେ ଆକର୍ଷଣ ନାହିଁ । ଏତେ କମ୍ ବୟସରୁ ଏପରି ବୈରାଗ୍ୟ ସୃଷ୍ଟି ହେବାର କାରଣ କ୍ୟାନେଲ୍ ଯେତେ ଚେଷ୍ଟା କଲେ ବି ଜାଣିପାରନ୍ତି ନାହିଁ । ସେ କିନ୍ତୁ ଲୁଇସାର ପାଖେ ପାଖେ ରହିବା ଚେଷ୍ଟା କରନ୍ତି ତାର ମନର ନୀରସତାକୁ ଭାଙ୍ଗିବା ଲାଗି, ତା ମୁହଁରେ ଟିକେ ହସ ଫୁଟାଇବା ଲାଗି ।

ନୀରବତା ଭାଙ୍ଗି ଲୁଇସା କହିଲା, କ'ଣ ଏତେ ଭାବୁଛନ୍ତି ଆପଣ ? ଡାଡ଼ି ଏଇ ଫେରି ଆସୁଥିବେ ବୋଧେ ।

ଅପ୍ରସ୍ତୁତ ହେଲେ କ୍ୟାନେଲ୍ । କହିଲେ ନା, ଏଇ ସାର୍ଙ୍କ କଥା ହିଁ ମୁଁ ଚିନ୍ତା କରୁଥିଲି । କି ତୀକ୍ଷ୍ଣ ବୁଦ୍ଧି ତାଙ୍କର । ଏ ବୟସରେ ବି ସେ କି ପ୍ରକାର କଠୋର ପରିଶ୍ରମ କରୁଛନ୍ତି । ସେଇଥି ପାଇଁ ତ ସେ ଆଜି ଆମ ଦେଶ ତଥା ବିଦେଶରେ ଜଣେ ସମ୍ମାନିତ ବୈଜ୍ଞାନିକ ।

ପରିଚାରିକାକୁ ଡାକି ଦୁଇକପ୍ କଫି ପାଇଁ ନିର୍ଦ୍ଦେଶ ଦେଲା ଲୁଇସା । କଫି ପିଇ ପିଇ କ୍ୟାନେଲ୍ ଲୁଇସାକୁ ପିକ୍ନିକ୍ ପାଇଁ ତାଙ୍କ ସଙ୍ଗ ଦିବାକୁ କହିଲେ । 'ସମୟ ନାହିଁ' ବୋଲି ଛୋଟିଆ ଉତ୍ତର ଦେଇ ନୀରବ ରହିଲା ଲୁଇସା । ଆଘାତ ପାଇଲେ କ୍ୟାନେଲ୍ । ଆଉ ଲୁଇସାର କ୍ଷଣକ ପୂର୍ବରୁ ଥିବା ସେହି ହସ ହସ ମୁହଁ ମଉଳି

Digitized by srujanika@gmail.com

ହସ୍‌ପିଟାଲ ଯାଏ । ଯୁବକଟିର ଅବସ୍ଥା ପରିଲକ୍ଷିତ କରେ । ଅକୁଣ୍ଠିତ ଚିତ୍ତରେ ଯୁବକଟିର ସେବାକରେ । ଯୁବକଟିର ଚେହେରାରୁ ଜଣାପଡ଼େ ଯୁବକଟି ଆମେରିକାନ ନୁହେଁ । ଏହି ସୌମ୍ୟ ଦର୍ଶନ ଯୁବକଟି ପ୍ରତି ତା ହୃଦୟରେ କିପରି ଏକ ମାୟା ଲାଗିଯାଇଛି । ସେ ଯେପରି ତାର ବହୁଦିନର ପରିଚିତ । ଏହା ଭିତରେ ବହୁଦିନ ଅତିବାହିତ ହୋଇଯାଇଛି । ଲୁଇସା ଯୁବକଟିର ଫଟୋ ସହ ସମସ୍ତ ବିବରଣୀ ପ୍ରାପ୍ତ ସମସ୍ତ ସମ୍ବାଦପତ୍ରରେ ପ୍ରକାଶ କରିଛି । ମାତ୍ର କେତୋଟି ବନ୍ଧୁ ବ୍ୟକ୍ତି ଆଜି କେହି ଆସି ନାହାନ୍ତି । ଅମ୍ଳାନଙ୍କର ଚେତା ଏବେ ସମ୍ପୂର୍ଣ୍ଣ ଫେରି ଆସିଲାଣି । ଚେତା ଫେରିପାଇବା ମାତ୍ରେ ତାଙ୍କର ଦୃଷ୍ଟି ପଡ଼ିଥିଲା ତାଙ୍କ ଶଯ୍ୟାଧାରରେ ବସିଥିବା ସୌନ୍ଦର୍ଯ୍ୟମୟୀ ନାରୀ ମୂର୍ତ୍ତିଟି ଉପରେ । ସମଗ୍ର ତନୁଲତାରେ ତାର ସୌନ୍ଦର୍ଯ୍ୟର ତେଜ ଝଳ ଝଳ । ଫୁଲପରି ତାର କୋମଳ ହାତରେ ନିର୍ବିକାର ଭାବରେ ସେ ଅମ୍ଳାନଙ୍କର ସେବା କରି ଚାଲିଛି ।

ଆଶ୍ଚର୍ଯ୍ୟ ହେଲେ ଅମ୍ଳାନ । ନିଜେ ଶୋଇଥିବା ରୁମ୍‌ଟିର ଚାରି ପାଖକୁ ଥରେ ଭଲ ଭାବରେ ଅନେଇଲେ । ଡାକ୍ତରଖାନାର ଏକ ସ୍ପେସିଆଲ ପ୍ରକୋଷ୍ଠ ବୋଧହୁଏ । କାନ୍ଥ ଦେହରେ ଟଙ୍ଗା ହୋଇଥିବା ମଣିଷ ଶରୀରର କେତେକ ଛବିଗକୁ ଦେଖି କଥାଟା ଅନୁମାନ କରିନେଲେ ଅମ୍ଳାନ । ତାଙ୍କ ମୁଣ୍ଡ ଭିତରଟା କିପରି ଗୋଳମାଳିଆ ହୋଇଗଲା ପରି ତାଙ୍କୁ ଲାଗିଲା । ସେ ଏକ ଲୟରେ ତାଙ୍କ ଶଯ୍ୟାଧାରରେ ବସିଥିବା ତରୁଣୀଟି ଆଡ଼କୁ ଅନାଇ ରହିଲେ ।

ଅମ୍ଳାନଙ୍କୁ ଏପରି ସ୍ଥିର ବିସ୍ମୟଭରା ଦୃଷ୍ଟିରେ ତା ଆଡ଼କୁ ଅନାଇ ରହିଥିବାର ଦେଖି ଈଷତ୍ ଲଜ୍ଜିତା ହେଲା ଲୁଇସା । ଧୀରେ ଭାବରେ ପଚାରିଲା, "କ'ଣ ଦରକାର ଅଛି ?"

—"ନା ମୋର କିଛି ଦରକାର ନାହିଁ, ମୁଁ କିନ୍ତୁ କିଛି ଜାଣିପାରୁ ନାହିଁ । ମତେ କାହିଁକି ଏଠାରେ ରଖାଯାଇଛି । କ'ଣ ହୋଇଛି । ଏତକ କହି ଦେଇ କେବଳ ସ୍ଥିର ଦୃଷ୍ଟିରେ ଚାହିଁ ରହିଲେ ଅମ୍ଳାନ ।

"ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ବିଶ୍ରାମ ନିଅନ୍ତୁ । ଯାହା ଅସୁବିଧା ମତେ କହିବେ ।"

Digitized by srujanika@gmail.com

ଲୁଇସା ପ୍ରଶ୍ନର କୌଣସି ଉତ୍ତର ଦେଇ ନଥିଲେ ଅମ୍ଲାନ । କେବଳ ସ୍ଥିର ଦୃଷ୍ଟିରେ ଚାହିଁ ରହିଥିଲେ । ବହୁ ସମୟ ଧରି କେବଳ ଅମ୍ଲାନ ଏମିତି ଚାହିଁ ରହୁଥିଲେ । ଯାହା ଅଳ୍ପ କିଛି କହୁଥିଲେ ସେ କଥା କିଛି ବୁଝିହେଉ ନଥିଲା । ଅମ୍ଲାନଙ୍କ କଥା କହିବାର ଭଙ୍ଗୀରୁ ଲୁଇସା ଅନୁମାନ କରିନେଲା ନିଶ୍ଚିତ ଭାବେ ଯୁବକ ଜଣଙ୍କର ବ୍ରେନ୍ କାମ କରୁନାହିଁ । ତାହାହେଲେ ତ ବିପଦ । ବ୍ରେନ୍ କାମ ନ କଲେ ମଣିଷର ବଞ୍ଚିବା, ମରିବା ସହ ସମାନ । ବ୍ୟସ୍ତ ହୋଇପଡ଼ିଲା ଲୁଇସା । କେପ୍‌ଲରଙ୍କ ନିକଟକୁ ଯାଇ ସବୁ ଘଟଣା କହିଲା । କେପ୍‌ଲର ଲୁଇସାର ବ୍ୟସ୍ତତା ଦେଖି ପୁଣି ଯୁବକଟିକୁ ଭଲଭାବରେ ପରୀକ୍ଷା କଲେ ।

ଲୁଇସାକୁ ଏକାନ୍ତରେ ଡାକି କହିଲେ, "ଯୁବକ ଜଣଙ୍କର ମସ୍ତିଷ୍କରେ ଶକ୍ତ ଆଘାତ ଲାଗିଛି । ତେଣୁ ସେ ତାଙ୍କର ସ୍ମରଣ ଶକ୍ତି ହରାଇ ବସିଛନ୍ତି ।

—"ତାହାହେଲେ କ'ଣ ହେବ ?" ଭୟ ଜଡ଼ସଡ଼ କଣ୍ଠରେ ପ୍ରଶ୍ନ କରିଥିଲା ଲୁଇସା ।

—"ବ୍ୟସ୍ତ ହେବାର କିଛି ନାହିଁ । ମସ୍ତିଷ୍କରେ ସାମାନ୍ୟ ଅପରେସନ ପରେ ସେ ପୁଣି ତାଙ୍କର ସ୍ମରଣଶକ୍ତି ଫେରି ପାଇବେ । ସବୁ କିଛି ଠିକ୍ ହୋଇଯିବ । କେବଳ ଅପରେସନ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ ।"

ଡଃ କେପ୍‌ଲରଙ୍କ ଠାରୁ ସାନ୍ତ୍ୱନା ପାଇ ଲୁଇସା ଫେରି ଆସିଲା ଅମ୍ଲାନଙ୍କ ଶଯ୍ୟା ନିକଟକୁ । ଅମ୍ଲାନ ସେତେବେଳକୁ ଗାଢ଼ ନିଦରେ ଶୋଇ ଯାଇଥିଲେ । ତାଙ୍କର ଶଯ୍ୟା ନିକଟରେ ପଡ଼ିଥିବା ଏକ ଚେୟାରରେ ବସିପଡ଼ି ଦୂର ଆକାଶ କୋଳରେ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କୁ ଏକ ଲୟରେ ଅନାଇ ରହି ସେ ଭାବୁଥିଲା, ଏହି ଯୁବକଟି ତାର ସମ୍ପୂର୍ଣ୍ଣ ଅପରିଚିତ । ମାତ୍ର ଏଇ କେତେଦିନ ତାଙ୍କ ସମ୍ପର୍କରେ ଆସିବା ପରେ ତାକୁ ମନେ ହେଉଥିଲା ଯୁବକ ଜଣକ ଯେମିତି ତାର ବହୁ ଦିନର ପରିଚିତ । ଡଃ-କେପ୍‌ଲରଙ୍କ କଥା ଅନୁସାରେ ଯୁବକଟିର ମସ୍ତିଷ୍କରେ ଅସ୍ତ୍ରୋପଚାର ପରେ ସେ ପୁଣି ତାଙ୍କର ସ୍ମରଣ ଶକ୍ତି ଫେରି

Digitized by srujanika@gmail.com

ପାଇବେ । ନିଜ ଅଞ୍ଚଳକୁ ଫେରି ଯାଇବା ପରେ ସେ ଫେରିଯିବ ନିଜ ଘରକୁ ମାତ୍ର ଲୁଇସା ନାହିଁ ଗ୍ରୁଡ଼ିଯିବ ସ୍ୱତନ୍ତ୍ର ଅସରନ୍ତି ଭାବନା । ଲୁଇସା ଆମେରିକାର ବହୁ ସୁନ୍ଦର, ବିଦ୍ୱାନ ଯୁବକଙ୍କ ସଂସ୍ପର୍ଶରେ ଆସିଛି । ହେଲେ ସେମାନଙ୍କ ପ୍ରତି ତା ମନରେ କେବେ ଦୁର୍ବଳତା ଆସିନାହିଁ । ତାଙ୍କ ଦେଶର ପାରିବାରିକ ଜୀବନ ପ୍ରତି ତାର ମୂଳରୁ କପରି ଏକ ଘୃଣାଭାବ ଆସିଛି । ତାଙ୍କ ଦେଶରେ ଏବେ ବିବାହ ବିଚ୍ଛେଦ ସଂଖ୍ୟା ବଢି ବଢ଼ି ଚାଲିଛି । ସ୍ୱାମୀ ସ୍ତ୍ରୀ ଭିତରେ ସାମାନ୍ୟ ମନୋମାଳିନ୍ୟ ହେଲେ 'ସେମାନେ ପରସ୍ପରକୁ ଛାଡ଼ପତ୍ର ଦିଅନ୍ତି । ପୁରୁଷମାନେ ଆଉ ଜଣେ ସ୍ତ୍ରୀ ଲୋକ ଓ ସ୍ତ୍ରୀମାନେ ଆଉ ଏକ ପୁରୁଷ ଲୋକକୁ ଗ୍ରହଣ କରନ୍ତି । ଏ ପ୍ରକାର ବିବାହ ବିଚ୍ଛେଦ ଯୋଗୁ ପିଲାମାନେ ତୀବ୍ର ମାନସିକ ଅଶାନ୍ତି ଭୋଗ କରନ୍ତି । ସେମାନେ ସେମାନଙ୍କର ନୂଆ ବାପା ବା ମାଆ ଠାରୁ ସ୍ନେହ, ଶ୍ରଦ୍ଧା ପାଇପାରନ୍ତି ନାହିଁ । ଫଳରେ ଏପରି ପିଲାମାନେ ନିଜକୁ ଏକା ଏକା ବା ନିଃସହାୟ ମନେ କରନ୍ତି । ଏ ପ୍ରକାର ପାରିବାରିକ ଜୀବନ ପଛରେ କୌଣସି ବଳିଷ୍ଠ ଆଦର୍ଶ ବା ସୁଖଶାନ୍ତି ନାହିଁ । ଏମାନେ କେବଳ ବ୍ୟକ୍ତିଗତ ସୁଖ ପାଇଁ ବା ଯୌନ ଲାଳସାର ପରିପୂର୍ତ୍ତି ପାଇଁ ଗୋଟିକ ପରେ ଗୋଟିଏ ବିବାହ କରିଚାଲନ୍ତି । ମାତ୍ର ଲୁଇସା ଏକ ବହିରେ ପଢ଼ିଥିଲା ଏ ଦିଗରୁ ଭାରତୀୟ ପରିବାର ଖୁବ୍ ଭଲ । ଏମାନଙ୍କ ପାରିବାରିକ ଜୀବନ ପଛରେ ଏକ ବଳିଷ୍ଠ ଆଦର୍ଶ ଓ ସୁଖଶାନ୍ତିର ଦୃଷ୍ଟିକୋଣ ରହିଛି । ଭାରତୀୟ ପରିବାରରେ ସ୍ୱାମୀ ଓ ସ୍ତ୍ରୀମାନେ ନିଜର ସୁଖ, ଶାନ୍ତି ଓ ସ୍ୱାର୍ଥଠାରୁ ସେମାନଙ୍କର ପିଲାମାନଙ୍କର ସୁଖ ଓ ପରିବାରର ଅନ୍ୟାନ୍ୟ ଲୋକମାନଙ୍କର ସୁଖ ସୁବିଧା ପ୍ରତି ବିଶେଷ ଭାବେ ଦୃଷ୍ଟି ଦିଅନ୍ତି । ତେଣୁ ଏଠି ପରିବାରରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କେବେ ଝଗଡ଼ାର ସୂତ୍ରପାତ ହେଲେ ତାହା ପିଲାମାନଙ୍କ ଯୋଗୁ ହିଁ ଶୀତ ସକାଳର କୁହୁଡ଼ି ପରି ମିଳାଇଯାଏ । ସେଠାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବିବାହ ବିଚ୍ଛେଦର ପ୍ରଶ୍ନ ନାହିଁ । ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ଶ୍ରଦ୍ଧା ଓ ଆନ୍ତରିକତା ଭରି ରହିଥାଏ । ଏଇଥି ପାଇଁ ତାର ଭାରତୀୟ ପୁରୁଷମାନଙ୍କୁ ଖୁବ୍ ଲାଇକଙ୍ଗ୍ । କାରଣ ସେ ଜାଣେ ଭାରତୀୟ ପୁରୁଷମାନେ ବିଶ୍ୱସ୍ତ ସ୍ୱାମୀ ହୋଇପାରନ୍ତି । ସେମାନେ ସ୍ତ୍ରୀମାନଙ୍କୁ ହୃଦୟ ଭରି ସ୍ନେହ, ପ୍ରେମ ଓ ଶାନ୍ତି ଦେଇ-

Digitized by srujanika@gmail.com

ପାରନ୍ତି । ଏହି ଯୁବକଟିର ଚେହେରାରୁ ଲୁଇସାକୁ ମନେ ହେଉଥିଲା ଏକ ଭାରତୀୟ ଯୁବକ ପରି । ସେଇଥି ପାଇଁ ଯୁବକଟିକୁ ଦେଖିଲା ମାତ୍ରେ ତାଙ୍କ ପାଇଁ ତା ହୃଦୟର ଗଭୀରତମ ଅଞ୍ଚଳରେ କପରି ଏକ ଦୁର୍ବଳତା ଭରିଯାଏ । ଅମ୍ଳାନଙ୍କ ନିଦ୍ରାଭଙ୍ଗିବା ମାତ୍ରେ ସେ ଲୁଇସାର ସୁନ୍ଦର କୋମଳ ମୁହଁଟିକୁ ଚାହିଁ ଅନେକ କଥା କୁହନ୍ତି । ଧୈର୍ଯ୍ୟର ସହିତ ସେ ସବୁ ଶୁଣି କେପ୍‌ଲରଙ୍କ ନିକଟରେ ଏକ ବିବରଣୀ ଦିଏ ଲୁଇସା ।

ଡଃ-କେପ୍‌ଲର ଅମ୍ଳାନର ମସ୍ତିଷ୍କରେ ଅସ୍ତ୍ରୋପଚାର କଲେ ଅତି ସଫଳତାର ସହିତ । ଅସ୍ତ୍ରୋପଚାର ପରେ ଅମ୍ଳାନ ତାଙ୍କର ସ୍ମୃତିଶକ୍ତି ଫେରି ପାଇଲେ । ତାଙ୍କ ମୂଲ୍ୟବାନ ଜୀବନରକ୍ଷା ପାଇଁ ଏହି ଅପରିଚିତା ଆମେରିକାନ୍ ଝିଅଟିର ତ୍ୟାଗ ନିକଟରେ ସେ ନିଜକୁ ଚିର ଋଣୀ ମନେ କଲେ । ଅମ୍ଳାନଙ୍କୁ ବହୁଦିନ ଧରି ହସପିଟାଲରେ ରହିବାକୁ ପଡ଼ିଲା । କାରଣ ତାଙ୍କ ଶରୀରର ଅନେକ ଅଂଶ ବ୍ୟାଣ୍ଡେଜ ହୋଇଥିଲା । ବ୍ୟାଣ୍ଡେଜ ଫିଟି କ୍ଷତ ଅଂଶଗୁଡ଼ିକ ଶୁଖିଯିବା ପର୍ଯ୍ୟନ୍ତ କେପ୍‌ଲର ତାଙ୍କୁ ହସ୍‌ପିଟାଲରେ ରହିଯିବା ଲାଗି ଉପଦେଶ ଦେଇଥିଲେ । ଲୁଇସା ପୂର୍ବପରି ନିୟମିତ ଭାବେ ଅମ୍ଳାନଙ୍କୁ ଦେଖିବାକୁ ଆସୁଥିଲା । ଦିନେ ଲୁଇସା ପଚାରିଲା, "ଆପଣଙ୍କ ଘର କେଉଁଠି ? ଆପଣଙ୍କର ଘରର ଲୋକ ତ କେହି ଏ ପର୍ଯ୍ୟନ୍ତ ଆସିଲେ ନାହିଁ ।"

ଓଠରେ ହସ ଉକୁଟାଇ ଅମ୍ଳାନ ଉତ୍ତର ଦେଲେ, "ଆପଣ ତ ନିଜର ଲୋକଠାରୁ ଅଧିକ ଭାବେ ମୋର ଯତ୍ନ ନେଉଛନ୍ତି, ଆଉ ନିଜର ଲୋକ ଆସିବା କ'ଣ ଦରକାର ।"

ଈଷତ୍ ଲଜ୍ଜିତ ହୋଇ ଲୁଇସା କହିଲା, "ମୋର ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଆଜି ଏତେ କଷ୍ଟ ପାଇଲେ, ତା ତୁଳନାରେ ତ ମୋର ସେବା ଯତ୍ନ ଅତି ନଗଣ୍ୟ ।"

ଏହା ଭିତରେ ଅମ୍ଳାନ ଓ ଲୁଇସାଙ୍କର ପରିଚୟ ଅତି ଘନିଷ୍ଠ ହୋଇଯାଇଛି । ଲୁଇସା ଜାଣିଲା ଅମ୍ଳାନ ଜଣେ ଭାରତୀୟ । ଭାରତୀୟ ଯୁବକମାନଙ୍କ ବିଷୟରେ ସେ ଅନେକ ବହିରୁ ଅନେକ କଥା ପଢ଼ିଥିଲା । ସେମାନେ ଯେ ଏତେ ଶାନ୍ତ, ସଂଯତ, ଭଦ୍ର ହୋଇପାରନ୍ତି ତା ସେ ଅମ୍ଳାନଙ୍କ ସଂସ୍ପର୍ଶରେ ଆସି ଜାଣିପାରିଲା ।

Digitized by srujanika@gmail.com

ଅମ୍ଳାନ ଯେଉଁ ଦିନ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ମେଡ଼ିକାଲ୍ ଛାଡ଼ିଲେ ଲୁଇସା ତାଙ୍କୁ ଅନେକ ଅନୁନୟ ହୋଇ ତାଙ୍କ ଘରକୁ ଡାକି ଆଣିଥିଲା । ଅମ୍ଳାନଙ୍କୁ ଡଃ-ଡାଉନ୍‌ଙ୍କ ସହ ପରିଚିତ କରାଇ ଦେଲା ଲୁଇସା । ଅମ୍ଳାନ ଭାରତର ଏକ ପ୍ରଖ୍ୟାତ କଲେଜରୁ ଇଞ୍ଜିନିୟରିଂ ପାସ କରି ଗବେଷଣାଲାଗି ଆମେରିକା ଆସିଛନ୍ତି । ଏପରି ଏକ ପ୍ରତିଭାବାନ୍ ଯୁବକ ସହ ପରିଚିତ ହୋଇ ଡଃ-ଡାଉନ୍ ଖୁବ୍ ଖୁସି ହେଲେ ।

ସମୟ ଗଡ଼ି ଚାଲିଲା ସ୍ୱାଭାବିକ୍ ଭାବରେ । ଆଜି ସେହି ସମୟର ସୁଅରେ ଭାସିଯାଇ ଲୁଇସା ଆଉ ଅମ୍ଳାନଙ୍କ ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ଗଢ଼ି ଉଠିଲା । କାଳକ୍ରମେ ସେ ବନ୍ଧୁତ୍ୱ ସାଧାରଣ ଭଲ ପାଇବାର ସୀମା ସରହଦ ଟପିଗଲା । ସେମାନେ ନିବିଡ଼ଭାବେ ପରସ୍ପରକୁ ଭଲପାଇ ବସିଲେ । ଅମ୍ଳାନଙ୍କ ସୁନ୍ଦର ଚେହେରା, ସ୍ନିଗ୍ଧ ପରିହସନାଳିଟି ଲୁଇସାର ଅନ୍ତରରେ ଏକ ଗଭୀର ପ୍ରେମର ସ୍ୱାକ୍ଷର ଆଙ୍କି ଦେଲା । ଆଉ ଅମ୍ଳାନ ପ୍ରଥମ ଦର୍ଶନରେ ହିଁ ଲୁଇସାର ପ୍ରେମରେ ପଡ଼ିଯାଇଥିଲେ । ଭାରତଠାରୁ ଆମେରିକା ପର୍ଯ୍ୟନ୍ତ ବହୁତ ଝିଅଙ୍କ ସଂସ୍ପର୍ଶରେ ସେ ଆସିଥିଲେ । ମାତ୍ର ଲୁଇସାର ସୌନ୍ଦର୍ଯ୍ୟ, ମନକୁ କିଣିନେବା ଭଳିଆ କଥା ଓ ତାର ସଞ୍ଚିତ ବ୍ୟବହାର ସେ ଅନ୍ୟ କେଉଁ ଝିଅଠାରେ ଦେଖିନଥିଲେ । ଲୁଇସା ଥିଲା ତାଙ୍କ ଦୃଷ୍ଟିରେ ସର୍ବଗୁଣାନ୍ୱିତ ସାଥି । ଲୁଇସା ପରି ସୁନ୍ଦରୀ ଝିଅକୁ ଜୀବନ ସଙ୍ଗିନୀ ରୂପେ ଗ୍ରହଣ କରିବାକୁ ତାଙ୍କର ମନ ଚାହିଁଥିଲା ।

ଡଃ-ଡାଉନ୍ ଦେଖିଲେ ଅମ୍ଳାନ ପରି ଉଚ୍ଚ ଶିକ୍ଷିତ, ଶାନ୍ତ ସୁନ୍ଦର ଯୁବକ ଅତ୍ୟାଧୁନିକ ବଉଳଶାଳୀ ଆମେରିକାରେ ଖୁବ୍ କମ୍ ଅଛନ୍ତି । ଭାରତୀୟମାନଙ୍କ ସାମାଜିକ ଚଳଣି, ପାରିବାରିକ ଜୀବନ ସମ୍ବନ୍ଧରେ ଡଃ ଡାଉନ୍ ଯେତିକ ଜାଣନ୍ତି ସେଥିରୁ ତାଙ୍କର ଧାରଣା ଯେ ସେମାନଙ୍କର ପାରିବାରିକ ଜୀବନ ସୁଖମୟ । ସାମାନ୍ୟ ସାମାନ୍ୟ ମନାନ୍ତରରେ ସ୍ୱାମୀ, ସ୍ତ୍ରୀମାନେ ଛାଡ଼ପତ୍ର ଦିଆନିଆ ହୁଅନ୍ତି ନାହିଁ । ପବିତ୍ର ଜଗନ୍ନାଥ ସଂସ୍କୃତିର ଦେଶ ଏ ଦେଶ ମହାନ୍ ଅଟେ । ଯଦିଓ ସେ ଜାଣନ୍ତି ଆମେରିକାନ୍‌ମାନଙ୍କ ପରି ଭାରତୀୟମାନଙ୍କ ଆର୍ଥିକ

Digitized by srujanika@gmail.com

ପରିସ୍ଥିତି ସେତେ ଉନ୍ନତ ନୁହେଁ । ଆମେରିକା ପରି ଭାରତରେ ଏତେ ବଡ଼ ବଡ଼ ମଟର ଗାଡ଼ି, ପ୍ରାଚୁର୍ଯ୍ୟଭରା ସୌଖୀନ ଉପକରଣ ଓ ଯୌବନକୁ ଉପଭୋଗ କଲାପରି ପ୍ରଶସ୍ତ କ୍ଷେତ୍ର ନାହିଁ । ତଥାପି ଅଛି ମାନସିକ ସୁଖ ଶାନ୍ତି ସବୁକିଛି । ତାଙ୍କ ପିତୃ ସୁଲଭ ଅନ୍ତରରେ ଅମ୍ଲାନଙ୍କ ପ୍ରତି ସ୍ନେହ ଜାଗି ଉଠିଥିଲା । ଲୁଇସାର ପସନ୍ଦକୁ ସେ ଖୁସିରେ ଅନୁମୋଦନ କରିଥିଲେ । ଅମ୍ଲାନ ତାଙ୍କ ମାଙ୍କ କଥା ଜାଣିଥିଲେ । ସୁଦୂର ଆମେରିକାର ଜଣେ ଝିଅକୁ ବୋହୂ କରନେବାରେ ତାଙ୍କ ତରଫରୁ ଘୋର ଆପତ୍ତି ଉଠିବ । ଅମ୍ଲାନଙ୍କର ମା ଥିଲେ ରକ୍ଷଣଶୀଳା । ଅମ୍ଲାନ ଭଲଭାବେ ଜାଣିଥିଲେ ମା ତାଙ୍କର ଏକମାତ୍ର ପୁଅର ଇଚ୍ଛାରେ ବାଧା ନଦେଲେ ବି ଖୁବ୍ ଅଶାନ୍ତ ହେବ । ତଥାପି ମା ପାଖକୁ ଲୁଇସାର ଫଟୋସହ ବିବାହ ପାଇଁ ଅନୁମତି ମାଗି ଚିଠି ପଠାଇଲେ । ଠିକ୍ ସମୟରେ ମା ଉତ୍ତର ଦେଇଥିଲେ । ମା'ଙ୍କଠାରୁ ଉତ୍ତର ପାଇ ଅମ୍ଲାନ ନିଜ ହୃଦୟରେ ଶକ୍ତ ଆଘାତ ଅନୁଭବ କଲେ । ମା ଯେବେ ଚିଠି ପଠାନ୍ତି ଚିଠିଟି କେବଳ ନାନା ଉପଦେଶରେ ପୂର୍ଣ୍ଣଥାଏ । ସୁଦୂର ବିଦେଶରେ କିପରି ଚଳିବାକୁ ହେବ ପ୍ରତିଥର ସେହି ଗୋଟିଏ କଥାହିଁ ମା ବୁଝାଇ ବୁଝାଇ ଲେଖିଥାନ୍ତି । ଆମେରିକା ଆସିବାର ଦୁଇବର୍ଷ ପରେ ବି ମା'ଙ୍କର ମନ ବୁଝି ନାହିଁ । ଚିଠିଟି ପଢ଼ିଲେ ମା'ର ଉପସ୍ଥିତି କିଛି ସମୟ ପାଇଁ ନିଜ ପାଖରେ ଅନୁଭବ କରନ୍ତି ଅମ୍ଲାନ । ହେଲେ ଏଥରକର ଚିଠିଟି ଥିଲା ସମ୍ପୂର୍ଣ୍ଣ ଅଲଗା । ଚିଠିଟିରେ ଲେଖାଥିଲା ମାତ୍ର ଗୋଟିଏ ଧାଡ଼ି । ତୋର ସମ୍ମତିରେ ମୁଁ ବାଧା ଦେବି ନାହିଁ । ଚିଠିର ଉତ୍ତର ଦେବାର ଢଙ୍ଗରୁ ଅମ୍ଲାନ ବୁଝିଲେ ଏ ବିବାହରେ ମା ତାଙ୍କର ସୁଖୀ ନୁହେଁ । ତଥାପି ପୁଅର ସୁଖ ପଥରେ ପ୍ରତିବନ୍ଧକ ହୋଇ ଛିଡ଼ାହେବାକୁ ତାଙ୍କ ମା ମନ ଚାହିଁ ନଥିଲା । ସେ ବାଧାଦେଲେ ନାହିଁ କି ହସିହସି ସମ୍ମତି ଦେଲେନାହିଁ । ଅମ୍ଲାନ ଭାବିଲେ ଲୁଇସା ପରି ସ୍ନେହଶୀଳା ଝିଅଟିକୁ ପାଖରେ ପାଇଲେ ମା'ର ମନ ନିଶ୍ଚୟ ପରିବର୍ତ୍ତିତ ହୋଇଯିବ । ଡଃ ଡାଉନ୍‌ଙ୍କର ସମ୍ମତି ନେଇ ଲୁଇସା ଓ ଅମ୍ଲାନ ପରସ୍ପରକୁ ବିବାହ କରିଗଲେ । ବିବାହ ପରେ ସେମାନେ ଏକ ସୁଖୀ ଦମ୍ପତି ଭାବେ ଜୀବନ କଟାଇଲେ । ଲୁଇସାକୁ ଧରି ଅମ୍ଲାନ ବେଶ୍ କିଛି ଦିନ ଆମେରିକାର ରମଣୀୟ ଉପତ୍ୟକା, ସମୁଦ୍ର କୂଳ ବନ,

Digitized by srujanika@gmail.com

ଉପବନ ଭ୍ରମଣରେ କଟାଇ ଦେଲେ । ସୁଖ ସ୍ୱପ୍ନରେ ବିଭୋର ହୋଇ ପଡ଼ିଲେ ସେମାନେ । ଆଜି ଲୁଇସା ମଧ୍ୟ ନିଜକୁ ସମ୍ପୂର୍ଣ୍ଣଭାବେ ହଜାଇ ଦେଲା ଅମ୍ଲାନଙ୍କ ହୃଦୟ ସାଗରରେ । ଲୁଇସା ଭାବିଲା କେଉଁ ଆମେରିକାନ୍ ଯୁବକଙ୍କୁ ବିବାହ କରିଥିଲେ ସେ ଏତେଟା ସୁଖ ପାଇ ପାରିନଥାନ୍ତା । ସେମାନଙ୍କର ଯୁଗ୍ମ ଜୀବନକୁ ପରିପୂର୍ଣ୍ଣ କରି, ତାଙ୍କ ପ୍ରେମର ବନ୍ଧନକୁ ସୁଦୃଢ଼ କରି ଆସିଲା ଡାଭିନ୍-ଲୁଇସା ଓ ଅମ୍ଲାନଙ୍କର ପବିତ୍ର ପ୍ରେମର ସ୍ୱାକ୍ଷର ନେଇ ।

ହେଲେ ଜୀବନର ରଥଚକ ସବୁଦିନେ ସମତଳ ରାସ୍ତାରେ ଗଡ଼ିଚାଲେ ନାହିଁ । ଆବୁଡ଼ା, ଖାବୁଡ଼ା ବନ୍ଧୁର ପଥ ଦେଇ ପଡ଼ି ଉଠିଚାଲେ । ଖୁବ୍ ଶୀଘ୍ର ଅମ୍ଲାନ ଲୁଇସଙ୍କର ସୁଖର ଦିନ ସରି ଆସିଲା । ସେମାନଙ୍କ ଜୀବନ ରଥର ଚକ ଏକ ଗଭୀର ଗର୍ତ୍ତ ଭିତରେ ପଶିଗଲା । ସମୟର ନିଷ୍ଠୁର ରଥଚକ ତଳେ ଚୂପିହୋଇ ଅମ୍ଲାନ ଅତି କରୁଣ ଭାବରେ ନିଜର ପ୍ରାଣ ପ୍ରିୟା ଲୁଇସା ଓ ଡାଭିନ୍‌କୁ ଛାଡ଼ି ଚାଲିଗଲେ ।

ଲୁଇସାର ଅତୀତ ଇତିହାସ ଶୁଣି ସାରିଲାପରେ ବି କ୍ୟାନେଲ୍ ମତଦେଲେ ଲୁଇସାକୁ ସେ ଗ୍ରହଣ କରିବେ । ଏ ତ ଆମେରିକାର ସୋସାଇଟିର ଏକ ନିତି ଦିନିଆ ଘଟଣା । ସ୍ୱାମୀ ବଞ୍ଚି ଥାଉ ଥାଉ ବି ସ୍ୱାମୀ, ସ୍ତ୍ରୀ ମଧ୍ୟରେ ଛାଡ଼ପତ୍ର ହିଆନିଆ ହୋଇ ସ୍ତ୍ରୀ ଅନ୍ୟ ଏକ ସ୍ୱାମୀ ନେଇ ପୁଣି ତାରିନିତିଦିନିଆ ଜୀବନ କାଟୁଛି । ଅମ୍ଲାନ ତ ମୃତ । ସେତ ଆଉ ଲୁଇସାର ସୁଖ, ଦୁଃଖ ଭରା ଜୀବନରେ ସାଥୀ ହୋଇ ପାରିବେ ନାହିଁ । ଏକାକିନୀ କେତେଦିନ ଲୁଇସା ପରି ଝିଅ ଏ ଦୁଃଖର ଭାର ବହନ କରି ଚାଲିବ । ଯେ ଡଃ ଡାଭିନ୍‌କୁ କଥା ଦେଲେ ସେ ନିଶ୍ଚୟ ଲୁଇସାର ଜୀବନକୁ ପରିପୂର୍ଣ୍ଣ କରି ତୋଳିବେ ।

ଡଃ ଡାଭିନ୍‌ଙ୍କର କ୍ୟାନେଲ୍‌ଙ୍କ ପରି ଜ୍ଞାନ ପିପାସୁ ଯୁବକଙ୍କ ଉପରେ ଅଗାଧ ବିଶ୍ୱାସ । କ୍ୟାନେଲ୍‌ଙ୍କର ଦୃଢ଼କଥା ତାଙ୍କ ମନକୁ ଛୁଇଁଲା । କ୍ୟାନେଲ ନିଶ୍ଚୟ ଲୁଇସାର ଜୀବନକୁ ଭରିଦେବେ । ଲୁଇସାର ଚିନ୍ତା, ତାର ସୁଖ ଦୁଃଖ ଡଃ ଡାଭିନ୍‌ଙ୍କ ପ୍ରାଣକୁ ଆନ୍ଦୋଳିତ କରିଥିଲା । ଅମ୍ଲାନଙ୍କ ସହ ଲୁଇସା କିଛୁଦିନ ଭାରତରେ

Digitized by srujanika@gmail.com

କଟାଇଲା ପରେ ଏକ ଦୁରାରୋଗ୍ୟ ନାରୀ ରୂପେ ସେ ନିଜକୁ ଗଢ଼ି-ନେଇଥିଲା । ଆଜି ସେଇଥି ପାଇଁ ଅମ୍ଳାନଙ୍କ ମୃତ୍ୟୁପରେ ବି ସେ ଦ୍ୱିତୀୟ ସ୍ୱାମୀ ଗ୍ରହଣ କରିବାକୁ ଚାହୁଁ ନାହିଁ । ସେ କିନ୍ତୁ ଜାଣନ୍ତି ଲୁଇସା କ୍ୟାନେଲଙ୍କୁ ସ୍ନେହ କରେ । କ୍ୟାନେଲ ତାର ଜୀବନ ଧାରାକୁ ପରିବର୍ତ୍ତନ କରି ପାରନ୍ତି । ଏହି ବିଶ୍ୱାସ ମନରେ ରଖି ସେ ସ୍ଥିର ମନରେ ସେହି ରହସ୍ୟମୟ ସ୍ଥାନଟି ବିଷୟରେ ଗବେଷଣା କରିବା ଲାଗି ମନକୁ ସ୍ଥିର କରିନେଲେ ।

ଅକ୍ଳାନ୍ତ ପରିଶ୍ରମ ଓ ଅଦମ୍ୟ ଉତ୍ସାହ ନେଇ ସେ ମହାଶୂନ୍ୟ ଯାତ୍ରାପାଇଁ ଲାଗି ପଡ଼ିଲେ । ସେ ଏକ ନିର୍ଦ୍ଦିଷ୍ଟ ମହାକାଶଯାନ ନେଇ ସେହି ରହସ୍ୟମୟ ସ୍ଥାନଟିକୁ ନିଜେ ଯିବାଲାଗି ସ୍ଥିର କଲେ । ପୂର୍ବରୁ ମହାକାଶଯାନଟିର ସମସ୍ତ ଅଂଶର ଯଥାର୍ଥ ଗଠନ ପରୀକ୍ଷା କଲେ । ତାହାର ପ୍ରକ୍ଷେପଣ, ପ୍ରତ୍ୟାବର୍ତ୍ତନ ଓ ମହାକାଶରେ ରହିବାର ସମୟ ନିର୍ଭୁଲ ଭାବରେ ଗଣନା କରି ରଖିଲେ । ତାଙ୍କ ଶରୀର ଓ ମହାକାଶ ପୋଷାକକୁ ଭଲଭାବରେ ପରୀକ୍ଷା କରାଗଲା । ଏହି ମହାକାଶ ଯାନଟିର ଏକ ସ୍ୱତନ୍ତ୍ରତା ଥିଲା । ତାହା ଡଃ ଡାଉନ୍‌ଙ୍କର ନୂତନ ପରିକଳ୍ପନା ଓ ଚିନ୍ତାଧାରା ନେଇ ଗଠିତ । ଏହି ଯାନଟିର ମୁଖ୍ୟ ଉତ୍ସଥିଲା ସୌରଶକ୍ତି । ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କର କିରଣ ଦ୍ୱାରା ଏଇ ଯାନଟି ପରିଚାଳିତ ହେବ । ଡଃ-ଡାଉନଙ୍କର ଚିନ୍ତାଧାରା ଥିଲା ଏହି ମହାକାଶଯାନଟିକୁ ଦୀର୍ଘ ଛତିଶଘଣ୍ଟା କାଳ ମହାଶୂନ୍ୟରେ ରଖି ସେହି ରହସ୍ୟମୟ ସ୍ଥାନଟି ଉପରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ଚଳାଇବେ । ବେତାର ତରଙ୍ଗ ସାହାଯ୍ୟରେ ତାଙ୍କ ଗବେଷଣାର ସମସ୍ତ ବାର୍ତ୍ତା ସେ ଆମେରିକାର ମହାକାଶ ଗବେଷଣା କେନ୍ଦ୍ରକୁ ପରିବେଷଣ କରିବେ । ଏହିପରି ଭାବରେ ମହାକାଶ ଯାତ୍ରାର ସମସ୍ତ ପରିକଳ୍ପନା ସେ କରିଗଲେ ।

ଆଉ କମ୍ ଦିନପରେ ଡଃ-ଡାଉନ ଯାତ୍ରା ଆରମ୍ଭ କରିବେ । ଏକ ବିପଦ ସଙ୍କୁଳ ସ୍ଥାନକୁ ସେ ଯାଉଥିବାରୁ ଲୁଇସାକୁ ସମସ୍ତ ବିଷୟ ସ୍ପଷ୍ଟ କହି ଦେବାକୁ ତାଙ୍କ ମନ ଚାହୁଁଥିଲା । ସେଦିନ ରାତିରେ ଖାଇବା ଟେବୁଲ୍ ପାଖରେ ଲୁଇସାକୁ ସାଙ୍ଗରେ ଧରି ରାତ୍ରୀ ଭୋଜନ କରୁଥିଲେ । ସେହି ସମୟରେ ତାଙ୍କର ଏପରି ଏକ ରହସ୍ୟମୟ

Digitized by srujanika@gmail.com

ସ୍ଥାନକୁ ଯିବା ଘଟଣାକୁ ଲୁଇସାକୁ କହିଲେ । ତାଙ୍କ ଉପରେ ଆସ୍ଥା ନରଖି, ତା ନିଜ ଜୀବନର ଚଲାପଥରେ ଆସୁଥିବା ସମସ୍ୟାର ସମାଧାନ ସେ ନିଜେ କରୁ ।

ଘଡରେ ଖାଇବା ସମୟରେ ଅମ୍ଳାନଙ୍କୁ ଭୁଲି କ୍ୟାପେନଙ୍କ ସହ ମିଶି ନିଜ ଜୀବନକୁ ଆଉଥରେ ସରସ ସୁନ୍ଦର କରିବାକୁ କଥା ଛଳରେ ସେ ଲୁଇସାକୁ ମଧ୍ୟ ଅନୁରୋଧ କରିଥିଲେ । ଖାଇବା ଅଧା ରଖି ନୀରବରେ ଟେବୁଲ୍ ପାଖରୁ ଉଠିଗଲା ଲୁଇସା । ଡଃ ଡାଉନ୍ ଏହି ରହସ୍ୟମୟୀ କନ୍ୟାଟିର ଗନ୍ତପଥକୁ କେବଳ ନୀରବରେ ଅନାଇ ରହିଲେ ।

ନିଜ ଶଯ୍ୟାରେ ଶୋଇରହି କାନ୍ଦି ଉଠିଥିଲା ଲୁଇସା, ଅମ୍ଳାନଙ୍କ ସହ ବିଗତ ଦିନର ସ୍ମୃତିମାନଙ୍କୁ ସ୍ମରଣ କରି ।

ବିବାହ ପୂର୍ବର କଥା । ଅମ୍ଳାନଙ୍କୁ ସାଙ୍ଗରେ ଧରି ସେ ବୁଲି ଯାଇଥିଲା ନିକଟସ୍ଥ ପାହାଡ଼ ଉପରେ ଅବସ୍ଥିତ ଥିବା ଏକ ରମଣୀୟ ସ୍ଥାନକୁ । ପାହାଡ଼ଟି ସମୁଦ୍ରଠାରୁ ଅଳ୍ପଦୂରରେ ଅବସ୍ଥିତ । ପାହାଡ଼ ଉପରୁ ସମୁଦ୍ରର ଓ୍ୱାମକାନ୍ତ ଶୋଭା ଦର୍ଶକଙ୍କୁ ସ୍ପଷ୍ଟ ଦୃଷ୍ଟି ଗୋଚର ହୁଏ । ନିଘଞ୍ଚ ବୃକ୍ଷରାଜି ପାହାଡ଼ଟିର ଚତୁର୍ପାର୍ଶ୍ୱରେ ରହି ପାହାଡ଼ର ଶୋଭାକୁ ବର୍ଦ୍ଧନ କରୁଛି । ଅମ୍ଳାନଙ୍କ ଦେହଲଗ୍ନା ହୋଇ ବସିଥିଲା ଲୁଇସା । ପାହାଡ଼ର ଶୀର୍ଷରୁ ସମୁଦ୍ରର ବେଳାଭୂମିରେ ମୁଣ୍ଡପିଟି ଲେଉଟି ଯାଉଥିବା ଢେଉଗୁଡ଼ିକୁ ଅମ୍ଳାନଙ୍କୁ ଦେଖାଇ ପୁଲକିତ ହେଉଥିଲା ଲୁଇସା ।

"ସମୁଦ୍ରର ଢେଉ ଦେଖି ଏତେ ଉତ୍ଫୁଲ୍ଲ ହେଉଛ ଲୁଇସା । ଆଉ ସମସ୍ତ ଶୋଭା ସମ୍ପଦର ଭଣ୍ଡାର, ନୈସର୍ଗିକ ଶୋଭାର ଆଧାର ଆମ ଓଡ଼ିଶାକୁ ଥରେ ଦେଖିଲେ ତୁମେ ଫେରିବାକୁ ଆଦୌ ମନେ କରିବ ନାହିଁ । ହସି ହସି କହିଲେ ଅମ୍ଳାନ ।"

"କାହିଁକି ?" ଅମ୍ଳାନର ହାତକୁ ନିଜ ହାତ ମୁଠାରେ ଧରି ରଖି ପ୍ରଶ୍ନ ତୋଳିଥିଲା ଲୁଇସା ।

Digitized by srujanika@gmail.com

"ଆର୍ଯ୍ୟଧର୍ମର ପୁଣ୍ୟପୀଠ ଆମ ଭାରତର ପବିତ୍ର ସଂସ୍କୃତିର ସେହିପରି ଆକର୍ଷଣ ଶକ୍ତି ରହିଛି । ସମୁଦ୍ରର ବେଳାଭୂମି ଉପରେ ବାରଶହ ଶିଳ୍ପୀଙ୍କର ବାରବର୍ଷର ସାଧନା ଆଉ ତ୍ୟାଗପୂତ ଜୀବନର ଆଦର୍ଶ ନେଇ ମୁଣ୍ଡଟେକି ଉଠିଥିବା କୋଣାର୍କର ଶିଳ୍ପକଳା ଏବେ ବି ବିଦେଶୀମାନଙ୍କ ଚକ୍ଷୁରେ ମାୟାଞ୍ଜନ ଲେପିଦିଏ । ପଥର ଉପରେ ନିହାଣ ମୁନରେ ଫୁଟି ଉଠିଥିବା ସୂକ୍ଷ୍ମ କାରୁକାର୍ଯ୍ୟ କି ଜୀବନ୍ତ ମନେ ? ତୁମେ ନଦେଖିଲେ ବିଶ୍ୱାସ କରି ପାରିବ ନାହିଁ । ଆଜି ଜଗନ୍ନାଥଙ୍କର ରହିଛି ଅପୂର୍ବ ଆକର୍ଷଣ ଶକ୍ତି । ଏହି ମହାନ୍ ସଂସ୍କୃତିରେ ଆକର୍ଷିତ ହୋଇ ପ୍ରତିବର୍ଷ ବହୁ ବିଦେଶୀଙ୍କର ଏଠାରେ ସମାବେଶ ଘଟେ । ଚରମ ପୁଞ୍ଜିବାଦ ଉପରେ ପ୍ରତିଷ୍ଠିତ ତୁମର ଏହି ଆମେରିକାର ବହୁଲୋକ ସେମାନଙ୍କର ମାନସିକ ଅଶାନ୍ତିର ଉପଶମ ପାଇଁ ପୁରୀ ସମୁଦ୍ର କୂଳର ଏହି ସୁବର୍ଣ୍ଣ ବାଲିକା ଶଯ୍ୟା ଉପରେ ଉପସ୍ଥିତ ହୁଅନ୍ତି ।

ଲୁଇସା ଉତ୍ତର ମନରେ ଲଜ୍ୟାରେ କିଛି ପ୍ରକାଶ ନକଲେ ମଧ୍ୟ ମନେ ମନେ ପୁଲକିତ ହୋଇ ଉଠିଲା । ଖୁବ୍ ନିକଟରେ ଏହିପରି ଏକ ମହାନ୍ ସଂସ୍କୃତିକ ଦେଶକୁ ସେ ତାର ନିଜର କରିବାକୁ ଯାଉଛି ଭାବି ।

ବିବାହ ପରେ ଅମ୍ଲାନ ଚାହିଁଥିଲେ ସବୁଦିନ ଲାଗି ଆମେରିକା ଛାଡ଼ି ଭାରତ ଫେରି ଯିବାକୁ । କାରଣ ଆମେରିକାରେ ସେ କରୁଥିବା ଗବେଷଣା ଶେଷ ହୋଇବା ଉପରେ । କିନ୍ତୁ ଲୁଇସାର ସେ ଇଚ୍ଛା ନଥିଲା । ଲୁଇସା ଜାଣିଥିଲା ଭାରତ ଏକ ମହାନ୍ ସାଂସ୍କୃତିକ ଦେଶ ହେଲେ ମଧ୍ୟ ଏହା ଏକ ଗରିବ ଦେଶ । ଏହାର ଅଧିବାସୀମାନେ ନିମ୍ନ ସ୍ତରର ଜୀବନ ଯାପନ କରନ୍ତି । ଆମେରିକା ପରି ଏମାନଙ୍କର ମଟର ଗାଡ଼ି, ଟେଲିଭିଜନ୍, ରନ୍ଧା ଘରରେ ସୁବିଧା ଜନକ ଯନ୍ତ୍ରପାତି, ଲୁଗାଧୁଆ, ଲୁଗାଶୁଖା ପାଇଁ କଳ ନାହିଁ । ଆମେରିକାବାସୀମାନଙ୍କ ପରି ଏମାନେ ଖାଣ୍ଟି କ୍ଷୀର, ତଟକା ଫଳ, ପନିପରିବା ଓ ପ୍ରଚୁର ଅଣ୍ଡା, ମାଛ ମାଂସ ଖାଇବାକୁ ପାଆନ୍ତି ନାହିଁ । ଏହା ସେ ମୁକ୍ତ କଣ୍ଠରେ ଅମ୍ଲାନ ଆଗରେ ସ୍ୱୀକାର କରିଥିଲା ।

ଅମ୍ଲାନ କହିଥିଲେ, "ହଁ, ତୁମେ ଯାହା କହିଲ ତା ନିରାଟ ସତ କଥା । ଆମ ଦେଶର ବ୍ୟବସାୟୀମାନେ ଲାଭଖୋର ମନୋବୃତ୍ତି

Digitized by srujanika@gmail.com

ନେଇ ଖାଦ୍ୟ, ଔଷଧ ଆଦିରେ ଯେପରି ବିଷ ପ୍ରୟୋଗ କରୁଛନ୍ତି ତା ଅତ୍ୟନ୍ତ ନିନ୍ଦନୀୟ । ଏ ପ୍ରକାର ଅପମିଶ୍ରଣରୁ ସେମାନଙ୍କୁ କ୍ଷାନ୍ତ କରିବା ପାଇଁ କୌଣସି ବ୍ୟବସ୍ଥା ହେଉନାହିଁ । ଫଳରେ ଦିନକୁ ଦିନ ଅପମିଶ୍ରଣର ପରିମାଣ ବଢ଼ି ବଢ଼ି ଚାଲିଛି । ସେହି ଅନୁସାରେ ଏହି ଅପମିଶ୍ରିତ ଖାଦ୍ୟ ଖାଇ ଲୋକମାନଙ୍କର ଆୟୁଷ କମି କମି ଯାଉଛି । ହେଲେ ଆମେ କଣ୍ ଆମର ସୁଖ ସୁବିଧା ଦୃଷ୍ଟିକୋଣରୁ କେବଳ ଦେଶକୁ ଯିବା କଥା ବିଚାର କରିବା । ଆମ ଦେଶରେ ଆମେ ଆମେରିକା ପରି ସୌଖୀନ ଜୀବନଯାପନ କରିପାରିବା ନାହିଁ ସତ ହେଲେ ଆମ ଦେଶର ପାଣି, ପବନରେ ଆମେ ମଣିଷ ହୋଇଛୁ । ଆମ ଦେଶ ପ୍ରତି କ'ଣ ଆମର କିଛି କର୍ତ୍ତବ୍ୟ ନାହିଁ । ତୁମେ ନିଜେ ବିଚାରି କରି କୁହ ତ ?

ଏଇ ଗୋଟିଏ କଥା ଦେଖ । ଆମ ସରକାର ଅଜସ୍ର ପଇସା ଖର୍ଚ୍ଚ କରି ଦେଶରେ ମେଡ଼ିକାଲ କଲେଜ, ଇଞ୍ଜିନିୟରିଂ କଲେଜମାନ ପ୍ରତିଷ୍ଠା କରିଛନ୍ତି । ବହୁ ରାଜ୍ୟର ବହୁ ବହୁ କୃତୀଛାତ୍ରମାନେ ଏଠାରେ ପାଠପଢ଼ିଲେ । ସେମାନଙ୍କ ମଧ୍ୟରେ ଯେଉଁମାନେ ସବୁଠାରୁ ଭଲ ସେମାନଙ୍କୁ ଛାତ୍ରବୃତ୍ତି ଦେଇ ଉଚ୍ଚତର ଗବେଷଣା ନିମନ୍ତେ ଭାରତ ସରକାର ବିଦେଶ ଯିବାର ସମସ୍ତ ବ୍ୟବସ୍ଥା କରିଦେଲେ । ଏହି ବୁଦ୍ଧିଜୀବୀ ତଥା ପ୍ରତିଭାବାନ୍ ଛାତ୍ରମାନେ ଯେବେ ଆମେରିକାରେ ବିଳାସବ୍ୟସନରେ ବୁଡ଼ି ରହି ଦେଶକୁ ଫେରିଯିବାକୁ ନ ଚାହାନ୍ତି ତାହେଲେ ଆମ ଦେଶର କେତେ ବଡ଼ କ୍ଷତି ହେଲା କହିଲ । ତେଣୁ ମୋ ମତରେ ମୋର ଦେଶକୁ ଫେରିବା ନିହାତି ଦରକାର । ସାମାନ୍ୟ ସୁଖ, ସମ୍ଭୋଗ ଲାଳସାରେ ମୁଁ ଦେଶର ଏତେବଡ଼ କ୍ଷତି କରିପାରିବି ନାହିଁ । ତୁମେ ଯେତେବେଳେ ସ୍ୱଇଚ୍ଛାରେ ଜଣେ ଭାରତୀୟ ଯୁବକଙ୍କୁ ପ୍ରେମ କରି ବିବାହ କରିପାରିଲ ଏବେ ମନକୁ ସେହିଭଳି ପ୍ରସ୍ତୁତ କରି ଭାରତ ପରି ଗରିବ ଦେଶରେ ଜୀବନ କାଟିବାକୁ । ଭୋଗର ଜୀବନ ପରିତ୍ୟାଗ କରି ଭାରତୀୟମାନଙ୍କ ପରି ତ୍ୟାଗର ଜୀବନ ଗଢ଼ିବାକୁ ମନରେ ସଙ୍କଳ୍ପ ନିଅ ।

ଲୁଇସା ତା ହାତରେ ଚଲେ ଗାର କାଟି ଅମ୍ଳାନଙ୍କର ଓଜସ୍ୱିନୀ ଭାଷଣକୁ କେବଳ ଶୁଣୁଥିଲା । ବାସ୍ତବିକ୍ ଅମ୍ଳାନଙ୍କ ଯୁକ୍ତି

Digitized by srujanika@gmail.com

ଅକାଟ୍ୟ । ପ୍ରତ୍ୟେକ ନାଗରିକର ତା ନିଜ ଦେଶପ୍ରତି ଏପରି କର୍ତ୍ତବ୍ୟ-ବୋଧ ରହିବା ଦରକାର । ଅମ୍ଳାନଙ୍କ ଆଦର୍ଶରେ ବାଧା ଦେବାକୁ ତା ମନ ଚାହିଁ ନଥିଲା । ସେ ନୀରବ ରହିଥିଲା ।

ହସି ହସି ଅମ୍ଳାନ ତାକୁ କହିଥିଲେ, "ମୌନ ସମ୍ମତି ଲକ୍ଷଣ" ବୋଧହୁଏ ।

ଦୁହେଁଯାକ ଏକ ସମୟରେ ହସି ଉଠିଥିଲେ, ଏବେ ବି ସେ ଦୁଇଜଣଙ୍କର ମିଳିତ ହାସ୍ୟର ଝଙ୍କାର ତା କାନ ପାଖରେ ପ୍ରତିଧ୍ୱନି ତୋଳୁଛି । ଅନ୍ତରର ସେ ମଧୁର ସ୍ମୃତି ସ୍ମରଣ କରି କେବଳ କାନ୍ଦିବା ଥିଲା ତା ଜୀବନରେ ସାର ।

ମୁହଁ ହେଉଛି ମଣିଷର ଦର୍ପଣ । ତା ଜୀବନର ହସ, କାନ୍ଦ, ସୁଖ, ଦୁଃଖ ସବୁ କିଛି ତା ଅଲକ୍ଷ୍ୟରେ ତାରି ମୁଖ ଦର୍ପଣରେ ଫୁଟି ଉଠେ । କନ୍ୟାର ମୁହଁର ଅବସ୍ଥା ଦେଖି ତା ମନରେ ଲେଖାଥିବା ପାଣ୍ଡୁଲିପିଟି ପଢ଼ିପାରିଥିଲେ ଡଃ-ଡାଉନ । ସେ କ୍ୟାନେଲଙ୍କୁ ପାଖକୁ ଡାକି ଆଡ଼ଆଳରେ ସମସ୍ତ କଥା କହିଲେ । ଶେଷରେ କହିଲେ "କ୍ୟାନେଲ, ମୁଁ ତୁମ ହାତରେ ଲୁଇସାକୁ ଅର୍ପଣ କରିଦେଲି । ତୁମେ ଆଜିଠାରୁ ତାର ସମସ୍ତ ସୁଖ, ଦୁଃଖର ସାଥୀ । ତା ମନ ପରିବର୍ତ୍ତନ କରି ତା ମୁହଁରେ ତୁମେ ନିଶ୍ଚୟ ହସ ଫୁଟାଇବ ।"

ଡଃ ଡାଉନଙ୍କ ମହାକାଶରେ ଥିବା ସେହି ବିପଦ ସଙ୍କୁଳ ସ୍ଥାନଟିକୁ ଯିବାର ସମୟ ନିକଟ ହୋଇ ଆସିଲା । ତାଙ୍କର ଏହି ଦୁଃସାହସିକ ପଦକ୍ଷେପ ସହ ଆଉ ଜଣେ ବିଶିଷ୍ଟ ବୈଜ୍ଞାନିକ ତଥା ମହାକାଶ ବିତ୍ ନିଜକୁ ସାମିଲ୍ କରିନେଲେ । ସେ ଥିଲେ ବୈଜ୍ଞାନିକ ରିଗ୍ରୁଡ଼ ଝୁଲି । କେପ୍‌କାନଭେରାଲ୍ ଠାରୁ ଡଃ-ଡାଉନ୍ ଓ ରିଗ୍ରୁଡ଼ ଟ୍ରୁଲିଙ୍କ ମହାକାଶଯାନ ଯାତ୍ରା ପାଇଁ ପ୍ରସ୍ତୁତ ହୋଇ ରହିଲା । ସେମାନଙ୍କର ଏହି ଦୁଃସାହସିକ ପଦକ୍ଷେପ ଖୁବ୍ ଶୀଘ୍ର ଦେଶସାରା ବ୍ୟାପିଗଲା । ବହୁ ବିଶିଷ୍ଟ ବୈଜ୍ଞାନିକ, ଉଚ୍ଚପଦସ୍ଥ ଅଫିସର୍ ଓ ଶିକ୍ଷାବିତ୍‌ମାନେ କେପ୍‌କାନ୍ ଭେରାଲ୍ ଠାରେ ଡଃ-ଡାଉନ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ଲାଗି ସମବେତ ହେଲେ । ଲୁଇସା ଓ କ୍ୟାନେଲ ମଧ୍ୟ ତାଙ୍କ ପାଖେ ପାଖେ ଥାଆନ୍ତି । ଡଃ-ଡାଉନ୍ କିନ୍ତୁ ବାହ୍ୟ

Digitized by srujanika@gmail.com

ଆରମ୍ଭର ବହୁ ପୂର୍ବରୁ କ୍ୟାନେଲ୍ ଓ ଲୁଇସାଙ୍କୁ ବିଦା କରିଦେଲେ । ଯେ ଜାଣିଥିଲେ ବିଦାୟର ଶେଷ ମୁହୂର୍ତ୍ତରେ ଲୁଇସାର ଛଳଛଳ ଆଖି ଦୁଇଟିକୁ ଦେଖିଲେ ସେ ତାଙ୍କର ମାନସିକ ଭାରସାମ୍ୟ ହରାଇ ବସିବେ । ତାଙ୍କର କାର୍ଯ୍ୟ କ୍ଷମତା ବୃଦ୍ଧି ପାଇଁ ସୁସ୍ଥ ମାନସିକ ଅବସ୍ଥା ହିଁ ଏକମାତ୍ର ଆବଶ୍ୟକ ।

ରାତିର ଅନ୍ଧକାର ଅପସରି ଯିବାକୁ ବହୁତ ସମୟ ଥିଲା । ଚାରିଆଡ଼ ବହଳ ଅନ୍ଧକାରରେ ପୂର୍ଣ୍ଣଥିଲା । ରାତିର ସେହି ବହଳିଆ ଅନ୍ଧକାରକୁ ଦିବାଲୋକ ପରି ଆଲୋକିତ କରି ଡଃ-ଡାଉନ୍‌ଙ୍କର ମହାକାଶଯାନ ସଟଲ ପ୍ରଚଣ୍ଡ ଶବ୍ଦରେ ବାୟୁମଣ୍ଡଳକୁ ପ୍ରକମ୍ପିତ କରି ଭୂ-ପୃଷ୍ଠ ତ୍ୟାଗ କଲା । ଏହି ସଟଲଯାନ ସୂର୍ଯ୍ୟଙ୍କ ଠାରୁ ଦୁଇଗୁଣ ଆଲୋକ ବିଚ୍ଛୁରିତ କରିବା ସହିତ ଜଳପ୍ରପାତ ପରି ଆସ୍ଥାନ ଉପରେ ଅଗ୍ନି ବର୍ଷଣ କରି ଯାତ୍ରା ଆରମ୍ଭ କଲା । ଆକାଶରେ ମେଘମାଳା ସହ ଘଡ଼ଘଡ଼ି ସୃଷ୍ଟି ହେବା ଦ୍ୱାରା ନାସା ସଂସ୍ଥା ଏହି ଯାତ୍ରାର ସମୟ ବାର ମିନିଟି ପାଇଁ ଘୁଞ୍ଚାଇ ଦେଇଥିଲେ । ଫଳରେ ନିର୍ଦ୍ଧାରିତ ସମୟ ଠାରୁ ବାର ମିନିଟି ବିଳମ୍ବରେ ଏହି ଯାନଟି ମହାକାଶକୁ ଉଠିଗଲା ।

ଏହି ଯାନଟି ମହାକାଶ ଯାତ୍ରାର ଛଅମିନିଟି ପାଞ୍ଚ ସେକେଣ୍ଡ ପରେ ତାହାର ବୁଷ୍ଟର ରକେଟ୍‌ଟିକୁ ଆକାଶ ଛତା ସାହାଯ୍ୟରେ ଆଟ୍‌ଲାଣ୍ଟିକ୍ ମହାସାଗର ବକ୍ଷରେ ଖସାଇ ପକାଇଲା । ସେଠାରୁ ପୂର୍ବରୁ ନିର୍ଦ୍ଧାରିତ ଥିବା ଜାହାଜ ଦୁଇଟି ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଗଲା ? ଅଳ୍ପ କେତେ ସମୟ ପରେ ଆକାଶରେ ଉଠାଇଥିବା ମେଘମାଳା ଅପସରି ଯାଇଥିଲା । ଶରତର ମେଘଧୂଆଁ ନିର୍ମଳ ଆକାଶ ପରି ଆକାଶ ପରିଷ୍କାର ହୋଇଗଲା । ତେଣୁ ପ୍ରାୟ ହଜାର କିଲୋମିଟର ଦୂର ପର୍ଯ୍ୟନ୍ତ ଏହି ମହାକାଶ ଯାନଟିର ଆଲୋକ ପୃଥିବୀ ପୃଷ୍ଠକୁ ଦେଖାଯାଉଥିଲା । ମନେ ହେଉଥିଲା ରାତିର ବହଳ ଅନ୍ଧକାର ମଧ୍ୟରେ ବାୟୁମଣ୍ଡଳର ଉପର ଭାଗରେ ଦେଖାଯାଉଥିବା ଆଲୋକଟି ଏକ ନୂତନତାର ପ୍ରତୀକ ବହନ କରି ଆସିବ । କିନ୍ତୁ ହାୟ, କାଳର ବିଚିତ୍ର ତାହାକୁ ଜଣା ନ ଥିଲା । ତାହାକୁ ବି ଜଣା ନଥିଲା ଏହି ଉଜ୍ଜ୍ୱଳ ଆଲୋକଟି ଏତେ ବଡ଼ ପ୍ରତିଭା ସହ ଦିନେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ମଧ୍ୟରେ ବିଲୀନ ହୋଇଯିବ ବୋଲି ।

Digitized by srujanika@gmail.com

ଡଃ-ଡାଉନ୍ ଜଣେ ପ୍ରଖ୍ୟାତ ବୈଜ୍ଞାନିକ ହେଲେ ମଧ୍ୟ, ଏ ଯାତ୍ରା ଏପରି ଏକ ବିପଦସଙ୍କୁଳ ସ୍ଥାନକୁ ହେଉଥିବାରୁ ନାସା ସଂସ୍ଥା ଏହାର ନିୟନ୍ତ୍ରଣ କାର୍ଯ୍ୟ ବହନ କରିଥିଲା । ଏହି କେନ୍ଦ୍ରରୁ ମହାକାଶଚାରୀ ଡଃ-ଡାଉନ୍‌ଙ୍କ ସହ କଥାବାର୍ତ୍ତା ହେବାର ଯଥେଷ୍ଟ ସୁବିଧା ଥିଲା । ପଥାନୁସରଣ ପାଇଁ କମ୍ପ୍ୟୁଟରର ବ୍ୟବସ୍ଥା ଥିଲା । କମ୍ପ୍ୟୁଟର ମଧ୍ୟ ମହାକାଶ ଯାନରୁ ଆସୁଥିବା ତଥ୍ୟ ଆହରଣ, ବିଶ୍ଳେଷଣ ତଥା ବୋଧଗମ୍ୟ ଭାଷାରେ ରୂପାନ୍ତରିତ ପାଇଁ ଉଦ୍ଦିଷ୍ଟ ଥିଲା ।

ଡଃ-ଡାଉନ୍‌ଙ୍କ ଠାରୁ ବେତାର ବାର୍ତ୍ତା ଆସି ଠିକ୍ ସମୟରେ ମହାକାଶ ଗବେଷଣା କେନ୍ଦ୍ରରେ ପହଞ୍ଚିଗଲା । ପୃଥିବୀର ବାୟୁମଣ୍ଡଳ ଅବସ୍ଥାନ କରି ସେ ଏବେ ମହାଶୂନ୍ୟରେ ଅବସ୍ଥାନ କରୁଛନ୍ତି । ପ୍ରଥମେ ସେ କେତେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କେତେକ ସାମାନ୍ୟ ତ୍ରୁଟି ରହିଥିବା ଯୋଗୁ ମହାକାଶରେ ମୁଖ୍ୟ ଅନ୍ତରୀକ୍ଷ ରଶ୍ମିରେ ଥିବା ଉଚ୍ଚ ଶକ୍ତି ବିଶିଷ୍ଟ ପ୍ରୋଟନ କଣିକା ତାଙ୍କ ଯାନ ତଥା ତାଙ୍କ ଶରୀର ଭିତରକୁ ପ୍ରବେଶ କରିଥିଲା । ଫଳରେ ତାଙ୍କ ଶରୀରର ରକ୍ତ ସଞ୍ଚାଳନ, ତଥା ସ୍ନାୟୁବିକ କ୍ରିୟାରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେଲା । ସୌରଶିଖାରୁ ନିର୍ଗତ ଏହି ଶକ୍ତିଶାଳୀ ପ୍ରୋଟନ କଣିକା ଖୁବ୍ ବିପଜ୍ଜନକ । କାରଣ ଏଗୁଡ଼ିକ ଅଖଣ୍ଡ ଶକ୍ତିର ଅଧିକାରୀ । ଡାଉନ୍ ତାଙ୍କ ପାଖରେ ଥିବା ସୂକ୍ଷ୍ମ ପର୍ଯ୍ୟବେକ୍ଷକ ଦ୍ୱାରା ଏହି ଶକ୍ତିଶାଳୀ ପ୍ରୋଟନ କଣିକାର ଉପସ୍ଥିତି ଦେଖି ଆତଙ୍କିତ ହୋଇପଡ଼ିଲେ । ସେ ଏହି ଶକ୍ତିଶାଳୀ ପ୍ରୋଟନ କଣିକା ଠାରୁ ରକ୍ଷା ପାଇବା ଲାଗି ତାଙ୍କ ମହାକାଶଯାନ ସ୍ଥିତ କୋଠରିଟିକୁ ପରିରକ୍ଷକ ଦ୍ୱାରା ଭଲ ଭାବରେ ଆବୃତ କରିଦେଲେ ଓ ତାଙ୍କ ବ୍ୟୋମ ପୋଷାକଟିକୁ ମଧ୍ୟ ଭଲ ଭାବରେ ଦେଖିନେଲେ । ଏହିପରି ସମସ୍ତ ନିରାପତ୍ତା ବ୍ୟବସ୍ଥା ସତ୍ତ୍ୱେ ପ୍ରୋଟନ କଣିକା ଦ୍ୱାରା ବିକିରଣ ମାତ୍ରା ବୃଦ୍ଧି ହେବାକୁ ଲାଗିଲା । ପରିଶେଷରେ ସେ କେତେକ ଔଷଧ ସେବନ କରି ଏହି ପ୍ରକ୍ରିୟାରୁ ମୁକ୍ତ ହେଲେ । ମହାଶୂନ୍ୟରେ ଆଉ ମାତ୍ର ଆଠଘଣ୍ଟା ଅବସ୍ଥାନ କଲାପରେ ତାଙ୍କର ଗବେଷଣା ଶେଷ ହେବ । ସେ ନିର୍ଦ୍ଦିଷ୍ଟ ସମୟରେ

Digitized by srujanika@gmail.com

ପୃଥିବୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମଧ୍ୟ ଦେଇଛନ୍ତି । ଡଃ-ଡାଉନ୍‌ଙ୍କ ଠାରୁ ଆସିଥିବା ସର୍ବଶେଷ ବେତାର ସଙ୍କେତରୁ ଜଣା ଯାଇଥିଲା ଯେ ଆଉ ମାତ୍ର ଦୁଇ ଘଣ୍ଟା ପରେ ସେ ମହାଶୂନ୍ୟ ପରିତ୍ୟାଗ କରି ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରି ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବେ । ଡଃ-ଡାଉନ୍‌ଙ୍କ ଠାରୁ ଆସୁଥିବା ସମସ୍ତ ବାର୍ତ୍ତା ଠିକ୍ ସମୟରେ ଲୁଇସାକୁ କ୍ୟାନେଲ୍ ଜଣାଇ ଦେଉଥିଲେ ।

ଡଃ-ଡାଉନ୍‌ଙ୍କ ଠାରୁ ଆସିଥିବା ବାର୍ତ୍ତା ଅନୁଯାୟୀ ତାଙ୍କ ନିର୍ଦ୍ଧାରିତ ପ୍ରତ୍ୟାବର୍ତ୍ତନ ସମୟ ନିକଟ ହୋଇ ଆସିଲା । ଏହା ଆଟଲାଣ୍ଟିକା ବକ୍ଷରେ ଅବତରଣ କରିବାର ଯୋଜନା ଥିଲା । ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ଡଃ-ଡାଉନ୍‌ଙ୍କ ସହ ମହାକାଶ ଯାନଟିକୁ ଗନ୍ତବ୍ୟ ସ୍ଥାନକୁ ନେଇ ଯିବାକୁ ଜାହାଜ ଗୁଡ଼ିକ ଅପେକ୍ଷା କରି ରହିଥାନ୍ତି । ସବୁଠାରୁ ଚିନ୍ତାର ବିଷୟ ଥିଲା ଡଃ ଡାଉନଙ୍କ ଠାରୁ ଆଉ କିଛି ବେତାର ସଙ୍କେତ ଆସୁ ନଥିଲା । ଫେରିବା ସମୟରେ ଆଉ ଏକ ବେତାର ସଙ୍କେତ ତାଙ୍କର ପଠାଇବାର ଥିଲା । ନିର୍ଦ୍ଧାରିତ ସମୟ ଗଡ଼ି ଚାଲିଯାଇଥିଲା । ଆଉ କୌଣସି ବେତାର ବାର୍ତ୍ତା ଆସି ନଥିଲା । ପ୍ରଖ୍ୟାତ ବୈଜ୍ଞାନିକ ଡକ୍ଟର ଡାଉନ ଆମେରିକାର ଅନ୍ୟାନ୍ୟ ବିଶିଷ୍ଟ ବୈଜ୍ଞାନିକ ତଥା ମହାକାଶଚାରୀ ମାନଙ୍କ ଦ୍ୱାରା ସମସ୍ତ ସତର୍କତା ଅବଲମ୍ବନ କରାଯାଇଥିବା ସତ୍ତ୍ୱେ ଏପରି ଏକ ବିପଦ ସଙ୍କୁଳ ସ୍ଥାନକୁ ଯାତ୍ରା କରିବା ପଥରେ ବିପଦର ଅନେକ ସମ୍ଭାବନା ଥିଲା । ମହାକାଶ ଗବେଷଣା କେନ୍ଦ୍ରରେ ଥିବା ବୈଜ୍ଞାନିକମାନେ ଗଭୀର ଉଦବେଗ ସହ ଏହି ଦୁଃସାହସିକ ବ୍ୟୋମଗୃଷୀଙ୍କର ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ରହିଥାନ୍ତି ।

ସମସ୍ତଙ୍କ ଆଶଙ୍କା ଉଦ୍‌ବେଗକୁ ବଢ଼ାଇଦେଇ ପ୍ରତ୍ୟାବର୍ତ୍ତନର ନିର୍ଦ୍ଧାରିତ ସମୟ ଅତିବାହିତ ହୋଇଗଲା । ଆତଙ୍କିତ ହୋଇଉଠିଲେ ବୈଜ୍ଞାନିକମାନେ । ଈଶ୍ୱରଙ୍କ ସତ୍ତା ବିଷୟରେ ସନ୍ଦିହାନ ଥିବା ଏହି ନାସ୍ତିକ ବୈଜ୍ଞାନିକମାନେ ଡଃ ଡାଉନ୍‌ଙ୍କ ଅମୂଲ୍ୟ ଜୀବନ ପାଇଁ ସର୍ବଶକ୍ତିମାନ ସ୍ରଷ୍ଟାଙ୍କ ନିକଟରେ ବ୍ୟାକୁଳ ଭାବେ ପ୍ରାର୍ଥନା କଲେ । ସମସ୍ତଙ୍କ ଆଶଙ୍କା ବୋଧହୁଏ ମହାଶୂନ୍ୟ ଯାନର କୌଣସି ଯାନ୍ତ୍ରିକ ତ୍ରୁଟି ଲାଗି ନିର୍ଦ୍ଧାରିତ ସମୟ ପଡ଼ିଯାଇଛି । କିନ୍ତୁ ସେ ସମ୍ପର୍କରେ

Digitized by srujanika@gmail.com

ଡାଉନ୍‌ଙ୍କ ଠାରୁ କୌଣସି ଖବରାଖବର ନ ଥିଲା । ସମସ୍ତ ପଡ଼ି ରହିଲା ସ୍ୱାଭାବିକ ଭାବରେ । ଆଉ ସେହି କାଦମ୍ବିନୀ ପ୍ରତିଭା ଶୂନ୍ୟ ଶନ୍ୟ ମହାଶୂନ୍ୟରେ କେଉଁଠି ହଜିଗଲା । ତା'ର କିଛି ସନ୍ଧାନ ମିଳିଲା ନାହିଁ । ଆଟଲାଣ୍ଟିକ୍ ଉପରେ ଥିବା ସେହି ରହସ୍ୟମୟ ସ୍ଥାନଟିର ଗବେଷଣା ବିଷୟରେ ଚରଚିନ ଲାଗି ଯବନିକା ପଡ଼ିଗଲା । ସେ ରହସ୍ୟର ଦ୍ୱାର ଆଉ ଉନ୍ମୁକ୍ତ ହୋଇପାରିଲା ନାହିଁ । ସମସ୍ତ ବୈଜ୍ଞାନିକମାନଙ୍କର ମିଳିତ ପ୍ରଚେଷ୍ଟା ଆଉ ବିଜ୍ଞାନଗତ ସମସ୍ତ ବୁଦ୍ଧି ସବୁକିଛି ସେହି ରହସ୍ୟମୟ ସ୍ଥାନଟି ନିକଟରେ ହାର ମାନିଗଲା ଅତି ଶୋଚନୀୟ ଭାବରେ ।

× × ×

ସୂର୍ଯ୍ୟ ଚାରିପାଖରେ ପୃଥିବୀ ସମେତ ନବଗ୍ରହ ଘୂରିଲା ପରି ଘୂରି ଚାଲିଛି ସମୟର ରଥଚକ । ଏହା ଭିତରେ ଗୋଟି ଗୋଟି ହୋଇ ପଚିଶଟି ବର୍ଷ କାହିଁ କେଉଁଆଡ଼େ ହଜିଗଲାଣି । ଆଉ ତାହାରି ଭିତରେ ହଜିଯାଇଛି ବିଗତ ଦିନର ପ୍ରଖ୍ୟାତ ବୈଜ୍ଞାନିକ ଡଃ ଡାଉନ୍‌ଙ୍କର ସବୁଜ ସ୍ମୃତି ଓ ତାଙ୍କର ଗବେଷଣା । ଡଃ ଡାଉନ୍ କେବଳ ଏକ ଝାପ୍‌ସା ସ୍ମୃତି ଆମେରିକାବାସୀଙ୍କ ମାନସ ପଟରେ ରହିଯାଇଛନ୍ତି ।

ସମୟର ନିଷ୍ଠୁର ଚାବୁକ୍ ମାଡ଼ରେ ଡଃ ଡାଉନ୍‌ଙ୍କ ପ୍ରିୟ ଶିଷ୍ୟ କ୍ୟାନେଲ୍ ଆଜି ବୃଦ୍ଧ । ବୟସର ଭାରରେ ତାଙ୍କ ଶରୀର ନଇଁ ପଡ଼ିଲାଣି । ମୁଣ୍ଡରେ ପକ୍ୱ କେଶ । ତାଙ୍କର ପ୍ରାଣପ୍ରିୟା ଲୁଇସା ଆଜି ସୁଦୂର ଭାରତ ବର୍ଷରେ, ଅମ୍ଲାନଙ୍କର ପବିତ୍ର ସ୍ମୃତି ଡାଉନ ନିକଟରେ । ଭାରତବର୍ଷ ଏକ ମହାନ୍ ଦେଶ ।

ଏହାର ଧର୍ମ, ସଂସ୍କୃତି ଏବେ ବି ମହାନ୍ । ସେହି ମହାନ୍ ସଂସ୍କୃତି ଦ୍ୱାରା ଆକୃଷ୍ଟ ହୋଇ ଐଶ୍ୱର୍ଯ୍ୟଶାଳିନୀ ଆମେରିକା ନଗରୀର ବହୁ ତରୁଣ, ତରୁଣୀ ଆଜି ସମସ୍ତ ଭୋଗ, ବିଳାସ, ସମ୍ଭୋଗ ଲାଳସା ତ୍ୟାଗ କରି ହିପ୍‌ପି ସାଜିଛନ୍ତି । ଭାରତର ସାଗରର ବିଶାଳ ବିସ୍ତୃତ ବେଳାଭୂମି ଆଜି ସେମାନଙ୍କର ଶୟନସ୍ଥଳୀ । ଆମେରିକାର ନଭଶ୍ଚୁମ୍ବୀ ପ୍ରାସାଦ, ଡନ୍‌ଲପ୍ ଗଦି ଟି.ଭି. ସେଟ୍, ତାଙ୍କୁ ଅଟକାଇ ପାରିନାହିଁ । ସମସ୍ତ ଐଶ୍ୱର୍ଯ୍ୟକୁ ଗୋଡ଼ରେ ଠେଲି ହାତରେ ଖୋଳ, କରତାଳ ଧରି ହରେରାମ, ହରେକୃଷ୍ଣ ଜପ କରୁଛନ୍ତି । ସେହି

Digitized by srujanika@gmail.com

ଭାରତୀୟ ସଂସ୍କୃତି ଦ୍ୱାରା ଆକୃଷ୍ଟ ହୋଇଛି ମାର୍କିନ୍ ଲଳନା ଲୁଇସା ନିଜ ଜୀବନର ସମସ୍ତ ସୁଖକୁ ଆଡେଇ ଦେଇ । ଏଥିରେ ଆଶ୍ଚର୍ଯ୍ୟ ହେବାର ବିଶେଷ କିଛି ନାହିଁ ।

ଡଃ-ଡାଉନ୍‌ଙ୍କ ଆକସ୍ମିକ ଅନ୍ତର୍ଦ୍ଧାନ ଦିନଠାରୁ ସେ ଭାଙ୍ଗି ପଡ଼ିଛନ୍ତି ଅତି ଶୋଚନୀୟ ଭାବରେ । ଏପରି ଏକ କାଳଜୟୀ ପ୍ରତିଭାର ଅକାଳ ବିୟୋଗ ମୂଳରେ କ୍ୟାନେଲ୍ ନିଜକୁ ହିଁ ଦୋଷୀ ମଣନ୍ତି ।

ପଛକଥା ଗୁଡ଼ିକ ଭାବିଲେ ସେ ମନକୁ ମନ ଆତଙ୍କି ଉଠନ୍ତି । କେତେ ସହଜ ଭାବେ ତାଙ୍କର କଥାକୁ ଗ୍ରହଣ କରି ଡଃ-ଡାଉନ୍ ନିଜକୁ ପ୍ରସ୍ତୁତ କରିଦେଲେ ଏପରି ଏକ ବିପଦସଙ୍କୁଳ ଯାତ୍ରା ଅଭିମୁଖେ । ନିଜ ସୁନ୍ଦର ସଂସାରରେ ମାୟାକୁ ଛିଣ୍ଡାଇ କିପରି ସେ ଉଡ଼ିଗଲେ ସେହି ଅଜଣା ରହସ୍ୟର ସନ୍ଧାନରେ । ତାଙ୍କର ମନ ଆଜି ବି କହୁଛି ସେ କାଳଜୟୀ ପ୍ରତିଭା ମରି ନପାରେ । ଡଃ-ଡାଉନ୍ ଏକ ଅମଳିନ ପ୍ରତିଭା । ସେ ପ୍ରତିଭା ମଉଳିବାର ନୁହେଁ । ଯେତେଚେଷ୍ଟା କଲେ ବି ଡାଉନଙ୍କର ସ୍ମୃତି ତାଙ୍କୁ ଖାଇ ଗୋଡ଼ାଉଛି । ସେ ସ୍ମୃତିକୁ ସେ ଜୋର କରି ତାଙ୍କ ମନର ପରଦାରୁ ଠେଲି ଦେଇ ପାରୁନାହାନ୍ତି ।

ସେହି ଦିନଠାରୁ କୌଣସି ପତ୍ର, ପତ୍ରିକା ଦେଖିଲେ ତାଙ୍କର ସ୍ମୃତିର ଆକାଶରେ ବାଦଲ ପରି ଡଃ-ଡାଉନ୍‌ଙ୍କ ମୁଖ ମଣ୍ଡଳଟି ଭାସିଯାଏ । ତାଙ୍କର ମୁଣ୍ଡ ଭିତରଟା କିପରି ଗୋଳମାଳିଆ ହୋଇଯାଏ । ସେ ମସ୍ତିଷ୍କର ଭାରସାମ୍ୟ ହରାଇ ବସନ୍ତି । ଏମିତି, ଏମିତି ତାଙ୍କର ଦିନ ଗୁଡିକ ବିତି ଚାଲିଣି । ବିଜ୍ଞାନ ଓ ଗବେଷଣାକୁ ସେ ଜୋର କରି ଜୀବନର ପରିଧି ମଧ୍ୟରୁ ଦୂରେଇ ଦେଇ ଏକ ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ଜୀବନ ପ୍ରତି ତାଙ୍କର ମମତା କମି ଚାଲିଣି । ମୃତ୍ୟୁର ଅପେକ୍ଷାରେ ସେ ରହିଛନ୍ତି ।

ସେଦିନ ସକାଳୁ ଉଠି ନିଜ ଡ୍ରଇଂ ରୁମ୍‌ରେ ବସି କଫି ପିଇଲା ବେଳେ ଏକ ଦୈନିକ ସମ୍ବାଦପତ୍ର ଉପରେ ଆଖି ବୁଲାଉ ଥିଲେ ସେ । ପ୍ରଥମ ପୃଷ୍ଠାରେ ଏକ ମହାକାଶଯାନ ମଧ୍ୟରେ ଏକ ମଣିଷର ଫଟୋ ଦେଖି ସେ ହଠାତ୍ କିପରି ଚମକି ପଡ଼ିଲେ । ଭଲଭାବେ ନିରେଖି, ନିରେଖି ମଣିଷଟିର ମୁହଁକୁ ଅନାଇଲେ । ବିସ୍ମୃତିର ବାଲିଗଡା ତଳେ

Digitized by srujanika@gmail.com

ଯୋଡି ହୋଇଥିବା ଦୀର୍ଘ ପଚିଶ ବର୍ଷର ସ୍ମୃତିମାନ, ଯେପରି ହଠାତ୍ ମୁଣ୍ଡଟେକି ଉଠିଲେ । ଆଶ୍ଚର୍ଯ୍ୟରେ ଅଖିପତା ତାଙ୍କର ଟେକି ହୋଇଗଲା । ଏ ଫଟୋଟି ଯେ ଅବିକଳ ଡଃ-ଡାଉନ୍‌ଙ୍କ ପରି ଦେଖା-ଯାଉଛି । ଆଗ୍ରହ ସହକାରେ ତଳେ ଦିଆଯାଇଥିବା ସମସ୍ତ ବିବରଣୀ ପଢ଼ି ବସିଲେ ସେ ।

ଆମାଜାନ ନଦୀର ଅବବାହିକାରେ ଏକ ମହାଶୂନ୍ୟ ଯାନ ପଡ଼ିଛି । ଏହି ମହାଶୂନ୍ୟଯାନ ଭିତରେ ଏକ ମୃତ ମଣିଷର ଶରୀର ଦେଖିବାକୁ ମିଳୁଛି । ଅନୁମାନ କରାଯାଏ ଅତ୍ୟଧିକ ବାୟୁଚାପ ଫଳରେ ମଣିଷ ଜଣଙ୍କର ପାଟିବାଟେ ରକ୍ତ ବାହାରି ପଡ଼ି ମୃତ୍ୟୁ ଘଟିଛି । ଖବର ନେବାରୁ ଜଣା ପଡ଼ୁଛି ଏପରି କୌଣସି ମହାଶୂନ୍ୟଯାନ, ମହାଶୂନ୍ୟ ଘାଟିରୁ ନିକଟ ଅତୀତରେ ପ୍ରେରଣ କରାଯାଇ ନଥିଲା । ଯାନ ଭିତରେ ଥିବା ବ୍ୟକ୍ତିଟିର ପରିଚୟ ମିଳୁନାହିଁ । ଏ ଘଟଣାଟି ଏକ ରହସ୍ୟମୟ ଘଟଣା ହୋଇ ରହିଛି । ଏ ସମ୍ପର୍କରେ ବିଶଦ୍ ବିବରଣୀ ପରେ ପ୍ରକାଶ କରାଯିବ ।

କେଉଁ ଏକ ଚଳଚିତ୍ରର ଦୃଶ୍ୟ ପରି କ୍ୟାମେଲଙ୍କ ଆଖିରେ ଭାସି ଉଠିଲା ଡଃ-ଡାଉନଙ୍କର ସେହି ପ୍ରଶସ୍ତ କପାଳରେ ତେଜୋଦୀପ୍ତ ଆଖି ଦୁଇଟି । ଡାଉନ୍ ଯେପରି ଏକ ଲକ୍ଷ୍ୟରେ କ୍ୟାମେଲଙ୍କୁ ଅନାଇ ରହିଛନ୍ତି । ଡଃ-ଡାଉନ୍‌ଙ୍କ ମୁହଁଟି ଝାପ୍‌ସା ହୋଇ ଉଠିଲା ।

ଗୋଲାପ ଫୁଲର ପାଖୁଡ଼ା ପରି କାହାର ସୁନ୍ଦର କୋମଳ ମୁହଁଟି ଡାଉନ୍‌ଙ୍କ ମୁହଁ ସମ୍ମୁଖରେ ଭାସି ଉଠିଲା । ଆଖିରେ ଅଖିଏ ଲୁହ ଭରି ସେ ତା ବାପାଙ୍କର ନିଖୋଜ ପାଇଁ କୈଫିୟତ୍ ଚାହୁଁଛି ।

କ୍ୟାମେଲଙ୍କର ଅବୁଝାମନ ଫେରିଗଲା ଦୀର୍ଘ ପଚିଶ ବର୍ଷ ତଳର ସେହି ଅଭୁଲା ଅତୀତକୁ । ତାଙ୍କର ମନହେଲା, ସେ ଆଜି ଚବିଶ ପଚିଶ ବର୍ଷର ଯୁବକ ମାତ୍ର । ମନ ଓ ଦେହରେ ତାଙ୍କର ଅସୀମ ବଳ ଯେପରି କିଏ ଭରି ଦେଲା । ଇଚ୍ଛା ହେଲା ଏଇ ମନବଳ ଧରି ସେ ଦଉଡ଼ି ଯିବେ ଆମାଜାନ ନଦୀର ଅବବାହିକାରେ ପଡ଼ିଥିବା ସେଇ ମୃତ ବ୍ୟକ୍ତି ନିକଟକୁ । ବର୍ତ୍ତମାନ କିନ୍ତୁ ସେ ବୟସ ଆଜି

Digitized by srujanika@gmail.com

ନାହିଁ, ସେ ବୃଦ୍ଧ । ଏଇ ଭଙ୍ଗାଦେହ ଓ ଦୁର୍ବଳ ମନକୁ ନେଇ ସେ କଣ ସେହି ସୁଦୂର ଆମାଜାନ ଅବବାହିକାକୁ ଯାଇ ପାରିବେ ।

କ୍ୟାମେଲଙ୍କ ଚିନ୍ତାଧାରାରେ ବାଧାଦେଇ ତାଙ୍କ ଡ୍ରଇଂ ରୁମ୍‌ର ପର୍ଦ୍ଦା ଠେଲି ଭିତରକୁ ପ୍ରବେଶ କଲେ ଜଣେ ସୌମ୍ୟ ଦର୍ଶନ ଯୁବକ । ଦେହରେ ବାଦାମୀ ରଙ୍ଗର ଦାମୀ ସୁଟ୍ ସାଙ୍ଗକୁ ମ୍ୟାଚ କଲାପରି ଟାଇ । କ୍ୟାମେଲ୍ ଆଶ୍ଚର୍ଯ୍ୟ ଆଖିରେ ଅନାଇ ରହିଲେ ଯୁବକଙ୍କ ଆଡ଼କୁ । ଅଳ୍ପବୟସି ଯୁବକ ଜଣଙ୍କ କହିଲେ ମୁଁ ଡଃ-କ୍ୟାମେଲଙ୍କ ସହ ଦେଖା କରିବାକୁ ଚାହେଁ । କ୍ୟାମେଲ୍ ନିରେଖି ଚାହିଁଲେ ଏହି ଯୁବକଟିକୁ, କାହିଁ ସିଏ ତ ତାଙ୍କର ପରିଚିତ ବୋଲି ଜଣାପଡ଼ୁ ନାହିଁ । ଧୀର ସ୍ୱରରେ କହିଲେ, କୁହନ୍ତୁ ଆପଣଙ୍କର କଣ ଦରକାର ?

ଯୁବକ ଜଣଙ୍କ କହିଲେ ଜଣେ ବିଖ୍ୟାତ ବୈଜ୍ଞାନିକ ହିସାବରେ ଆପଣଙ୍କ ନାମ ଶୁଣିଛି । ମହାକାଶ ସମ୍ବନ୍ଧୀୟ ବହୁ ଗବେଷଣା ମୂଳକ ପୁସ୍ତକ ମଧ୍ୟ ଆପଣଙ୍କର ମୁଁ ପଢ଼ିଛି । ଆଜି ଆପଣଙ୍କ ସହ ସାକ୍ଷାତ କରି ମୁଁ ନିଜକୁ ଧନ୍ୟ ମନେ କରୁଛି । ମୁଁ ଏବେ ଆପଣଙ୍କୁ ମୋ ପରିଚୟ ଦେଉଛି । ମୁଁ ମହାକାଶ ଗବେଷଣା କେନ୍ଦ୍ରରେ ଜଣେ ରିସର୍ଚ୍ଚ ଆସିଷ୍ଟାଣ୍ଟ ରୂପେ କାମ କରୁଛି । ଆପଣ ପେପରରୁ ଜାଣିଥିବେ ଆମାଜାନ ନଦୀର ଅବବାହିକାରୁ ଏକ ସ୍ପେଶସ୍ୟୁଟ୍ ସହ ମଣିଷର ମୃତ ଦେହର ଅତି ଆଶ୍ଚର୍ଯ୍ୟ ଭାବରେ ସନ୍ଧାନ ମିଳିଛି । ଆମେ କେତେ ଜଣ ସେଠାକୁ ଯାଇ ତନ ତନ କରି ସମସ୍ତ ବିଷୟ ପରୀକ୍ଷା କଲୁ । ସେହି ମୃତ ବ୍ୟକ୍ତିଙ୍କ ହାତରୁ ଏଇ ଡାଏରୀ ଖଣ୍ଡିକ ମିଳିଲା । ତାଙ୍କ ପାଟି ବାଟ ଦେଇ କିଛି ରକ୍ତ ବାହାରି ପଡ଼ି ମୁହଁଟା ଏକ ବିକୃତ ଆକାର ଧାରଣ କରିଥିଲା । ତାଙ୍କର ପରିଚୟ ଆମେ ପାଇପାରିନୁ । ଏତିକ କହିସାରି ଡାଏରୀଟି କାଢ଼ି ତାର ଶେଷ ପୃଷ୍ଠା ଖୋଲି କ୍ୟାମେଲଙ୍କୁ ଦେଖାଇଲେ । କ୍ୟାମେଲ୍ ଦେଖିଲେ ଅତି ଅସ୍ପଷ୍ଟ ଅକ୍ଷରରେ ଡାଏରୀରେ କ'ଣ ଲେଖା ହୋଇଛି । ଭଲଭାବେ ଦେଖିଲେ ଲେଖାଗୁଡ଼ିକ ଗାରେଇ ହୋଇ ଯାଇଛି । ଗାର ମଧ୍ୟ ଦେଇ ଦେଖିଲେ—"ସେଡ୍ ନଂ 1007 ପ୍ଲଟ ନଂ 17 ।

Digitized by srujanika@gmail.com

ଆଲବର୍ଟ କ୍ୟାନେଲ — ଏହି ଠିକଣାରେ ଡାଏରୀଟି ପହଞ୍ଚାଇ ଦେବେ । ତାପରେ କେବଳ ଗୁଡ଼ାଏ ଗାର ପଡ଼ିଯାଇଛି । କ'ଣ ଲେଖିବାକୁ ଚାହିଁଛନ୍ତି, ଲେଖି ପାରିନାହାନ୍ତି । ବୋଧହୁଏ ଡଃ-ଡାଭନ୍‌ଙ୍କ ମୃତ୍ୟୁର ଅଳ୍ପ ସମୟ ପୂର୍ବରୁ ତାଙ୍କର ଏ ଲେଖା । ଆଉ କିଛି ଲେଖିବାକୁ ଚାହିଁଥିଲେ ମାତ୍ର ପାରି ନାହାଁନ୍ତି । କ୍ୟାନେଲଙ୍କ ଆଖି କୋଣରେ ଲୁହ ଜକାଇ ଆସିଲା । ପଚାରିଲେ, ତାଙ୍କ ମୃତ ଶରୀର କେଉଁ ଆଡ଼େ ଗଲା ?

ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ସହକାରେ ସେଠାରେ କବର ଦିଆଗଲା । ଆପଣଙ୍କୁ ଏତେ ଦୂରରୁ ଡାକିନେବା ସମ୍ଭବ ପର ନଥିଲା । ତେଣୁ ପରେ ଦେଖାକଲି । ଆପଣ ଡାଏରୀଟି ପଢ଼ି ସାରିଲେ ଡଃ-ଡାଭନ୍‌ଙ୍କ ଅଭିଯାନ ବିଷୟରେ ସମସ୍ତ ତଥ୍ୟ ଜାଣିବାରେ ଆମ୍ଭମାନଙ୍କୁ ନିଶ୍ଚୟ ସାହାଯ୍ୟ କରିବେ ।

ହୁନେଲ ରଙ୍ଗର ସେହି ସଦୃଶ୍ୟ ଡାୟେରୀଟିକୁ ହାତରେ ଧରି କ୍ୟାନେଲ ଫେରିଗଲେ ପାର୍ଖ ପଚିଶ ବର୍ଷ ତଳର ତାଙ୍କର ସେ ଅଫାସୋସ୍ ଅତୀତକୁ ।

× × ×

ଡଃ ଡାଭନଙ୍କର ଏପରି ଆକସ୍ମିକ ଅନ୍ତର୍ଦ୍ଧାନରେ ଭାଙ୍ଗି ପଡ଼ିଲା ଲୁଇସା ଅତି ଶୋଚନୀୟ ଭାବରେ । ଏକାନ୍ତ ନିଃସଙ୍ଗ ଭାବେ ଏକାକିନୀ ଜୀବନ ଯାପନ ତା ପ୍ରତି ଦୁର୍ବିସହ ହୋଇ ପଡ଼ିଲା । ତାର ଏହି ଦୁଃଖଦ ଦିନର ସାଥୀ ଥିଲେ କ୍ୟାନେଲ୍ । ଲୁଇସାର ପାଖେ ପାଖେ ରହି ସେ ତାକୁ ନାନା ପ୍ରକାର ପ୍ରବୋଧ ଦେଉଥାଆନ୍ତି । ଲୁଇସାର ମନ ଭୁଲାଇବା ପାଇଁ ତାକୁ ସାଙ୍ଗରେ ଧରି ବିଭିନ୍ନ ସ୍ଥାନକୁ ବୁଲି ଯାଆନ୍ତି । ମାତ୍ର ଲୁଇସାର କେଉଁଥିରେ ଯେମିତି କିଛି ଆଗ୍ରହ ନଥାଏ । ସମୟର ଗତି ପଥରେ ସବୁ କିଛି ଠିକ୍ ହୋଇଯିବ ବୋଲି କ୍ୟାନେଲ୍ ଲୁଇସାକୁ ବାରମ୍ବାର ପ୍ରବୋଧ ଦେଉଥାଆନ୍ତି । ତଥାପି ଲୁଇସାର ଅମାନିଆ ମନଟା ବୁଝି ନଥାଏ । ଆଖିରୁ ତାର ଅନବରତ ଧାର ଧାର ଲୁହ ବୋହୁଥାଏ । ସତେ ଯେମିତି ଲୁହର ଧାର ଏମିତି ବୋହିଗଲେ ତା ହୃଦୟର ସେ ଜମାଟ ବନ୍ଧା ଦୁଃଖକୁ ସେ ସୁଅରେ

Digitized by srujanika@gmail.com

ଭସାଇ ନେବ । ଏପରି ଏକ ଦୁର୍ଦ୍ଦିନରେ ତା ମନ ଆକାଶରେ ଘୋଟିଯାଇଥିବା ଦୁଃଖର ବାଦଲ ଚିରି ଶତ ସୂର୍ଯ୍ୟର ଦୀପ୍ତିନେଇ ଆତ୍ମପ୍ରକାଶ କଲେ । ଅମ୍ଳାନଙ୍କ ସ୍ମୃତି ତା' ଜୀବନର ସୁଖ, ଦୁଃଖର ସେହି ନିର୍ଭର ଯୋଗ୍ୟ ସାଥୀଟିଏ ।

ଅମ୍ଳାନ ଓ ଲୁଇସା ପରସ୍ପରକୁ ଭଲ ପାଇବାର ଶେଷ ହୋଇଥିଲା ସେମାନଙ୍କ ବିବାହରେ । ଡଃ-ଡାଉନ୍ ସେମାନଙ୍କ ବିବାହକୁ ଆନ୍ତରିକ ଭାବେ ଅନୁମୋଦନ କରିଥିଲେ ହେଁ ଅମ୍ଳାନଙ୍କ ଘର ତରଫରୁ ଆପତ୍ତି ଉଠିଥିଲା । ଅମ୍ଳାନଙ୍କ ମା ଭାରି ରକ୍ଷଣଶୀଳା ଥିଲେ । ସୁଦୂର ଆମେରିକାର ଏହି ବିଦେଶିନୀ ଝିଅଟିକୁ ତାଙ୍କ କୁଳବଧୂ ରୂପେ ଗ୍ରହଣ କରିବାରେ ତାଙ୍କର ଥିଲା ପ୍ରବଳ କୁଣ୍ଠା । ଏକମାତ୍ର ପୁଅର ଏପରି ଆଚରଣରେ ସେ ଖୁବ୍ ଆଘାତ ପାଇଲେ । ତଥାପି ପୁଅର ସୁଖ ପଥରେ ପ୍ରତିବନ୍ଧକ ହୋଇ ଛିଡା ହେବାକୁ ତାଙ୍କ ମା ମନ ଚାହୁଁ ନଥିଲା । ସେ ବାଧା ଦେଲେ ନାହିଁ କି ଖୁସି ଖୁସି ସମ୍ମତି ପ୍ରଦାନ କଲେ ନାହିଁ ।

ଅମ୍ଳାନ କିନ୍ତୁ ତାଙ୍କୁ ବିବାହ ପୂର୍ବରୁ ଭାରତୀୟ ପାରିବାରିକ ଚଳଣି ଓ ସାମାଜିକ ନୀତି ନିୟମ ଏକ ପ୍ରକାର ଘୋଷାଇ ଦେଉଥିଲେ । ଆଉ ହସି ହସି କହୁଥିଲେ,—"ତୁମକୁ ଦେଖିଲେ ମାର ତୁମ ପ୍ରତି ଥିବା ସମସ୍ତ ଘୃଣା ପାଣି ଫୋଟକା ପରି ମିଳେଇ ଯିବ ଲିସା । ସତରେ ଲିସା ତୁମ ରୂପରେ ଏକ ଅଦ୍ଭୁତ ଆକର୍ଷଣ ଶକ୍ତି ରହିଛି । ତୁମେ କିନ୍ତୁ ଆମେରିକାର ଏ ଫୁଲ ଫାଙ୍କିଆ ଜୀବନ ଛାଡ଼ି ଆମ ପରିବାରର କାଇଦା, କଟକଣା ଭିତରେ ଚଳିବ । ମା ଟିକେ ଭାରି ରକ୍ଷଣଶୀଳା, ତା ମନ ନେଇ କାମ କଲେ ସେ ନିଶ୍ଚୟ ଖୁସି ହେବ । ଆମ ସମାଜରେ ବାପ, ମା ଦେବତା ପରି । ସେମାନେ ଖୁସି ହେଲେ ଆମ ଦାମ୍ପତ୍ୟ ଜୀବନ ମଧୁମୟ ହୋଇ ଉଠିବ ।"

ଲୁଇସା ହସି ହସି କହିଲା, ଠିକ୍ ଅଛି, ତୁମେ ଦେଖିବ ଦିନ କେଇଟା ଭିତରେ ତୁମ ମା ତୁମକୁ ଛାଡ଼ି ମତେ ହିଁ ଭଲ ପାଇ ବସିବେ ।"

Digitized by srujanika@gmail.com

ଅମ୍ଳାନଙ୍କର ଲୁଇସା ଉପରେ ଅଗାଧ ବିଶ୍ୱାସ । ତା ପରି ଝିଅ ପକ୍ଷେ ସମସ୍ତ କିଛି କରିବା ସମ୍ଭବ । ସେ ନିଶ୍ଚୟ ମା'ର ମନ ପରିବର୍ତ୍ତନ କରି ପାରିବ ।

ବିବାହର ପ୍ରଥମ କେତୋଟି ଦିନ ଶିଳ୍ପ ସମୃଦ୍ଧ ନଗରୀ ଆମେରିକାରେ କଟାଇ ଅମ୍ଳାନ ତାଙ୍କର ପ୍ରାଣପ୍ରିୟା ଲିସାକୁ ଧରି ତାଙ୍କର ସେହି ଧୂଳିମାଟିର ଅତି ପରିଚିତ ଗାଆଁ ଅଳକାନନ୍ଦା କୋଳକୁ ଉଡ଼ି ଆସିଲେ । ଆଗରୁ ମାକୁ ଜଣାଇ ଦେଇଥିଲେ । ପୁଅ ସାଙ୍ଗରେ ଏକ ଗାଉନ୍ ପିନ୍ଧା, ଅଧା ଲଙ୍ଗୁଳି ଖିରସ୍ତାମା ଝିଅକୁ ଧରି ଫେରି ଆସିବାର କଳ୍ପନା କରି ମା ପ୍ରତିଦିନ ଜଳୁଥିଲେ ଆଉ ତାଙ୍କ ମୃତ ସ୍ୱାମୀଙ୍କ ଫଟୋ ପାଖରେ ଲୁହ ଢାଳୁଥିଲେ ।

ସ୍ୱାମୀଙ୍କର ମୃତ୍ୟୁପରେ ସବୁପ୍ରକାର ବାଧାବିଘ୍ନକୁ ଗୋଡ଼ରେ ଏଡ଼େଇ ଦେଇ ପର ନ ଲଗିଥିବା ଚଢ଼େଇ ଛୁଆଟିକୁ ସେ ମୁକ୍ତ ଆକାଶରେ ଉଡ଼େଇ ଶିଖାଇଲେ । ଏଇ କ'ଣ ତାଙ୍କ ଦାନର ପ୍ରତିଦାନ ? ନିଜ ମନକୁ ମନ ପ୍ରଶ୍ନଟି ପଚାରି କାନ୍ଦି ଉଠନ୍ତି ସୁକାନ୍ତିମା ଦେବୀ, ଆଜି ଅମ୍ଳାନର ବାପା ବଞ୍ଚିଥିଲେ ତାଙ୍କୁ ଏ ଦୁଃଖଟା ଏତେ ବାଧି ନଥାନ୍ତା । ସ୍ୱାମୀଙ୍କ ମୃତ୍ୟୁର ବହୁଦିନ ପରେ ସେ ନିଜକୁ ଅତି ନିଃସହାୟ ମଣିଲେ । ତାଙ୍କୁ ଦୁନିଆଟା କିପରି ଏକ ନିଃସଙ୍ଗ ଲାଗିଲା । ଏତେ ବଡ଼ ଦୁନିଆରେ ସେ ଯେମିତି ଏକା । ତାଙ୍କର ସମସ୍ତ ଆଶା ଭରସା ଭୁଟି ଯାଇଛି । ଅତି ନିଷ୍ଠୁର ଭାବରେ । ସାହେବାଣୀ ବୋହୂ ଆସିବ । ଭାବିଲା ବେଳକୁ ସେ ଏକ ଆଘାତ ତାଙ୍କ ହୃଦୟରେ ଅନୁଭବ କରୁଛନ୍ତି । ଏ ଘରର ବଡ଼ବଡ଼ୁଆ, ପୂର୍ବପୁରୁଷ, ଏଥରକ ପାଣି ଟୋପାଏ ବି ପାଇପାରିବେ ନାହିଁ । ବିଚରା ଅମ୍ଳାନର ବାପା, ପୁଅ ଓ ବୋହୂଙ୍କ ହାତରୁ ପାଣି ଟୋପାଏ ବି ପାଇ ପାରିବେ ନାହିଁ । ସବୁ ଭାବି ତାଙ୍କ ଆଖିରୁ କେବଳ ଲୁହ ଢାଳିବା ହିଁ ସାର ହେଲା । ଏହିପରି ତାଙ୍କ ଭାବନା ମଧ୍ୟରେ ଅମ୍ଳାନର ଫେରି ଆସିବା ନିକଟ ହୋଇଗଲା । ମାତ୍ର ଏ କ'ଣ । କାଞ୍ଜିବରମ୍ ପାଟ ପିନ୍ଧି, ମୁଣ୍ଡରେ ସିନ୍ଦୁର ଟୋପା ମାରି, ଶାଢ଼ୀକୁ ମୁଣ୍ଡରେ ଟାଣି ଜଣେ କିଏ ତାଙ୍କ ପାଦସ୍ପର୍ଶ କଲା । ପଛରେ ଥିଲା ଅମ୍ଳାନ । ଖୁବ୍ ସୁନ୍ଦର ଝିଅଟିଏ । ମନେ ମନେ ଅମ୍ଳାନର ପସନ୍ଦକୁ ତାରିଫ କଲେ ବି ମୁହଁରେ କିଛି ପ୍ରକାଶ

Digitized by srujanika@gmail.com

କଲେ ନାହିଁ । ତାର ଚୋପା ଗୋରା ଦେହକୁ ଜଣ କାମରେ ସେ ନାଭିକ୍ଲ ରଙ୍ଗର ପାଟଟି ତାର ସୌନ୍ଦର୍ଯ୍ୟକୁ ଆହୁରି ବଢାଇ ଦେଉଥାଏ । ବିଦେଶିନୀ ବୋହୂକୁ ଅନେଇ ଘଡ଼ିଏ ତଟସ୍ଥ ହେଲେ ସୁକାନ୍ତମା ଦେବୀ ।

ଆଉ ଲୁଇସା ଶାଶୁଙ୍କର ମୁହଁକୁ ଅନାଇ ତାଙ୍କ ଆଖିରେ ଥିବା ତା ପ୍ରତି ଘୃଣାଭାବକୁ ପଢିନେଲା । ସେହିଦିନ ଠାରୁ ସେ ମନରେ ଦୃଢ ପ୍ରତିଜ୍ଞା କଲା. ଶାଶୁଙ୍କର ତା ପରି ଏକ ବିଦେଶିନୀ ବୋହୂ ପ୍ରତି ଥିବା ମନୋଭାବକୁ ବଦଳାଇବା ଲାଗି । ସତରେ ଲୁଇସାର ନିର୍ମଳ ସେବା ଯତ୍ନର ପବିତ୍ର ଜଳଧାରାରେ ଅମ୍ଳାନଙ୍କ ମା'ଙ୍କ ମନରୁ ତା ପ୍ରତି ଥିବା ସମସ୍ତ ବିଦ୍ୱେଷ ତଥା ଘୃଣା ଧୋଇ ହୋଇ ଯାଇଥିଲା । ମାତ୍ର କେତୋଟା ଦିନ ଭିତରେ ମାତୃପ୍ରତିମା ଏହି ସ୍ନେହମୟୀ ନାରୀଟିର ଆକଣ୍ଠ ସ୍ନେହ ଶ୍ରଦ୍ଧାରେ ବୁଡ଼ି ରହି ଲୁଇସା ଅନୁଭବ କଲା କି ସୁନ୍ଦର ଆଉ ମହାନ୍ ଏହି ଭାରତୀୟ ପରିବାରର ଚଳଣି ।

ମା”ଙ୍କର ଲୁଇସା ପ୍ରତି ଏହି ସ୍ନେହଶ୍ରଦ୍ଧାକୁ ଦେଖି ମନେ ମନେ ପୁଲକିତ ହେଉଥିଲା ଅମ୍ଳାନ । ହସି ହସି ଦିନେ ଲୁଇସାକୁ କହିଲେ “ଲିସା, ମା ତା ହୃଦୟର ସମସ୍ତ ସ୍ନେହ ଶ୍ରଦ୍ଧା ତୁମ ଉପରେ ଅଜାଡ଼ି ଦେଲଣି । ମୋ ପାଇଁ କିଛି ରଖି ନାହିଁ । ଏବେ ସେ କେବଳ ଦି ତମାମ ତୁମରି ଖାଇବା, ଶୋଇବା, ଆଦି ନେଇ ବ୍ୟସ୍ତ ରହିଛି ।”

ଆଖିନଚାଇ ହସି ହସି ଲୁଇସା କହିଲା, “କାହିଁ ତୁମର ଇର୍ଷା ହେଉଛି ବୋଧେ ?

ଲିସା ପାଇଁ ଉଦ୍ଦିଷ୍ଟ ଥିବା ଶୟନ କକ୍ଷଟିର ଝରକାକୁ ଲା ଏକ ବଗିଚା ଅଛି । ବଗିଚାଟି ନାନା ସୁନ୍ଦର ଫୁଲରେ ଭର୍ତ୍ତି ରହୁଥାଏ । ଠିକ୍ ଝରକାକୁ ଲାଗି ମଲ୍ଲୀଗଛର ସମାବେଶ । ମଲ୍ଲୀଗ ଗୁଡ଼ିକ ଫୁଲ ଭାରରେ ନଇଁ ପଡୁଥାଏ । ସକାଳ ସୂର୍ଯ୍ୟର କଅଁ କିରଣ ମଲ୍ଲୀର ଶୁଭ୍ର କମନୀୟ ମୁଖମଣ୍ଡଳରେ ଅପରୂପ ସୌନ୍ଦ ସୃଷ୍ଟି କରେ । ବାସ୍ତବିକ୍ ମଲ୍ଲୀର ଏ ସକାଳ ଆଉ ସନ୍ଧ୍ୟା ମନୋରମ ! ପ୍ରସାଦମାଳିନ ଶିଳ୍ପସମୃଦ୍ଧ ଧନାଢ୍ୟ ଆମେରିକା

Digitized by srujanika@gmail.com

ବିଳାସ ବ୍ୟସନରେ ବୁଡ଼ି ରହିଥିଲେ ବି ପ୍ରକୃତିର ଏ ମନୋରମ ଦୃଶ୍ୟ ସେ କେବେହେଲେ ଉପଲବ୍ଧି କରି ପାରି ନଥିଲା । କିନ୍ତୁ ଗାଁରେ ଜୀବନ ତାକୁ ମନେ ହେଲା, ଏକ ସୁନ୍ଦର, ମିଠା ମିଠା ସଙ୍ଗୀତର ମୂର୍ଚ୍ଛନା ଭଳି । ମାତୃ ପ୍ରତିମ ଶାଶୁଙ୍କର ସରଳ ଅମାୟିକ ବ୍ୟବହାର, ଆକଣ୍ଠ ସ୍ନେହଶ୍ରଦ୍ଧା ଓ ଅମ୍ଳାନଙ୍କର ହୃଦୟଭରା ପ୍ରେମରେ ବୁଡିରହି ସେ ଭୁଲି ଯାଇଥିଲା ତା ପ୍ରିୟ ଆମେରିକା ଆଉ ତା ଡାଡ଼ିଙ୍କୁ ।

ବାସ୍ତବିକ ସହର ଜୀବନ ଏକ ଛନ୍ଦହୀନ ଜୀବନ । ଯାନ୍ତ୍ରିକ ଜୀବନ । କେବଳ ଗୋଟିଏ ଯନ୍ତ୍ର ଭଳି ଏଠାରେ ମଣିଷ ସବୁ କାମ କରିଯାଏ । ସେ ଜୀବନରେ ସୁଖ ନ ଥାଏ, ଆନନ୍ଦ ନ ଥାଏ । ଗୁବହିଆ କଣ୍ଢେଇ ଭଳି ମଣିଷ ନାଚେ, ହସେ, ସିନେମା ଦେଖେ, ଆନନ୍ଦ କରେ, ଗାଡ଼ି ଚଢ଼େ । ଗାଁର ଏ ସରଳ ଛନ୍ଦମୟ ଜୀବନ କେତେ ଆନନ୍ଦ ସତେ । ସବୁଠାରୁ ତାକୁ ଭଲ ଲାଗେ, ଗାଁ ର ସନ୍ଧ୍ୟା । ନୀଳ ଆକାଶ କୋଳରେ ରୁପାଥାଳି ପରି ଜହ୍ନର 'ସ୍ୱଚ୍ଛ ଆଲୁଅ ବାଡ଼ି-ବଗିଚାର ଗଛ ଉପରେ ପଡ଼ି ଏକ ମାୟାପୁରୀ ରଚନା କରେ । ଏ ସବୁକୁ ଛାଡ଼ି ତାର ଆମେରିକା ଫେରିଯିବାକୁ ମୋଟେ ମନ ହୁଏ ନାହିଁ । ପିଲାଟି ଦିନୁ ସେ ମା'ର ସ୍ନେହଶ୍ରଦ୍ଧା କିଛି ଜାଣି ନାହିଁ । ଏଠି କିନ୍ତୁ ଶାଶୁଙ୍କ ଅତୁଟ ଶ୍ରଦ୍ଧାରେ ସେ ବୁଡ଼ି ରହିଛି । ଦିନକର ଘଟଣା, ଘରର କାମ ସାରି ଶୋଇ ପଡିଥିଲା ସେ । ଦିନ ଯାଇ ସନ୍ଧ୍ୟା ହୋଇଗଲାଣି । ତାକୁ ଜଣା ନାହିଁ । ଖରା ଦିନର ସୁଲୁସୁଲୁ ପବନରେ କ୍ଲାନ୍ତ ଆଖିପତା ଦୁଇଟି ମୁଦିହୋଇ ଯାଇଥିଲା । ତାରି ବହୁ ସମୟ ଧରି । କାହାରି କଅଁଳ ସ୍ପର୍ଶରେ ନିଦଟା ଭାଙ୍ଗିଗଲା ।

—"ମା, ଅବେଳଟାରେ ଶୋଇ ରହିଛୁ ଯେ ? ଦେହ କ'ଣ ଭଲ ନାହିଁ ?" ଲୁଇସାର ପିଠିକୁ ଆଉଁସି ଦେଇ ଦେଇ ସୁକାନ୍ତିମୀ ଦେବୀ ପଚାରୁଥିଲେ କଅଁଳ ସ୍ୱରରେ ।

—"ନା ତ, ଏମିତି ନିଦ ହୋଇଗଲା ।" ଲଜ୍ଜିତ ସ୍ୱରରେ ଉତ୍ତର ଦେଲା ଲୁଇସା ମୁହଁ ତଳକୁ କରି ।

ସ୍ନେହମୟୀ ଶାଶୁ ହାତରେ ଥିବା 'ପିଶ' ନାମକ ଏକ ଘରତିଆରି ଜଳଖିଆ ଲୁଇସାକୁ ଦେଲେ ଖାଇବା ପାଇଁ । କି ସୁନ୍ଦର

Digitized by srujanika@gmail.com

ଲଗୁଛି ସତେ ? ତାଙ୍କ ଆମେରିକାନ୍ କେକ୍ ଠାରୁ ଏହାର ସ୍ୱାଦୁଟା ଖୁବ୍ ଅଧିକ । କାହିଁ ଐଶ୍ୱର୍ଯ୍ୟଶାଳିନୀ ଆମେରିକାର ଡିନର ଟେବୁଲ ଆଉ ଉପର ଖାଇବା । ଆଉ ଶାନ୍ତିମୟୀ ଭାରତ କୋଳରେ ଏ ଜଳଖିଆ ? ଆମେରିକାର ସାମାଜିକ ଚଳଣି ଆଉ ଭାରତର ସାମାଜିକ ଚଳଣୀ ଭିତରେ ସେ ଲକ୍ଷ୍ୟ କରିଛି ବହୁତ ପାର୍ଥକ୍ୟ । ବିଜ୍ଞାନ ସମୃଦ୍ଧ ଆମେରିକା ନଗରୀରେ ବଡ଼ି ଯେ ବିଜ୍ଞାନ ଉପରେ ନିର୍ଭରଶୀଳ ହୋଇ-ଉଠିଛି । ସେଥିପାଇଁ ପାରିବାରିକ ଚଳଣୀ ବିଷୟରେ ତା ର ବିଶେଷ କିଛି ଅଭିଜ୍ଞତା ନାହିଁ । ତାଙ୍କ କ୍ଷୁଦ୍ର ପରିବାରର, ସମସ୍ତ କାମ ବିଜ୍ଞାନର ଶ୍ରେଷ୍ଠତମ ଆବିଷ୍କାର ଯନ୍ତ୍ରମାନ ଠିକ୍ ସମୟରେ କରିଦେଇଯାଏ । ଘରର କାମ ନେଇ ତାକୁ ମୁଣ୍ଡ ଖେଳାଇବାକୁ ପଡ଼େ ନାହିଁ । ସେଥିପାଇଁ ସେ ଘରକରଣା କ'ଣ ଜାଣି ପାରି ନଥିଲା । ତା ଶାଶୁଘରେ କୌଣସି କାମ ସେ କରିପାରୁ ନଥିଲା । ମାତୃ ପ୍ରତିମ, ସ୍ନେହମୟୀ ଶାଶୁ ବି ତାକୁ କୌଣସି କାମ କରିବାକୁ ଦେଉ ନଥିଲେ । ସେ କିନ୍ତୁ କିଛିଦିନ ଚଳଣୀ ଭିତରେ ଲକ୍ଷ୍ୟକଲା ବୁଢ଼ୀ ଶାଶୁ ଘରର ସମସ୍ତ କାମ କରିବେ ଆଉ ସେ କେବଳ ବସିରହି ଖାଇବ, ଏଇଟା କିନ୍ତୁ ଭାରି ଅନ୍ୟାୟ । ତାକୁ ମଧ୍ୟ କିଛି କାମ କରିବାକୁ ପଡ଼ିବ । ସେ ଘରର କାମ କିଛି କିଛି କରି ଶିଖିଲା । ଦେଖିଲା ବାସ୍ତବିକ ଘରର କାମ କରି ସେ ପାଇପାରୁଛି ପରମତୃପ୍ତି ।

ଏବେ ସେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଭାରତୀୟ ଚଳଣୀ ସହ ଖାପ ଖୁଆଇ ଦେଲଣି । ଶାଶୁଙ୍କ ହାତରୁ ଛଡ଼ାଇ ଘରର ବହୁ କାମ କରି ନେଉଛି । ପ୍ରଥମେ ପ୍ରଥମେ ରନ୍ଧା କାମ ସେ କିଛି କରିପାରୁ ନଥିଲା । ଏବେ କିନ୍ତୁ ଆସ୍ତେ ଅସ୍ତେ ରାନ୍ଧିବାକୁ ଆରମ୍ଭ କଲଣି । ଅମ୍ଳାନଙ୍କର ତା ହାତ ରନ୍ଧା ଖାଇବାକୁ ପରମ ଆଗ୍ରହ । ତା ହାତର ଅଲଣା, ଦରସିଝା ତରକାରୀକୁ ଅମ୍ଳାନ ପରମ ଆଗ୍ରହରେ ଖାଇଦେଲା ବେଳେ ତାକୁ ଖୁବ୍ ଖୁସି ଲାଗେ । ସେତିକି ଆସୁ, ସେତିକି କରି ରାନ୍ଧି ଅମ୍ଳାନକୁ ଖାଇବାକୁ ଦେଇଦେଲେ ତା ମନ ପରମ ତୃପ୍ତିରେ ଭରିଯାଏ । ବାସ୍ତବିକ୍ ଏତିକି ହିଁ ତା, ନାରୀ ଜନ୍ମର ସାର୍ଥକତା । ସେ କିନ୍ତୁ ଏଗୁଡ଼ିକୁ ଆଗରୁ ଅନୁଭବ କରିପାରୁ ନଥିଲା । ଅମ୍ଳାନ ସେଥିପାଇଁ ବେଳେ ବେଳେ ତାକୁ ଥଟ୍ଟା କରି କହେ, "ଲିସା, ତୁମେ ସତରେ ପକ୍କା ଘରଣୀ ହୋଇଗଲଣି । ତୁମପରି ଆମେରିକାନ୍ ଶିକ୍ଷିତ ଝିଅ

Digitized by srujanika@gmail.com

ଏତେ ଶୀଘ୍ର ଏପରି ଘରଖଣ୍ଡ ସାଜିପାରିବ ଭାବିଲେ ମତେ ବାସ୍ତବିକ୍ ଆଶ୍ଚର୍ଯ୍ୟ ଲାଗେ । ତୁମେ କିନ୍ତୁ ଏତେଟା ପରିଶ୍ରମ କର ନାହିଁ । ଏତେ ପରିଶ୍ରମ କଲେ ତୁମର ସ୍ୱାସ୍ଥ୍ୟହାନି ହେବ ଯେ ।"

ଲିସା କିନ୍ତୁ ସେ ସବୁ ଆଦୌ ଶୁଣେ ନାହିଁ । ସେ ହସି ହସି କହେ, 'ଏ ସବୁ କାମ ନିଜେ କରିବାରେ ଯେ କି ଆନନ୍ଦ ତା ମୁଁ ହିଁ ଅନୁଭବ କରୁଛି । ତମେ ଜାଣିପାରିବ ନାହିଁ ।"

—"ସତେ ନା, ତୁମେ ତାହା'ହେଲେ ଏଇଠି ରହିଯାଅନା, ସବୁଦିନ ଲାଗି । ଆଉ ଆମେରିକା ଫେରିଯିବା ଦରକାର ନାହିଁ ।"

—"ହଁ, ମୁଁ ତ ଠିକ୍ ସେଇ କଥା ହିଁ ଭାବୁଛି । ସବୁ ଶୋଭା ସମ୍ପଦର ଭଣ୍ଡାର ଏ ପଲ୍ଲୀ ମାଟି ଛାଡ଼ି ଆମେରିକା ଫେରିଯିବାକୁ ମୋର ମନ ଆଦୌ ହେଉ ନାହିଁ । ତୁମର ଇଚ୍ଛା ସରତାଜ । ଆମେ ପୁଣି ଏଇ ଗାଁ ମାଟି କୋଳକୁ ଫେରି ଆସିବା । ମା'ଙ୍କର ସ୍ନେହ, ଶ୍ରଦ୍ଧାର ଏପରି ମତେ ନିଶ୍ଚୟ ସୁଦୂର ଆମେରିକାରୁ ଏ ଧୂଳି ମାଟିର ଗାଁ କୋଳକୁ ଟାଣି ଆଣିବ ।"

ବାସ୍ତବିକ ଲିସା ଏ ଦେଶ ଧରମର ଦେଶ, ଉଦାର ହିଂଦୁ ଦେଶ । ଏ ମାଟି ପବିତ୍ର । ଏହାର ଆକର୍ଷଣ ବାସ୍ତବିକ ଅଧିକ । ତୁମ ଦେଶର କେତେ ସାହେବ, ସାହେବାଣୀ ଏ ପବିତ୍ର ସଂସ୍କୃତି ଦ୍ୱାରା ଆକୃଷ୍ଟ ହୋଇ ହିପି ସାଜି ସମୁଦ୍ର ବାଲିରେ ଗଡ଼ୁଛନ୍ତି ଦେଖୁନ ? ତମେ ଆମ ଓଡ଼ିଶାର ପ୍ରାକୃତିକ ସମ୍ପଦ ଦେଖିନ । ଓଡ଼ିଶା ସବୁ ଶୋଭାର ଭଣ୍ଡାର । ବିଶେଷ କରି ଏହି ପବିତ୍ର ଉତ୍କଳର ଦେବାଦେବୀ, ପ୍ରାକୃତିକ ଶୋଭା ସମ୍ପଦ ଦେଖିଲେ ତୁମେ ମୋଟେ ଛାଡ଼ିକରି ଆସିବାକୁ ଚାହିଁବ ନାହିଁ । ଆମ ଉତ୍କଳ ପରା ସବୁ ଶୋଭାର ଭଣ୍ଡାର ।

—"ସତେ, ମତେ ଟିକେ ବୁଲେଇ ଦେଖାଇ ଦେବନି ? ଆଉ କେତେଟା ଦିନ ଯେ ରହିଲା । ଆମକୁ ପୁଣି ଆମେରିକା ଫେରିଯିବାକୁ ପଡ଼ିବ ଯେ । ଦିନ ଗୁଡ଼ିକ ଯେ କେତେ ଶୀଘ୍ର ଚାଲିଗଲା ତା ମୁଁ ଆଦୌ ଅନୁଭବ କରିପାରିଲି ନାହିଁ ।

ଲୁଇସାର ପ୍ରବଳ ଆଗ୍ରହ ଥିଲା, ଏ ପବିତ୍ର ଉତ୍କଳୀୟ ସଂସ୍କୃତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ଟିକେ ଦେଖିବ ବୋଲି ।

Digitized by srujanika@gmail.com

ମା'ଙ୍କ ଠାରୁ ଅନୁମତି ନେଇ ଉଭୟେ ପୁରୀ ଗଲେ । କାରୁକାର୍ଯ୍ୟ ଖଚିତ ସେହି ବିରାଟ ମନ୍ଦିରକୁ ପ୍ରବେଶ, ଚକିତ ଭାବେ ଅନେଇ ରହିଥିଲା ଲୁଇସା । ବାସ୍ତବିକ୍ ଉତ୍କଳର ଶିଳ୍ପୀ ଅନେକ ଭାବରେ ପ୍ରଶଂସନୀୟ । ପଥର ଗାତ୍ରରେ ନିର୍ଜୀବ ମୂର୍ତ୍ତିରେ କି ସୁନ୍ଦର ଶିଳ୍ପକଳା ଫୁଟାଇ ପାରିଛି ଉତ୍କଳର ଶିଳ୍ପୀ ।

ବଡ଼ ଠାକୁରଙ୍କ ମନ୍ଦିରରୁ ଟିକେ ଗାଏ ସିନ୍ଦୂର ଆଣି ଅମ୍ଳାନ ଲୁଇସାର କପାଳରେ ମାରି ଦେଇ ଦେଇ କହିଲା, "ତୁମ ଦେଶରେ ଗୀର୍ଜାରେ ଫୁଲହାର ବିନିମୟରେ ହୋଇଥିବା ବିବାହ କେତେବେଳେ ଫୁଲହାର ପରି ଛିଣ୍ଡି ପଡ଼ିବ । କିନ୍ତୁ ଆମର ଏହି ପବିତ୍ର ସଂସ୍କୃତିର ଆରାଧ୍ୟ ଦେବତା ଚକାଡୋଳାଙ୍କ ସିନ୍ଦୂରକୁ ତୁମେ ସହଜରେ ପାର୍ଶ୍ୱ ଦେଇ ପାରିବ ନାହିଁ ଲୁଇସା ।"

ଆଜି ଲୁଇସା, ଏକ ଲୟରେ ଅନେଇ ରହିଥିଲା ସେହି କାଳିଆ ଠାକୁରଙ୍କର ବଡ଼ ବଡ଼ କଳା କଳା ଆଖି ଦୁଇଟିକୁ । ଚକାଡୋଳା ଦୁଇଟିରେ ସେ ଦେଖିଥିଲା ଗଭୀର ପ୍ରତ୍ୟୟ, ଦୃଢ଼ ବିଶ୍ୱାସ ଆଉ ବିଶ୍ୱମୈତ୍ରୀ ଭାବ । କେବଳ ଉତ୍କଳୀୟମାନଙ୍କୁ ନୁହେଁ, ସାରା ବିଶ୍ୱବାସୀଙ୍କୁ ତାଙ୍କର ସେ ବିଶାଳ ଭୁଜତଳେ ଆଶ୍ରୟ ପାଇଁ ସେ ଯେପରି ଆହ୍ୱାନ କରୁଛନ୍ତି । ଅନ୍ତରର ଅନ୍ତଃରେ ତାର ଭକ୍ତିର ଏକ ମନ୍ଦାକିନୀ ପ୍ରବାହିତ ହେବାକୁ ଲଗିଲା । ପରମ ଆନନ୍ଦରେ ଠାକୁରଙ୍କ ପଦତଳେ ଭୂଇଁ ଉପରେ ଜୀବନର ପ୍ରଥମ ଥର ପାଇଁ ସେ ମନ୍ତ୍ରମୁଗ୍ଧ ଭଳି ମୁଣ୍ଡିଆ ମାରିଥିଲା ।

ପୁରୀରୁ ଫେରିଲା ପରେ ଲୁଇସା ତା ନିଜ ଭିତରେ କାହିଁକି ଏକ ନୂତନତା ଅନୁଭବ କରୁଥିଲା । ନୂତନ ଅତିଥି ଆଗମନର ସଙ୍କେତ ଜାଣି ମନେ ମନେ ପୁଲକିତ ହେଲା ସେ । ରାତିରେ ଶୋଇଲା ବେଳେ ସେ ଏକଥା ଅମ୍ଳାନ ନିକଟରେ ପ୍ରକାଶ କଲା ।

—"ସତେନା", କହି ଲୁଇସାର ସୁନ୍ଦର କପୋଳ ମୁଖ-ମଣ୍ଡଳରେ ଗଭୀର ପ୍ରେମର ଏକ ସ୍ୱାକ୍ଷର ଆଙ୍କି ଦେଲା ଅମ୍ଳାନ । ଲଜ୍ୟାରେ ତାର ଫୁଲପରି କୋମଳ ମୁହଁଟି ଝାଉଁଳି ପଡ଼ିଲା ।

Digitized by srujanika@gmail.com

ଜନ୍ତା ଚଢ଼େଇ ପରି ଲୁଇସାକୁ ସାଙ୍ଗରେ ଧରି ପ୍ରାକୃତିକ ଶୋଭାର ଭଣ୍ଡାର ଓଡ଼ିଶାର ବହୁ ନଦ, ନଦୀ, ଦର୍ଶନୀୟ ସ୍ଥାନ ଘୂରି ବୁଲିଲେ ଅମ୍ଳାନ । ଆଜି ଲୁଇସା ସତେ କି ହାତରେ ଆକାଶର ଚାନ୍ଦ ପାଇଛି । ତାର ଆନନ୍ଦ କହିଲେ ନସରେ । ପରମ ଆଗ୍ରହରେ ପ୍ରତ୍ୟେକ ସ୍ଥାନର ଗୁରୁତ୍ୱଗୁଡ଼ିକୁ ସେ ଅମ୍ଳାନଙ୍କ ଠାରୁ ବୁଝି ନେଉଥାଏ ।

ଆମେରିକା ଫେରି ଯିବାର ଦିନ ତାଙ୍କର ନିକଟ ହୋଇ ଆସିଲା । ଲୁଇସା ଦେଖିଲା ଯେ ତାର ପାରିବାରିକ ଜୀବନକୁ ସମ୍ପୂର୍ଣ୍ଣ ରୂପେ ସାର୍ଥକ କରିପାରିଛି । ବିଦେଶିନୀ ବୋହୂ ପ୍ରତି ତାର ନୈଷ୍ଠିକ ଶାଶୁଙ୍କର ଅନ୍ତରରେ ଭରି ରହିଥିବା ସମସ୍ତ ଘୃଣାଭାବକୁ ସେ ପୋଛି ଦେଇପାରିଛି । ଏବେ ତାର ଫେରିଯିବାର ପାଳି ।

ନିଜର ଅଧାରହି ଆସିଥିବା ଗବେଷଣାକୁ ସମ୍ପୂର୍ଣ୍ଣ କରିବାକୁ ଲୁଇସାକୁ ସଙ୍ଗରେ ଧରି ମା' ଠାରୁ ବିଦାୟ ନେଇ ଅମ୍ଳାନ ଫେରି ଆସିଲେ ଆମେରିକା । ଆଜି ସେହିଦିନ ଠାରୁ ଲୁଇସାର ଜୀବନର ରଥଚକ ଓଲଟିଗଲା । ଶୀତ ସକାଳର ଘନ କୁହୁଡ଼ି, ସୂର୍ଯ୍ୟଙ୍କ କିରଣର ସ୍ପର୍ଶ ପାଇ ଝଟେ ଉଭାଇଗଲା ପରି ତା ଜୀବନର ସୁଖ ସ୍ମୃତିର ଜ୍ୱାଳା କିନ୍ତୁ ଅନେକ, ସେହି ଜ୍ୱାଳାରେ ସେ ଜଳୁଛି ଅହରହ ହୋଇ ।

ଅମ୍ଳାନ ତା ଜୀବନ ପାତ୍ରକୁ ଭରି ଦେଇଥିଲେ । ଆଜି ଅମ୍ଳାନଙ୍କ ପରେ ଅମ୍ଳାନଙ୍କ ସହ ତାର ବିଗତ ଜୀବନର ସ୍ମୃତିଗୁଡ଼ିକ ବି ଅମ୍ଳାନ ରହିଗଲା ତାର ମାନସ ପଟରେ । ତାଙ୍କ ସ୍ନେହ, ଆଦରର ସ୍ପର୍ଶ ଯେ ମ୍ଳାନ ହେବାର ନୁହେଁ, ନିଷ୍ପ୍ରଭ ହେବାର ନୁହେଁ । କିପରି ବା ଭୁଲିଯିବ, ସେ ସ୍ମୃତିର ଜ୍ୱାଳାକୁ । ଅମ୍ଳାନଙ୍କ ମୃତ୍ୟୁପରେ ତାର ଅମ୍ଳାନଙ୍କ ସହ ବିଭିନ୍ନ ପୋଜ୍‌ରେ ଓ ବିଭିନ୍ନ ସ୍ଥାନରେ ନେଇଥିବା ଫଟୋଗୁଡ଼ିକ ଭରି ରହିଥିବା ଆଲବମ୍‌ଟିକୁ ସେ ତାର ନିଜ ହାତରେ ନଷ୍ଟ କରି ଦେଇଥିଲା ।

ଫଟୋଗୁଡ଼ିକ ଦେଖିଲା ମାତ୍ରେ, ତାର ସେ ବିଗତ ଦିନର ସ୍ମୃତିଗୁଡ଼ିକ ଜୀବନ୍ତ ହୋଇ ତା ହୃଦୟରେ ନିଆଁ ଭଳି ଜଳି ଉଠୁଥିଲା । ଆଖିରୁ ତାର ଗଡ଼ି ପଡ଼ୁଥିଲା ଅବିଶ୍ରାନ୍ତ ଲୋତକର ଧାରା ।

Digitized by srujanika@gmail.com

ସେ ଦିନ ଗୋପାଳପୁର ଯାଇଥିଲେ ନୂଆଦମ୍ପତି। ସମୁଦ୍ରର ସେ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଉପରେ ଦେହକୁ ଦେହ ଲାଗାଲାଗି ହୋଇ ବସିଥିଲେ ଅମ୍ଳାନ ଆଉ ଲୁଇସା। ସନ୍ଧ୍ୟା ନଇଁ ଆସୁଥିଲା। ଅସ୍ତମୁଖୀ ସୂର୍ଯ୍ୟଙ୍କର ଶେଷ ରଶ୍ମି ସମୁଦ୍ରର ସେହି ଦିଗନ୍ତ ବିସ୍ତୃତ ନୀଳ ଜଳରାଶି ଉପରେ। ଏକ ଅପରୂପ ଦୃଶ୍ୟ ରଚି ଚାଲିଥିଲା। ଧୀବରମାନେ ସନ୍ଧ୍ୟା ଆଗମନର ସୂଚନା ପାଇଁ ନିଜ ନିଜର ହୁଲି ଡଙ୍ଗା ଧରି ଫେରି ଆସୁଥିଲେ। ନୀଡ଼ ବାହୁଡ଼ା ପକ୍ଷୀମାନଙ୍କର ମଧୁର କାକଳୀରେ ଦିଗ ବିଦିଗ ଆମୋଦିତ ହେଉଥିଲା।

ଅମ୍ଳାନ ନୀରବରେ ବସି ତାଙ୍କର କେତେକ ଫଟୋ କଲେକସନ୍‌ରେ ବ୍ୟସ୍ତଥିଲେ। ଅମ୍ଳାନଙ୍କ ଏକାଗ୍ରତାରେ କୌଣସି ପ୍ରକାର ବାଧା ନଦେଇ ପାଖରେ ବସି ଲିସା ଓଦା ବାଲିରେ ଏକ ଘର ତୋଳୁଥିଲା ନିବିଷ୍ଟ ଚିତ୍ତରେ। ବାଲି ଘରଟି ତାର ଭୁଷୁଡ଼ି ପଡ଼ିଲା। ଗୁଣୁ ଗୁଣୁ ହୋଇ ଘରକୁ ଆଉଥରେ ତୋଳିବାକୁ ଚେଷ୍ଟା କରେ ସେ। ପୁଣି ସେ ଭାଙ୍ଗେ। ବାରମ୍ବାର ତା ହାତ ତିଆରି ଘରଟି ଭାଙ୍ଗି ଯିବାରୁ ଦେଖି ବ୍ୟସ୍ତ ହୋଇ ଉଠିଲା ସେ।

—"ବାଲି ଘରଟା ଭାଙ୍ଗିଗଲା ବୋଲି, ପିଲାଙ୍କ ପରି ବ୍ୟସ୍ତ ହୋଇପଡ଼ୁଛ ଯେ ଲିସା ?" ମ୍ଳାନ ହସି ପ୍ରଶ୍ନ ତୋଳିଲେ ଅମ୍ଳାନ।

ଅମ୍ଳାନ ଯେ ତା ନିଜର ଲେଖା ଗୁଡ଼ି ଲିସାକୁ ସ୍ଥିର ଦୃଷ୍ଟିରେ କେତେବେଳୁ ଅନାଇ ରହିଥିଲେ ସେଥିପ୍ରତି ଲିସାର ଦୃଷ୍ଟି ନଥିଲା।

ଟିକେ ଲଜ୍ଜିତ ହୋଇ ଲିସା ଉତ୍ତର ଦେଲା, "କେତେଥର ତୋଳୁଛି ଘରଟା କେବଳ ଭୁଷୁଡ଼ି ପଡ଼ୁଛି ଯେ।"

—"ଏ ଦୁନିଆଟା ତ ଏପରି ଲିସା, ଆଜି ଯାହା ଅଛି, କାଲି ହୁଏ ତ ତା ନ ଥିବ। ଆମର ପ୍ରକୃତ ଘର ଯେ ଦିନେ ଏମିତି ଭୁଷୁଡ଼ି ପଡ଼ିବ ଲିସା, ଏଥିରେ ବ୍ୟସ୍ତ ହେବାର କ'ଣ ଅଛି।"

—"ତୁମର ଏ ସବୁ ବାଜେ କଥାଗୁଡ଼ିକ ଶୁଣିବାକୁ ମତେ ଭଲ ଲାଗେ ନାହିଁ।" କୃତ୍ରିମ କ୍ରୋଧ ପ୍ରକାଶ କରି ଉତ୍ତର ଦେଲା ଲୁଇସା।

Digitized by srujanika@gmail.com

—"ବାଜେ କଥା କ'ଣ ? ମଣିଷ ମାତ୍ରେ ହିଁ ମରଣଶୀଳ । ପାଣିଫୋଟକା ପରି ମଣିଷର ଜୀବନ । କିଏ କେବେ କାହାକୁ ଗ୍ୟାରେଣ୍ଟି ଦେଇ କହିପାରିବ ?"

—"ଓଃ ସବୁବେଳେ ତୁମର ସେହି ଫିଲୋସଫିକାଲ କଥା ଗୁଡ଼ାକ । ବାସ୍ତବିକ ତୁମ ମୁହଁରୁ ଏ ଦର୍ଶନ ତଥ୍ୟ ଗୁଡ଼ିକ ଶୁଣିଲେ ମୋ ମୁଣ୍ଡ ଖରାପ ହୋଇଯାଏ ।" କଥା ନ କହି ଅଭିମାନରେ ମୁହଁ ଫୁଲାଇ ବସିଲା ଲିସା । ଅମ୍ଲାନଙ୍କର ସ୍ନେହ ପୂର୍ଣ୍ଣ କଥାରେ ବହୁ ସମୟ ପରେ ତାର ଅଭିମାନ ଭାଙ୍ଗିଲା । ସେଦିନ ଦୁହିଁଙ୍କର ସେହି ମାନ ଅଭିମାନ ଭରା କଥା ଯେ ଦିନେ ତା ଜୀବନ କ୍ଷେତ୍ରରେ ବାସ୍ତବ ହୋଇ ଦେଖାଦେବ, ଏ କଥା ସେଦିନ ଲୁଇସାର କଳ୍ପନାର ବାହାରେ ଥିଲା ।

ସତକୁ ସତ ଭାରତରୁ ଫେରିବାର ହାତଗଣତି ଦିନ କେତେ ବି ଯାଇ ନଥିବ । ଗୋପାଳପୁରର ସମୁଦ୍ରକୂଳର ସେହି ବାଲିଘର ପରି ତାର ସୁନ୍ଦର ଘରଟା ପଲକେ ମାତ୍ରକେ ଭୁଷୁଡ଼ି ଗଲା ।

ସେଦିନ ଖବର ପାଇ ଲୁଇସା ଏକ ପ୍ରକାର ପାଗଳ ପ୍ରାୟ ହୋଇ ଦୌଡ଼ି ଯାଇଥିଲା ଘଟଣା ସ୍ଥଳକୁ । ନିଜେ କାର୍ ଡ୍ରାଇଭ୍ କରି ଖୁବ୍ ସକାଳଠାରୁ ଫାର୍ମକୁ ଯାଉଥିଲେ ଅମ୍ଲାନ । ଅଚାନକ ଭାବେ କାର୍‌ଟା ଆକ୍‌ସିଡେଣ୍ଟ ହେଲା । ଘଟଣା ସ୍ଥଳରେ ପହଞ୍ଚି ଲୁଇସା ଦେଖିଲା ରାସ୍ତାର ଏକ ପାର୍ଶ୍ୱକୁ କାର୍‌ଟା ସମ୍ପୂର୍ଣ୍ଣ ଭାବେ ଓଲଟି ପଡ଼ିଛି । କାର୍ ଭିତରେ ପଡ଼ି ରହିଥିଲା ଅମ୍ଲାନଙ୍କର ଶରୀର । ତାହା ଅମ୍ଲାନଙ୍କର ଶରୀର ନୁହେଁ ତ ରକ୍ତରେ ଜଡ଼ସଡ଼ ଏକ ପିଣ୍ଡୁଳା ଥିଲା । ଠିକ୍ ଯେପରି ଅମ୍ଲାନଙ୍କ ସହ ପ୍ରଥମ ସାକ୍ଷାତ ଦିନ ଅମ୍ଲାନଙ୍କର ଅଚେତ ଶରୀରକୁ ରାଜରାସ୍ତା ଉପରୁ ତୋଳି ନେଇଥିଲା ସେ ନିଜ କାର୍ ଭିତରକୁ, ଆଜି ବି ସେହିପରି ଅମ୍ଲାନଙ୍କର ରକ୍ତରେ ଜଡ଼ସଡ଼ ଦେହଟାକୁ ଉଠାଇ ନେଇ ଏକ ଆବେଗରେ ସେ ଚାଲିଗଲା ହସ୍‌ପିଟାଲକୁ । ହସ୍‌ପିଟାଲରେ ତା ଡାକ୍ତର ଅନ୍ତରଙ୍ଗ ବନ୍ଧୁ ଜୋନ୍ କେମ୍ପଲଙ୍କ ପାଖରେ ଅମ୍ଲାନର ଶରୀରକୁ ରଖିଦେଇ ତାଙ୍କର ପାଦତଳେ ଚେତା ହରାଇ ପଡ଼ିଥିଲା ଲୁଇସା । ତା ପରର ଘଟଣା ଗୁଡ଼ିକ ଥିଲା ନିହାତି ହୃଦୟ ବିଦାରକ ଆଉ ମର୍ମସ୍ପର୍ଶୀ ।

Digitized by srujanika@gmail.com

ଲୁଇସାର ଚେତା ଫେରିବା ପରେ ସେ ଦେଖିଲା, ସେ ନିଜେ ହିଁ ହସ୍‌ପିଟାଲ ବେଡ୍ ଉପରେ ପଡ଼ିରହିଛି । ତା ଶଯ୍ୟାଧାରକୁ ଲାଗି ଛିଡ଼ା ହୋଇଛନ୍ତି ଡଃ କେପ୍‌ଲର ଆଉ ଆଦରଣୀୟା ଡାଲ୍ଡ । ସେ ଦୁଇଜଣଙ୍କ ମୁହଁରେ ବିଷାଦର ଘନଛାୟା ଢାଙ୍କି ହୋଇ ରହିଥିଲା । ସେମାନଙ୍କ ଚକ୍ଷୁରେ ଭରି ରହିଥିବା କରୁଣତାକୁ ପଢ଼ିନେଇ ଆତଙ୍କରେ ଶିହରି ଉଠିଲା ଲୁଇସା । ଛାତି ଭିତରଟା ତାର କମ୍ପରି କୋରି ହୋଇଗଲା । ସେମିତି ନିସ୍ପ୍ରଭ ଆଖିରେ ସେ ଦୁହିଁଙ୍କ ମୁହଁକୁ ଅନାଇ କ୍ଷୀଣ କଣ୍ଠରେ ଲୁଇସା ପଚାରିଲା, "ଅମ୍ଲାନ କିପରି ଅଛନ୍ତି ?" ଲୁଇସାର ପ୍ରଶ୍ନର ଉତ୍ତର ଦେବା ପାଇଁ ଦୁହିଁଙ୍କ ମୁହଁରେ ଭାଷା ନ ଥିଲା । ଥରେ ନିଜର ଆଦରଣୀୟା ମାତୃହରା କନ୍ୟା ଲୁଇସାର ମୁହଁକୁ ଓ ଆଉଥରେ ଅନ୍ତରଙ୍ଗ ବନ୍ଧୁ ଡଃ କେପ୍‌ଲରଙ୍କ ମୁହଁକୁ ଚାହିଁ କାନ୍ଦି ଉଠିଲେ ଡଃ ଡାଲ୍ଡନ୍ । ସମୃଦ୍ଧିଶାଳୀ ନଗରୀ ଆମେରିକାର ଶ୍ରେଷ୍ଠ ବୈଜ୍ଞାନିକ ତଥା ମହାକାଶବିତ୍‌ଙ୍କର ସମସ୍ତ ସାଧନା ସେହି ଅଦୃଶ୍ୟ ହାତର ନିର୍ଦ୍ଦେଶ ନିକଟରେ ଅତି ଗୋପନୀୟ ଭାବେ ହାର୍ ମାନିଗଲା । ଲୁଇସାକୁ ଆଉ କୌଣସି କଥା ଜାଣିବାକୁ ବାକି ରହିଲା ନାହିଁ । ସେ ପୁଣି ଚେତା ଶୂନ୍ୟ ଭାବେ ତା ବେଡ୍ ଉପରେ ଲୋଟି ପଡ଼ିଲା ।

ହସ୍‌ପିଟାଲରେ ପହଞ୍ଚିଲା ବେଳକୁ ଅମ୍ଲାନର ଆଉ କିଛି ନ ଥିଲା । କେପ୍‌ଲର ମତରେ ବାଟରେ ତାର ପ୍ରାଣବାୟୁ ଉଡ଼ି-ଯାଇଥିଲା । ମାତ୍ର ଲୁଇସା ସେ କଥା ଜାଣିପାରି ନଥିଲା । ସେ ମୃତ ଅମ୍ଲାନକୁ ଗୋଟିଏ ଆବେଗରେ ନେଇ ହସ୍‌ପିଟାଲରେ ପହଞ୍ଚି ଯାଇଥିଲା । ଗୋଟିଏ ଦୁର୍ଘଟଣାରୁ ଆରମ୍ଭ ହୋଇ ଠିକ୍ ସେହିପରି ଆଉ ଏକ ଦୁର୍ଘଟଣାରେ ତା ଜୀବନର ସମସ୍ତ ସୁଖ, ସମୃଦ୍ଧିର ଯବନିକା ପଡ଼ିଯାଇଥିଲା ଅତି ନିଷ୍ଠୁର ଭାବରେ ।

ସେହିଦିନ ଠାରୁ ଦୀର୍ଘ ଦିନ ଧରି ହସ୍‌ପିଟାଲରେ ଲୁଇସା । ଡାକ୍ତରମାନେ ପରୀକ୍ଷା କରି ଜଣାଇ ଦେଲେ ଶକ୍ତ ମାନସିକ ଆଘାତ ହେତୁ ସେ ଏପରି ଚେତନା ଶୂନ୍ୟ ଭାବରେ ପଡ଼ିରହିଛି । ତଥାପି ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରି ଲୁଇସାର ଚିକିତ୍ସା ଚାଲିଲା ।

Digitized by srujanika@gmail.com

ଡାକ୍ତରମାନଙ୍କ ଚେଷ୍ଟା ସଫଳ ହେଲା । ଦୀର୍ଘ ଦୁଇମାସ ପରେ ଧୀରେ ଧୀରେ ଲୁଇସାର ଚେତନା ଫେରି ଆସିଲା, ମାତ୍ର ଦେଖାଗଲା ଚେତନା ପାଇବା ପରେ ସେ କେବଳ ସ୍ଥିର ଦୃଷ୍ଟିରେ ଚାହିଁ ରହୁଛି । ମୁହଁରେ ତାର ଭାଷା ନଥିଲା, ଆଖିରେ ତାର ଲୁହ ନଥିଲା । ତା ମନ ଭିତରେ ସୁଖ କି ଦୁଃଖ ତା ଅନୁମାନ କରିବାର ଶକ୍ତି କାହାର ନଥିଲା । ସେ ଥିଲା ନିର୍ବିକାର, ନିଷ୍ପନ୍ଦ । ଡଃ ଡାଲ୍ଟନ୍ ଆଶ୍ଚର୍ଯ୍ୟ ହେଲେ କନ୍ୟାର ଏ ପ୍ରକାର ପରିବର୍ତ୍ତନରେ । ପୁଣି ଚାଲିଲା ଚିକିତ୍ସା । ଚିକିତ୍ସା ବିଜ୍ଞାନର ଶ୍ରେଷ୍ଠ ସାଧକମାନେ ମତଦେଲେ କି ଏକ ଆଘାତରେ ଲୁଇସା ତାର ସମସ୍ତ ବୋଧଶକ୍ତି ହରାଇ ବସିଛି । ସେ ଆଘାତର ତାର ପୂରଣରେ ସେ ତାର ସ୍ୱାଭାବିକତା ଫେରି ପାଇପାରିବ । ବଡ଼ ଚିନ୍ତାରେ ପଡ଼ିଲେ ଡଃ ଡାଲ୍ଟନ୍ । ଲୁଇସାର ଆଘାତ ପରିପୂରଣ ଯେ ନିହାତି ଅସମ୍ଭବ । ମୃତ ଅମ୍ଲାନକୁ ତ ଆଉ ଜୀବଦାନ ଦିଆଯାଇ ନପାରେ ? ଲୁଇସାର ଏପରି ଅବସ୍ଥାରେ ତା ନିଃସଙ୍ଗ ଜୀବନ ପାଇଁ ସାଥୀଟିଏ ଲୋଡ଼ା । ତ ସୁଖ, ଦୁଃଖରେ ଭାଗନେଲା ପରି ସାଥୀ ଏକାନ୍ତ ଆବଶ୍ୟକ ।

ଆମେରିକା ସୋସାଇଟିର ନିୟମ ଅନୁସାରେ ଏଇଟା କିଛି ବିଚିତ୍ର କଥା ନୁହେଁ । ଅମ୍ଲାନ ପରେ ବହୁ ଉଚ୍ଚଶିକ୍ଷିତ ଯୁବକ ଲୁଇସାର ସାଥୀ ପାଇଁ ଆଗେଇ ଆସିବେ, ଏ କଥା ନିଶ୍ଚିତ । ଏ ତ ଭାରତ ନୁହେଁ ଯେଉଁଠିକି କେବଳ ମୃତ ପତିର ସମସ୍ତ ସ୍ମୃତିକୁ ଧରି ରଖି ତାର ଏକାନ୍ତ ଅନୁଗତା ପତ୍ନୀ ନିହାତି ନିଃସହାୟ ଭାବରେ ଜୀବନ କାଟିବ । ମାତ୍ର ପ୍ରଥମେ ଲୁଇସାର ସ୍ୱାଭାବିକତା ଫେରିବାଟା ନିହାତି ଆବଶ୍ୟକ ।

ଡାକ୍ତରମାନେ ମତଦେଲେ ଲୁଇସା କୌଣସି ପ୍ରକାରେ କାନ୍ଦି ଦେଲେ ତା ହୃଦୟର ଦୁଃଖଭାର ଲାଘବ ହୋଇଯିବ ଆଉ ସେ ତାର ସ୍ୱାଭାବିକତା ଫେରି ପାଇପାରେ । ଶେଷରେ ଏକ ଉପାୟ ସ୍ଥିର ହେଲା । ଅମ୍ଲାନ ଓ ଲୁଇସାଙ୍କର ଏକ ଯୁଗ୍ମ ଫଟୋ ତାକୁ ଦେଖାଇ ଦିଆଗଲା । ଡାକ୍ତରମାନଙ୍କର ଅନୁମାନ ସତ୍ୟ । ଫଟୋଟିକୁ କିଛି ସମୟ ସ୍ଥିର ଦୃଷ୍ଟିରେ ଚାହିଁ ରହିଲା ଲୁଇସା । କିଛି ସମୟ ପରେ ଝରି ଝରି କରି ସେ କାନ୍ଦିବାକୁ ଆରମ୍ଭ କଲା । ଅବିଶ୍ରାନ୍ତ ଭାବରେ ତା ଆଖିରୁ

Digitized by srujanika@gmail.com

ବୋହି ଚାଲିଲା ଲୁହର ଧାର । ପଥର ଫାଟି ପାଣି ଝରୁଛି । ତାକୁ ରୋକିବାକୁ ଶକ୍ତି କାହାର ? ଡାକ୍ତରମାନେ ମତ ଦେଲେ ଏଥର ଉପରେ କିଛି କାରଣ ନାହିଁ । ତାକୁ ଘରକୁ ନିଆଯାଇପାରେ । ଲୁଇସା ଧୀରେ ଧୀରେ ତାର ସ୍ୱାଭାବିକତା ଫେରି ପାଇବ ।

ଡଃ ଜାକ୍ସନ କିଛି ପରିମାଣରେ ଆଶ୍ୱସ୍ତି ହେଲେ । ଘରକୁ ଫେରି ଅମ୍ଳାନର ଫଟୋକୁ ଦେଖିଲାପରେ ତାର ଆସ୍ତେ ଆସ୍ତେ ଅତୀତର ବିସ୍ମୃତ ସ୍ମୃତି ସବୁ ଜୀବନ୍ତ ହୋଇ ଉଠିଲା । ଜାକ୍ସନ୍ ତାକୁ ବାରମ୍ବାର ଆଶ୍ୱାସନା ଦେଲେ, "ଅତୀତକୁ ଭୁଲି ଯାଇ ବର୍ତ୍ତମାନକୁ ଦେଖ୍ ମା, ତୋର କିଛି ହୋଇ ନାହିଁ । ତୋ ଭବିଷ୍ୟତ ଅଛି ।" ଆମେରିକାର ପ୍ରଥା ଅନୁଯାୟୀ ଆଉଥରେ ବିବାହ କରିନେବା ପାଇଁ ଲୁଇସା ପକ୍ଷେ କିଛି ଅସୁବିଧା ନଥିଲା । ହେଲେ ଅମ୍ଳାନର ଗଭୀର ପ୍ରେମକୁ ସ୍ମୃତି କରି ସେ ରହିଥିଲା ।

ସେଦିନ ରାତିରେ ସ୍ୱପ୍ନରେ ଅମ୍ଳାନକୁ ଦେଖି ଉଠି ବସିଲା ଲୁଇସା । ଖୁବ ସକାଳୁ କିଛି ଫୁଲତୋଳି ତା ରୁମ୍‌ରେ ଟଙ୍ଗା ହୋଇଥିବା ଅମ୍ଳାନଙ୍କର ସେ ଏନଲାର୍ଜ୍‌ଡ୍ ଫଟୋଟିକୁ ସୁନ୍ଦର ଭାବେ ସଜାଇଲା । ନିର୍ଜୀବ ଫଟୋଟିକୁ ଧରି ଝରଝର କାନ୍ଦି ପକାଇଲା ଲୁଇସା । ଆଉ କହି ଉଠିଲା, "ଅମ୍ଳାନ, ତୁମେ ନା କେବେ କହିଥିଲ, ଭାରତୀୟମାନେ ନିଃସ୍ୱାର୍ଥପର, ତ୍ୟାଗର ସେମାନେ ଜ୍ୱଳନ୍ତ ମୂର୍ତ୍ତି । ଆଜି ନିଜେ ତୁମେ ଏତେ ସ୍ୱାର୍ଥପର, ମତେ ଏକୁଟିଆ ହସି ହସି ଚାଲିଗଲ ।

ଘରର ଦର୍ଜା ସେପଟେ ଠିଆ ହୋଇ ଏ ଦୃଶ୍ୟଟିକୁ ଦେଖୁ ଦେଖୁ କ୍ୟାନେଲ୍‌ଙ୍କ ଆଖିର ଲୁହ ଆଉ ବାଧା ମାନିଲା ନାହିଁ । ତାଙ୍କ ମୁଖ ଓ ଗଣ୍ଡଦେଶକୁ ପ୍ଲାବିତ କରି ଅବାରିତ ଭାବେ ବହି ଆସିଲା ଲୁହର ଧାର । ଏପରି ସ୍ୱର୍ଗୀୟ, ପବିତ୍ର ପ୍ରେମ ସେ କ୍ୱଚିତ୍ ଦେଖିଛନ୍ତି । ଆମେରିକା ପରି କଥା କଥାକେ ଛାଡପତ୍ର ଦେଇ ଅନ୍ୟ ପତି ଗ୍ରହଣ କରିବା ଦେଶରେ ଏ ପ୍ରେମ ଦୁର୍ଲଭ । ଅମ୍ଳାନ ମୃତ ହେଲେ ବି ତାଙ୍କ ପ୍ରତି ଲୁଇସାର ହୃଦୟରେ ଏବେ ବି ଗଭୀର ପ୍ରେମ ରହିଛି । ସେହି ଭଲ ପାଇବାର ଜ୍ୱାଳାରେ ଜଳୁଛି ଲୁଇସା । ଅମ୍ଳାନଙ୍କ ପ୍ରତି ତାଙ୍କର ହିଂସା ହେଲା ।

Digitized by srujanika@gmail.com

ଲୁଇସାର ନିକଟତମ ହୋଇ କ୍ୟାନେଲ୍ ଗଭୀର ସ୍ନେହରେ ତା ମୁଣ୍ଡଟିକୁ ଆଉଁଷି ଦେଇ କହିଲେ, "ଲୁଇସା ସମୟର ନିଷ୍ଠୁର ପ୍ରବାହରେ ସେ କଥା ଲୁଚି ଯାଇଛି, ଆଉ ସେ କଥା କାହିଁକି ? ତାକୁ ମନରୁ ପୋଛିଦିଅ । ଏଇଟା ଭାରତ ନୁହେଁ ଯେ ତୁମେ ମାତ୍ର ଏକ ପତି ଗ୍ରହଣ କରି ପାରିବ । ଆଉ ତାଙ୍କର ମୃତ୍ୟୁରେ ତୁମର ଜୀବନଟାକୁ ହା ହୁତାଶରେ ଭରିଦେବ । ମନ ପରିବର୍ତ୍ତନ କର । ମୁଁ ତୁମକୁ ସୁଖ ଦେବି । କଥା ଦେଉଛି ।

କ୍ୟାନେଲ୍‌ଙ୍କ ସେହି ସ୍ନେହଭରା କଥାରେ କୌଣସି ଉତ୍ତର ଦେଇ ନଥିଲା ଲୁଇସା । କ'ଣ ବା ଉତ୍ତର ଦେବ । ମନରେ ତାର ଭାସି ଉଠିଲା ଦିନକର ସ୍ମୃତି ।

ଦିନେ ଆଦରରେ ଅମାନ କହିଲେ, ଲିସା ମତେ କଥା ଦିଅତ, ଅନ୍ୟ ଆମେରିକାନ୍ ଝିଅଙ୍କ ପରି ତୁମେ ମତେ ଛାଡ଼ି ଅନ୍ୟ ପତି ଗ୍ରହଣ କରିବ ନାହିଁ ତ ? ମୋ ହୃଦୟକୁ ଖାଲି କରି, ଆଉ କାହାକୁ ପରିପୂର୍ଣ୍ଣ କରିଦେବ ନାହିଁତ ?

ଲୁଇସା, ଅମାନଙ୍କ ବାହୁ ବନ୍ଧନ ଭିତରେ ଥାଇ, ତାଙ୍କ ଆଖିରେ ଆଖି ମିଳାଇ କହିଲା, "ଆଜି ତୁମର ଏ କି କଥା, କୌଣସି ଦିନ ତୁମେ କ'ଣ ମୋ ଭଲ ପାଇବାରେ କିଛି ବ୍ୟତିକ୍ରମ ଦେଖିଛ ? ମୋ ଭଲ ପାଇବା, ମୋ ପ୍ରେମରେ ବୋଧେ କିଛି ତ୍ରୁଟି ରହି-ଯାଇଛି, ଯାହା ତୁମ ହୃଦୟକୁ ସ୍ପର୍ଶ କରି ପାରିନାହିଁ ।"

"ନା, ନା ଲିସା ସେପରି ଭାବନାହିଁ । ତୁମ ପ୍ରେମରେ ତୁଳନା ନାହିଁ । ତାହା ମୋ ହୃଦୟର ଯେଉଁ ଗଭୀରତମ ଅଂଶକୁ ଛୁଇଁ ପାରିଛି, ତା ତୁମେ ଜାଣି ପାରିବ ନାହିଁ । ତୁମ ବିନା ମୁଁ ମୁହୂର୍ତ୍ତେ ଚଳି ପାରିବି ନହିଁ ।"

ହସି ହସି ଲୁଇସା କହିଲା, "ହେଲା, କୌଣସି ଦିନ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୁମକୁ ଛାଡ଼ି କୁଆଡ଼େ ଯିବି ନାହିଁ । ଆମେ ଭାରତୀୟ ପତି, ପତ୍ନୀ ହୋଇ ରହିବା । ଏ ଦେଶର ଛାଡ଼ପତ୍ର ପ୍ରଥା ଆମକୁ ସ୍ପର୍ଶ କରି ପାରିବ ନାହିଁ ।

Digitized by srujanika@gmail.com

ଆଜି ଅମ୍ଳାନଙ୍କ ଫଟୋ ପାଖରେ ଲୁଇସାର ଏହି କଥା ମନେ ପଡ଼ିଗଲା । ସେ କାନ୍ଦି କାନ୍ଦି କହିଲା, "ଅମ୍ଳାନ ! ତୁମେ ଭଲ ପାଇବାର ଦାବି ନେଇ ମତେ ଠକି ଦେଇ ଚାଲିଗଲ ଅତି ନିର୍ମମ ଭାବରେ । ତୁମର କଥାର ମୂଲ୍ୟ ତୁମେ ହିଁ ଦେଇ ପାରିଲ ନାହିଁ । ମୁଁ ଏବେ କ'ଣ କରିବି ଅମ୍ଳାନ, ତୁମେ ମତେ ବୁଦ୍ଧି ଦିଅ, ବଳ ଦିଅ । ଥରେ ମୋ ଅବସ୍ଥା ଦେଖ । ତୁମେ ମତେ ନଷ୍ଟ କରିଗଲ ପରେ ତୁମର ମା, ତୁମର ପବିତ୍ର ସ୍ମୃତି ଡାଲୁନ୍‌ଙ୍କୁ ମୋ ଠାରୁ ଛଡେଇ ନେଲେ ଅତି ନିଷ୍ଠୁର ଭାବରେ । ଆହୁରି ମତେ ଅପମାନିତ କରି କହିଲେ, ମୁଁ କୁଆଡ଼େ ତୁମ ମୃତ୍ୟୁ ପାଇଁ ଦାୟୀ । ଆଉ ମୋ ଆଦରର ଡାଲୁନ୍‌କୁ ମୁଁ କୁଆଡ଼େ ବି ତୁମର ପରି ମାରିଦେବି । ଦେଖିଲ ତୁମ ଆଖି ବୁଜିବା ପରେ ତୁମର ସ୍ନେହମୟୀ ମା, ମୋର ମାତୃ ପ୍ରତିମ ଶାଶୂ କିପରି ବଦଳି ଗଲେ ।

କ୍ୟାନେଲଙ୍କର ସମସ୍ତ ପ୍ରବୋଧନା ବ୍ୟର୍ଥ ହେଲା । ଡଃ–ଡାଉନ୍‌ଙ୍କର ଅନ୍ତର୍ଦ୍ଧାନ ପରେ ପରେ ଲୁଇସା ନିଜକୁ ଅତି ନିସହାୟ ମଣି କେବଳ କାନ୍ଦିବାକୁ ଲାଗିଲା । କି ଏକ ଚିନ୍ତାରେ ତାର ଅପୂର୍ବ ସୌନ୍ଦର୍ଯ୍ୟ ମଉଳିଗଲା । ଲୁଇସାର ଏ ପ୍ରକାର ଦୁରବସ୍ଥା କ୍ୟାନେଲଙ୍କୁ ଏକ ଶକ୍ତ ଆଘାତ ଦେଲା । ଦିନେ ସେ ଲୁଇସାକୁ ଡାକି ତାଙ୍କ ପାଖରେ ବସାଇ ପଚାରିଲେ, "ଲୁଇସା ତୁମେ ଉଚ୍ଚ ଶିକ୍ଷିତା, ତୁମେ ଏପରି କାନ୍ଦିଲେ କୌଣସି ସମାଧାନ ହୋଇ ପାରିବ ନାହିଁ । ତୁମେ ତୁମେ ତୁମର ଜୀବନ ସମସ୍ୟା ସମାଧାନ କରିବାକୁ ଚେଷ୍ଟାକର । ମୋର ତୁମର କୌଣସି କଥାରେ ଆପତ୍ତି ନାହିଁ । ତୁମର ସୁଖ, ଶାନ୍ତି ପାଇଁ ମୁଁ ସବୁକିଛି କରି ପାରିବି ।"

କ୍ୟାନେଲଙ୍କ କଥା ଗୁଡ଼ିକୁ ସ୍ତବ୍ଧ ଭାବେ ଲୁଇସା ଶୁଣିଗଲା । କିଛି ସମୟ ନୀରବରେ ବସି କ'ଣ ଚିନ୍ତା କରିବାକୁ ଲାଗିଲା । ତାପରେ ମୁହଁ ଉଠାଇ କ୍ୟାନେଲଙ୍କ ମୁହଁକୁ ସ୍ଥିର ଦୃଷ୍ଟିରେ ଚାହିଁ ରହି କହିଲା, "ତୁମେ ପାରିବ କ୍ୟାନେଲ୍, ମୋ ସୁଖ, ଶାନ୍ତିପାଇଁ ସବୁ କିଛି କରି ପାରିବ । ମତେ କଥା ଦିଅ । ମତେ ଭାରତକୁ ନେଇ ମୋ ପ୍ରାଣର ଡାଲୁନ୍ ନିକଟରେ ଛାଡ଼ିଦେଇ ପାରିବ ? ମତେ କଥା ଦିଅ ।

Digitized by srujanika@gmail.com

ଚମକି ପଡ଼ିଲେ କ୍ୟାନେଲ୍ ଲୁଇସାର ଏ ପ୍ରକାର ଉତ୍ତରରେ । ଗମ୍ଭୀର ଗଳାରେ ଉତ୍ତର ଦେଲେ, "ତୁମେ କ'ଣ ପାଗଳମି ହେଲ ଲୁଇସା, ତୁମେ ତୁମର ଜନ୍ମମାଟି ଆମେରିକା ଛାଡ଼ି ଭାରତ ପରି ଏକ ଦରିଦ୍ର ଦେଶର ନଗଣ୍ୟ ପଲ୍ଲୀଗ୍ରାମ ମଧ୍ୟରେ ଚାଲି ଯାଇବ । ତୁମେ ବୋଧେ ଭାରତୀୟ ସମାଜର କାଇଦା କଟକଣା ବିଷୟରେ ବିଶେଷ କିଛି ଜାଣନାହିଁ । ମୋର ଜଣେ ଭାରତୀୟ ବନ୍ଧୁର ମୃତ୍ୟୁ ପରେ ତା ପତ୍ନୀର ଦୁର୍ଦ୍ଦଶା ମୁଁ ନିଜ ଆଖିରେ ଦେଖିଛି । ସେ ଯନ୍ତ୍ରଣା ସେ କଷ୍ଟ ସହି ନପାରି ବିଚାରୀ ଗ୍ରେଟ ପୁଅଟିକୁ ଛାଡ଼ିଦେଇ ଆତ୍ମହତ୍ୟା କଲା, ତୁମେ ବୋଧହୁଏ ଜାଣିନା ଭାରତୀୟ ସମାଜର ସ୍ୱାମୀହରା ସ୍ତ୍ରୀଟିଏ କି ପ୍ରକାର ଦୁଃଖ, ଦୁର୍ଦ୍ଦଶାରେ ତିଳତିଳ ହୋଇ ଦଗ୍ଧ ହୁଏ । ତୁମ ପରି ଆଧୁନିକା ଶିକ୍ଷିତା ଝିଅଟିଏ ଟାଣି ଓଟାରି ଏପରି ଯନ୍ତ୍ରଣା ମଧ୍ୟରେ ଗୋଡ଼ ପୂରେଇବା ଅନୁଚିତ । ସେ ଉଦ୍ଭଟ କଳ୍ପନାରୁ ବାସ୍ତବତାକୁ ଫେରିଆସ । ତୁମ ଜୀବନର ପ୍ରଶସ୍ତ ଅଂଶ ଏବେ ବାକିଅଛି ।"

"ନା ନା କ୍ୟାନେଲ୍, ମତେ ଏପରି କୁହନାହିଁ । ମୁଁ ଅମ୍ଳାନଙ୍କର ମୃତ୍ୟୁର ଧକ୍କା ସହିଛି, ଆଉ ସବୁ ଧକ୍କା ସହି ପାରିବି । କୌଣସି ପ୍ରକାର ଦୁଃଖ ମତେ ତାଠାରୁ ଅଧିକ ଯନ୍ତ୍ରଣା ଦେଇ ପାରିବ ନାହିଁ । ମୁଁ ପାରିବି, ସବୁ କିଛି ପାରିବି । ମୋର ଆଉ ଅମ୍ଳାନଙ୍କର ସେ ପବିତ୍ର ସ୍ମୃତି ଡାଉନ୍ ପାଖରେ ମୋ ଦିନ ସହଜରେ କଟିଯିବ ।" ଲୁଇସାର କଣ୍ଠସ୍ୱରରେ ଶେଷ ଆଡ଼କୁ ଫୁଟି ଉଠିଥିଲା ଅପୂର୍ବ ଦୃଢ଼ତା ।

ଲୁଇସାର ଉତ୍ତର କ୍ୟାନେଲଙ୍କ ହୃଦୟରେ ଏକ ଶକ୍ତ ଆଘାତ ସୃଷ୍ଟି କଲା । କାରଣ ଲୁଇସାକୁ ସେ ପ୍ରାଣଦେଇ ଭଲ ପାଉଥିଲେ । ତାର କାରଣ ନଥିଲା ଲୁଇସାର ଅପୂର୍ବ ସୌନ୍ଦର୍ଯ୍ୟ । ଲୁଇସାର ସୌନ୍ଦର୍ଯ୍ୟ ଅପେକ୍ଷା ଶତଗୁଣରେ ଅଧିକ ଖୁବ୍ ସୁନ୍ଦରୀ ମାର୍କିନ୍ ଲଳନା ମାନଙ୍କର ଘନିଷ୍ଠ ସଂସ୍ପର୍ଶରେ ସେ ଆସିଛନ୍ତି । ବହୁ ରମଣୀୟ ସ୍ଥାନ ଏକାନ୍ତରେ ସୁନ୍ଦରୀ ତରୁଣୀ ମାନଙ୍କ ସହ ସେ ଭ୍ରମଣ କରିଛନ୍ତି । ହେଲେ କାହାପ୍ରତି ତାଙ୍କର ଏ ପ୍ରକାର ଦୁର୍ବଳତା ସେ ଅନୁଭବ କରି ପାରି ନାହାନ୍ତି । ଲୁଇସାର ସୌନ୍ଦର୍ଯ୍ୟଟା ତାଙ୍କ ପ୍ରତି

Digitized by srujanika@gmail.com

ବଡ଼ କଥା ନୁହେଁ । ଲୁଇସାର ସୌନ୍ଦର୍ଯ୍ୟ ତଳେ ତାର ସ୍ନେହ, ପ୍ରେମର ଭରା ନିର୍ମଳ ମନଟି ହିଁ ତାଙ୍କୁ ଆକର୍ଷଣ କରୁଛି । ଅମ୍ଲାନଙ୍କ ପ୍ରତି ଲୁଇସାର ପ୍ରଗାଢ ପ୍ରେମ ତାଙ୍କୁ ମୁଗ୍ଧ କରୁଛି । ସେମିତିଆ ଶ୍ରେଷ୍ଠ ପ୍ରେମିକାଟିଏ ସେ ନିଜ ପାଇଁ ଖୋଜି ଲୁଇସାକୁ ହିଁ ଉପଯୁକ୍ତ ବିଚାର କରି ତାକୁ ତାଙ୍କର ହୃଦୟ ବେଦୀରେ ଅଧିଷ୍ଠାତ୍ରୀ ଦେବୀରୂପେ ପ୍ରତିଷ୍ଠା କରିଛନ୍ତି । ଡଃ-ଡାଉନଙ୍କଠାରୁ ଲୁଇସାର ଅତୀତ ବିଷୟରେ ସେହି ମର୍ମସ୍ପର୍ଶୀ କଥା ଗୁଡ଼ିକ ଶୁଣି ସାରିଲା ପରେ କ୍ୟାନେଲ୍ ନିଜର ମନକୁ ଅଧିକ ଦୃଢ଼କରି ଲୁଇସାକୁ ନିଜର କରିବାକୁ ଆଗେଇ ଆସିଛନ୍ତି । ସେ ଭାବିଥିଲେ କ୍ୟାନେଲଙ୍କ ଗମ୍ଭୀର ପ୍ରେମରେ ଉବୁଟୁବୁ ହୋଇ ଲୁଇସା ତାର ହଜିଲା ଅତୀତକୁ ଭୁଲିଯିବ ଆଉ ସେ ପୁଣି ତାର ସ୍ୱାଭାବିକତା ଫେରି ପାଇବ । ତାଙ୍କ ସହ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବ ।

ମାତ୍ର ଜଣେ ଭାରତୀୟ ଯୁବକର ପ୍ରେମ ଯେ ଏପରି ଗମ୍ଭୀର ଭାବେ ତା ହୃଦୟକୁ ଜଡ଼ାଇ ରଖିଛି, ଏହାଥିଲା ତାଙ୍କ କଳ୍ପନାର ବାହାରେ, ସେ ଦେଖିଲେ ଲୁଇସାର ମନକୁ କୌଣସି ପ୍ରକାର ମୃତ ଅମ୍ଳାନଠାରୁ ଫେରାଇ ଆଣି ହେବନାହିଁ । ସେମାନଙ୍କର ପ୍ରେମ ଏତେ ଗମ୍ଭୀର ଯେ ଲୁଇସା ଆଉ କୌଣସି ପୁରୁଷଙ୍କୁ ତା ହୃଦୟରେ ସ୍ଥାନ ଦେବନାହିଁ । ଅମ୍ଲାନ ମୃତ ହେଲେ ବି ତା ହୃଦୟ ଆକାଶରେ ଚିର ଦିନ ଏକ ଉଜ୍ଜଳ ନକ୍ଷତ୍ର ହୋଇ ଜଳୁଥିବେ । ଆଉ ଯେ କୌଣସି ପରିସ୍ଥିତି ଆସୁପଛେ ଲୁଇସା କୌଣସି ମତେ ତାଙ୍କ ହୃଦୟଭରା ପ୍ରମକୁ ସହଜରେ ଗ୍ରହଣ କରିବ ନାହିଁ । ଶେଷରେ ତାର ଇଚ୍ଛା ପୂରଣ ଲାଗି ସେ ନିଜ ମନକୁ ଦୃଢ଼କଲେ ।

ଲୁଇସାର ଇଚ୍ଛା ପୁରଣ କଲେ କ୍ୟାନେଲ୍ । ଆଉ ଲୁଇସା ଭାରତକୁ ଫେରିଯିବା ପରେ ଲୁଇସାର ପ୍ରେମକୁ ସମ୍ବଳ କରି ଚିର ଅବିବାହିତ ରହି ସେ ଦିନ ଗୁଡ଼ିକ କଟାଇବାରେ ଲାଗିଲେ ।

ଏଥର ଡାଏରୀଟିକୁ ପଢ଼ିବାର ମନୋନିବେଶ କଲେ କ୍ୟାନେଲ । ମୁଁ ବର୍ତ୍ତମାନ ପୃଥିବୀଠାରୁ ବହୁ ଦୂରରେ । କେବଳ ମୋ ଜନ୍ମମାଟି ପୃଥିବୀ ନୁହେଁ, ଆମ ସୌର ଜଗତଠାରୁ ବହୁ ଦୂରରେ । ତଥାପି ଆଶା ରଖିଛି ମୁଁ ମୋ ବିଜ୍ଞାନ ବଳରେ ଦିନେ ନା ଦିନେ

Digitized by srujanika@gmail.com

ଏମାନଙ୍କଠାରୁ ମୁକ୍ତି ପାଇ ମୋ ପୃଥିବୀ ମା କୋଳକୁ ଫେରିଯିବି । ସେଇ ଆଶାନେଇ ଏ ଗ୍ରହଟିର ପ୍ରତ୍ୟେକ କଥା ଆଜି ମୋର ଦୈନନ୍ଦିନର ଡାଏରୀ ମୁଁ ଲିପିବଦ୍ଧ କରିଗଲି ଏଥିରେ ।

ପୃଥିବୀ ପୃଷ୍ଠକୁ ଫେରିବାକୁ ଆଉ ମାତ୍ର ଦୁଇଘଣ୍ଟା ସମୟ ବାକିଥିଲା ମୋ ହାତରେ । ହଠାତ୍ ମୋର ମନେହେଲା ମୋ ମହାକାଶଯାନଟି କୌଣସି ଏକ ଅଜଣା ଆକର୍ଷଣରେ ଆକର୍ଷିତ ହୋଇ ତାର ଗତିପଥ ବଦଳାଇଛି । ମନେ ପଡ଼ିଗଲା ମୋର ଅନ୍ୟାନ୍ୟ ପାଇଲଟ ମାନଙ୍କ ଦୁର୍ଦ୍ଦଶା । ତଥାପି ମନକୁ ସ୍ଥିର କଲି । ଚେଷ୍ଟାକଲି ମୋ ଯାନଟିର ଗତିପଥ ବଦଳାଇବା ପାଇଁ । ସମସ୍ତ ଚେଷ୍ଟା ମୋର ବିଫଳ ହେଲା । କ୍ରମେ କ୍ରମେ ଅଜଣା ଆକର୍ଷଣର ପ୍ରଭାବରେ ଯାନଟି ମୋର ଖୁବ୍ ଗତିଶୀଳ ହେଲା । ମତେ ଲାଗିଲା ଯେପରି ଆଲୋକର ପରିବେଗରେ ହିଁ ଯାନଟି ମୋର ଗତି କରୁଛି । ତାପରେ କ'ଣ ହେଲା ମୁଁ କିଛି ଜାଣିପାରି ନାହିଁ ।

ମୋର ଯେତେବେଳେ ଚେତା ଫେରି ଆସିଲା ଆଖି ଖୋଲି ଦେଖିଲି ମୁଁ ଏକ କାଚ ନିର୍ମିତ ଘରେ ଶୋଇ ରହିଛି । ଘରସାରା ଉଜ୍ଜ୍ୱଳ ନୀଳ ଆଲୋକର ବନ୍ୟା । ଏକ ନରମ ଶଯ୍ୟାରେ ମୁଁ ଶୋଇ ରହିଥିଲି, ମୁଁ ଯେ କେଉଁଠି, ମନେ ପକାଇବାକୁ ଚେଷ୍ଟାକଲି । ମୁଣ୍ଡ ଭିତରଟା କିପରି ଗୋଳମାଳିଆ ହୋଇଗଲା । ଘରର ପରିବେଶ କାଚ ଦେଇ ବାହାରକୁ ଅନାଇଲି, ବାହାରର ମତେ କିପରି ନୂଆ, ନୂଆ ବୋଧ ହେଲା । ମୁଁ କିଛି ଜାଣି ପାରିଲି ନାହିଁ । କିଛି ସମୟ ପରେ ସେ ଘର ଭିତରେ ଏକ ଅଦ୍ଭୁତ ଧରଣର ମଣିଷ ପାଦଦେଲା । ମଣିଷଟିକୁ ଦେଖି ମୋ ଦେହ କିପରି ଶୀତେଇ ଉଠିଲା । ତା ଦେହର ରଙ୍ଗ ଗୋଲାପୀ ଆଉ ତାର ଦେହର ପୋଷାକ ଅଦ୍ଭୁତ ଭାବେ ଚକ୍ ଚକ୍ କରୁଥିଲା । ଏପରି ପୋଷାକ କେଉଁଠି ଦେଖି ଥିବାର ମୋର ମନେ ପଡ଼ିଗଲା । ମନେ-ପକାଇବାକୁ ଚେଷ୍ଟାକଲି । ଥରେ ଓ୍ୱାଂସିଂଟନ୍ ସହର ଉପକଣ୍ଠରେ ଏକ ଭାରତୀୟ ନୃତ୍ୟଦଳ ନୃତ୍ୟ ପରିଦର୍ଶନ କରୁଥିଲେ । ସେମାନେ 'ଶକୁନ୍ତଳା' ନାମକ ନାଟକ ଅଭିନୀତ କରୁଥିଲେ । ଉକ୍ତ ଡ୍ରାମାରେ ମେନ୍‌ପାର୍ଟ କରୁଥିବା ଦୁଷ୍ମନ୍ତ ଏପରି ଏକ ପୋଷାକ ପିନ୍ଧିଥିଲା ।

Digitized by srujanika@gmail.com

ଲୋକଟି ମତେ କିଛି କହିଲା । ତାର ପାଟିରୁ ଶବ୍ଦ ଉଚ୍ଚାରଣ ହେବାର ମୁଁ ଜାଣିଲି । ମାତ୍ର ମୁଁ ଗୋଟିଏ ବି ଶବ୍ଦ ବୁଝିପାରିଲି ନାହିଁ । ଲୋକଟି କ'ଣ ବୁଝିଲା କେଜାଣି ଏକ ଯନ୍ତ୍ର ଦ୍ୱାରା ମୋର ସମଗ୍ର ଶରୀରକୁ ପରୀକ୍ଷା କରିବାରେ ଲାଗିଲା । ତା ପରେ ହାତ ହଲାଇ ଚାଲିଗଲେ । ମୁଁ ଯେ କେଉଁଠି, ଏ ବିଚିତ୍ରଧାରୀ ମଣିଷ ଯେ କିଏ ? ତାହା ମୁଁ କିଛି ବୁଝିପାରିଲି ନାହିଁ । ମୋର କେତେକ ଜରୁରୀ କାର୍ଯ୍ୟଲାଗି ମୁଁ କିଛିଦିନ ଫିଲାଡେଲଫିଆ ବନ୍ଦରରେ ଅବସ୍ଥାନ କରୁଥିଲି । ସେଠାରେ ପ୍ରାୟ ସବୁ ଦେଶର ଲୋକଙ୍କୁ ମୁଁ ଜାହାଜରୁ ଓହ୍ଲାଇବାର ଦେଖିଛି । ମାତ୍ର ଏପରି ବିଚିତ୍ର ପୋଷାକଧାରୀ ମନୁଷ୍ୟ ତ ମୁଁ ଦେଖି ନାହିଁ । ଏମିତି ନାନା ଭାବନାର ଖିଅ ମୋ ମୁଣ୍ଡ ଭିତରେ ମେଲିଗଲା । ଏହା ଭିତରେ ମୁଁ ପୁଣି ନିଦରେ ଶୋଇଗଲି ।

ନିଦ ଭାଙ୍ଗିଲା ପରେ ମତେ ଭୀଷଣ ଭୋକ ଲାଗିଲା । ମୁଁ ପୁଣି ସେହି ଲୋକଟିକୁ ସେଠାରେ ଦେଖିଲି । ପାଟି ଦେଖାଇ ଠାରିବା ଛଡ଼ା ମୋର ଅନ୍ୟ ଉପାୟ ନଥିଲା । କାରଣ ଆମେ କେହି କାହାର ଭାଷା ବୁଝିପାରୁ ନଥିଲୁ । ଲୋକଟି କିନ୍ତୁ ଠିକ୍ ବୁଝିପାରିଥିଲା । ପ୍ରାୟ ଦୁଇ, ତିନିଘଣ୍ଟା ଗୁଡ଼ି ସେ ମୋତେ ଆମ ପୃଥିବୀ ପରି ଖାଦ୍ୟ ଖାଇବାକୁ ଦେଲେ । ଏକ ଆଶ୍ଚର୍ଯ୍ୟଜନକ ଅଜଣା ରାଜ୍ୟରେ ମୁଁ ଆମ ପୃଥିବୀର ଖାଦ୍ୟ ଖାଇ ଆଶ୍ଚର୍ଯ୍ୟାନ୍ୱିତ ହେଲି । ମୋ ମୁହଁ ଓ ଆଖିରୁ ଲୋକଟି ବୁଝିନେଲା ଯେ ମୁଁ ମୋ ମନ ମୁତାବକ ଖାଦ୍ୟ ଖାଇ ଖୁବ୍ ଆଶ୍ଚର୍ଯ୍ୟ ହେଲି । ପରେ ସେଠାକାର ଜଣେ ବୈଜ୍ଞାନିକ ମତେ ବୁଝାଇ ଦେଲେ କିପରି ସେମାନେ ମତେ ମୋ ମନ ମୁତାବକ ଖାଦ୍ୟ ଦେଇପାରିଥିଲେ । ବାସ୍ତବିକ୍ ଖୁବ୍ ଉନ୍ନତ ଥିଲା ସେମାନଙ୍କ ବିଜ୍ଞାନ ।

ମୋର ମସ୍ତିଷ୍କର ଚିନ୍ତା ତରଙ୍ଗକୁ ସେ ଘରଟିରେ ଖଞ୍ଜା ଯାଇଥିବା କମ୍ପ୍ୟୁଟର ଗ୍ରହଣ କରି ବିଶ୍ଳେଷଣ କରୁଥିଲା । ସେଥିରୁ ସେ ଖାଦ୍ୟ ଚିନ୍ତାତରଙ୍ଗଗୁଡ଼ିକୁ ବାଛିନେଲା । ପୁଣି ଏହି ଚିନ୍ତାତରଙ୍ଗଗୁଡ଼ିକୁ ବିଶ୍ଳେଷିତ କରି ଖାଦ୍ୟର ମୌଳିକ ଗଠନ ପ୍ରଣାଳୀଗୁଡ଼ିକ ଜାଣିନେଲା । ତତ୍ପରେ ସଂଗୃହୀତ ତଥ୍ୟଗୁଡ଼ିକ ଗବେଷଣାଗାରକୁ ପଠାଇ ଦିଆଗଲା । ମନେ କରାଯାଉ ଖାଦ୍ୟ ସମ୍ପର୍କିତ ଚିନ୍ତାତରଙ୍ଗକୁ ବିଶ୍ଳେଷଣ କରି ଗହମ ଜାଣିପାରି ଖାଦ୍ୟ ସମ୍ପର୍କିତ ତରଙ୍ଗ ବାଛିହେଲା । ତାକୁ

Digitized by srujanika@gmail.com

ସମ୍ପ୍ରସାରଣ କରି ଦେଖାଗଲା ସେଥିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ପାଣି, ସକରା ଆଦି ଯୌଗିକ ଅଛି । ତାପରେ ପୁନର୍ବାର ବିଶ୍ଳେଷଣ କରି ତାର ଗଠନ ପ୍ରଣାଳୀ ଜାଣିବାପରେ ତହିଁରେ ଥିବା ମୌଳିକ ଉପାଦାନ ସାହାଯ୍ୟରେ ତାହା ତିଆରି କରାଗଲା । ବାସ୍ତବିକ୍ ସେମାନଙ୍କର ଏ ପ୍ରକାର ଉନ୍ନତ ବୈଜ୍ଞାନିକ ପ୍ରଣାଳୀର ବିଶ୍ଳେଷଣକୁ ପ୍ରଶଂସା କରିବାର କଥା । ଏପରି ଆଶ୍ଚର୍ଯ୍ୟଜନକ ଉପାୟରେ ଖାଦ୍ୟ ତିଆରି ପାଇଁ ସେମାନଙ୍କୁ ସମୟ ଲାଗିଥିଲା ଆମ ସମୟ ଅନୁସାରେ ମାତ୍ର ତିନି ଘଣ୍ଟା । ଏଠାରେ କହିବା ବାହୁଲ୍ୟ ଯେ ମତେ ଯେଉଁ କାଚ ଘରେ ରଖାଯାଇଥିଲା ତାହା ଏକ ଗବେଷଣାଗାର ।

ସେମାନେ ମୋର ସେବା, ଯତ୍ନ ଆଦି ବେଶ୍ କରୁଥିଆନ୍ତି । ମାତ୍ର ମୋ ମୁଣ୍ଡରେ ଗୋଟିଏ ପ୍ରଶ୍ନ । ଏ କେଉଁ ସ୍ଥାନ, ମୁଁ କିପରି ଆସିଲି ? କିଛି ଦିନପରେ ମୁଁ ସେମାନଙ୍କର ଭାଷା ଶିଖିଗଲି । ମୁଁ ତାଙ୍କୁ ପ୍ରଥମେ ପ୍ରଶ୍ନ କଲି ମୁଁ ବର୍ତ୍ତମାନ କେଉଁଠି ? ଲୋକ ଜଣକ ମତେ ଉତ୍ତର ଦେଲେ ମୁଁ ପୃଥିବୀ ଠାରୁ ବହୁ ଦୂରରେ । ପୃଥିବୀର ନିକଟବର୍ତ୍ତୀ ଆଣ୍ଡ୍ରୋମେଡ଼ା ଗ୍ୟାଲକ୍ସିର 4X7001 ଗ୍ରହଣରେ ଚକିତ ହେଲି ମୁଁ । ମୁଁ ଯେ ମୋ ପ୍ରିୟ ଆମେରିକା ଆଉ ପୃଥିବୀଠାରୁ କେତେ ଆଲୋକ ବର୍ଷ ଦୂରରେ । ତା'ପରେ ପଚାରିଲି ମତେ ଏଠାରେ ଏପରି ଭାବେ ରଖିବାର ଉଦ୍ଦେଶ୍ୟ କ'ଣ ?

ଲୋକ ଜଣଙ୍କ ଅଳ୍ପ ହସି କହିଲେ ଆପଣ ପୃଥିବୀବାସୀ ତ ? କାଳେ ପୃଥିବୀରୁ ଆପଣଙ୍କ ଦେହରେ କିଛି ରୋଗର ଜୀବାଣୁ ଆସିଥିବ ସେଥିପାଇଁ ଏମିତି ରଖି ଜର୍ମଟେଷ୍ଟ କରାଯାଉଛି । ତା ଛଡ଼ା ଆପଣ ବହୁତ ଦୁର୍ବଳ ଅଛନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହୁଅନ୍ତୁ । ସବୁ କଥା ଜାଣି ପାରିବେ । ମତେ ଆଉ ସେଦିନ ଭଲ ଭାବରେ ନିଦ ହେଲାନାହିଁ । ମୋର ବାରମ୍ବାର ଲୁଇସା କଥା ମନେ ପଡ଼ିଲା । ତାକୁ କ୍ୟାନେଲ୍‌ଙ୍କ ହାତରେ ସମର୍ପି ଦେଇ ଆସିଥିଲି ସତ, ମାତ୍ର ସେ କ'ଣ କ୍ୟାନେଲ୍‌ଙ୍କୁ ଗ୍ରହଣ କରିଥିବ ? କ'ଣ ହୋଇଥିବ ତାର ଭବିଷ୍ୟତ । ଆଃ ମନେ ହେଲା ଏହି ମୁହୂର୍ତ୍ତରେ ଏଇ ଗ୍ରହରୁ କେମିତି ମୁକ୍ତି ପାଇ ଚାଲି ଯାଆନ୍ତି । ମାତ୍ର ମୁଁ ଯେ ମୋ ଆୟତ୍ତର ବାହାରେ ।

କେତେଦିନ ପରେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଗଲି । ତାଙ୍କ ଗ୍ରହର କୁର୍ବାଲ ନାମକ ଜଣେ ବୈଜ୍ଞାନିକ ମତେ ସଙ୍ଗରେ ନେଇ

Digitized by srujanika@gmail.com

ସେହି ଅଞ୍ଚଳଟି ବୁଲିବାକୁ ଗଲେ । ସେ ଅଞ୍ଚଳର ଅବସ୍ଥା ଦେଖି ମତେ ଭାରି ଆଶ୍ଚର୍ଯ୍ୟ ଲାଗିଲା । ସେ ଅଞ୍ଚଳର ଅଧିକାଂଶ ସ୍ଥାନରେ ସୁନ୍ଦର ସୁନ୍ଦର କୋଠା, ଘର ସାମ୍ନାରେ ଗାଧୁଆ କୁଣ୍ଡ, ପଥର ନିର୍ମିତ ପୋଖରୀମାନ ରହିଅଛି । ପଚାରି ବୁଝିଲି ତାହା ଏକ ସହର । ସେହି ସହରର ନାମ ଆଣ୍ଡ୍ରୋମନ । ରାସ୍ତାଗୁଡିକ ପ୍ରଶସ୍ତ । ମାତ୍ର ଆଶ୍ଚର୍ଯ୍ୟର କଥା ସେ ସହରର ବହୁ ଅଂଶ ମୁଁ ଓ କୁବାଲି ବୁଲିଲୁ ମାତ୍ର ସେଠାକାର ଲୋକସଂଖ୍ୟା ଖୁବ୍ କମ୍ । ମୁଁ ପଚାରିଲି ଏତେ ବଡ଼ ଉନ୍ନତ ସହର ଲୋକ କେମିତି ଏତେ କମ୍ ବାସ କରୁଛନ୍ତି ।

କୁବାଲି ହସି ହସି ଉତ୍ତର ଦେଲେ, "ସେଇଥି ପାଇଁ ତ ଆମେ ଆପଣଙ୍କୁ ପୃଥିବୀରୁ ଚୋରି କରି ଆଣିଛୁ । ଏଇଠି ତ ଯାହା ଅଳ୍ପ ଲୋକ ଦେଖୁଛନ୍ତି । ଗୋଟିଏ ଗୋଟିଏ ସହର ଆମ ଦେଶରେ ରହିଛି ଯାହା କି ସମ୍ପୂର୍ଣ୍ଣ ଜନଶୂନ୍ୟ । ଏପରି କି ସେଠାରେ କୌଣସି ଜୀବନ୍ତ ପ୍ରାଣୀ ବି ନାହାନ୍ତି ।"

ଏତେ ଉନ୍ନତ ଗ୍ରହଟି ଏପରି ଜନଶୂନ୍ୟ କପରି ହେଲା । କାହିଁକି ? ଏପରି କି କୌଣସି ଉଦ୍ଭିଦ ବି, କେଉଁଠାରେ ଦେଖିବାକୁ ପାଉନାହିଁ ।

କୁବାଲି ଉତ୍ତର ଦେଲେ, "ଆପଣ ଯେତେବେଳେ ଏ ଗ୍ରହର ସ୍ଥାୟୀ ଅଧିବାସୀ ହେଲେଣି ମୁଁ ଆପଣଙ୍କୁ ସବୁକିଛି କହିବି । ଏବେ ଆସନ୍ତୁ ନା ଆପଣଙ୍କୁ ଏକ ଭଲ ସ୍ଥାନକୁ ନେଇଯିବି ।

ମତେ ସେ ଜଣଙ୍କ ଗୃହକୁ ନେଇଗଲେ । ସେ ଗୃହକର୍ତ୍ତାଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ସେ ବେଲଭିଆ ସହରର ଏକ ଅଧିବାସୀ ଓ ମୋର ଜଣେ ଘନିଷ୍ଠ ବନ୍ଧୁ । ମତେ ଏକ ପ୍ରକାର କୁଣ୍ଢାଇ ଧରି କହିଲେ ଶେଷରେ ଆପଣଙ୍କ ପରି ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଏ ବିପଦରୁ ରକ୍ଷା ପାଇପାରିଲେ ନାହିଁ । କଥା ଶେଷ ବେଳକୁ ତାଙ୍କ କଣ୍ଠ ଥରି ଉଠିଲା ଦୁଃଖରେ । ତାଙ୍କ ଘର ସାଜସଜ୍ଜାରୁ ଜାଣିପାରିଲି ସେ ଏଠାରେ ଖୁବ୍ ଖୁସିରେ ଅଛନ୍ତି । ହେଲେ ଜନ୍ମ ମାଟିକୁ ଫେରି ଯିବା ଲାଗି ସେ ସଦା ସର୍ବଦା ବ୍ୟାକୁଳ ।

କୁବାଲି ଖୁବ୍ ଖୁସିରେ ମୋତେ ବାଟରେ ପଚାରିଲେ ଆପଣ ଜଣେ ବିଖ୍ୟାତ ବୈଜ୍ଞାନିକ ଅର୍ଥାତ ମତେ ତ ବତେଇଦେଲେ ଏ କଥା

Digitized by srujanika@gmail.com

କରି ନାହାନ୍ତି । ଯାହା ହେଉ ଆପଣ ନିଶ୍ଚୟ ଆମକୁ ସାହାଯ୍ୟ କରିବେ ।

ଆଚ୍ଛା ଆମ ପୃଥିବୀର ଲୋକ ଏଠାରେ ରହି ସନ୍ତାନ ଉତ୍ପନ୍ନ କଲେ କପରି ?

ସେ ଉତ୍ତର ଦେଲେ, "ଆପଣଙ୍କ ପୃଥିବୀରୁ ଲୋକମାନଙ୍କୁ ଆଣିବାର ଏକମାତ୍ର କାରଣ ହେଲା, ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଆମ ଗ୍ରହର ମାଧ୍ୟାକର୍ଷଣ ଶକ୍ତି ସହ ସମାନ । ତେଣୁ ପୃଥିବୀ ବାସୀଙ୍କର ଏଠାରେ ଆସି ସନ୍ତାନ ଉତ୍ପନ୍ନ କରି ଚଳିବା ପାଇଁ ବିଶେଷ ଅସୁବିଧା ହେବ ନାହିଁ । କେବଳ ପ୍ରାକୃତିକ ପରିବେଷର କେତେକ ତଫାତ୍ ଯୋଗୁଁ ଆମ ଗ୍ରହର ମନୁଷ୍ୟ, ପୃଥିବୀର ମନୁଷ୍ୟମାନଙ୍କ ଠାରୁ ଆକୃତି ଓ ଦେହର ରଙ୍ଗରେ ଭିନ୍ନ ହୋଇଛନ୍ତି ।

ତା ଛଡା କୁବାଲ ମତେ ଆଉ ଦୁଇଜଣ ପୃଥିବୀ ବାସୀଙ୍କ ନିକଟକୁ ନେଇଗଲେ । ସେମାନେ ଦୁଇଜଣ ବିଖ୍ୟାତ ପାଇଲଟ୍ । ମୁଁ ଫିଲାଡେଲ୍‌ଫିଆ ବନ୍ଦରରେ ଅବସ୍ଥାନ କରୁଥିବା ସମୟରେ ସେମାନଙ୍କ ମଧ୍ୟରୁ ଜଣକ ସହ ମୋର ପରିଚିତ ଥିଲା । ସମସ୍ତଙ୍କୁ ଦେଖି ସାରିଲା ପରେ ମୁଁ କ୍ୟାନେଲଙ୍କ କଥା ଚିନ୍ତା କଲି । ଆମ ପୃଥିବୀର ଆଟଲାଣ୍ଟିକ୍ ମହାସାଗର ଉପରେ ଥିବା ସେହି ରହସ୍ୟମୟ ସ୍ଥାନଟିରୁ ପାଇଲଟ୍ ସହ ଜାହାଜମାନେ ଯେ କେଉଁଆଡେ ହରଣଚାଲ ହେଉଥିଲେ । ତାହା ମୋ ଆଖି ଆଗରେ ସ୍ପଷ୍ଟ ହୋଇଗଲା ।

ମୁଁ କୁବାଲକୁ ପଚାରିଲି, ଏବେ ଆପଣଙ୍କର ସମସ୍ତ କାର୍ଯ୍ୟ ମୋ ନିକଟରେ ସ୍ପଷ୍ଟ ହେଲା । ଏଥର କୁହନ୍ତୁ ନା ଆମକୁ ଅପହରଣ କଲେ କାହିଁକି ? ଯେଉଁ ଦିନ କୁବାଲ ମୋ ଆଗରେ ଯାହା ପ୍ରକାଶ କଲେ ତାହା ମୁଁ ଗୋଟି ଗୋଟି କରି ମୋ ଡାଏରୀରେ ଲିପିବଦ୍ଧ କରୁଛି । ଏ ପର୍ଯ୍ୟନ୍ତ ମୋର ଆଶା ରହିଛି, ବିଜ୍ଞାନ ବଳରେ ଦିନେ ନା ଦିନେ ନିଶ୍ଚୟ ମୁଁ ମୋ ପୃଥିବୀକୁ ଫେରିଯିବି । ଆଉ ପୃଥିବୀର ବୈଜ୍ଞାନିକ-ମାନଙ୍କୁ ଏହି ନୂତନ ଗ୍ରହର ଉନ୍ନତ ବୈଜ୍ଞାନିକମାନଙ୍କ ଗବେଷଣା ସମ୍ବନ୍ଧରେ ନୂତନ ଜ୍ଞାନ ଦେବି । ଆମ ବୈଜ୍ଞାନିକମାନେ ଜାଣନ୍ତୁ, ଅନ୍ୟ ଏକ ସୌରଜଗତର ଅନ୍ତର୍ଗତ ଅନ୍ୟ ଏକ ଗ୍ରହ କପରି

Digitized by srujanika@gmail.com

ପୃଥିବୀଠାରୁ ବିଜ୍ଞାନ ଦିଗରେ ଢେର ଉନ୍ନତ, ଆଉ ଲୁଇସାକୁ ଦେଖି ମୋ ମନରେ ଟିକିଏ ଶାନ୍ତି ଦେବି ।

କ୍ୟାମେଲ ଏଇଠି ଡାଏରୀ ପତ୍ରା ବନ୍ଦ କରି କ୍ଷଣକ ଲାଗି ଅନ୍ୟମନସ୍କ ହୋଇପଡ଼ିଲେ । ଡଃ ଡାଉନଙ୍କର ପ୍ରିୟତମା କନ୍ୟା ଲୁଇସା ପାଇଁ କି ବ୍ୟାକୁଳତା । ଲୁଇସାକୁ ଭାରତରେ ଛାଡ଼ି ଆସିବା ଘଟଣା କ୍ଷଣକ ପାଇଁ କ୍ୟାମେଲଙ୍କ ସ୍ମୃତିପଟରେ ଭାସି ଉଠିଲା । ଲୁଇସାକୁ ଅମ୍ଳାନଙ୍କ ବୋଉ ସହଜରେ ଗ୍ରହଣ କଲେ ନାହିଁ । ଡାଉନ୍ ମଧ୍ୟ ଲୁଇସାର ମାତୃତ୍ୱ ଜାଣିପାରିଲା ନାହିଁ । ଛୋଟ ବେଳୁ ସେ ଏଇଠି । ପିତୃମାତୃ ପରିଚୟ ସମ୍ବନ୍ଧ ପାଇଁ ତା ପାଖରେ ଅଜଣା ରହିଯାଇଛି । ତଥାପି ସବୁ ସହି ଲୁଇସା ସେହି ପରିବାରରେ ତା ସ୍ଥାନକୁ ସୁଦୃଢ଼ କରିନେଲା । ସେଥିପାଇଁ କି ଆତ୍ମତ୍ୟାଗ । କି କଠୋର ସାଧନା ତାର । ତାର ସେ ସୁନ୍ଦର ରୂପ ତଳେ ଯେ ଏତେ ସୁନ୍ଦର ଗୁଣ ରହିଥିଲା ତାହା କ୍ୟାମେଲଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ଡାଉନ୍‌ର କଅଁଳ ଛନ୍ନ ଛନ୍ନ ଫୁଲିଲା ଫୁଲିଲା ଗାଲରେ ବୋକ ଦେଲେ ଲୁଇସା ସବୁ ଦୁଃଖ ଭୁଲିଯାଏ । କ୍ୟାମେଲଙ୍କର ସେଠାରେ ଅଳ୍ପଦିନ ରହଣି ଭିତରେ ଦିନେ ଏକାନ୍ତରେ ଲୁଇସାକୁ ପାଇ କହିଲେ ଲୁଇସା ଭଲ ଭାବେ ବିଚାର କର । ତୁମେ ଏସବୁ ସହି ଯାଇ ପାରିବ ତ ? ମତେ ଏଥର ବିଦାୟ ଦିଅ ।

ଲୁହ ଛଳ ଛଳ ଆଖିରେ ଲୁଇସା କେବଳ ଛୋଟ ଉତ୍ତରଟିଏ ଦେଲା—"ପାରିବି, ସବୁ ପାରିବି ।"

ଆମେରିକା ଫେରିଯିବା ପୂର୍ବରୁ କ୍ୟାମେଲ୍ ତାଙ୍କ ହାତ ମୁଠାରେ ଲୁଇସାର ହାତକୁ ଚାପି ଧରି କହିଲେ, "ମୁଁ ଏବେ ଯାଉଛି । କୌଣସି ଅସୁବିଧାରେ ପଡ଼ିଲେ ମତେ ଖବର ଦେବ ମୁଁ ତୁମର ଅସୁବିଧାରେ ସାଥୀ ହେବାପାଇଁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ଅଛି ।"

ଆଉ ଲୁଇସା ବିଦାୟର ଶେଷ ବେଳାରେ ତା ଆଖି ମୁହଁ ସବୁ କପଟ ଛଳ ଛଳ ହୋଇଗଲା । ଏକ ଦୁଃଖରେ ଅମ୍ଳାନଙ୍କ ପବିତ୍ର ସ୍ମୃତିକୁ ପୂଜା କରି କ୍ୟାମେଲଙ୍କ ଠାରୁ ଦୂରେଇ ରହିବାରେ ମନ ତାର ସେହି ମୁହୂର୍ତ୍ତରେ ଖଣ୍ଡ ବିଖଣ୍ଡିତ ହୋଇଯିବ ଅବା । ମନକୁ ଦୃଢ଼ କରି ନେଇ ଡାଉନ୍‌ର ସେ ସୁନ୍ଦର ମୁହଁଟାକୁ ଥରେ ଅନାଇଁ

Digitized by srujanika@gmail.com

ହୋଇ । ଲୁଇସାଙ୍କ ଯେ କ୍ୟାମେଲଙ୍କ ପ୍ରତି ଆକର୍ଷଣ ରହିଛି କ୍ୟାମେଲ୍ ତାର ପରିଚୟ ପାଇଲେ । ନଚେତ୍ ପ୍ରଖ୍ୟାତ ବୈଜ୍ଞାନିକ ନିୟୁଟନଙ୍କ ନିୟମ "ପ୍ରତ୍ୟେକ କ୍ରିୟାର ସମାନ ଏବଂ ବିପରୀତ ପ୍ରତିକ୍ରିୟା ଅଛି ।" ତା ଯେ ମିଛ ହୋଇଯିବ ।

ଏଥର ପୁଣି ଡାଏରୀ ପଢ଼ିବାରେ ମନୋନିବେଶ କଲେ କ୍ୟାମେଲ୍ । କୁବାଲ ସେ ଦିନ ତାଙ୍କ ଗ୍ରହର ଓ ଆମକୁ ଆଣିବାର ସମସ୍ତ ରହସ୍ୟ ନିଃସଙ୍କୋଚରେ ଖୋଲିଦେଲେ ମୋ ସମ୍ମୁଖରେ ।

ତାଙ୍କ ଗ୍ରହ ଜନମାନବ ଶୂନ୍ୟ ଶ୍ମଶାନ ପ୍ରାୟ ହୋଇ ପଡ଼ିଲା । ଏତେ ବଡ଼ ଗ୍ରହଟିରେ ମଣିଷ ସଂଖ୍ୟା ଖୁବ୍ କମ୍ ରହିଲା । ତାଙ୍କ ଗ୍ରହ କାହିଁକି ଯେ ଜନମାନବ ଶୂନ୍ୟ ହୋଇଯାଇଥିଲା ଏହାର କାରଣ ବଡ଼ ଅଦ୍ଭୁତ ଓ ରୋମାଞ୍ଚକର ଘଟଣା ।

ତାଙ୍କ ମତରେ ସବୁଦିନ ଲାଗି ଅମରତ୍ୱ ଲାଭ କରିବା ପାଇଁ ସେମାନଙ୍କ ବୈଜ୍ଞାନିକମାନଙ୍କ ମନରେ ଦେଖା ଦେଇଥିବା ଆକାଂକ୍ଷା ହିଁ ଆଜି ସେମାନଙ୍କର ମୃତ୍ୟୁର କାରଣ ହୋଇଯାଇଛି ।

ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି ଅମରତ୍ୱ ଲାଭ ?

ଅମରତ୍ୱ ବିଷୟରେ କହିବାକୁ ଯାଇ ସେ ମତେ କୃଷ୍ଣବିବର ବିଷୟରେ ବୁଝାଇଲେ । ସମୟର ଗତି କମ୍ ହେଲେ ବସ୍ତୁର ପରିବର୍ତ୍ତନ କମ୍ ହୁଏ, ଏବଂ ବଢ଼ିଗଲେ ବଢ଼ିଯାଏ । ଏହି ସିଦ୍ଧାନ୍ତ ଅନୁସାରେ ଆମେ କୃଷ୍ଣବିବର ବିଷୟରେ ଗବେଷଣା କରି ଜାଣିପାରିଲୁ ଯେ ସମୟର ଗତି କୃଷ୍ଣ ବିବର ନିକଟରେ ନିହାତି କମ୍ । ଯେତେ ଯେତେ କୃଷ୍ଣବିବରର ନିକଟବର୍ତ୍ତୀ ହେବା ସମୟର ଗତି ସେତେ ସେତେ କମି ଆସିବ । ଯେଉଁ ବ୍ରହ୍ମାଣ୍ଡରେ ସମୟର ଗତି ଶୂନ ହେବ, ସେହି ବ୍ରହ୍ମାଣ୍ଡରେ କୌଣସି ବସ୍ତୁର ବିନାଶ ହେବ ନାହିଁ, ଲୋକେ ବୃଦ୍ଧ ହେବେ ନାହିଁ । ଅମରତ୍ୱ ଭରି ସେହି ବ୍ରହ୍ମାଣ୍ଡରେ ଅଛି ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି—ଅନ୍ୟ ବ୍ରହ୍ମାଣ୍ଡ ! ଏ ଆପଣ କ'ଣ କହୁଛନ୍ତି ? ସେ ଉତ୍ତର ଦେଲେ ହଁ, ସେହି ବ୍ଲାକହୋଲଗୁଡ଼ିକ ଅନ୍ୟ ବ୍ରହ୍ମାଣ୍ଡକୁ ଯିବାକୁ ରାସ୍ତା । ମାତ୍ର ମୁଁ ଏ ସବୁ କିଛି ଭଲ ଭାବରେ

Digitized by srujanika@gmail.com

ବୁଝିପାରିଲ ନାହିଁ । ତାଙ୍କୁ ଟିକେ ଖୋଲି ଖୋଲି ଭାବେ ବୁଝାଇ କହିବା ପାଇଁ ଅନୁରୋଧ କଲି ।

ସେ କହିଲେ ପ୍ରତ୍ୟେକ କୃଷ୍ଣବିବର ପଛରେ ଗୋଟିଏ ଲେଖାଏଁ ବ୍ରହ୍ମାଣ୍ଡ ଥିବାର ଯଥେଷ୍ଟ ପ୍ରମାଣ ଆମ ପାଖରେ ଅଛି । ଯେଉଁ ବ୍ରହ୍ମାଣ୍ଡ ଭିତରେ ଆମେ ବସି ଅଛୁ ବା ଯାହାକୁ ଆମେ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖୁଛୁ ତାହା ହେଉଛି ଆମର ବ୍ରହ୍ମାଣ୍ଡ ବା ଦୃଶ୍ୟ ବ୍ରହ୍ମାଣ୍ଡ ମାତ୍ର କୃଷ୍ଣବିବର ନିକଟରେ ଥିବା ବ୍ରହ୍ମାଣ୍ଡର ମହାତାରକା ମାନଙ୍କର ଆଲୋକ ରଶ୍ମିକୁ କୃଷ୍ଣ ବିବରମାନେ ଟାଣି ନେଉଥିବା ଦ୍ୱାରା ସେମାନଙ୍କର ଆଲୋକ ରଶ୍ମି ଏବେ ବି ଆମ ନିକଟରେ ପହଞ୍ଚି ପାରିନାହିଁ । ତେଣୁ ସେମାନଙ୍କ ବିଷୟରେ ସାଧାରଣ ବିଜ୍ଞାନ ଦ୍ୱାରା ଜାଣିବାର ପ୍ରଶ୍ନ ହିଁ ଉଠୁନାହିଁ ।

ସେ ବ୍ରହ୍ମାଣ୍ଡଗୁଡ଼ିକ ଆମ ବ୍ରହ୍ମାଣ୍ଡ ଠାରୁ ଆକାରରେ ବଡ଼ ବା ଛୋଟ ହୋଇପାରନ୍ତି ।

ମୁଁ ମନେ ମନେ ଭାବିଲି ଜାପାନର ଜଣେ ବୈଜ୍ଞାନିକ ଅନ୍ୟ ବ୍ରହ୍ମାଣ୍ଡ ଥିବାର ସମ୍ଭାବନା ପ୍ରକଟ କରିଥିଲେ । ମୋର ଜଣେ ଭାରତୀୟ ବନ୍ଧୁ ଅନ୍ୟବ୍ରହ୍ମାଣ୍ଡ ଥିବାର ଯୁକ୍ତି ତାଙ୍କର ପୁରାଣ ଶାସ୍ତ୍ରରୁ ବାଢ଼ିଥିଲେ, ତାଙ୍କ ପୁରାଣର ଅନୁସାରେ—"ବ୍ରହ୍ମାଣ୍ଡ ମାଳ ମାଳ ହୋଇ,
ମୋ ଲୋମ ମୂଳେ ବିରାଜଇ ।"

କିନ୍ତୁ ଆମର ବୈଜ୍ଞାନିକମାନେ ତାଙ୍କୁ ନିରାଧାର କହି ଉଡ଼ାଇ ଦେଲେ । ବାସ୍ତବିକ ମୁଁ କୌଣସି ମତେ ପୃଥିବୀକୁ ଯାଇପାରନ୍ତି ତା' ହେଲେ ବିଜ୍ଞାନର ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇପାରନ୍ତା ? ହୁଏ ତ ସୁଦୂର ନିହାରିକାରଏହି ଅଜ୍ଞାତ ଗ୍ରହ ସଙ୍ଗରେ ଆମ ବୈଜ୍ଞାନିକ-ମାନଙ୍କର ପରିଚୟ ଆସନ୍ତା ।

ମୋର ଚିନ୍ତାଧାରାରେ ବାଧା ଦେଇ କୁବାଲି ପଚାରିଲେ, "କ'ଣ ଭାବୁଛନ୍ତି ଡକ୍ଟର ?"

ମୁଁ ହଠାତ୍ କଳ୍ପନା ଜଗତରୁ ବାହାର ଜଗତକୁ ଫେରିଆସି ଉତ୍ତର ଦେଲି, "ନା କିଛି ନୁହଁ, ଏଇ ଆପଣଙ୍କର ଥିଓରିଗୁଡ଼ିକ ବିଷୟରେ ଭାବୁଥିଲି ?"

Digitized by srujanika@gmail.com

ସେ ହସି ହସି କହିଲେ, "ଏହି ଥିଓରି ଉପରେ ଗବେଷଣା ଚଳାଇ ଆମ୍ଭେମାନେ ଅପର ବ୍ରହ୍ମାଣ୍ଡ ବିଷୟରେ ଅନେକ କିଛି ଜାଣି ପାରିଛୁ । ସେହି ବ୍ରହ୍ମାଣ୍ଡର ଗୋଟିଏ ଗ୍ରହ ବିଷୟରେ ଆମେ ବହୁତ କିଛି ଜାଣି ପାରୁଛୁ ।"

ମୋର ଉତ୍ସୁକତା ବର୍ତ୍ତମାନ ଚରମକୁ ପହଞ୍ଚିଗଲା । ମୁଁ ପଚାରିଲି, "ସେହି ସବୁ ତଥ୍ୟ ଏବେ ଆପଣ ମୋତେ ଖୋଲି କୁହନ୍ତୁ ନା ।"

କୁବ୍ଲିଙ୍କର ମୁଖମଣ୍ଡଳରେ ହଠାତ୍ ବିଷାଦର ଛାୟା ଦେଖିବାକୁ ପାଇଲି । କିନ୍ତୁ ସେ ନିଜକୁ ଖୁବ୍ ଶୀଘ୍ର ସଂଯତ କରିନେଇ ତାଙ୍କର ଚିର ପରିଚିତ ହସ ହସି କହିଲେ, ବାସ୍ତବିକ କେତେଜଣ ବୈଜ୍ଞାନିକ ଏକ ବିଶେଷ ଧରଣର ଯାନ ସାହାଯ୍ୟରେ ବ୍ଲାକହୋଲ୍ ଭିତରକୁ ଯାଇଛନ୍ତି ।

ମୁଁ ଉତ୍କଣ୍ଠାର ସହ ପଚାରିଲି, "ସେମାନଙ୍କର ଅଭିଯାନ କ'ଣ ସଫଳ ହେଲା ?"

ସେ ଦୀର୍ଘ ନିଶ୍ୱାସ ନେଇ କହିଲେ—ହଁ, ସଫଳ ହେଲା ଏବଂ ଅସଫଳ ହେଲା ମଧ୍ୟ । ସେ ହଠାତ୍ ଚୁପ୍ ହୋଇଗଲେ ।

ମୁଁ କିଛି ସମୟ ଅପେକ୍ଷା କଲି । ତା'ପରେ ଉଠି ଠିଆ ହେଲି । ମତେ ଠିଆ ହେବାର ଦେଖି କହିଲେ କ୍ଷମା କରିବେ, ଏହି ଅଭିଯାନ ପଛରେ ଅଛି ଆମର ଏଇ ସୁନ୍ଦର ଗ୍ରହଟିର ବିନାଶର କାହାଣୀ । ତେଣୁ ମୁଁ ଟିକଏ ଅନ୍ୟମନସ୍କ ହୋଇପଡ଼ିଲି ।

ବିନାଶର କାହାଣୀ—ମୁଁ ଟିକେ ଆଗକୁ ଝୁଙ୍କି ଯାଇ ପଚାରିଲି ।

ଅସମାପ୍ତ କଥାର ଖିଅ ଧରି ସେ କହିଲେ, "ହେଲେ ଶୁଣନ୍ତୁ ସେ କଥା । ଆମର ବୈଜ୍ଞାନିକମାନେ ଯେଉଁ ତଥ୍ୟ ଆମ୍ଭମାନଙ୍କ ପାଖକୁ ପଠାଇଲେ, ସେଗୁଡ଼ିକ ଆମର କଳ୍ପନା ସାଙ୍ଗରେ ଏକବାର ମେଳ ଖାଉଥିଲା । ବାସ୍ତବରେ ସଂକ୍ଷେପରେ କହିବାକୁ ଗଲେ ସେମାନେ ସେଠାରେ ପାଇଥିଲେ ଅମରତ୍ୱର ସନ୍ଧାନ ।"

Digitized by srujanika@gmail.com

"ଅମରଗ୍ରହର ସନ୍ଧାନ ?" ମୁଁ ଟିକେ ଆଶ୍ଚର୍ଯ୍ୟ ଭାବରେ ପଚାରିଲି । ସେ କହିଲେ ହଁ, ଶୁଣନ୍ତୁ ସେ କଥା, "ଆମ ଗ୍ରହରୁ ୧୪୫ ଜଣ ବୈଜ୍ଞାନିକ ସେ ନୂତନ ଗ୍ରହ ଅଭିଯାନ ଉପଲକ୍ଷେ ଗଲେ । ସେମାନଙ୍କ ମଧ୍ୟରୁ ଶହେ ପଇଁତିରିଶ ଜଣ ବୈଜ୍ଞାନିକ ସେଠାରେ ରହିଲେ ଓ ଆଉ ଦଶଜଣ ବୈଜ୍ଞାନିକ ମହାକାଶଯାନର ଚେଷ୍ଟା ଯାନଟିକୁ ଧରି ଆମ ଗ୍ରହ ଅଭିମୁଖେ ଫେରି ଆସିଲେ ବିନାଶର ବର୍ତ୍ତିକାକୁ ସାଙ୍ଗରେ ଧରି ।"

ଟିକିଏ ରହି ସେ ଆରମ୍ଭ କଲେ, "ଆମ୍ଭେମାନେ ମହାକାଶ-ଯାନ ସହ ବୈଜ୍ଞାନିକମାନଙ୍କୁ ଭଲ ଭାବରେ ପରୀକ୍ଷା କଲୁ । ଦେଖିଲୁ ଯେପରି କୌଣସି ବାହ୍ୟ ଜୀବାଣୁ ଆମ ଗ୍ରହକୁ ଚାଲି ନ ଆସନ୍ତୁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ବୈଜ୍ଞାନିକମାନଙ୍କ ସାଙ୍ଗରେ ସେ ଗ୍ରହରୁ ଏପରି ଏକ ଭାଇରସ ଆସିଥିଲେ, ଯେଉଁମାନେ କି ଆମର କୌଣସି ଯନ୍ତ୍ର ଦ୍ୱାରା ଧରା ପଡ଼ିଲେ ନାହିଁ । ଏହା ସମୟଶୂନ୍ୟ ଜଗତରୁ ଆମର ଏହି ଜଗତକୁ ଆସିଲା ପରେ ଏମାନଙ୍କର ସଂଖ୍ୟା ପ୍ରାୟ ଏକଲକ୍ଷ ଗୁଣ ବଢ଼ିଗଲା । ଏହାର ସନ୍ଧାନ ଆମକୁ ମିଳିଲା ଖୁବ୍ ଡେରିରେ । ଆମର ସେଠାରୁ ଫେରିଥିବା ଦୁଇଜଣ ବୈଜ୍ଞାନିକଙ୍କର ହଠାତ୍ ମୃତ୍ୟୁ ଘଟିଲା । ଆମର ଡାକ୍ତରମାନେ ଏହାକୁ ଶ୍ୱାସଯନ୍ତ୍ର ଜନିତ ଯନ୍ତ୍ରଣାବ୍ୟାଧି ବୋଲି କହିଲେ । ଶବଗୁଡ଼ିକ ଭଲ ଭାବରେ ପରୀକ୍ଷା କରି ଦେଖାଗଲା, ଏମାନଙ୍କର ଫୁସ ଫୁସ୍‌ର ଭିତରେ ଭିତରପଟରେ ଅନେକଗୁଡ଼ିଏ ଆବୁଭଳି ହୋଇ ଫୁସ୍ ଫୁସ୍‌କୁ ରୁନ୍ଧି କରି ଦେଉଛି । ଏହା ମଧ୍ୟରେ ଆହୁରି ଦୁଇଦିନ ବିତିଗଲା । କିନ୍ତୁ ସମସ୍ୟାଟା ଖୁବ୍ ଭୟଙ୍କର ହୋଇ-ଉଠିଲା । ଆମର ବୈଜ୍ଞାନିକମାନେ ଏହା ମଧ୍ୟରେ ଏହି ଜୀବାଣୁମାନଙ୍କୁ ଆବିଷ୍କାର କରିଥିଲେ । କିନ୍ତୁ ସେମାନେ ଏହାର କୌଣସି ପ୍ରତିଷେଧକ ଏତେ ଶୀଘ୍ର ବାହାର କରିବାକୁ ସକ୍ଷମ ହୋଇପାରିଲେ ନାହିଁ । କ୍ରମେ ଏହି ଜୀବାଣୁମାନେ ଆମ ଗ୍ରହରେ ବ୍ୟାପିବାକୁ ଲାଗିଲେ ଆଉ ତା ସହ ଶ୍ୱାସନଳୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଲୋକମାନଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାକୁ ଲାଗିଲା ? ସବୁଠାରୁ ବିଶେଷ ଆଶ୍ଚର୍ଯ୍ୟର ଘଟଣା ହେଲା ଆମ ଗ୍ରହର ଶିଶୁମାନେ ଅଧିକ ପରିମାଣରେ ଏ ରୋଗରେ ଆକ୍ରାନ୍ତ ହେଲେ ଓ ଶିଶୁ ମୃତ୍ୟୁ ସଂଖ୍ୟା ସର୍ବାଧିକ ହେଲା । ପ୍ରଥମ

Digitized by srujanika@gmail.com

ଅବସ୍ଥାରେ ଗ୍ରହର ସମସ୍ତ ଶିଶୁ ପ୍ରାୟ ମରିଗଲେ । ହିସାବ ନେବାରୁ ଜଣା ପଡ଼ିଲା ସମଗ୍ର ଗ୍ରହରେ ଶିଶୁ ସଂଖ୍ୟା ରହିଲା ମାତ୍ର ଏକହଜାର ।

ଏହି ବଉଛନ୍ତି, ନାରକୀୟ ମୃତ୍ୟୁରେ ସମସ୍ତ ଗ୍ରହର ଅଧିବାସୀମାନେ ଆମପରି ବୈଜ୍ଞାନିକମାନଙ୍କୁ ଦୋଷ ଦେବାକୁ ଲାଗିଲେ । କ୍ରମେ କ୍ରମେ ଆମ ଗ୍ରହ ହେବାକୁ ଲାଗିଲା ଜନମାନବ ଶୂନ୍ୟ ।

ବିପଦ ଯେତେବେଳେ ଆସେ ଏକାକୀ ଆସେ ନାହିଁ । ସେ ତାର ସଖା, ସହୋଦର ନେଇ ଆସେ । ଆହୁରି ଏକ ବିରାଟ ବିପଦ ଘନେଇ ଆସିଲା । ସ୍ତ୍ରୀ ମାନଙ୍କର ଗର୍ଭସ୍ଥ ସନ୍ତାନ ଉପରେ ଗ୍ରହର ପରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ପଡ଼ିଲା । ତେଣୁ ଆମର ଭବିଷ୍ୟତ ପଡ଼ିଲା କପରି ଜନ ସମାଜ ତିଷ୍ଠି ରହିବ । ଦିନକୁ ଦିନ ଆମ ଗ୍ରହର ଅବସ୍ଥା ଶୋଚନୀୟ ହୋଇଉଠିଲା । ଶିଶୁଟିଏ ମାଆ ପେଟରୁ ଜନ୍ମ ହେବା ମାତ୍ରେକେ ମୃତ୍ୟୁ ମୁଖରେ ପଡ଼ିଲା । ଶେଷରେ କେତେକ ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ମିଳିତ ଭାବେ ଗବେଷଣା କରି ଏକ ନୂତନ ଯନ୍ତ୍ର ଉଦ୍ଭାବନ କଲେ ।

ସେଇମାନଙ୍କ ମିଳିତ ଚେଷ୍ଟାରେ ଆବିଷ୍କାର ହେଲା, ପିଲାମାନଙ୍କ ପାଇଁ କୃତ୍ରିମ ଫୁସ୍ ଫୁସ୍ । ପିଲା ଦେହର ରକ୍ତକୁ ଏକ ଟ୍ୟୁବ୍ ସାହାଯ୍ୟରେ ଏଇ ମଣିଷ ତିଆରି ଫୁସ୍ ଫୁସ୍‌କୁ ପଠାଇ ଦିଆଯାଏ ଓ ପରେ ପୁଣି ସେହି ରକ୍ତ ମଣିଷ ଶରୀର ଭିତରକୁ ଫେରିଆସେ । ସୁତରାଂ ନିଜର ଫୁସଫୁସ ସଠିକ୍ ଭାବେ କାମ ନ କଲେ ମଧ୍ୟ କୃତ୍ରିମ ଫୁସ୍ ଫୁସ୍ ଠିକ୍ ଭାବରେ ଶ୍ୱାସକ୍ରିୟା କାର୍ଯ୍ୟ ସମ୍ପାଦନ କରେ ଓ ପିଲାଟି ବଞ୍ଚିଯାଏ । ଏହି କୃତ୍ରିମ ଫୁସ୍ ଫୁସ୍ ଦେଖିବାକୁ ଠିକ୍ ଗୋଟିଏ ସୂତା ରିଲ୍ ପରି । ପ୍ରଥମେ ଏହାର ଆବିଷ୍କାରକମାନେ ଏହାକୁ ମାନବେତର ପ୍ରାଣୀମାନଙ୍କ ଦେହରେ ଲଗାଇ ଏକ ପରୀକ୍ଷା କରିନେଲେ । ପରୀକ୍ଷା ସଫଳ ହେଲା ।

ଏ ଯନ୍ତ୍ରର ଉପାଦେୟତା ଜାଣି ସାରିବା ପରେ ରାଜ୍ୟର ବଡ଼ ଡାକ୍ତରଖାନାମାନଙ୍କରେ ଏହା ଶିଶୁମାନଙ୍କ ଠାରେ ବହୁଳ ଭାବେ ପ୍ରୟୋଗ କରାଗଲା । ଦଳେ ବୈଜ୍ଞାନିକ ଓ ଜୈବବିଜ୍ଞାନୀ ରାଜ୍ୟର ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ କାର୍ଯ୍ୟକରି ଆଜି ଟିକେ ଏ କୃତ୍ରିମ ଫୁସ୍ ଫୁସ୍‌ର ଉନ୍ନତି

Digitized by srujanika@gmail.com

ସାଧନ କରିପାରିଲେ । ଯେଉଁ ଶିଶୁଟି ଜନ୍ମଗ୍ରହଣ କରିବା ମାତ୍ରେ ଦେଖାଗଲା ଯେ ଏହାର ଜୀବନ ବିପନ୍ନ, ଅର୍ଥାତ୍ ଡାକ୍ତର ଭାଷାରେ 'ଶ୍ୱାସକ୍ରିୟା' ଜନିତ ଯନ୍ତ୍ରଣା ବ୍ୟାଧି ଫଳରେ ବିପନ୍ନ ସେହି ଶିଶୁମାନଙ୍କ ଶରୀରରେ ଏହି ଯନ୍ତ୍ରଟି ଲଗାଇ ଦିଆଗଲା । ପରୀକ୍ଷା ଦ୍ୱାରା ଦେଖାଗଲା, ବିଶେଷ ଭାବେ ଅପରିଣତ ଅବସ୍ଥାରେ ଜନ୍ମ ହୋଇଥିବା ଶିଶୁମାନଙ୍କ ପାଇଁ ଖୁବ୍ ଏହା ଉପଯୋଗୀ ।

ତାଙ୍କର ଏ ପ୍ରକାର ଉନ୍ନତ ବୈଜ୍ଞାନିକ ପଦକ୍ଷେପ ମତେ ଖୁବ୍ ଖୁସି ଲାଗିଲା ଆଉ ଆଶ୍ଚର୍ଯ୍ୟ ବି ଲାଗିଲା । "ମୁଁ ପଚାରିଲି, ଅଚ୍ଛା ଏହି ଶିଶୁମାନଙ୍କ ଶରୀର ଅମ୍ଳଜାନ କିପରି ସଂଗ୍ରହ କଲା ।"

ତାଙ୍କର ଉତ୍ତର ମୋ ପାଇଁ ଥିଲା ଖୁବ୍ କୌତୁହଳ ପଦ । ସ୍ୱାଭାବିକ ଭାବରେ ଫୁସ୍ ଫୁସ ଦେଇ ପ୍ରବାହିତ ରକ୍ତଧାରା ପ୍ରଶ୍ୱାସ ବାୟୁରୁ ନୂତନ ଭାବେ ସଂଗୃହିତ ଅମ୍ଳଜାନ ଗ୍ୟାସ ଗ୍ରହଣ କରେ ଓ ଅଙ୍ଗାରକାମ୍ଳ ଗ୍ୟାସ ତ୍ୟାଗ କରେ । ଏହି ରକ୍ତ ଶରୀର ମଧ୍ୟ ଦେଇ ପ୍ରବାହିତ ହେଲାବେଳେ ଶରୀରର ପ୍ରତ୍ୟେକ ଜୀବକୋଷ ଅମ୍ଳଜାନ ପାଇ ଯାଆନ୍ତି । ଏହି ସମୟରେ ଜୀବକୋଷଗୁଡ଼ିକ ଅଙ୍ଗାରକାମ୍ଳ ଗ୍ୟାସ ତ୍ୟାଗ କରନ୍ତି । ଏହି ଅଙ୍ଗାରକାମ୍ଳ ଗ୍ୟାସ ରକ୍ତରେ ପଶି ଫୁସ୍ ଫୁସ୍‌କୁ ଆସେ । ନିଶ୍ୱାସ ଦ୍ୱାରା ନିର୍ଗତ ହୁଏ । ଏ ତ ଗଲା ଆମର ସ୍ୱାଭାବିକ ଶ୍ୱାସକ୍ରିୟା । ଆଉ ସ୍ୱାଭାବିକ୍ ଫୁସ୍ ଫୁସ୍‌ର କାମ । ମାତ୍ର ଏହି ବାଷ୍ପ ବିନିମୟ କାମ କୃତ୍ରିମ ଫୁସ୍ ଫୁସ୍ ଦ୍ୱାରା ଅନ୍ୟ ଉପାୟରେ ସାଧିତ ହୁଏ । କୃତ୍ରିମ ଫୁସ୍ ଫୁସ୍‌ର ଏହି ବାଷ୍ପ ବିନିମୟ ସିଲିକୋନ୍ ରବରର ଏକ ପତଳା ପରଦା ସାହାଯ୍ୟରେ ହୋଇଥାଏ । ରୋଗୀର ଶରୀରରୁ ଏକ ନଳୀ ଦେଇ ରକ୍ତ ପ୍ରବାହିତ ହେଲାପରେ ଏହି ସିଲିକୋନ୍ ଆବରଣ ସ୍ତର ଦେଇ ପ୍ରବାହିତ ହୁଏ । ଏ ପ୍ରକାର ରକ୍ତ ପ୍ରବାହିତରେ ଆଉ ଏକ ବିଶେଷ ଧରଣର ଭୟ ରହିଲା । ବେଳେ ବେଳେ ଶରୀର ଆଭ୍ୟନ୍ତରରେ ଥିବା ଅନ୍ୟ କୌଣସି ବସ୍ତୁ ସଂସ୍ପର୍ଶରେ ଆସିଲେ ଏହି ରକ୍ତଗୁଡ଼ିକ ଜମାଟ ବାନ୍ଧିଯାଏ । ଏହିପାଇଁ ଆମ ଗବେଷକମାନେ ଆଉ ଏକ ବ୍ୟବସ୍ଥା ଅନୁସରଣ କଲେ । ରକ୍ତ କୃତ୍ରିମ ଫୁସ୍ ଫୁସ୍‌ରେ ପହଞ୍ଚିବା ପୂର୍ବରୁ ଯେଉଁ ନଳୀ ମଧ୍ୟରେ ପ୍ରବାହିତ ହୁଏ ସେହି ନଳୀରେ ହେପାରିନ୍ ନାମକ ଏକ ପ୍ରକାର

Digitized by srujanika@gmail.com

ରସାୟନିକ ପଦାର୍ଥ ଭର୍ତ୍ତି କରି ଦିଆଯାଏ । ଏହି ହେପାରିନ୍‌ର ଧର୍ମ ହେଲା, ଏହା ରକ୍ତକୁ ଜମାଟ ବାନ୍ଧିବାରେ ବାଧା ଦିଏ । ଯାହାହେଉ ଆମର ଏ କୃତ୍ରିମ ଫୁସଫୁସ୍ ଦ୍ୱାରା ବହୁ ଶିଶୁ ଅକାଳମୃତ୍ୟୁ ମୁଖରୁ ରକ୍ଷା ପାଇ ପାରିଲେ ।

"ଆଚ୍ଛା, ଏ କୃତ୍ରିମ ଫୁସଫୁସ୍ କେତେ ସମୟ ଧରି ମଣିଷ ଦେହରେ କାମ କରି ପାରିବ ?" ମୁଁ ପଚାରିଲି ।

"ଏହା ଦୀର୍ଘ ଛୟାନବେ ଘଣ୍ଟା ଧରି ମଣିଷ ଦେହରେ ସଫଳ-ଭାବେ କାମ କରି ପାରିବ ।" ଉତ୍ତର ଦେଲେ କୁବାଲି । ଛୟାନବେ ଘଣ୍ଟାପରେ ଶିଶୁଟି ଆପେ ଆପେ ଅମ୍ଳଜାନ ଗ୍ରହଣ କରିବାକୁ ସକ୍ଷମ ହେବ । ତଥାପି ଆମର ସମସ୍ତ ଚେଷ୍ଟା ଓ ଗବେଷଣା କ୍ରମେ ବିଫଳ ହେଲା । କେତେ ମଣିଷ ଶିଶୁଙ୍କୁ ଆମେ ଏହିପରି କୃତ୍ରିମ ଉପାୟ ଅବଲମ୍ବନ କରି ବଞ୍ଚାଇ ପାରିବୁ ?

"ହଁ, ତାହା ବି ସତ କଥା । ଏହା ଖୁବ୍ ଖର୍ଚ୍ଚ ବହୁଳ ଓ ସମୟସାପେକ୍ଷ ଏବଂ ଖୁବ କମ ଲୋକମାନଙ୍କପାଇଁ କରିଯାଇ ପାରେ ।'

ଦିନକୁ ଦିନ ଆମ ଗ୍ରହର ବିପର୍ଯ୍ୟୟ ବଢ଼ିବାକୁ ଲାଗିଲା । ଶିଶୁମାନଙ୍କ ମୃତ୍ୟୁ ସଂଖ୍ୟା ଏପରି ପ୍ରବଳ ହେଲା ଯେ କୃତ୍ରିମ ଫୁସ୍‌ଫୁସ ପ୍ରୟୋଗ କରି ସେମାନଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିବା କ୍ରମେ ଅସମ୍ଭବ ହୋଇ-ପଡ଼ିଲା । ଆମେ ହତୋତ୍ସାହ ହୋଇ ପଡ଼ିଲୁ । ଆମର ସମସ୍ତ ଗବେଷଣାପ୍ରସୂତ ଜ୍ଞାନକୁ ବ୍ୟର୍ଥ କରି ଗ୍ରହଟି ଧୀରେ ଧୀରେ ଜନଶୂନ୍ୟ ହେବାକୁ ଲାଗିଲା ।

କିନ୍ତୁ ଏତିକରେ ଏ ବିପର୍ଯ୍ୟୟର ପରିସମାପ୍ତି ଘଟିଲା ନାହିଁ । ଆମ ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଲେ, କେବଳ ଆଣବିକ ପ୍ରକ୍ରିୟା ଦ୍ୱାରା ଏହି ଜୀବାଣୁମାନଙ୍କୁ ନଷ୍ଟ କରି ହେବ । ପରିଶେଷରେ ସେହି ଆଣବିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ଉପଯୁକ୍ତ ଔଷଧକୁ ଆକାଶଯାନ ସାହାଯ୍ୟରେ ସମସ୍ତ ଜନବସତି ଉପରେ ବର୍ଷି ଦିଆଗଲା । ଏହି ଔଷଧ ବାୟୁମଣ୍ଡଳରେ ମିଶିକରି ରହିଲା । ଏହା ବାୟୁ ସାହାଯ୍ୟରେ ନିଃଶ୍ୱାସ ଦ୍ୱାରା ଶରୀର ଭିତରକୁ ଗଲା । ଏହାଦ୍ୱାରା ଅତି ଆଶ୍ଚର୍ଯ୍ୟଜନକ ଭାବରେ ସେହି ଭୟଙ୍କର ଜୀବାଣୁମାନଙ୍କ କବଳରୁ ଆମକୁ ମୁକ୍ତି ମିଳିଲା ।

Digitized by srujanika@gmail.com

"ଏହା ପଛକୁ ଆଉ ଏକ ବିପଦ ଆମକୁ ଅପେକ୍ଷା କରି ରହିଥିଲା । ବୋଧହୁଏ ସ୍ରଷ୍ଟା ଆମ ଉପରେ କ୍ରୋଧିତ ହୋଇ ଯାଇଥିଲେ ।" ସେ ଦୀର୍ଘ ନିଶ୍ୱାସ ତ୍ୟାଗ କରିଲେ ।

ମୁଁ ତାଙ୍କ କଥା କିଛି ବୁଝି ପାରିଲି ନାହିଁ । ପଚାରିଲି 'ସ୍ରଷ୍ଟା' କ'ଣ ? ସେ ବିଷୟରେ ମତେ ଟିକିଏ ବୁଝାଇ ଦିଅନ୍ତୁ ।

—"ଆମ୍ଭମାନଙ୍କର ବିଶ୍ୱାସ, ଏ ସମଗ୍ର ବିଶ୍ୱ ଗୋଟିଏ ନିୟମରେ ଚାଲୁଛି । କେଉଁ ବ୍ୟକ୍ତି ଦ୍ୱାରା ଏହି ନିୟମ ସୃଷ୍ଟି ହୋଇଛି, ସେ ବିଷୟରେ ଆମେ ଏ ପର୍ଯ୍ୟନ୍ତ କିଛି ଜାଣି ପାରିନାହୁଁ । କିନ୍ତୁ ଆମ୍ଭ-ମାନଙ୍କର ବିଶ୍ୱାସ, ଏକ ବ୍ୟକ୍ତିର ସତ୍ତା ଚାରିଆଡ଼େ ବ୍ୟାପି ରହିଅଛି । ଏହି ଅଦୃଶ୍ୟ ବ୍ୟକ୍ତିଙ୍କୁ ଆମ୍ଭେମାନେ 'ସ୍ରଷ୍ଟା' ବୋଲି କହୁ ଏବଂ ଯେଉଁ ଦୁର୍ବିପାକର କାରଣ ଆମ୍ଭେମାନେ ଜାଣି ନ ପାରୁ ତାହା ସ୍ରଷ୍ଟାଙ୍କ କ୍ରୋଧ ବୋଲି ଧରି ନେଉ ।"

ମୁଁ ମନେମନେ ଭାବିଲି, ଏମାନଙ୍କର ଏହି ବିଶ୍ୱାସ ଆମ ପୃଥିବୀବାସୀମାନଙ୍କ ମଧ୍ୟରେ ଥିବା ଈଶ୍ୱର ବିଶ୍ୱାସ ସହିତ ସମ୍ପୂର୍ଣ୍ଣ ଭାବେ ମିଳି ଯାଉଛି । ଏମାନଙ୍କର 'ସ୍ରଷ୍ଟା' ହିଁ ଆମ ପୃଥିବୀ ଲୋକଙ୍କ ଭଗବାନ । "ଏବେ କୁହନ୍ତୁ, ଆପଣମାନେ ପୁଣି କି ପ୍ରକାର ବିପଦର ସମ୍ମୁଖୀନ ହେଲେ ?" ମୁଁ ପଚାରିଲି ।

—"ଆଣବିକ ଶକ୍ତିରୁ ନିର୍ମିତ ଔଷଧ ଦ୍ୱାରା ଆମେ ମୃତ୍ୟୁ-ମୁଖରୁ ରକ୍ଷା ପାଇଲୁ ସତ, କିନ୍ତୁ ଆମ ଗ୍ରହର ସ୍ତ୍ରୀ ଏବଂ ପୁରୁଷମାନଙ୍କର ସନ୍ତାନ ଉତ୍ପାଦନ ଶକ୍ତି ଆଉ ରହିଲା ନାହିଁ । ଏହି ଘଟଣା ଆଜିକୁ ବାରବର୍ଷ ହୋଇଗଲା । ଆମ୍ଭେମାନେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରି ଦେଖିଲୁ ଯେ ଆମ ଗ୍ରହର ମାଧ୍ୟାକର୍ଷଣ ଶକ୍ତି, ପୃଥିବୀ ଗ୍ରହର ମଧ୍ୟାକର୍ଷଣ ଶକ୍ତି ସହ ସମାନ । ସେଠାରୁ କୌଣସିମତେ ମଣିଷ ଆଣି ପାରିଲେ ସେହିମାନେ ହିଁ ଆମ ଗ୍ରହରେ ସନ୍ତାନ ଉତ୍ପାଦନ ନିମନ୍ତେ ସକ୍ଷମ ହୋଇ ପାରିବେ ।

ଏହା ଶୁଣି ମୋ ମନ ଭିତରେ ଆମ ଅପହରଣ ରହସ୍ୟର ପର୍ଦ୍ଦା ଉନ୍ମୋଚିତ ହେବାକୁ ଲାଗିଲା । ଆମ ବିମାନ ଅପହରଣର

Digitized by srujanika@gmail.com

ପ୍ରତ୍ୟେକ ଘଟଣା ମୋ ଚକ୍ଷୁ ସମ୍ମୁଖରେ ସ୍ପଷ୍ଟ ହୋଇ ଉଠୁଥିଲା । କିଛି ସମୟ ପାଇଁ ମୁଁ ଭାବନା ରାଜ୍ୟରେ ବୁଡ଼ି ରହିଲି.........

ହଠାତ୍ କାନ୍ଧ ଉପରେ କାହା ହାତର ସ୍ପର୍ଶ ପାଇ ମୁଁ ବାସ୍ତବ ଜଗତକୁ ଫେରି ଆସିଲି । ଦେଖିଲି, ମୋର ଅତି ନିକଟରେ ଦଣ୍ଡାୟମାନ ହୋଇଥିବା କୁଣାଳଙ୍କ ମୁହଁରେ ଦୃଢ଼ ଆତ୍ମପ୍ରତ୍ୟୟର ହସ । ହସି ହସି ସେ କହୁଛନ୍ତି—ଏ ବିପଦ ନୂତନ ନୁହେଁ ବନ୍ଧୁ ! ଏହାଠାରୁ ବଳି ବଡ଼ ବଡ଼ ବିପଦ ଛଅଶହ ବର୍ଷ ତଳେ ଆସିଥିଲା । ମୁଁ ସେତେବେଳେ ଆମ ଦେଶର କେନ୍ଦ୍ରୀୟ ଗବେଷଣାଗାରର ମୁଖ୍ୟ ହିସାବରେ କାମ କରୁଥିଲି ।"

ମୁଁ ଅବାକ୍ ହୋଇଗଲି । ଏ କ'ଣ କହୁଛନ୍ତି କୁଣାଳ !! ତାଙ୍କର ବୟସ କ'ଣ ଛଅଶହ ବର୍ଷରୁ ବେଶି ? ପଚାରି ଦେଲି— "ଆପଣଙ୍କ ବୟସ କ'ଣ ଛଅଶହ ବର୍ଷରୁ ବେଶି ?"

"ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ମତେ ତ ସେତେବେଳକୁ ଦୁଇଶହ ବର୍ଷ ହୋଇ ଯାଇଥିଲା ।"

"ତା ମାନେ ଆପଣଙ୍କ ବୟସ ଛଅ ଶହ ବର୍ଷ !! ଏହା କିପରି ସମ୍ଭବ ।"

"ହଁ ଏହି ଦୀର୍ଘ ଛଅଶହ ବର୍ଷ ଧରି ମୁଁ ମୋର ସମସ୍ତ ଆତ୍ମୀୟ ସ୍ୱଜନମାନଙ୍କୁ ହରାଇ ବଡ଼ କଷ୍ଟରେ ବଞ୍ଚି ରହିଛି । କାରଣ ଏହି ଗ୍ରହର ଜନସମାଜକୁ ବଞ୍ଚାଇ ରଖିବାପାଇଁ ମୋର ଆବଶ୍ୟକତା ବହୁତ ବେଶି । କିନ୍ତୁ ଆପଣ ମୋର ଏ ଯେଉଁ ଦେହ ଦେଖୁଛନ୍ତି, ଏ ଦେହ ଅନ୍ୟ ଜଣଙ୍କର । କେବଳ ମସ୍ତିଷ୍କଟି ମୋର ଅଟେ । ମୋ ମସ୍ତିଷ୍କ ଅନ୍ୟଜଣଙ୍କ ଶରୀରରେ ପ୍ରତିରୋପିତ କରାଯାଇଛି । ଏ ଦେହଟି ମୋର ତୃତୀୟ ଦେହ । ଶହେ ବର୍ଷ ପୂର୍ବରୁ ଆଉ ଥରେ ମୋର ମସ୍ତିଷ୍କ ଅନ୍ୟ ଏକ ଶରୀରରେ ପ୍ରତିରୋପଣ କରା ଯାଇଥିଲା ।"

ମୁଁ ସେମାନଙ୍କର ଚିକିତ୍ସା ଶାସ୍ତ୍ରର ଏହି ଅଦ୍ଭୁତ ଉନ୍ନତି କଥା ଚିନ୍ତାକରି ହତବାକ୍ ହେଲି । ମନେ ମନେ ଭାବିଲି, ଯଦି ଏହି ଗ୍ରହ ସହିତ ଆମ ପୃଥିବୀର ସମ୍ପର୍କ ପ୍ରତିଷ୍ଠା ସମ୍ଭବ ହୋଇ ପାରନ୍ତା ତାହାହେଲେ ଆମ୍ଭେମାନେ ବିଜ୍ଞାନରେ ବହୁ ଉନ୍ନତି କରି ପାରନ୍ତୁ । ସେ ଦିନ ପାଇଁ ଆମେ ଦୁଇଜଣ ଆମର ଆଲୋଚନା ସ୍ଥଗିତ ରଖି ବିଶ୍ରାମ ନେଲୁ ।

Digitized by srujanika@gmail.com

ଡାଏରୀର ପରବର୍ତ୍ତୀ ପୃଷ୍ଠା ଓଲଟାଇଲେ କ୍ୟାମେଲ । ମୁଁ ଜାଣେନାହିଁ ପୃଥିବୀରେ କେଉଁ ତାରିଖ ଓ କ ବାର ଚାଲିଥିବ । କିନ୍ତୁ ଡାଏରୀ ଲେଖା ଆରମ୍ଭ କରିବା ପୂର୍ବରୁ ମୁଁ ମୋର ଚିରାଚରିତ ଅଭ୍ୟାସ ଅନୁଯାୟୀ ତାରିଖ ପକାଇବାକୁ ଯିବା ସମୟରେ ମନେ ପଡ଼ିଗଲା ମୁଁ ବର୍ତ୍ତମାନ ମୋ ପ୍ରିୟ ପୃଥିବୀଠାରୁ ବହୁତ ଦୂରରେ । ଅନେକ ସମୟରେ ଏହି କଥା ଚିନ୍ତା କଲେ ମନ ମୋର ଘୋର ଦୁଃଖରେ ଭରିଯାଏ ।

ଆଜି ଖୁବ୍ ସକାଳୁ କୁବାଲି ଆସି ମୋ ନିକଟରେ ପହଞ୍ଚିଲେ । ହସି ହସି କହିଲେ, "ଆଜି ମୋ ଘରେ ଆପଣଙ୍କୁ ନିମନ୍ତ୍ରଣ ରହିଲା । ଏ ସହରର କିଛି ଅଂଶ ବୁଲି ଦେଖିବା ସହ ବନ୍ଧୁପତ୍ନୀଙ୍କ ପରଷା ମଧ୍ୟ ଖାଇବେ ।"

"ନିଶ୍ଚୟ । ଅନ୍ତତଃ ଦିନକ ପାଇଁ ମତେ ତ କମ୍ପ୍ୟୁଟର ପ୍ରସ୍ତୁତ ଖାଦ୍ୟ ଖାଇବାରୁ ମୁକ୍ତି ମିଳିବ ।" ମୁଁ ହସି ହସି ଉତ୍ତର ଦେଲି । ମୋ ସହିତ କୁବାଲି ତାଙ୍କ ସହରର ପ୍ରସିଦ୍ଧ ବୈଜ୍ଞାନିକ ସାଇବନ୍‌ଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ସେ ମୁଖ୍ୟତଃ ପ୍ଲାଜ୍ମା ଉପରେ ଅନୁସନ୍ଧାନ କରୁଥିଲେ । ଖାଇବା ସମୟରେ ସେମାନେ ଆମ ପୃଥିବୀ ବିଷୟରେ ମୋ ଠାରୁ ଜାଣିବାକୁ ଚାହିଁଲେ । ମୁଁ ଆମ ଆମେରିକାର ଓ ରୁଷର ବୈଜ୍ଞାନିକ ଗବେଷଣା ବିଷୟରେ ସେମାନଙ୍କୁ କହିଲି । ହେଲେ ଆମେ ତ ଗବେଷଣା ଦିଗରେ ସେମାନଙ୍କଠାରୁ ବହୁ ପଛରେ ପଡ଼ିଛୁ । ବହୁ ସମୟ ଆଲୋଚନା ପରେ କୁବାଲି ମତେ ଏକ ସ୍ୱତନ୍ତ୍ର କକ୍ଷକୁ ନେଇ ବିଶ୍ରାମ ନେବା ନିମନ୍ତେ କହିଲେ । କକ୍ଷଟିର ବ୍ୟବସ୍ଥା ଖୁବ୍ ଆରାମଦାୟକ ଥିଲା । ତେଣୁ ମତେ ଚଞ୍ଚଳ ନିଦ ଘୋଟିଗଲା । କେତେ ସମୟ ଘୋର ନିଦରେ ଶୋଇବା ପରେ ଏକ ପ୍ରକାର ମଧୁର ସ୍ୱର ଶୁଣି ମୋର ନିଦ ହଠାତ୍ ଭାଙ୍ଗିଗଲା । ଏଠାକାର ଲୋକମାନଙ୍କୁ ନିଦରୁ ଉଠାଇବା ଲାଗି ଏ ପ୍ରକାର ମଧୁର ସ୍ୱରର ପ୍ରୟୋଗ କରାଯାଏ । ବାସ୍ତବିକ ଏହା ଏକ ଅଦ୍ଭୁତ କାର୍ଯ୍ୟ । ଏହି ସ୍ୱରର ବିଶେଷତ୍ୱ ହେଉଛି ନିଦ୍ରିତ ବ୍ୟକ୍ତିର ମନ ଓ ଶରୀରରେ ଥିବା କ୍ଲାନ୍ତିକୁ ଦୂର କରିବା । ଏହି ସମୟରେ ହଠାତ୍ ମେଘ ପକାଇବାକୁ ଆରମ୍ଭ କଲା । ମୋ ଶୋଇଥିବା କକ୍ଷଟିର କାଚ ଝରକା ଦେଇ ବାହାରର ଦୃଶ୍ୟ ମୋତେ ସ୍ପଷ୍ଟ ଦେଖା ଯାଉଥିଲା । ଛୋଟ ଛୋଟ ଗଛର ପତ୍ରମାନଙ୍କ ଦେହରେ ବର୍ଷାପାଣି ପଡ଼ି ଏକ ଅନି-ର୍ବଚନୀୟ ସଙ୍ଗୀତର ଝଙ୍କାର ସୃଷ୍ଟି କରୁଥାଏ । ମୋ ରହଣି ଭିତରେ ପ୍ରଥମ ଥର ପାଇଁ ମୁଁ ଏହି ବର୍ଷାଜନିତ ଆନନ୍ଦ ଉପଭୋଗ କଲି ।

Digitized by srujanika@gmail.com

"ଆଜି ତ ବର୍ଷା ହେଉଛି । ଅନ୍ୟ କୌଣସି ସ୍ଥାନକୁ ଯାଇ ପାରିବା ନାହିଁ । ଏହିଠାରେ ବସି ଆମେ ଆଜି ଆଲୋଚନା କରିବା ।" ବାହାରୁ କହି ଭିତରକୁ ପ୍ରବେଶ କଲେ କୁବାଲ ।

"ଖୁବ୍ ଭଲ କଥା । ଏବେ ଆପଣ କୁହନ୍ତୁ । ଗୁରଶହ ବର୍ଷ ତଳେ ଆପଣଙ୍କ ଗ୍ରହରେ କି ପ୍ରକାର ବିପଦ ଦେଖା ଦେଇଥିଲା ।"

"ବାଃ ! ମୁଁ ତ ସେହିକଥା କହିବି ବୋଲି ମନେ ମନେ ଭାବି ଆପଣଙ୍କ ନିକଟକୁ ଆସିଛି । ବୋଧହୁଏ ଏଇ କମ୍ ଦିନ ଭିତରେ ଆପଣ ମସ୍ତିଷ୍କତରଙ୍ଗ ଜାଣିବାକୁ ସକ୍ଷମ ହୋଇ ଗଲେଣି ।" କଥା କହିସାରି ହୋ ହୋ ହସି ଉଠିଲେ କୁବାଲ । ମୁଁ ବି ତାଙ୍କ ସହି ଯୋଗ ଦେଲି ।

"ମୋ କଥା ଶୁଣିବା ପୂର୍ବରୁ ମତେ ଟିକେ ଆପଣଙ୍କ ପୃଥିବୀର ଅବସ୍ଥିତି ଓ ସୃଷ୍ଟି ସମ୍ପର୍କରେ କିଛି କହିବା ପାଇଁ ମୋର ଅନୁରୋଧ ।" ମୁଁ ତାଙ୍କ ପ୍ରସ୍ତାବରେ ରାଜି ହେଲି । ମୁଁ ଯାହା ଜାଣେ, ତାହା ମୁଁ ତାଙ୍କୁ କହିବାକୁ ଆରମ୍ଭ କଲି ।

"ଆମ ସୌର ଜଗତରେ ପୃଥିବୀ ସହି ନଅଗୋଟି ଗ୍ରହ ଅଛନ୍ତି ବୋଲି ଏ ପର୍ଯ୍ୟନ୍ତ ଆବିଷ୍କୃତ ତଥ୍ୟରୁ ଜଣା ଯାଇଛି । ସୂର୍ଯ୍ୟ ଏହି ସୌରଜଗତର କେନ୍ଦ୍ରବିନ୍ଦୁ । ଏମାନେ ସମସ୍ତେ ଛାୟାପଥ ନାମକ ନୀହାରିକାର ଅନ୍ତର୍ଗତ । ପୁଣି ଏହି ନୀହାରିକା ଉରସାମେଜର ନାମକ ନକ୍ଷତ୍ରପୁଞ୍ଜର ଅଂଶ ବିଶେଷ । ପୃଥିବୀର ବୟସ ହିସାବ କରି ଆମ ବୈଜ୍ଞାନିକମାନେ କହନ୍ତି ଯେ ଏହି ଗ୍ରହଟି ପାଞ୍ଚ ହଜାର ଲକ୍ଷ ବର୍ଷ ପୂର୍ବରୁ ସୃଷ୍ଟି ହୋଇଛି । ସୃଷ୍ଟିର ପ୍ରଥମାବସ୍ଥାରେ ପୃଥିବୀରେ କୌଣସି ଜୀବଜଗତ ସୃଷ୍ଟି ହୋଇନଥିଲା । ପୃଥିବୀସୃଷ୍ଟିର ଦୁଇହଜାର ସତାନବେ ଲକ୍ଷ ବର୍ଷ ଅତିବାହିତ ହେବାପରେ ପୃଥିବୀ ପୃଷ୍ଠରେ ଜୀବଜଗତର ସଞ୍ଚାର ହୋଇଥିଲା ବୋଲି ଆମ ବୈଜ୍ଞାନିକମାନେ ମତ ଦିଅନ୍ତି । କ୍ରମବିକାଶ ଫଳରେ ଧୀରେ ଧୀରେ ପ୍ରୋଟୋଜୂଆରୁ ଆମୋଇବା ଓ ଆମୋଇବାରୁ ଉଦ୍ଭିଦ ଓ ଜୀବଜଗତ ସୃଷ୍ଟି ହେଲେ । କ୍ରମେ ମନୁଷ୍ୟ ସମେତ ଉନ୍ନତ ପ୍ରାଣୀମାନେ ସୃଷ୍ଟି ହେଲେ ।"

Digitized by srujanika@gmail.com

ପୃଥିବୀ ବିଷୟରେ ମୁଁ ଏତିକି କଥା ସାରିବା ପରେ କୁବାଳି କହିଲେ, "ପୃଥିବୀ ସୃଷ୍ଟିର ବହୁକାଳ ପୂର୍ବରୁ ଆମର ଏ ଗ୍ରହ ସୃଷ୍ଟି ହୋଇଛି । ଆମ ଏ ଗ୍ରହର ସୃଷ୍ଟି ଦୁଇ ନିୟୁତ କୋଟି ବର୍ଷ ପୂର୍ବରୁ ହୋଇଛି ବୋଲି ଆମ ବୈଜ୍ଞାନିକମାନେ ଗବେଷଣାରୁ ଜାଣି ପାରିଛନ୍ତି । ଏତେ ବର୍ଷ କାଳ ତିଷ୍ଠି ରହିବା ପରେ ଆମର ଏ ଗ୍ରହ ଆମ ସୌରଜଗତ ସହ ଧ୍ୱଂସ ପାଇଯିବାକୁ ବସିଥିଲା । ଆମର ଏ ସୌର-ଜଗତ ଏଣ୍ଡ୍ରୋମିଡ଼ା ନାମକ ନକ୍ଷତ୍ରପୁଞ୍ଜର ନିକଟବର୍ତ୍ତୀ ସ୍ପାଇରେଲ ନାମକ ନିହାରିକାର ଅନ୍ତର୍ଗତ । ଏହି ସ୍ପାଇରେଲ ନିହାରିକାର ବ୍ୟାସ ପାୟ ପଚିଶ ହଜାର ଆଲୋକବର୍ଷ ହେବାକଥା ଆମ ବୈଜ୍ଞାନିକମାନେ ସ୍ଥିର କରିଛନ୍ତି ।" ଏତିକି କହି ସାରିବା ପରେ ସେ ଟିକିଏ ଗୁମ୍‌ମାରି ରହିଗଲେ । କିଛି ସମୟ କ'ଣ ଭାବିଲା ପରି ପୁଣି କହିଲେ, "ଆପଣଙ୍କ ସୌରଜଗତ ଅନ୍ତର୍ଗତ ଅନ୍ୟ କୌଣସି ଗ୍ରହରେ ଜୀବନର ସଞ୍ଚାର ଘଟିଛି କି ନାହିଁ, ସେ ବିଷୟରେ ଆପଣମାନଙ୍କ ବୈଜ୍ଞାନିକମାନଙ୍କର କିଛି ସିଦ୍ଧାନ୍ତ ଥିଲେ କୁହନ୍ତୁ ।"

"ନା ସେପରି କିଛି ସନ୍ଧାନ ଆମେ ଏ ପର୍ଯ୍ୟନ୍ତ ପାଇ ପାରି ନାହୁଁ ।"

ନିଜ ଗ୍ରହ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ଯାଇ କୁବାଳି ଆରମ୍ଭ କଲେ, "ଆମ ଗ୍ରହର ନିକଟବର୍ତ୍ତୀ ଗ୍ରହଟି ଘନ ମେଘମାଳା ଓ ବାଷ୍ପ ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ବହୁଦିନ ଧରି ତାହା ଆମ ନିକଟରେ ରହସ୍ୟାବୃତ ହୋଇ ରହିଥିଲା । ଆମେ ତାର ଆବର୍ତ୍ତନ ଓ ପରିକ୍ରମଣ କାଳ ନିରୂପଣ କରି ପାରିନଥିଲୁ । ଆମ ବୈଜ୍ଞାନିକ-ମାନଙ୍କ ଦ୍ୱାରା ଆବିଷ୍କୃତ ଏକ ନୂତନ ଯନ୍ତ୍ର ସାହାଯ୍ୟରେ ଏବେ ସେ ଗ୍ରହକୁ ଆବିଷ୍କାର କରାଯାଇଛି । ଏହାର ପରିକ୍ରମଣ, ଆବର୍ତ୍ତନ ଓ ଦିନରାତିର ସମୟର ପରିମାଣ ମଧ୍ୟ ନିରୂପଣ କରାଯାଇଛି । ମାତ୍ର ଏହାର ବାୟୁମଣ୍ଡଳରେ କି କି ଉପାଦାନ ରହିଛି, ଭୂପୃଷ୍ଠର ତାପମାତ୍ରା କେତେ ଏବଂ ଏ ଗ୍ରହରେ ଜୀବଜଗତ ଅଛନ୍ତି କି ନାହିଁ ଏ ବିଷୟରେ ଅନୁସନ୍ଧାନ କରାଯାଇ ଜଣାଗଲା ଯେ ଏହାର ବାୟୁମଣ୍ଡଳୀୟ ଉପାଦାନ ଦୃଷ୍ଟିରୁ ଏ ଗ୍ରହରେ କୌଣସି ଜୀବଜଗତ ତିଷ୍ଠିବା ସମ୍ଭବ ନୁହେଁ । ଏ ଗ୍ରହ ସମ୍ପର୍କରେ ତଥ୍ୟ ଜାଣିବା ପରେ ଅନ୍ୟ ଏକ ଗ୍ରହ ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ଅଲ୍‌ଟେବୁନ୍ ନାମକ ଏକ

Digitized by srujanika@gmail.com

ମହାକାଶଯାନ ପଠାଇଲୁ । ଏ ଯାନ ଆମକୁ ଯେଉଁ ତଥ୍ୟ ଯୋଗାଇଲା, ସେଥିରୁ ଜଣାଗଲା ଋତୁ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଏ ଗ୍ରହର ରଙ୍ଗ ବଦଳି ଯାଉଛି । ଏହି ଗ୍ରହର ଦୁଇ ମେରୁରେ ଶୁଭ୍ର ତୁଷାର ଆବରଣ ଅଛି । ଶୀତ ଋତୁର ପ୍ରାରମ୍ଭରୁ ଏହି ତୁଷାର ଆବରଣର ପରିମାଣ ବୃଦ୍ଧି ପାଏ ଓ ବସନ୍ତ ଋତୁ ଆରମ୍ଭ ହେଲେ ମେରୁମଣ୍ଡଳୀୟ ତୁଷାର ତରଳିଯାଇ ସବୁଜବନାନୀ ସୃଷ୍ଟି କରେ । ଏହି ତୁଷାର ଆବରଣ ସମ୍ବନ୍ଧରେ କେତେକ ଗବେଷଣା କରାଗଲା । ବର୍ଣ୍ଣାଳୀ ବିଶ୍ଳେଷଣରୁ ଜଣାଗଲା ଯେ ଏହି ଗ୍ରହଟିର ବାୟୁମଣ୍ଡଳରେ ଥିବା ଜଳୀୟବାଷ୍ପ ତୁଷାରରେ ପରିଣତ ହୁଏ । ଏହାର ପୃଷ୍ଠ ଦେଶର ତାପମାତ୍ରା, ବାୟୁମଣ୍ଡଳରେ ଜଳୀୟବାଷ୍ପର ଉପସ୍ଥିତି ଓ ଗ୍ରହଟିର ସବୁଜରଙ୍ଗରୁ ଆମେ ବିଶ୍ୱାସ କଲୁ ଯେ ଏହି ଗ୍ରହଟି ଆମ ଗ୍ରହ ପରି ପ୍ରାଣୀମାନଙ୍କର ବାସପୋଯୋଗୀ ହୋଇଥିବ । ଏ ସମ୍ପର୍କରେ ବାସ୍ତବ ସତ୍ୟ ଉଦ୍‌ଘାଟନ କରିବାକୁ ହେଲେ ଆମ୍ଭମାନଙ୍କୁ ସେଠାକୁ ଯିବାକୁ ପଡ଼ିବ । ମାତ୍ର ଦେଖାଗଲା ଯେ ଉକ୍ତ ଗ୍ରହ ଓ ଆମ ଗ୍ରହ ମଧ୍ୟରେ ଏକାଧିକ ଅତି କ୍ଷୁଦ୍ର କ୍ଷୁଦ୍ର ପିଣ୍ଡମାନ ରହିଅଛି । ଏମାନଙ୍କୁ ଗ୍ରହାଣୁପୁଞ୍ଜ ନାମରେ ନାମ କରଣ କରାଗଲା । ଏହି ଗ୍ରହାଣୁପୁଞ୍ଜମାନଙ୍କ ବ୍ୟାସ ଅଳ୍ପ କେତେକ ମାଇଲରୁ ଆରମ୍ଭ କରି କେତେ ଶହ ମାଇଲ ମଧ୍ୟରେ ସୀମାବଦ୍ଧ ଅଟେ । ଏମାନଙ୍କ ସଂଖ୍ୟା ପ୍ରାୟ ଆଠଲକ୍ଷ ହେବାକଥା ଆମ୍ଭେମାନେ ଅନୁମାନ କଲୁ ଓ ଦୂରବୀକ୍ଷଣ ଯନ୍ତ୍ରରେ ପ୍ରାୟ ସାତ ନିୟୁତ ପର୍ଯ୍ୟନ୍ତ ଗ୍ରହାଣୁପୁଞ୍ଜ ଆମେ ଦେଖି ପାରିଲୁ । ଆହୁରି ମଧ୍ୟ ପରୀକ୍ଷା ଦ୍ୱାରା ଦେଖାଗଲା ଯେ ଏହି ଗ୍ରହାଣୁପୁଞ୍ଜ ଏକ ବୃତ୍ତାକାର ପଥରେ ଆମ ଗ୍ରହ ଓ ସେହି ଗ୍ରହଟି ମଧ୍ୟରେ ରହି ସୂର୍ଯ୍ୟଙ୍କ ଚାରିପଟେ ପରିକ୍ରମଣ କରୁଛନ୍ତି । ତେଣୁ ଆମ ଗ୍ରହରୁ ପ୍ରେରିତ ଯେ କୌଣସି ମହାକାଶଯାନର ଏହି ଗ୍ରହାଣୁପୁଞ୍ଜ ସହିତ ଧକ୍କା ଲାଗିବାର ବହୁତ ସମ୍ଭାବନା ରହିଛି । ଏହି ଦୃଷ୍ଟିରୁ ସେ ଗ୍ରହକୁ ଯାଇ କୌଣସି ତଥ୍ୟ ସଂଗ୍ରହ କରିବା ଆମ ବୈଜ୍ଞାନିକମାନଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଲା । ତେଣୁ ଏ ଉଦ୍ୟମରୁ ଆମର ବୈଜ୍ଞାନିକମାନେ ଆପାତତଃ ବିରତ ରହିଛନ୍ତି ।”

ମୁଁ ପଚାରିଲି, “ଆଚ୍ଛା, ଏହି ଗ୍ରହାଣୁପୁଞ୍ଜର ସୃଷ୍ଟି ସମ୍ବନ୍ଧରେ ଆପଣଙ୍କ ବୈଜ୍ଞାନିକମାନଙ୍କ ମତ କ'ଣ ?”

Digitized by srujanika@gmail.com

"କେତେକ ବୈଜ୍ଞାନିକ ମତ ଦିଅନ୍ତି ଯେ ଏହି ଗ୍ରହାଣୁମାନେ କୌଣସି ଗ୍ରହର ଭଗ୍ନାବଶେଷ । ଆଉ କେତେକଙ୍କ ମତରେ ଏମାନେ ଗ୍ରହ ସୃଷ୍ଟି ହେବାର ଏକ ମାଧ୍ୟମିକ ଅବସ୍ଥା । ଏହିପରି କେତେକ ଗ୍ରହାଣୁପୁଞ୍ଜରୁ ଆମ ସୌରଜଗତ ଅନ୍ତର୍ଗତ ସମସ୍ତ ଗ୍ରହମାନଙ୍କର ସୃଷ୍ଟି ବୋଲି ଅନ୍ୟ କେତେକ ବୈଜ୍ଞାନିକମାନେ ମତ ଦିଅନ୍ତି । ଆଉ କେତେକଙ୍କ ମତରେ ଆମ ସୌରଜଗତର ଉତ୍ପତ୍ତି ସମୟରେ ହିଁ ଅନ୍ୟାନ୍ୟ ଗ୍ରହମାନଙ୍କ ପରି ଏହି ଗ୍ରହାଣୁମାନଙ୍କର ସୃଷ୍ଟି ହୋଇଛି ।"

ହସି ହସି ମୁଁ ଉତ୍ତର ଦେଲି, "ବାଃ ଆମ ସୌରଜଗତ ଅନ୍ତର୍ଗତ ମଙ୍ଗଳ ଓ ବୃହସ୍ପତି ନାମକ ଦୁଇଟି ଗ୍ରହ ମଧ୍ୟରେ ଏହିପରି ଗ୍ରହାଣୁପୁଞ୍ଜମାନେ ଅଛନ୍ତି । ସେମାନଙ୍କ ସୃଷ୍ଟି ସମ୍ବନ୍ଧରେ ଆମ ବୈଜ୍ଞାନିକମାନେ ଯେଉଁ ମତ ଦିଅନ୍ତି ତାହା ସହିତ ଆପଣଙ୍କ ବୈଜ୍ଞାନିକମାନଙ୍କର ମତ ତ ବେଶ୍ ଚମତ୍କାର ଭାବେ ମେଳ ଖାଉଛି !! "

ଦୁଃଖମିଶା ସ୍ୱରରେ କୁହ୍ନାଳି ଉତ୍ତର ଦେଲେ, "ଆମେ ବିଜ୍ଞାନ ଦିଗରେ ଚରମ ଅଗ୍ରଗତି କରିଥିଲୁ । ଠିକ୍ ଏହିପରି ସମୟରେ ଆମେ ଦାରୁଣ ବିପଦର ସମ୍ମୁଖୀନ ହେଲୁ । ଆମ ସୂର୍ଯ୍ୟ ଆପଣଙ୍କ ସୂର୍ଯ୍ୟର ବହୁ ପୂର୍ବରୁ ସୃଷ୍ଟି । ସୂର୍ଯ୍ୟଙ୍କ ଭିତରେ ଥିବା ଉଦ୍‌ଯାନ ଗ୍ୟାସ ଅହରହ ହିଲିୟମ ଗ୍ୟାସରେ ରୂପାନ୍ତରିତ ହୋଇ ଶକ୍ତିରେ ପରିଣତ ହେଉଛି । ସେହି ଶକ୍ତିକୁ ଆମେ ଉତ୍ତାପ ରୂପେ ପାଇପାରୁଛୁ । ହିଲିୟମ ପୁଣି ଉଦ୍‌ଜାନ ହେଉଛି ଓ ଉଦ୍‌ଜାନରୁ ହିଲିୟମ ବାହାରୁଛି । ଏହି ପ୍ରକ୍ରିୟା ଅନବରତ ଚାଲୁଥିବାରୁ ସୂର୍ଯ୍ୟ ସକଳ ଶକ୍ତିର ଆଧାର ତଥା ଉତ୍ସ ହୋଇ ସୌରଜଗତର କେନ୍ଦ୍ରରେ ରହିଛନ୍ତି । ମାତ୍ର ଆମେ ଲକ୍ଷ କଲୁ, କାଳକ୍ରମେ ଏହି ପ୍ରକ୍ରିୟା ମନ୍ଥର ହୋଇ ଆସିଲା । ଏହା ଫଳରେ ସୂର୍ଯ୍ୟଙ୍କଠାରୁ ଉତ୍ପନ୍ନ ହେଉଥିବା ଶକ୍ତି ମଧ୍ୟ କମିବାକୁ ଲାଗିଲା । ତା'ପରେ ଆମ୍ଭେମାନେ କି ପ୍ରକାର ଅସୁବିଧାରେ ସମ୍ମୁଖୀନ ହୋଇଥିବୁ ତାହା ଆପଣ ସହଜରେ ଅନୁମାନ କରି ପାରୁଥିବେ ।"

ମୁଁ କହିଲି, "ହଁ ଆମ ପୃଥିବୀର ବହୁବର୍ଷ ପରେ ଏପରି ଏକ ବିପଦର ସମ୍ମୁଖୀନ ହେବ ବୋଲି ଆମ ବୈଜ୍ଞାନିକମାନେ ପ୍ରକାଶ କଲେଣି ।

Digitized by srujanika@gmail.com

ଏହି ଶେଷ ଅବସ୍ଥା ଯେତେବେଳେ ପହଞ୍ଚିବ, ସେତେବେଳେ ସମଗ୍ର ପ୍ରାଣୀ ଜଗତ ଓ ଉଦ୍ଭିଦଜଗତକୁ ନିଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା କରିବା ଅସମ୍ଭବ ହୋଇ ପଡ଼ିବ । ଯାହାହେଉ ଏପରି ଏକ ବିପଦରୁ ଯେ ଆପଣମାନେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରି ରକ୍ଷା ପାଇ ପାରିଛନ୍ତି ତାହା ବଡ଼ ଆଶ୍ଚର୍ଯ୍ୟର କଥା । ଏବେ କୁହନ୍ତୁ ଆପଣମାନେ ଏହି ଭୟଙ୍କର ବିପଦରୁ କିପରି ରକ୍ଷା ପାଇଲେ ?”

ସେ ଆରମ୍ଭ କଲେ, “ଦିନକୁ ଦିନ ସୂର୍ଯ୍ୟଙ୍କ କିରଣର ପ୍ରଖରତା କମି କମି ଆସିଲା । ସୂର୍ଯ୍ୟ ତାଙ୍କର ସ୍ୱାଭାବିକ ଉଜ୍ଜ୍ୱଳ ପ୍ରଦୀପ୍ତ ଅବସ୍ଥା ଛାଡ଼ି ଅସ୍ତେ ଅସ୍ତେ ନାଲି ରଙ୍ଗ ଧାରଣ କଲେ । ସୂର୍ଯ୍ୟଙ୍କର ଏହି କ୍ଷୟିଷ୍ଣୁ ଅବସ୍ଥା ଯଦି ଲାଗିରହେ ତାହାହେଲେ ଦିନେ ନା ଦିନେ ଆମ ଗ୍ରହରୁ ଜୀବନର ସତ୍ତା ଲୋପ ପାଇଯିବ । ଏ ବିଷୟରେ ତୁରନ୍ତ ଗବେଷଣା ଲାଗି ସବୁ ଦେଶର ବୈଜ୍ଞାନିକମାନେ ଲାଗି ପଡ଼ିଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା ସୂର୍ଯ୍ୟଙ୍କ ସ୍ୱାଭାବିକତା ଫେରାଇ ଆଣିବାକୁ ପଡ଼ିବ । ନଚେତ୍ ଏ ସୁନ୍ଦର ସୃଷ୍ଟି ଧ୍ୱଂସ ପାଇଯିବ । କିନ୍ତୁ ଆମର ସକଳ ଚେଷ୍ଟା ବିଫଳ ହେଲା । ଆମେ ସମସ୍ତେ ନିରାଶ ହୋଇ ପଡ଼ିଲୁ । ତଥାପି ଏ ନିଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା ପାଇବା ଲାଗି ଶେଷ ଚେଷ୍ଟା ଚଳାଇଲୁ ।

ଉଦ୍ଭିଦ ଜଗତର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଲା । ସୂର୍ଯ୍ୟଙ୍କ କିରଣର ସାହାଯ୍ୟ ନେଇ ସେମାନେ ବାୟୁରୁ ଅଙ୍ଗାରକାମ୍ଳ ମାଟିରୁ ଜଳ ଓ ପତ୍ରରେ ଥିବା ପତ୍ରହରିତ୍ ସାହାଯ୍ୟରେ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତ କରନ୍ତି । ସୂର୍ଯ୍ୟକିରଣର ପ୍ରଖରତା କମିବା ପରେ ସେମାନଙ୍କର ଖାଦ୍ୟ ତିଆରିର ପରିମାଣ କମିବାକୁ ଲାଗିଲା । ଫଳରେ ଉଦ୍ଭିଦର ସ୍ୱାଭାବିକ ବୃଦ୍ଧିର ପରିମାଣ ମଧ୍ୟ ହ୍ରାସ ପାଇଲା । ଦେଶରେ ଖାଦ୍ୟାଭାବ ଦେଖା ଦେଲା । ସଞ୍ଚିତ ଖାଦ୍ୟରେ ବା ଲୋକମାନେ କେତେଦିନ ଚଳନ୍ତେ । ଅସ୍ତେ ଅସ୍ତେ ସବୁ ଦେଶରେ ଦୁର୍ଭିକ୍ଷ ତାର କାୟା ବିସ୍ତାର କରିବାକୁ ଲାଗିଲା ।

ଉଦ୍ଭିଦର ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟା ମନ୍ଥର ହୋଇଯିବା ସହ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରିବାର କ୍ଷମତା ମଧ୍ୟ କମିବାକୁ ଲାଗିଲା । ତେଣୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବଢ଼ିଗଲା ।

Digitized by srujanika@gmail.com

ଏହି ଦୂଷିତ ବାୟୁକୁ ପ୍ରାଣୀମାନେ ପ୍ରଶ୍ୱାସରେ ଗ୍ରହଣ କରିବା ଫଳରେ ନାନା ରୋଗର ଶିକାର ହେଲେ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବଢ଼ିବାକୁ ଲାଗିବାରୁ ଏହା ପ୍ରାଣୀ ଜଗତର ସ୍ଥିତି ପ୍ରତି ଏକ ବିପଦ ଦେଖାଦେଲା ।

ମୁଁ ପଚାରିଲି ଆପଣମାନେ ତ କୃତ୍ରିମ ଉପାୟରେ ଆଲୋକ ବିଶ୍ଳେଷଣ କ୍ଷମତା ବଢ଼ାଇ ପାରି ଥାଆନ୍ତେ । ଏ ସମ୍ପର୍କରେ ମୁଁ ଓ ମୋର ବନ୍ଧୁ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଜୈବ ବିଜ୍ଞାନବିତ୍ ଡଃ. କାଲଭିନ୍ ନେଇଥିବା ପଦକ୍ଷେପ ବିଷୟରେ ତାଙ୍କୁ କହିଲି । "ଆପଣ ତ ଜାଣନ୍ତି ଆଲୋକ ବିଶ୍ଳେଷଣ ପଦ୍ଧତି ମୂଳରେ ତିନିଗୋଟି ପ୍ରକ୍ରିୟା ନିହିତ ଅଛି, ପ୍ରଥମେ ପତ୍ରରେ ଥିବା ପତ୍ରହରିତ୍ ଦ୍ୱାରା ସୂର୍ଯ୍ୟକିରଣ ଶୋଷିତ ହୁଏ । ତା'ପରେ ସେହି ଶୋଷିତ ସୂର୍ଯ୍ୟକିରଣ ଶକ୍ତିରେ ପରିଣତ ହୋଇ ପତ୍ରରେ ଥିବା ଫଟୋକେମିକାଲ୍ କେନ୍ଦ୍ରରେ ଠୁଳ ହୁଏ । ନିମ୍ନ ଶ୍ରେଣୀର ଶିଉଳି ଜାତୀୟ ଉଦ୍ଭିଦକୁ ନେଇ କାଲଭିନ୍ ଏହି ଠୁଳଶକ୍ତି ସମ୍ବନ୍ଧରେ ଗବେଷଣା କରିଥିଲେ । ଶେଷରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଦ୍ୱାରା ଆମେ ଦେଖାଇଦେଲୁ ଯେ ଏହି କେନ୍ଦ୍ରୀଭୂତ ଶକ୍ତି ରସାୟନିକ ପ୍ରକ୍ରିୟାକୁ ବଳବତ୍ତର କରିବାକୁ ସାହାଯ୍ୟ କରୁଛି । ଚିନିର ଉତ୍ପାଦନ ଅର୍ଥାତ୍ ତାଠାରୁ ମିଳୁଥିବା ମଣ୍ଡଦ ଜାତୀୟ ଖାଦ୍ୟର ପରିମାଣ ବଢାଇବା ଅର୍ଥ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ପରିମାଣ ବଢ଼ାଇବା । ଆମ ସହିତ ବୈଜ୍ଞାନିକ ଉଇଟର ସାମିଲ ହେଲେ । ତାଙ୍କ ମତରେ କେବଳ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ଗ୍ୟାସ ଉପରେ ନିର୍ଭର କଲେ ଚଳିବ ନାହିଁ । ଶୁଷ୍କ ବରଫର ଗ୍ରେନ୍ ଗ୍ଲେଟ ଗୁଡାମାନ କୃଷି କ୍ଷେତ୍ରରେ ଥିବା ବୃକ୍ଷଗୁଡ଼ିକ ଉପରେ ଛିଞ୍ଚିଲେ ଉତ୍ପାଦନର ହାର ବଢି ପାରିବ । ଆମ୍ଭେମାନେ ଆମେରିକାର ଏକ କୃଷିକ୍ଷେତ୍ର ଉପରେ ଏହି ପରୀକ୍ଷା ଚଳାଇ ଆଶାନୁରୂପ ଫଳ ପାଇ ପାରିଲୁ ।"

"ଆପଣଙ୍କର ସମସ୍ତ ସଫଳତା ମୂଳରେ ଅଛି ସହଜଲବ୍ଧ ଉଜ୍ଜଳ ସୂର୍ଯ୍ୟକିରଣ । ମାତ୍ର ଆମ ପାଇଁ ତାହା ଥିଲା ଦୁର୍ଲଭ । ଆମେ ଆଉ ଆଗେଇ ଥାଆନ୍ତୁ କାହାକୁ ନେଇ ?" ଉତ୍ତର ଦେଲେ କୁବାଲି ।

"ଆମ ବୈଜ୍ଞାନିକ ମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ସୌରଜଗତର ପ୍ରାଣକେନ୍ଦ୍ର ସୂର୍ଯ୍ୟ ଯେତେବେଳେ ଧ୍ୱଂସ ଆଡ଼କୁ ଗତି

Digitized by srujanika@gmail.com

କରୁଛନ୍ତି, ଆମର ଏ କ୍ଷୁଦ୍ର ଚେଷ୍ଟା ସଫଳ ବା ହୁଅନ୍ତା କପରି ? ଆମର ସମସ୍ତ ଚେଷ୍ଟାକୁ ବିଫଳକରି ଦିନକୁ ଦିନ ଜୀବନ ଧାରଣ କଷ୍ଟକର ହୋଇ ପଡ଼ିଲା । ବାୟୁରେ ଅଙ୍ଗାରକାମ୍ଳର ପରିମାଣ ଅତ୍ୟଧିକ ହେବାରୁ ଜୀବନ୍ତ ପ୍ରାଣୀମାନଙ୍କ ପ୍ରଶ୍ୱାସ ବାୟୁରେ ଏହା ମୁଖ୍ୟ ଅଂଶ ଭାବେ ରହିଗଲା । ଫଳରେ ସେମାନଙ୍କର ମସ୍ତିଷ୍କର ସ୍ନାୟୁଗୁଡ଼ିକ କ୍ରମଶଃ ଦୁର୍ବଳ ହୋଇ ପଡ଼ିଲା । ମନୁଷ୍ୟମାନେ ସ୍ୱାଭାବିକଭାବେ ଅବଶବୋଧ କଲେ । ମନୁଷ୍ୟ ଭିତରେ ତାର ସ୍ୱାଭାବିକ ଉତ୍ସାହ, ଉନ୍ମାଦନା କାର୍ଯ୍ୟ କରିବାର ଆଗ୍ରହ ସବୁକିଛି ଲୋପ ପାଇଲା । ସବୁଠାରୁ ଚିନ୍ତାର ବିଷୟ ହେଲା ଏହି ଦୂଷିତ ବାୟୁକୁ ଗ୍ରହଣ କରି କେତେ ଦିନ ବା ମଣିଷସମାଜ ତିଷ୍ଠି ରହିବ ? ଖାଦ୍ୟ ଓ ବାୟୁ ବିନା ମଣିଷସମାଜ ପରିଶେଷରେ ବିସ୍ଫୋରଣରେ ପୋକମାଛି ପରି ପଡ଼ି ମରିଯିବେ ସେ । ଏହି ଚିନ୍ତା ଆମକୁ ବ୍ୟାକୁଳ କଲା ।"

"ଆମ ପୃଥିବୀରେ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ରହିବ ସୁଦ୍ଧା ଆମେ ଆମରି ବୁଦ୍ଧି ଯୋଗୁ ଆଜି ଧ୍ୱଂସ ଆଡ଼କୁ ଗତି କରୁଛୁ । ଅଣୁ ଅସ୍ତ୍ରର ପ୍ରୟୋଗ କ୍ରମେ ପୃଥିବୀରେ ବଢ଼ି ବଢ଼ି ଚାଲିଛି । ଏହିପରି ଭାବରେ ଅଣୁ ଅସ୍ତ୍ରର ପ୍ରୟୋଗ ବଢ଼ି ଚାଲିଲେ ଦିନ ଆସିବ ଯେତେବେଳେ ପୃଥିବୀର ବ୍ୟାପକ ଅଞ୍ଚଳରେ ନଉକ୍ଲିୟର ଛନ୍ଦି ଲାଗି ରହିବ । ତେଜସ୍କ୍ରିୟ ବିକିରଣ ଫଳରେ ଗୁରୁତର ରୋଗମାନ ଦେଖାଯିବ । ବିଶେଷତଃ ଥାଇରଏଡ୍ ଗ୍ଲାଣ୍ଡ ରକ୍ତ ଓ ଫୁସଫୁସ୍‌ରେ ବହୁ ପ୍ରକାର ରୋଗ ଦେଖାଯିବ । ଜ୍ୱଳନ୍ତ ମହାଦେଶଗୁଡ଼ିକର ଧୂଳଧୂମ କୁଣ୍ଡଳୀରେ ନିର୍ବାପିତ ହେବ ସୂର୍ଯ୍ୟାଲୋକ ଚତୁର୍ଦ୍ଦିଗରେ ବିଷ ବୃଷ୍ଟି, ତୁଷାରଝଡ଼ ଓ ଶୀତପ୍ରବାହ··· । ଆହୁରି ଅନେକ କିଛି ଘଟିବାର ଭବିଷ୍ୟତ ବାଣୀ ବୈଜ୍ଞାନିକମାନେ ଶୁଣାଇ ସାରିଲେଣି । ତଥାପି କ୍ଷମତାର ଲୋଭ ଆଜି ସାରା ପୃଥିବୀବାସୀଙ୍କୁ ଅନ୍ଧ କରିଛି । ସେମାନେ ଅଣୁଅସ୍ତ୍ର ପ୍ରୟୋଗରୁ କ୍ଷାନ୍ତ ହେବା ପରିବର୍ତ୍ତେ ଏହାର ବହୁଳ ପ୍ରୟୋଗ ଲାଗି ପ୍ରୟାସ କରୁଛନ୍ତି । ଶେଷରେ ଏହି ଅଣୁଅସ୍ତ୍ର ହିଁ ଦିନେ ଆମରି ମୁଣ୍ଡ ଉପରେ ଡେମୋକ୍ଲସଙ୍କ ଖଡ୍‌ଗ ହୋଇ ଝୁଲି ରହିବ ।" ଏସବୁ ଏକାନିଶ୍ୱାସରେ କହିଦେଇ ମୁଁ ଚୁପ ରହିଲି । ଆମରିପରି କେତେକ ବୈଜ୍ଞାନିକ ବିଜ୍ଞାନକୁ ଏପରି ଏକ ଧ୍ୱଂସ ପାଇଁ ପ୍ରୟୋଗ କରୁଥିବା କଥା ଭାବିଲେ ମନମୋର ଦୁଃଖରେ ଭରିଯାଏ ।

Digitized by srujanika@gmail.com

"ସେ ଦୃଷ୍ଟିରୁ ଆମର ଏ ଗ୍ରହ ଖୁବ୍ ଭଲ । ଏଠାକାର କୌଣସି ବୈଜ୍ଞାନିକ ବିଜ୍ଞାନକୁ ଧ୍ୱଂସ ଢଙ୍ଗରେ ପ୍ରୟୋଗ କରନ୍ତି ନାହିଁ । ଏପରି ହେବା ମୂଳରେ ରହିଛି ଗୋଟିଏ କଥା । ଆମର କୌଣସି ଦେଶ ନିଜ କ୍ଷମତାର ଅପବ୍ୟବହାର କରି ଅନ୍ୟ ଗୋଟିଏ ଦେଶର ଧନସମ୍ପତ୍ତିକୁ ଅଧିକାର କରିବାକୁ ଚାହାନ୍ତି ନାହିଁ । ଯିଏ ଏ ପ୍ରକାର ପଦକ୍ଷେପ ନେବ ତାକୁ ନିୟମ ଅନୁଯାୟୀ ଦଣ୍ଡିତ ହେବାକୁ ପଡ଼ିବ ।"

ମୁଁ କହିଲି ବାଃ କି ସୁନ୍ଦର ଏବଂ ସୁନ୍ଦର ନିୟମ । ଭାରତରେ ଥିଲାବେଳେ ଥରେ ଖୁବ୍ ସଖାଳୁ ଶ୍ରେଷ୍ଠ ପିଲାମାନେ ଏକ ପ୍ରାର୍ଥନା ବୋଲୁଥିଲେ । ସେ ପ୍ରାର୍ଥନାର ପଦଟିଏ ମୋ' ମୁଣ୍ଡରେ ଗାର ହୋଇ ରହିଛି ।

ମନହୁଏ ମୋର, ଗଢ଼ନ୍ତି ମୁଁ ଯାଇ
ଅଭିନବ ଏକ ରାଇଜ ଗୋଟି ।
ସେ ରାଜ୍ୟ ନ ଥା'ନ୍ତା ହିଂସା, ଦ୍ୱେଷ, କ୍ରୋଧ
ଭରି ରହିଥା'ନ୍ତା ପ୍ରେମର ଗୀତ ।

ଏଇ ତେବେ କ'ଣ ସେଇ ସୁନ୍ଦର ରାଜ୍ୟ । ଆମ ପୃଥିବୀବାସୀ ଯେବେ ନିଜକୁ ଏହିପରି ଗଢ଼ିପାରନ୍ତେ ତା'ହେଲେ ଏ ପୃଥିବୀଟା ସତେ ସ୍ୱର୍ଗ ପାଲଟି ଯାଆନ୍ତା ।

"ସମସ୍ତ ନିୟମରେ ଚଳି ସୁଦ୍ଧା ଆମ ଉପରେ ଯେତେବେଳେ ସ୍ରଷ୍ଟା କ୍ରୋଧ କରିଥିଲେ ଆମକୁ ବା ରକ୍ଷା କିଏ କରନ୍ତା ? ତେଣୁ ବିପଦପରେ ବିପଦ ମାଡ଼ି ଆସିଲା । ଅଙ୍ଗାରକାମ୍ଳ ଗ୍ୟାସ ମହାସାଗର ଜଳରେ ଦ୍ରବିଭୂତ ହୋଇଯାଏ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ପାଇବା ଯୋଗୁ ସମୁଦ୍ର ଜଳ ଫୁଲିବାକୁ ଲାଗିଲା । ବାରମ୍ବାର ସମୁଦ୍ର ମାଡ଼ି ଆସି ଉପକୂଳବର୍ତ୍ତୀ ଅଞ୍ଚଳର ଧନଜୀବନ ନଷ୍ଟ କରିବାକୁ ଲାଗିଲା । ସୂର୍ଯ୍ୟଙ୍କ କିରଣର ପ୍ରଖରତା କମିବାପରେ ଋତୁଚକ୍ରରେ ବ୍ୟତିକ୍ରମ ଦେଖାଗଲା । ଗ୍ରୀଷ୍ମଋତୁ ନ ହେବାରୁ ବର୍ଷାଋତୁ ମଧ୍ୟ ଆସିଲା ନାହିଁ । କେବଳ ଶୀତଋତୁ ବର୍ଷସାରା ମଧ୍ୟ ଲାଗି ରହିଲା । ବାୟୁମଣ୍ଡଳର ତାପମାତ୍ରା କମି କମି ଯିବାରୁ ସମସ୍ତ ଜଳାଶୟଗୁଡ଼ିକର ଉପରିଭାଗ ଜଳ ବରଫ ହେବାକୁ ଲାଗିଲା । ମୋଟ ଉପରେ କହିବାକୁ ଗଲେ ବରଫ ଯୁଗ ଆସିଗଲା । ଆଉ ସହି ହେଲାନାହିଁ । ବାୟୁ, ଜଳ

Digitized by srujanika@gmail.com

ଓ ଖାଦ୍ୟର ଅଭାବରେ ମୃତ୍ୟୁ ତା'ର ତାଣ୍ଡବଲୀଳା ସୃଷ୍ଟି କରିଚାଲିଲା । ଓଃ ସେତେବେଳକାର ସେ ଭୀଷଣ ଦୃଶ୍ୟ ମୋ' ମନେ ପଡ଼ିଗଲେ ଏବେ ବି ମୋର ଦେହ ଶିହରି ଉଠୁଛି ।"

ବାସ୍ତବିକ କୁବାଲିଙ୍କ ଦେହର ପ୍ରତିଟି ଲୋମ ସେତେବେଳେ ଉପରେ ଫୁଲି ଉଠିଥିଲା । ମୁଁ କେବଳ ନୀରବରେ ଏ ଲୋମହର୍ଷଣକାରୀ ଘଟଣା ଶୁଣୁଥାଏ ଏବଂ ଚିନ୍ତା କରୁଥାଏ ଆଉ ହୁଏ ତ କେତେବର୍ଷ ବିତିଯିବା ପରେ ଏହି ଭୟଙ୍କର ପ୍ରଳୟର ସମ୍ମୁଖୀନ ଆମ ପୃଥିବୀବାସୀ ମଧ୍ୟ ହେବେ । "ବାସ୍ତବିକ ବଡ଼ ଦୁଃଖଦାୟକ ଘଟଣା । ତା'ପରେ କ'ଣ ହେଲା ?"

"ଏତେ କଷ୍ଟ ଆଉ ସହ୍ୟ ହେଲା ନାହିଁ । ପୋକମାଛି ପରି ମଣିଷ ରାସ୍ତାଘାଟରେ ପଡ଼ି ଛଟପଟ ହୋଇ ମରିବାକୁ ଲାଗିଲେ । ଘରଦ୍ୱାର, ରାସ୍ତା ସବୁଆଡ଼େ ଶବପଡ଼ି ଏକ ବିକଟ ଗନ୍ଧ ବାହାରିଲା । ଆମେ କେତେକ ବୈଜ୍ଞାନିକ ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ଏ ପ୍ରକାର ବିପଦରୁ ରକ୍ଷାପାଇଁ ମାଟିତଳେ ଏକ ସହର ନିର୍ମାଣ କରି ବଞ୍ଚିରହିଥିବା ଲୋକଙ୍କୁ ଥଇଥାନ କଲୁ ।

"ଭୂମି ତଳେ ରହି ଆପଣମାନେ ତ ବରଫ ମାଡ଼ରୁ ରକ୍ଷା ପାଇଗଲେ, ହେଲେ ଖାଦ୍ୟ ଓ ବାୟୁର ଅଭାବ ପୂରଣ କଲେ କିପରି ?

"ହଁ ମୁଁ ଆପଣଙ୍କୁ ସେ କଥା କହିବାକୁ ଭୁଲିଯାଇଥିଲି । ଏ ଅବସ୍ଥା ଆସିବାର କେତେକ ପୂର୍ବରୁ ଆମେ ଏକ ପ୍ରକାର ପିଲ୍ ତିଆରି କରିଥିଲୁ । ଯାହାକୁ ଖାଇଦେଲେ ମଣିଷ କେତେକ ଦିନ ଲାଗି ଖାଦ୍ୟ ଓ ଜଳର ଅଭାବ ଅନୁଭବ କରିପାରିବ ନାହିଁ । ବାୟୁ ପାଇଁ ଅମ୍ଳଜାନର ପ୍ୟାକେଟମାନ ସଞ୍ଚୟ କରି ରଖିଥିଲୁ । କିନ୍ତୁ ଏତେ ବ୍ୟୟସାପେକ୍ଷ ପ୍ରକ୍ରିୟା ଅବଲମ୍ବନରେ କେତେ ବା ଲୋକଙ୍କୁ ବଞ୍ଚାଇ ରଖିପାରନ୍ତୁ ?"

"ବେଶ୍ ଭଲ ପିଲ୍ ତ, ଆମେ କହୁ ଭୋକଶୋଷ ଲଡ଼ୁ ।"
—"ଆପଣମାନେ ତାହାହେଲେ ଏ ପ୍ରକାର ପିଲ୍‌ର ସନ୍ଧାନ ପାଇ ପାରିଛନ୍ତି ?"

ମୁଁ ହସି ହସି ଉତ୍ତର ଦେଲି, "ନା, ନା । ମୋର ଜ୍ୱାଇଁ ଅମ୍ଳାନ ଥରେ କହୁଥିଲେ ତାଙ୍କର ଏକ କାହାଣୀରେ ବର୍ଣ୍ଣନା ଅଛି କେଉଁ

Digitized by srujanika@gmail.com

ରାଜାପୁଅ ଭୋକଶୋଷ ଲଡ଼ୁ ଖାଇ, ମନପବନ କଟୋଉ ପିନ୍ଧି ଚଉଦ ବ୍ରହ୍ମାଣ୍ଡ ବୁଲି ଆସିଥିଲା । ଏକଥା ସେ ତାଙ୍କର ଆଈମା ଠାରୁ ଶୁଣିଥିଲେ । କିନ୍ତୁ ଦେଖିଲେ ଆଈମାର ସେ କାହାଣୀ ଆଧୁନିକ ବିଜ୍ଞାନଯୁଗ ସହ ଖୁବ ସୁନ୍ଦର ଭାବରେ ମିଳିଗଲା । ଆମର ବୈଜ୍ଞାନିକମାନେ ତ ଏକାଧିକ ବ୍ରହ୍ମାଣ୍ଡ ଥିବାର ପ୍ରମାଣ ପାଇସାରିଲେଣି । ଆଉ ସେମାନଙ୍କ ଦ୍ୱାରା ଉଦ୍ଭାବିତ ରକେଟଯାନ ଯୁଗରେ ମନପବନ କଟୋଉ ସହିତ ସମାନ । ଭୋକଶୋଷ ଲଡ଼ୁ ତିଆରି ପାଇଁ ବର୍ତ୍ତମାନ ଚେଷ୍ଟା ଚାଲିଛି ।”

“ବାଃ ବେଶ ଚମତ୍କାର ତ ଆପଣଙ୍କ ପୁରାଣ କାହାଣୀ । ଆମର ସେହି ପିଲ୍ ଖାଇ ଅଳ୍ପକେତେକ ମଣିଷ କିଛିଦିନ ବଞ୍ଚିଗଲେ । ସେହି ସମୟରେ ଆମର କେତେକ ବୈଜ୍ଞାନିକ ମିଶି ଏକ ଅଭିନବ ଉପାୟରେ ଭୂମି ଉପରେ ଥିବା ବରଫସ୍ତରକୁ ତରଳାଇବାରେ ଲାଗିଲେ । ସେଥିରୁ ଅମ୍ଳଜାନ ଓ ଉଦ୍‌ଜାନ ବାହାର କଲେ । ମିଳିଥିବା ଅମ୍ଳଜାନକୁ ଭୂମିତଳେ ଥିବା ଲୋକଙ୍କୁ ଯୋଗାଇ ଦିଆଗଲା । ଆମେ କେତେଜଣ ହତଭାଗ୍ୟ ବୈଜ୍ଞାନିକ କେବଳ ସମସ୍ତ ଦୁଃଖକୁ ମୁଣ୍ଡପାତି ସହି ପରିବେଶ ସହ ନିଜକୁ ବୈଜ୍ଞାନିକ ଉପାୟରେ ଖାପ ଖୁଆଇ ବଞ୍ଚି ରହିଲୁ ।”

“ଆପଣମାନେ କେତୋଟି ଜୀବନ ତ ରକ୍ଷା କରିପାରିଲେ । ସେହି ଦୃଷ୍ଟିରୁ ଆପଣମାନେ ଭାଗ୍ୟବାନ୍ । ହତଭାଗ୍ୟ କାହିଁକି ବୋଲି ମନେ କରୁଛନ୍ତି ?”

ଦୀର୍ଘ ନିଶ୍ୱାସ ତ୍ୟାଗକରି କାତର ଏକ ଦୁଃଖଭରା କଣ୍ଠରେ କୁବାଲି କହିଲେ, “ବହୁ ଜୀବନ ରକ୍ଷା କରିଛୁ ସତ, ମାତ୍ର ଯେଉଁ କେତୋଟି ଜୀବନ ରକ୍ଷା କରିବାର କର୍ତ୍ତବ୍ୟ ନେଇ ମୁଁ ସଂସାରକୁ ଆସିଥିଲି ତାହା ପାରିଲି ନାହିଁ ।” କୁବାଲିଙ୍କ ଆଖିରେ ଲୁହ ଦେଖି ମୁଁ ବିଚଳିତ ହୋଇପଡ଼ିଲି । ସେ ପାଗଳପରି ଗପି ଚାଲୁଥିଲେ ତାଙ୍କ ଜୀବନର ବିଗତ ଦୁଃଖାନ୍ତ ସ୍ମୃତିକୁ ।

“ଲୋକମାନେ ଖାଦ୍ୟ ଓ ବାୟୁ ବିନା ସନ୍ତ୍ରାଘାତରେ ପଡ଼ି ପୋକ ମାଛିପରି ମରିବାକୁ ଆରମ୍ଭ କରିବାର ଦେଖି ଆମର ଆଉ ଧୈର୍ଯ୍ୟ ରହିଲା ନାହିଁ । ଜୀବନର ସତ୍ତା ବାସ୍ତବରେ କ'ଣ ଲୋପ ପାଇଯିବ ? ଏହି ଚିନ୍ତା ଆମକୁ ବିବ୍ରତ କଲା । ଆମଭିତର କେତେକ ବୈଜ୍ଞାନିକ ମଧ୍ୟ ଏ ଦୁର୍ବିପାକର ଶିକାର ହୋଇଗଲେ । ମୃତ୍ୟୁ ପାଦ ଟିପି ଟିପି

Digitized by srujanika@gmail.com

ଆସି କେତେବେଳେ ଯେ କାହା ସମ୍ମୁଖରେ ଛିଡ଼ା ହୋଇଗଲା ତା'ର ହିସାବ କେହି ରଖିପାରିଲେ ନାହିଁ । ଆମେ ଯେତେଜଣ ବଞ୍ଚି ରହିଲୁ ନିଜର ଜୀବନ ରକ୍ଷା କରିବା ସଙ୍ଗେ ସଙ୍ଗେ ଗବେଷଣାରେ ବୁଡ଼ି ରହିଲୁ । ଏ ଗ୍ରହରେ ଜୀବନର ସତ୍ତାକୁ ଆମେ ଲୋପ କରିବାକୁ ଦେବୁ ନାହିଁ, ଏହା ହିଁ ହେଲା ଆମ ପ୍ରତିଜ୍ଞା । ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଆମର ଗବେଷଣା ସଫଳ ହେବାର ଶୁଭ ଦିନଟି ଆଗେଇ ଆସିଲା । ସଫଳତାର ସୁଖ ସ୍ୱପ୍ନରେ ବୁଡ଼ିରହି ମୁଁ ଭୁଲିଗଲି ମୋ ନିଜକୁ, ମୋ ଘରସଂସାରକୁ, ମୋର ସବୁ କିଛିକୁ । ତୁମେ ତ ଜଣେ ଖ୍ୟାତନାମା ବୈଜ୍ଞାନିକ । କହିଲ ଦେଖି ମୁଁ କ'ଣ ଅପରାଧ କଲି ?" ପାଗଳପରି ସେ ମୋ' ମୁହଁକୁ ଅନାଇ କେବଳ ଗପି ଚାଲିଲେ । ତାଙ୍କ ଆଖିରେ ଭରି ରହିଥିଲା ଆତ୍ମଗ୍ଳାନି ଜନିତ ବିଷାଦର ଛାୟା । ମୁହଁ ତାଙ୍କର ବେଳକୁ ବେଳ ଅସ୍ୱାଭାବିକ୍ ଦିଶିଲାପରି ଜଣାଗଲା । ମତେ ଭୟ ଲାଗିଲା । ତାଙ୍କ ଗ୍ରହର ଦୁର୍ବିପାକ ବିଷୟ ପଚାରିବାକୁ ଯାଇ ମୁଁ ଏକ ବଡ଼ ଅପରାଧ କଲି ବୋଲି ଭାବିଲି । ତାଙ୍କ ଦୁଃଖଦ ଅବସ୍ଥାକୁ ବଦଳାଇବା ପାଇଁ ନମ୍ର ଭାବରେ କହିଲି, 'ଆଜି ଏତିକି ଥାଉ । ଚାଲନ୍ତୁ କେଉଁଆଡ଼େ ଟିକେ ବୁଲି ଆସିବା । କିନ୍ତୁ ସେ ମୋ' କଥା ଶୁଣିବା ପାଇଁ ପ୍ରସ୍ତୁତ ନଥିଲେ । ପାଗଳପରି ସେ ଗପି ଚାଲିଥିଲେ ସେହି ହୃଦୟ ବିଦାରକ କାହାଣୀ । ମୁଁ ବସିଥିଲି ନିର୍ବାକ୍ ହୋଇ ।"

"ଆମର ଗବେଷଣା ସଫଳ ହେଲା । ବଞ୍ଚି ରହିଥିବା ଖୁବ୍ ଅଳ୍ପ ଜୀବନ ମୃତ୍ୟୁର ଶୀତଳ ଆଲିଙ୍ଗନ ସ୍ପର୍ଶରୁ ରକ୍ଷା ପାଇଲେ । ଆନନ୍ଦରେ ଅଧୀର ହୋଇ ମୁଁ ଫେରିଗଲି ମୋର ଘରକୁ । ହେଲେ··· ଘରେ ଯାଇ କ'ଣ ଦେଖିଲି ଜାଣନ୍ତି ? ସମସ୍ତେ ହଜିଯାଇଥିଲେ ସେହି ବରଫଯୁଗର ବିଭୀଷିକାମୟ ପରିବେଶରେ । କେହି ଜଣେ ନଥିଲେ ମୋର ଏହି ସଫଳତା ଉପଭୋଗ କରିବା ପାଇଁ । ସମସ୍ତେ ମୋ'ଠାରୁ ଦୂରେଇ ଯାଇଥିଲେ । ଏହି ଚରମ ଦୁଃଖରେ ମୋ' ହୃଦୟ ବିଦୀର୍ଣ୍ଣ ହୋଇଗଲା । କିନ୍ତୁ··· ।"

କଥାର ମୋଡ଼ ଘୁରାଇ ତାଙ୍କ ମନରେ ପରିବର୍ତ୍ତନ ଆଣିବା ପାଇଁ ମୁଁ କହିଲି, "ପରିସ୍ଥିତିର ଚାପରେ କିଏ କେଉଁଆଡ଼େ

Digitized by srujanika@gmail.com

ହଜିଗଲେ ଆପଣ ନିଶ୍ଚୟ ଦୁଃଖ କରିବେ । କିନ୍ତୁ ହେବ କ'ଣ ? ଜନ୍ମ ଓ ମୃତ୍ୟୁ ସଂସାରର ଚିରନ୍ତନ ସତ୍ୟ । ସେହି ଚିରନ୍ତନ ସତ୍ୟକୁ ଉପଲବ୍ଧି କରି କ୍ଷଣିକ ମୋହ ପରିତ୍ୟାଗ କରନ୍ତୁ ।"

ସେ ବସି ରହିଥିଲେ ନ ଶୁଣିବାପରି । କିଛି ସମୟ ବିଷାଦଭରା ମୁହଁରେ ନୀରବରେ ବସି ରହିବା ପରେ ସେ ପୁଣି ଆରମ୍ଭ କଲେ, "ଓଃ ସେ କି ଭୀଷଣ ଦୃଶ୍ୟ, ଏବେ ବି ମୋ' ମନରୁ ଲିଭିପାରୁ ନାହିଁ । ମୋ ସ୍ତ୍ରୀ, ପୁଅ, ଝିଅ ଟୋପିଏ ପାଣି ଓ ମୁଠାଏ ଖାଦ୍ୟବିନା କି କଷ୍ଟରେ ମରି ନଥିବେ । ମନେ ପଡ଼ିଗଲେ ହୃଦୟ ମୋର ବିଦୀର୍ଣ୍ଣ ହୋଇଯାଉଛି । ମୁଁ ମହାଦୋଷୀ, ମୋର ଏ ପାପର ପ୍ରାୟଶ୍ଚିତ୍ତ ନାହିଁ । ସେମାନଙ୍କର ମୃତ୍ୟୁ ମୋ' ହୃଦୟକୁ ସର୍ବଦା ଦୁଃଖାଭିଭୂତ କରି ରଖୁଛି ।" ଏତିକି କହିଯାଇ ଅତ୍ୟନ୍ତ ଦୁଃଖ ଓ ଅନୁତାପରେ ସେ ମୋ'ଠାରୁ ବିଦାୟ ନେଇ ଚାଲିଗଲେ ।

ବନ୍ଧୁ ଅଶ୍ରୁଳ ନେତ୍ରରେ ମୋ' ଠାରୁ ବିଦାୟ ନେବା ପରେ ମୋ' ମନ ମଧ୍ୟ ଘୋର ଦୁଃଖ ଓ ବିଷାଦରେ ଭରିଗଲା । ପୃଥିବୀରେ ମୁଁ ଛାଡ଼ି ଆସିଥିବା ମୋ' ପ୍ରିୟ ପରିଜନମାନଙ୍କ କଥା ମନେ ପଡ଼ିଗଲା । ମୋର ସଂକଳ୍ପ ଦମ୍ଭର ବନ୍ଧକୁ ଠେଲି ଦେଇ ହୃଦୟ ଭିତରୁ ଦୁଃଖ ଓ ଅନୁତାପର ଦୀର୍ଘନିଃଶ୍ୱାସ ବହିବାକୁ ଲାଗିଲା । ଆଖି ମୋର ଲୁହ ଛଳ ଛଳ ହୋଇଉଠିଲା । ଜୀବନଟା ଗୋଟିଏ ବୋଝପରି ମନେ ହେଲା । ଏକ ଅଜଣା ରାଜ୍ୟରେ ବନ୍ଦୀପରି ଜୀବନ କଟାଉ ଥିବାବେଳେ ଏକମାତ୍ର ବନ୍ଧୁ ଯାହାଙ୍କ ପାଇଁ ମୁଁ ସବୁକଥା ଭୁଲିଯାଇ ସୃଷ୍ଟିର ରହସ୍ୟ ଭେଦ କରିବା ଲାଗି ବିଜ୍ଞାନ ଚର୍ଚ୍ଚାରେ ଲାଗି ଯାଇଥିଲି । ତାଙ୍କ ପାରିବାରିକ ବିଚ୍ଛେଦ ଜନିତ ଆଖିର ଲୁହ ମୋ' ମନ ଭିତରେ ଅସହ୍ୟ ବେଦନା ସୃଷ୍ଟି କଲା । ତୃତୀୟ ବ୍ୟକ୍ତି କିଏ ଅଛି ଯେ କି ମୋତେ ଓ ମୋ' ବନ୍ଧୁଙ୍କୁ ବୁଝାଇ ହୃଦୟର କ୍ଷତରେ ସାନ୍ତ୍ୱନାର ପ୍ରଲେପ ବୋଳିଦେବ !......

କିଛି ସମୟ ଦୁଃଖରେ ଦଗ୍‌ଧ ହେଉଥିବାବେଳେ ମୋର ସବୁ ପ୍ରିୟଜନମାନଙ୍କ କଥା ଗୋଟି ଗୋଟି ହୋଇ ମନେ ପଡ଼ିଗଲା । ମୋର ଭାରତୀୟ ଜାମାତାଙ୍କ କଥା ମଧ୍ୟ ମନେ ପଡ଼ିଗଲା । ପୃଥିବୀର ଶ୍ରେଷ୍ଠ ଗ୍ରନ୍ଥ ଭଗବତ୍‌ଗୀତା ଖଣ୍ଡିଏ ସେ ମୋତେ ଦେଇ କହିଥିଲେ,

Digitized by srujanika@gmail.com

"ମହାତ୍ମାଗାନ୍ଧୀ ତାଙ୍କର ଘୋର ଦୁଃଖ ବେଳେ ଏହି ଗୀତାରୁ ପଢିଏ ପଢି ଧୈର୍ଯ୍ୟ ଧରନ୍ତି ଓ ସମାଧାନର ସୂତ୍ର ପାଆନ୍ତି । ଗୀତାର ଗୋଟିଏ ପ୍ରଧାନ ଉପଦେଶ କଥା ସେ ମୋତେ କହିଥିବାର ମନେ ପଡ଼ିଗଲା । "ଦୁଃଖରେ ବିଚଳିତ ହେବ ନାହିଁ କି ସୁଖ ପ୍ରତି କୌଣସି ଆଗ୍ରହ ରଖିବ ନାହିଁ । ଆସକ୍ତି, ଭୟ ଓ କ୍ରୋଧ ଏହି ତିନୋଟି କଥାକୁ ତ୍ୟାଗ କଲେ ବିଶ୍ୱର ଯେ କୌଣସି ସ୍ଥାନରେ ଥାଅ ବା ଯେ କୌଣସି ଅବସ୍ଥାରେ ଥାଅ, ଶାନ୍ତିରେ ଜୀବନ କଟାଇବା ସମ୍ଭବ ହେବ ।"

ଏହାପରେ ଗୀତାର ଆଉ ଗୋଟିଏ କଥା ମୋର ମନେ ପଡିଗଲା । "ଜନ୍ମ ହେଲେ ମୃତ୍ୟୁ ଏକ ଧ୍ରୁବ ସତ୍ୟ । ତେଣୁ କୌଣସି ଲୋକର ମୃତ୍ୟୁରେ ଜ୍ଞାନୀଲୋକ ଦୁଃଖ କରିବା ଅନୁଚିତ । ବାସ୍ତବିକ୍ କାହାରି ମୃତ୍ୟୁରେ ଦୁଃଖକଲେ କେହି ଫେରି ଆସେ ନାହିଁ ।" ଏକଥା ଚିନ୍ତା କରି ହୃଦୟରେ ମୋର ନୂତନ ଦମ୍ଭ ଓ ନୂତନ ଧୈର୍ଯ୍ୟର ସଞ୍ଚାର ହେଲା । କିଛି ସମୟ ଗୀତାର ଏହି ନିରାଟ ବାସ୍ତବସତ୍ୟକୁ ମନ ଭିତରେ ଚିନ୍ତା କଲି ପରେ ଯେଉଁ ବିଷାଦର ଘନ କୁହୁଡ଼ି ମତେ ଗ୍ରାସ କରିଥିଲା ତାହା ଆଖିର ପଲକମାତ୍ରେ ଉଭାଇଗଲା । ମୁଁ ସଙ୍ଗେ ସଙ୍ଗେ ଚାଲିଲି ମୋ ବନ୍ଧୁଙ୍କ ପାଖକୁ, ତାଙ୍କୁ ଏହି କଥାଟି ବୁଝାଇ ଦେବାଲାଗି ।

ବନ୍ଧୁଙ୍କ ପାଖରେ ପହଞ୍ଚି ଦେଖିଲି ଘୋର ଦୁଃଖ ଓ ବିଷାଦରେ ସେ ଶୋଇଛନ୍ତି, ଆଖି ତାଙ୍କର ଲୁହ ଛଳଛଳ । ମୋ ନିଜ ପାରିବାରିକ ବିଚ୍ଛେଦ ସହ ଭଗବତଗୀତାର ଯେଉଁ କେଇପଦ ମୋ ଦୁଃଖ ଦୂର କରିଥିଲା ତାହା ମଧ୍ୟ ତାଙ୍କୁ ବୁଝାଇ କହିଲି ।

ପାଖରେ ଥାଇ ଆମ ପରିବାରରୁ ଯଦି କେହି ମରି ଥାଆନ୍ତେ ସହସ୍ର ଚେଷ୍ଟା କରି ମଧ୍ୟ ଆମେ ତାଙ୍କୁ ଫେରାଇ ଆଣି ପାରି ନଥାନ୍ତୁ । ଦୁଃଖରେ ଭାଙ୍ଗି ପଡିବା କି ସୁଖରେ ଆତ୍ମହରା ହେବା ଉଚିତ୍ ନୁହେଁ । ସକଳ ପ୍ରକାର ଅଶାନ୍ତି, ଭୟ ଓ କ୍ରୋଧକୁ ଦୂରେଇ ଦେଇ ଆମେ ହେବା ସ୍ଥିତପ୍ରଜ୍ଞ । ଗବେଷଣାପାଇଁ ସ୍ଥିତପ୍ରଜ୍ଞତା ଆମର ଯଥେଷ୍ଟ ସହାୟକ ହେବ ।

ବନ୍ଧୁ ଆଗ୍ରହ ସହକାରେ ସବୁ ଶୁଣି ସାରିଲା ପରେ ଦେଖିଲି ତାଙ୍କ ମୁହଁର ରଙ୍ଗ ବଦଳିଗଲା । କିଛି ସମୟ ପରେ ସେ ମୋ ସହିତ

Digitized by srujanika@gmail.com

କରମର୍ଦ୍ଦନ କରି କହିଲେ, ବାସ୍ତବିକ ଯାହା କହିଲେ ତାହା ନିର୍ଘାଟ ସତ୍ୟ । ଏବେ ମୁଁ ସକଳ ଦୁଃଖ ଭୁଲି ମୋ ଗବେଷଣାରେ ମନୋନିବେଶ କରିବି । ଭାରତୀୟ ଦର୍ଶନର ନିର୍ଯ୍ୟାସ ଭଗବତଗୀତା ଓ ଭାରତର ଅତୀତ ସଂସ୍କୃତି ପ୍ରକୃତରେ କେତେ ମହାନ ମୁଁ ପୁଣି ଥରେ ଭଲଭାବେ ଉପଲବ୍ଧି କଲି ।

ଆମ ଦୁହିଙ୍କ ମୁହଁରେ ଆନନ୍ଦର ଚିହ୍ନ ସ୍ୱରୂପ ହସର ରେଖା ଉକୁଟି ଉଠିଲା । ଦୁହିଙ୍କର ସ୍ୱାଭାବିକତା ଫେରିଲା ପରେ ପୂର୍ବପରି ଆମର ପୁଣି ଆଲୋଚନା ଚାଲିଲା ।

ଆଜି ହଠାତ୍ ମୁଁ କୁବାଲଙ୍କୁ ପଚାରିଲି, "ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସୌର ଜଗତର ପ୍ରାଣକେନ୍ଦ୍ର ସୂର୍ଯ୍ୟଙ୍କୁ ପୁଣି ପୂର୍ବପରି ଆପଣମାନେ ଫେରି ପାଇଲେ କିପରି ? "

"ବୈଜ୍ଞାନିକ ହୋମିୟସଙ୍କର ଉନ୍ନତ ମସ୍ତିଷ୍କରୁ ବାହାରିଲା କୃତ୍ରିମ ସୂର୍ଯ୍ୟ ତିଆରିର ଏକ ଅଭିନବ ଉପାୟ । ବରଫ ତରଳାଇ ସେଥିରୁ ପାଉଥିବା ଉଦ୍‌ଜାନରୁ ତିଆରି ହେଲା ନୂଆ ସୂର୍ଯ୍ୟ । ଆର୍ଟିଫିସିଆଲ ବମ୍ବାର୍ଡମେଣ୍ଟ ଦ୍ୱାରା ଉଦଜାନରୁ ହିଲିୟମ୍ ଗ୍ୟାସ ଉତ୍ପନ୍ନ ହେବା ସଂଗେ ସଂଗେ ପ୍ରଚୁର ତାପ ଶକ୍ତି ମଧ୍ୟ ମିଳିଲା । ଏହାହିଁ ହେଲା ଆମ ନୂତନ ସୂର୍ଯ୍ୟର ମୂଳତତ୍ତ୍ୱ । ଏଣିକି ଆମ ଆକାଶରେ ନୂତନ ସୂର୍ଯ୍ୟ ତାର ନୂତନ ଦୀପ୍ତି ନେଇ ହସି ଉଠିଲା । ମାତ୍ର ଧ୍ୱଂସାଭିମୁଖୀ ଏହି ଗ୍ରହ ଉପରେ ବହି ଚାଲିଥିବା ଝଡ଼ ଏତିକିରେ ଶେଷ ହୋଇ ନଥିଲା ।"

"ସୂର୍ଯ୍ୟଙ୍କଠାରୁ ସ୍ୱାଭାବିକ ଉତ୍ତାପ ପାଇବା ପରେ ପୁଣି ଆପଣମାନଙ୍କର ବିପଦ କ'ଣ ରହିଲା ?"

"ହଁ, ସୂର୍ଯ୍ୟଙ୍କଠାରୁ ଉତ୍ତାପ ପାଇବା ପରେ ଆମ ଗ୍ରହର ସ୍ୱାଭାବିକ ଅବସ୍ଥା ଆସ୍ତେ ଆସ୍ତେ ଫେରି ଆସିଲା । ସୂର୍ଯ୍ୟଙ୍କ କିରଣର ସ୍ପର୍ଶ ପାଇ ବରଫସ୍ତରର ଭିତରୁ ମୁକ୍ତ ପାଇଥିବା ଗଛର ଗଣ୍ଡିରେ ଯେତେବେଳେ ପତ୍ର କଅଁଳି ଉଠିଲା । ଆମ ଆନନ୍ଦର ଆଉ ସୀମା ରହିଲା ନାହିଁ । ବରଫର ସ୍ତୂପମାନ ଆସ୍ତେ ଆସ୍ତେ ତରଳି ଗଲା । ବାୟୁରେ ଅମ୍ଳଜାନ ଓ ଅଂଗାରକାମ୍ଳର ଅନୁପାତ ଠିକ ରହିଲା । ଆସ୍ତେ

Digitized by srujanika@gmail.com

ଅସ୍ତେ ଆମେ ଭୂମିତଳେ ରହୁଥିବା ମଣିଷମାନଙ୍କୁ ଉପରକୁ ଆଣିଲୁ । ହେଲେ ପୁଣି ଆମ ଭାଗ୍ୟରେ ଏକ ଦାରୁଣ ବିପର୍ଯ୍ୟୟ ଘଟିଲା । ଦୀର୍ଘ ଦିନ ଧରି ଭୂମିତଳେ ରହୁଥିବା ଏଇ ମଣିଷମାନେ ଉଜ୍ଜ୍ୱଳ ସୂର୍ଯ୍ୟ କିରଣରେ ସେମାନଙ୍କର ପ୍ରଜନନ କ୍ଷମତା ହରାଇ ବସିଲେ । ପୁଣି ଏହା ଏକ ବିରାଟ ସମସ୍ୟା ହୋଇ ଆମ୍ଭମାନଙ୍କ ଆଗରେ ଦେଖାଗଲା । ଯଦି ସମସ୍ତ ସ୍ତ୍ରୀ ଓ ପୁରୁଷ ସେମାନଙ୍କର ପ୍ରଜନନ କ୍ଷମତା ହରାଇ ବସନ୍ତି ତା'ହେଲେ ନୂତନ ସୃଷ୍ଟି ବିନା ଏ ମଣିଷ ସମାଜ ତିଷ୍ଠିବ କିପରି ? ଆମର ସବୁ ପରିଶ୍ରମ ଯେ ବୃଥା ହୋଇଯିବ । ପ୍ରକୃତରେ ଦାରୁଣ ବିପର୍ଯ୍ୟୟ ସହ ଲଢି ଲଢି ଆମ ବୈଜ୍ଞାନିକମାନଙ୍କର ଦୃଢ ମନୋବଳ ତଥାପି ଭାଙ୍ଗି ନଥାଏ । ଦୃଢପ୍ରତିଜ୍ଞ ସାଧକର ସାଧନା ନିକଟରେ ସବୁ ଦୁଃଖ କଷ୍ଟ ଆପେ ଆପେ ମୁଣ୍ଡ ନୁଆଁଇ ଦିଏ । ଠିକ ସେମିତି ଆମର କଠୋର ପରିଶ୍ରମୀ ଏହି ବୈଜ୍ଞାନିକମାନଙ୍କ ନିକଟରେ ସବୁ ସମସ୍ୟା ଗୋଟିକ ପରେ ଗୋଟିଏ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ । ପ୍ରକୃତିର ନିଷ୍ଠୁର କଷାଘାତରେ ଆମର ଦୃଢପ୍ରତିଜ୍ଞ ସାଧକମାନେ ଭାଙ୍ଗି ପଡିଲେ ନାହିଁ । ଏପରି ସମୟରେ ଧୈର୍ଯ୍ୟ ସହକାରେ ଲାଗି ପଡି ନଥିଲେ ଆମ ସୌରଜଗତର ଏକମାତ୍ର ଜୀବନ୍ତ ପ୍ରାଣୀ ଥିବା ଏହି ଗ୍ରହ ଅନ୍ୟାନ୍ୟ ଗ୍ରହମାନଙ୍କ ପରି ଏକ ଶୁଷ୍କ ବାଲୁକାମୟ ମରୁଭୂମିରେ ପରିଣତ ହୋଇଥାନ୍ତା ।

ବହୁ ଗବେଷଣା, ପରୀକ୍ଷା, ନିରୀକ୍ଷା ପରେ ଆମ ବୈଜ୍ଞାନିକମାନେ ଏକ ସିଦ୍ଧାନ୍ତରେ ଉପନୀତ ହେଲେ । ଦେଖାଗଲା, ଯଦି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ପାଉଥିବା ଅନ୍ୟ ଏକ ଗ୍ରହର ଅଧିବାସୀମାନଙ୍କୁ କୌଣସିମତେ ଆଣି ସେମାନଙ୍କ ଦ୍ୱାରା ସନ୍ତାନ ଉତ୍ପାଦନ କରାଯାଇ ପାରିବ ତାହାହେଲେ ହୁଏତ ଏ ସମସ୍ୟା କେତେକାଂଶରେ ସମାହିତ ହୋଇପାରିବ । ଆମେ ଜାଣିଛୁ ଯେ ଆମ ସୌରଜଗତ ଅନ୍ତର୍ଗତ କୌଣସି ଗ୍ରହରେ ଜୀବନର ସତ୍ତା ନାହିଁ । କୌଣସି ଗ୍ରହର ପାରିପାର୍ଶ୍ୱିକ ଅବସ୍ଥା ବି ଜୀବଜଗତ ସୃଷ୍ଟି ପାଇଁ ଅନୁକୂଳ ନୁହେଁ । ଏପରି ସ୍ଥଳେ କେଉଁଠାରୁ ଯେ ମଣିଷ ଅପହରଣ କରି ଆଣିବୁ ତାହା ହିଁ ଥିଲା ଆମ୍ଭମାନଙ୍କ ସମ୍ମୁଖରେ ଏକ ବିରାଟ ପ୍ରଶ୍ନ ।

ଆମ ବୈଜ୍ଞାନିକମାନେ ଜାଣିବାକୁ ପାଇଲେ, "ଆମ ଗ୍ରହଠାରୁ ଶହେ ଆଲୋକବର୍ଷ ଦୂରରେ ଏକ ନାରଙ୍ଗୀ ବର୍ଣ୍ଣର ତାରକା ରହିଛି

Digitized by srujanika@gmail.com

ଯାହା ଅନେକାଂଶରେ ଆମ ସୂର୍ଯ୍ୟ ପରି । ଏହି ନକ୍ଷତ୍ରର ସୌର-ଜଗତରେ ଏକ ଗ୍ରହ ଅଛି ଯାହାର ପାରିପାର୍ଶ୍ୱିକ ଅବସ୍ଥା ଆମ ଗ୍ରହ ସହ ସମାନ । ସେହି ଗ୍ରହରେ ଉନ୍ନତ ମଣିଷ ସମାଜ ରହି ଥିବାର ସମ୍ଭାବନା ଅଛି । ବହୁ ବର୍ଷ ପୂର୍ବରୁ ଆମର ଜଣେ ବୈଜ୍ଞାନିକ ବେତାର ସଙ୍କେତ ପଠାଇଥିଲେ । ତାହା ବାଇଶ ବର୍ଷ ପରେ ଆମଗ୍ରହକୁ ଫେରି ଆସିଥିଲା । ସେତେବେଳକୁ ସେ ଅବଶ୍ୟ ମରି ଯାଇଥିଲେ । ଆମ୍ଭେମାନେ ଜାଣିବାକୁ ପାଇଲୁ ଯେ ଆମ ଗ୍ରହଠାରୁ ଏଗାର ଆଲୋକବର୍ଷ ଦୂରରେ ଏକ ଉନ୍ନତ ମଣିଷ ସମାଜ ଥିବା ଗ୍ରହ ଅଛି । ତାହା ହେଉଛି ଆପଣଙ୍କ ପୃଥିବୀ । ଯଦି କୌଣସିମତେ ସେହି ଗ୍ରହରୁ ମଣିଷ ଅପହରଣ କରାଯାଇ ପାରନ୍ତା, ତାହାହେଲେ ସେହିମାନଙ୍କ ଦ୍ୱାରା ହିଁ ସନ୍ତାନ ଉତ୍ପାଦନ କରାଇବା ସମ୍ଭବ ହୁଅନ୍ତା । ଏ ଅପହରଣର ମୁଖ୍ୟ ଦାୟିତ୍ୱ ନେଲେ ମିଃ. ଆର୍ଗି । ସେ ମତ ଦେଲେ, ଆଜି ଖୁବ୍ କମ୍ ଦିନ ପରେ ପୃଥିବୀ ଗ୍ରହ ଆମ ଗ୍ରହଠାରୁ ସର୍ବାପେକ୍ଷା କମ୍ ଦୂରରେ ଅବସ୍ଥାନ କରିବ । ଏହି ସମୟରେ ପୃଥିବୀର କୌଣସି ଏକ ସ୍ଥାନରେ କୃତ୍ରିମ ମାଧ୍ୟାକର୍ଷଣ ସୃଷ୍ଟି କରାଯିବ । ଏହି କୃତ୍ରିମ ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ମାଧ୍ୟାକର୍ଷଣ ଶକ୍ତିଠାରୁ ଶହେ ଗୁଣ ହେବା ଆବଶ୍ୟକ, ଯାହା ଫଳରେ ପୃଥିବୀର ସେ ସ୍ଥାନଦେଇ ଯେ କୌଣସି ଯାନବାହାନ ଯିବ ତାହା ଆପଣାଛାଏଁ ଏ ଶକ୍ତିର ପ୍ରଭାବରେ ଟାଣି ହୋଇ ଆମ ଗ୍ରହରେ ପହଞ୍ଚି ଯିବ ।"

ଆମ ଅପହରଣରେ ରହସ୍ୟକୁ ସେ ନିଃସଙ୍କୋଚରେ ଖୋଲି ଦେଲେ ମୋ' ସମ୍ମୁଖରେ । ନୀରବରେ ସବୁ ଶୁଣିଲି । ଶୁଣିବାଛଡ଼ା କିଛି କରିବାର ମୋର ଶକ୍ତି ନଥିଲା । ତାଙ୍କ ଗ୍ରହରେ ଜୀବନର ସଞ୍ଚାର କରିବା ଲାଗି ମୋତେ ଓ ମୋର ପରି କେତେକ ପୃଥିବୀବାସୀଙ୍କୁ ଯେ ଆମପ୍ରିୟ ଜନ୍ମମାଟି ଛାଡ଼ିବାକୁ ହେଲା, ଏହା ଭାବି ମନ ମୋର ଦୁଃଖ ଓ ବିଷାଦରେ ଭରିଗଲା । ଅବୁଝା ମନ ମୋର ବୁଝିଲା ନାହିଁ । ମନ ମୋର ପ୍ରତି ମୁହୂର୍ତ୍ତରେ ବ୍ୟାକୁଳ ହୋଇ ଉଠିଲା ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବାଲାଗି ।

ତାଙ୍କ ଦେଶର ପ୍ରଥା ଅନୁଯାୟୀ କୁବାରିଙ୍କ ସମେତ ଅନ୍ୟାନ୍ୟ କେତେକ ବୈଜ୍ଞାନିକମାନେ ମତେ ନୂଆକରି ଅନୁରୋଧ କଲେ ସଂସାର

Digitized by srujanika@gmail.com

କରିବାକୁ । ମୁଁ ସେମାନଙ୍କୁ କଥା ଦେଲି, ତାଙ୍କ ସହ ସମସ୍ତ ଗବେଷଣା କାର୍ଯ୍ୟରେ ମୁଁ ସେମାନଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବି । ହେଲେ ମତେ ଦ୍ୱିତୀୟଥର ପାଇଁ ସଂସାରୀ ହେବାକୁ ଯେପରି ଅନୁରୋଧ ନ କରନ୍ତୁ । କ୍ରମେ ସେହି ନୂତନ ରାଜ୍ୟରେ ମୋର ମାନ ସମ୍ମାନ ବଢିବାକୁ ଲାଗିଲା । ସେମାନେ ବିଜ୍ଞାନର ଖୁବ୍ ଉନ୍ନତି କରିଥିଲେ ମଧ୍ୟ ଦରକାର ସମୟରେ ଅନେକ ସମସ୍ୟା ସମାଧାନ କରିବାରେ ମୋର ସାହାଯ୍ୟ ନେଉଥିଲେ ।

ମୋର ସମସ୍ତ ମାନ ସମ୍ମାନ, ପ୍ରତିପତ୍ତି ସତ୍ତ୍ୱେ ଲୁଇସାର ସେହି କଅଁଳ ଛନଛନ ମୁହଁରେ, ଲୁହଭରା ଭସାଣିଆ ଆଖି ଦୁଇଟି ମନେ ପଡିଗଲେ ମୋ ମନ ଏକ ଅବ୍ୟକ୍ତ ବେଦନାରେ ଭରିଯାଏ । ପିଲାଟି ଦିନରୁ ମା'କୁ ହରାଇଥିଲା । ବିବାହର ଅଳ୍ପ ଦିନ ପରେ ଅମ୍ଳାନ ପରି ସ୍ୱାମୀଙ୍କୁ ହରାଇ ବସିଲା । ତା'ଠାରୁ ଜନ୍ମ ନେଇଥିବା ପିଲାଟା ଘରେ ବଢିଲା । ଲୁଇସାର ଆଉଥରେ ସଂସାର କରିବାର ଆଶାନେଇ ମୁଁ ଏଥିରେ ବାଧା ଦେଇ ନଥିଲି । ହେଲେ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ତା ମୁହଁରେ ହସର ରେଖା ଦେଖି ପାରି ନଥିଲି । ତା' ମୁହଁରେ ଟିକିଏ ହସ ଫୁଟାଇବାଲାଗି ମୋ ମନଟା ସବୁବେଳେ ବ୍ୟାକୁଳ ହୋଇ ଉଠେ । ଆଉ କ୍ୟାନେଲ୍...... ତାଙ୍କ ଉପରେ ମୋର ଅଗାଧ ବିଶ୍ୱାସ । ସେ ନିଶ୍ଚୟ ଲୁଇସାକୁ ଖୁସି କରିଥିବେ । ଖୁବ୍ ମନ ହେଉଛି ଆମେରିକା ଫେରି ଯାଇ ସେମାନଙ୍କ ସୁଖର ସଂସାର ଦେଖିବାଲାଗି । ଅଃ...ଏଇ ଯେ ଆମେରିକାର ଗୀର୍ଜା, ବଣ, ପାହାଡ, ନଈ ସବୁ ଯେପରି ମତେ ହାତଠାରି ଡାକୁଛନ୍ତି ।

ଏଇ କେତୋଟି ଧାଡ଼ି ପଢ଼ି ସାରିଲା ପରେ ଡାଏରୀ ବନ୍ଦକରି ଉଦାସଭାବେ ଦୂରରେ ଥିବା ଡେଙ୍ଗା ଡେଙ୍ଗା ବୃକ୍ଷର ଶୀର୍ଷରେ ସୂର୍ଯ୍ୟକିରଣର ଖେଳ ଦେଖୁ ଦେଖୁ କ୍ୟାନେଲ ଭାବିଲେ, ଖୁବ୍ ଭଲ ହୋଇଛି, ଡଃ. ଡାଉନ୍ ଜୀବିତାବସ୍ଥାରେ ନଫେରି ତାଙ୍କର ଶବ ଫେରି ଆସିଛି ଆମେରିକାକୁ । ନଚେତ୍ ତାଙ୍କର ଆଦରଣୀୟା କନ୍ୟା ଲୁଇସା, ଯାହାର ଚିନ୍ତା ପ୍ରତିମୁହୂର୍ତ୍ତରେ ତାଙ୍କ ହୃଦୟର ସମସ୍ତ ସତ୍ତାକୁ ଆବୋରି ବସିଛି, ତାର ସୁଖ ପରିବର୍ତ୍ତେ ଦୁଃଖ ଓ ଯନ୍ତ୍ରଣାଜନିତ ମୃତ୍ୟୁ ଦେଖି ତାଙ୍କର ହୃଦୟ କି ଦୁଃଖରେ ଭାଙ୍ଗି ପଡ଼ି ଥାଆନ୍ତା, ତାର କଳନା କରି ହୁଅନ୍ତା ନାହିଁ ।

Digitized by srujanika@gmail.com

ଭାରତୀୟ ଯୁବକ ଅମ୍ଳାନଙ୍କର ଆଦର୍ଶ ଓ ବଳିଷ୍ଠ ଚରିତ୍ର ଲୁଇସାର ଚରିତ୍ରକୁ ପ୍ରଭାବିତ କରିଥିଲା, ଯାହା ଫଳରେ ସେ ଭାରତ ଫେରି ଯାଇଥିଲା । ହେଲେ ସେ ପାଇଲା ବା କ'ଣ ?

ସେଦିନ ନିଜ ଗବେଷଣାଗାରରୁ ଫେରିଲା ପରେ ତାଙ୍କ ଡ୍ରଇଂରୁମ୍‌ରେ ଲୁଇସାକୁ ଦେଖି କ୍ୟାନେଲଙ୍କ ମନ ଆନନ୍ଦ ଆଶ୍ଚର୍ଯ୍ୟରେ ଉତ୍‌ଫୁଲ୍ଲ ହୋଇ ଉଠିଲା । ଖୁବ ଖୁସିରେ ସେ ଲୁଇସା ପାଖରେ ବସି ପଡ଼ି କହିଲେ. "ଏକା ଏକା ଆସିଛ ? ଖବର ଦେଇଥିଲେ ତ ମୁଁ ନିଜେ ଯାଇ ତୁମକୁ ଭାରତରୁ ନେଇ ଆସି ଥାଆନ୍ତି । ମୁଁ ଜାଣିଥିଲି, ତୁମେ ଦିନେ ନା ଦିନେ ନିଶ୍ଚୟ ଫେରି ଆସିବ । ଭାରତପରି ଦରିଦ୍ର ଦେଶରେ ତୁମପରି ଝିଅ ମୋଟେ ରହି ପାରିବ ନାହିଁ ।"

"ଅଃ ଭାରତକୁ ଦରିଦ୍ରଦେଶ କୁହନାହିଁ କ୍ୟାନେଲ । ଏଇ ଦେଖ, ମୁଁ ଭାରତରୁ କି ପ୍ରକାର ଅମୂଲ୍ୟରତ୍ନ ଆଣିଛି ।" ନିଜ ବ୍ୟାଗରୁ ବାହାର କରି କୃଷ୍ଣଙ୍କର ଏକ ଫଟୋ କ୍ୟାନେଲଙ୍କୁ ଦେଖାଇଥିଲା ଲୁଇସା ।

ଫଟୋଟିକୁ ବଡ଼ବଡ଼ ଆଖିରେ ଅନେଇ ରହି କ୍ୟାନେଲ କହିଲେ, "ଲୁଇସା ତୁମେ କ'ଣ ପାଗଳ ହୋଇ ଯାଇଛ ? ଏ ଛୋଟ ଫଟୋଟା ତୁମେ କ'ଣ କରିବ ? ତୁମର ସ୍ୱାସ୍ଥ୍ୟ ଏପରି ଅସମ୍ଭବ ଭାବରେ ଭାଙ୍ଗି ପଡ଼ୁଛି କାହିଁକି ?

"ତୁମେ ଏ ଫଟୋର ମାହାତ୍ମ୍ୟ ଜାଣିନାହଁ କ୍ୟାନେଲ, ନଚେତ୍ ମତେ ପାଗଳମି କୁହନ୍ତ ନାହିଁ । ଆମ ଆମେରିକାର ଅଧିକାଂଶ ସ୍ଥାନରେ ଏହି କୃଷ୍ଣ ଚେତନା ଯେ ପରିବ୍ୟାପ୍ତ । ସମଗ୍ର ବିଶ୍ୱରେ ଚିରନ୍ତନ ଶାନ୍ତି ସ୍ଥାପନର ସୂତ୍ର ଏହି ମହାନ୍ ବ୍ୟକ୍ତିଙ୍କ ଦ୍ୱାରା ଭଗବତ୍‌ଗୀତାରେ ରୂପାୟିତ ହୋଇଛି । ଏହାର ଯଥାର୍ଥ ଅନୁସରଣ ହିଁ ବର୍ତ୍ତମାନ ପୃଥିବୀରେ ଦେଖା ଦେଇଥିବା ସକଳ ସମସ୍ୟାର ସମାଧାନରେ ସହାୟକ ହେବ...କଥା କହୁ କହୁ ହଠାତ୍ ବସିବା ସ୍ଥାନରେ ଚେତା ହରାଇ ପଡ଼ିଗଲା ଲୁଇସା ।

କ୍ୟାନେଲ୍ ସମସ୍ତ ସେବା ଯତ୍ନ କରି ତା'ର ଚେତା ଫେରାଇ ଆଣିଲେ । ଲୁଇସାର ହାତଧରି ତାଙ୍କ ଶୋଇବା ଘରକୁ ନେଇଗଲେ

Digitized by srujanika@gmail.com

ଓ ବିଶ୍ରାମ ନେବାଲାଗି କହିଲେ । କ୍ୟାନେଲ୍‌ଙ୍କ ଶଯ୍ୟାରେ ଶୋଇ ରହିଲା ଲୁଇସା । କ୍ୟାନେଲ ତା'ର ଶଯ୍ୟାଧାରରେ ବସିରହିଲେ । କ୍ୟାନେଲଙ୍କର ହାତକୁ ନିଜ ହାତମୁଠାରେ ଧରି ଛଳ ଛଳ ଆଖିରେ ଲୁଇସା କହିଲା, "କ୍ୟାନେଲ ! ତୁମେ ମହାନ୍ ! ତୁମ ତ୍ୟାଗର ତୁଳନା ନାହିଁ । ହେଲେ ତୁମ ଭଲ ପାଇବାର ମୂଲ୍ୟ ମୁଁ ଦେଇପାରିଲି ନାହିଁ ।" ତା' ନୟନର ଉଚ୍ଛୁଳା ଅଶ୍ରୁକୁ ଶେଷ ପର୍ଯ୍ୟନ୍ତ ସେ ସଂଯତ କରି ରଖିପାରି ନଥିଲା ।

ନିଜ ହାତରେ ଲୁଇସାର ଆଖିର ଲୁହକୁ ପୋଛି ଦେଉ ଦେଉ କ୍ୟାନେଲ କହିଲେ, "ଛି ଏପରି କୁହନାହିଁ । ତୁମେ ବିଶ୍ରାମ ନିଅ । ଏତେଗୁଡ଼ଏ ବାଟ ଆସିବାପରେ ଦୁର୍ବଳତା ଯୋଗୁ ତୁମର ଏମିତି ହୋଇଛି । ଏବେ ଶୋଇଯାଅ ।"

"ନା କ୍ୟାନେଲ୍, ମୋର ସବୁଦିନ ପାଇଁ ବିଶ୍ରାମ ନେବାର ସମୟ ନିକଟ ହୋଇ ଆସିଲାଣି । ଜନ୍ମମାଟି କୋଳରେ ଶେଷନିଶ୍ୱାସ ତ୍ୟାଗ କରିବାର ମୋହ ଛାଡ଼ି ନପାରି ମୁଁ ସୁଦୂର ଭାରତ ଭୂଇଁରୁ ଆମେରିକାକୁ ଛୁଟି ଆସିଛି ।"

ଲୁଇସାର ପାଟିରେ ହାତ ଦେଇ ତା' କଥାକୁ ବନ୍ଦ କରିଦେଲେ କ୍ୟାନେଲ । ଲୁଇସା ଦିନକୁ ଦିନ ଖୁବ ଦୁର୍ବଳ ହୋଇ ପଡ଼ୁଥାଏ । ତା'ର ସେହି ସୁନ୍ଦର ଆଖି ଦୁଇଟି ଉଦାସ ଦୃଷ୍ଟିକୁ ଦେଖି ମନେହେଲା ସେ ଯେପରି ଏ ସଂସାରର ଲୋଭମାୟା ତୁଟାଇ ଦେଉଛନ୍ତି । କ୍ୟାନେଲ୍‌ଙ୍କର ସମସ୍ତ ସ୍ନେହ ସୋହାଗ ସତ୍ତ୍ୱେ ସେ ବାସିଫୁଲଟିଏପରି ମଉଳି ଯିବାକୁ ବସିଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚମକି ଉଠିଥିଲେ କ୍ୟାନେଲ୍ । ତାଙ୍କ ମନରେଥିବା ଅସୁମାରି ସ୍ୱପ୍ନଟା ହଠାତ୍ ଯେ ଏମିତି ମିଳେଇ ଯିବ ସେ ତାହା ଭାବିପାରି ନଥିଲେ । ମେଘମୁକ୍ତ ଆକାଶରୁ ବଜ୍ରପାତ ହୋଇ ତାଙ୍କ ସ୍ୱପ୍ନିଳ ସୁଖ ସୌଧକୁ ଏପରି ଭାବେ ଧୂଳିସାତ୍ କରିଦେବ ବୋଲି ସେ କଳ୍ପନା କରିପାରି ନଥିଲେ । ଲୁଇସାକୁ ବ୍ଲଡ କ୍ୟାନସର । ଲୁଇସା ଏହାର ସୂଚନା ମଧ୍ୟ ଭାରତରୁ ପାଇସାରିଥିଲା । ଏହି ବ୍ଲଡ କ୍ୟାନସର ଏକ ସାଙ୍ଘାତିକ ରୋଗ । ଅତର୍କିତ ଭାବେ ଏହା ଆସେ ଓ ହଠାତ୍ ରୋଗୀର ସମସ୍ତ

Digitized by srujanika@gmail.com

ଶରୀରକୁ ଜର୍ଜରିତ କରି ମୃତ୍ୟୁ ମୁହଁକୁ ଠେଲି ଦିଏ । 'ଏହା' ଜର୍ଜରରୁ ମୁକ୍ତି ନାହିଁ ।

ଲୁଇସା ଥିଲା ଏକ ବ୍ୟତିକ୍ରମ । ମୃତ୍ୟୁକୁ ଅପେକ୍ଷା କରି ରହିଥିବା ଲୁଇସା ପ୍ରତି ମୁହୂର୍ତ୍ତରେ ଯନ୍ତ୍ରଣା, ଭୟ ଓ ନୈରାଶ୍ୟରେ ଦଗଧ ନହୋଇ ତା'ର ସେହି ଅତି ପ୍ରିୟତମ କ୍ରୁଷ୍ଟ ଫଟୋଟିର ପାଦତଳେ ନିଜ ହୃଦୟର ସମସ୍ତ ଦୁଃଖ, ଶୋକକୁ ଲୁଚ କରି ଢାଳି ଦେଉଥିଲା । କ୍ୟାନେଲ୍ କିନ୍ତୁ ତା'ର ସେବା, ଯତ୍ନ କୌଣସିଥିରେ ବି ଟିକିଏ ହେଲେ ଅବହେଳା କରୁନଥା'ନ୍ତି ।

ଶେଷରେ ସେହି ଦୁଃଖଦ ଦିନଟି ଆସି ଅପ୍ରତ୍ୟାଶିତ ଭାବେ ପହଞ୍ଚିଗଲା । ଲୁଇସା ଚାଲିଗଲା ଏହି ସଂସାରର ସମସ୍ତ ଡୋରି ଛିଣ୍ଡାଇ ଦେଇ । ନିଜର ସକଳ ପ୍ରକାର ବିରହ, ଦୁଃଖ ଓ ହତାଶାର ମୂର୍ଚ୍ଛିଛେଦ ଟାଣି ଲୁଇସା ଚାଲିଗଲା । କିନ୍ତୁ···, ଲୁଇସା ଅପ୍ରତ୍ୟାଶିତ ଭାବେ ବିଦାୟ ନେଇ କ୍ୟାନେଲ୍‌ଙ୍କ ପାଇଁ ରଖି ଦେଇଗଲା କ'ଣ ? ବିଚ୍ଛେଦର ଯନ୍ତ୍ରଣାଦାୟକ ଜୀବନ ସାଙ୍ଗକୁ, ଦୁଃଖ ଓ ହତାଶାର ଭଉଁରି ଭିତରେ ଅବଶିଷ୍ଟ ଜୀବନକୁ କଲବଲ କରିବା ପାଇଁ ତାଙ୍କୁ ଠେଲି ଦେଇଗଲା ଆଶା ଭରସା ହୀନ ପ୍ଲାବନ ଭିତରକୁ ।

× × ×

ସେଦିନ ସନ୍ଧ୍ୟାରେ କ୍ରୁବାଲିଙ୍କୁ ସଙ୍ଗରେ ନ ଧରି ମୁଁ ଏକ ସମ୍ପୂର୍ଣ୍ଣ ନିର୍ଜନ ପରିବେଶର ସନ୍ଧାନରେ ଚାଲିଗଲି । ମୁଁ ଯେଉଁ ସହରରେ ଥିଲି, ସେ ସହରର ନାମଥିଲା ସାର୍ଟନ ସହର । ଏହି ସହର ଉପକଣ୍ଠରେ ଦୁଇଟି ନଦୀର ତ୍ରିକୋଣ ଭୂମିରେ ଏକ ଘଞ୍ଚ ଜଙ୍ଗଲ ଥିବାର ମୁଁ କ୍ରୁବାଲିଙ୍କ ଠାରୁ ଶୁଣିଥିଲି । ସେହି ଜଙ୍ଗଲରେ ଯାଇ ପହଞ୍ଚିଲି । ଜଙ୍ଗଲଟି ଛୋଟ ଛୋଟ ଗୁଳ୍ମ ଲତାରେ ପରିପୂର୍ଣ୍ଣ । ଗୋଟିଏ ଲତାରେ ଫୁଟିଥିବା ସୁନାରଙ୍ଗର ଫୁଲ ଉଜ୍ଜ୍ୱଳ ସୂର୍ଯ୍ୟ-କିରଣରେ ଚକ୍ ଚକ କରୁଥାଏ । ଗଛଲତାର ବିଶେଷ ଗହଳ ନାହିଁ । ଧ୍ୱଂସ କବଳରୁ ଯେଉଁ କେତୋଟି ଗଛ ବଞ୍ଚି ରହିଥିଲେ, ସେହିମାନଙ୍କର ସମାହାରରେ ନିର୍ଜନ ବନଭୂମି ହସି ଉଠୁଥିଲା । ଜଙ୍ଗଲରେ ହିଂସ୍ରଜନ୍ତୁ ଆଦୌ ନଥିଲେ । ଧ୍ୱଂସଲୀଳା କବଳରୁ କେହି ବି ରକ୍ଷା ପାଇପାରି

Digitized by srujanika@gmail.com

ନାହାନ୍ତି । ମୁଁ କ୍ରମେ ସେହି ନିର୍ଜନ ଜଙ୍ଗଲ ଭିତରକୁ ଗ୍ଲିଲି । ଗୋଟି ଏକ ମୁଣ୍ଡିଆ ପାହାଡ ପାଖରେ ଅଟକି ଗଲି କିଛି ସମୟ ପାଇଁ । ପାହାଡ ତଳେ ଏକ ସମତଳ ଜାଗା । ଗୋଟିଏ ଜଳାଶୟ ଏକ ଏହି ସ୍ଥାନରେ କିଛି ସମୟ ବସିପଡି ଚିନ୍ତା କଲି କୁର୍ବାଲିଙ୍କ ନୂତନ ଉଦ୍ଭାବିତ ମହାକାଶଯାନଟିର ସୂକ୍ଷ୍ମ ଗଠନ କୌଶଳ । ବହୁତ କମ୍ ଧାତୁ ତଥା ହାଲୁକା ଜିନଷିରେ ଯାନଟି ଗଢା । ଖୁବ୍ କମ୍ ଉପକରଣରେ ଏ ପ୍ରକାର ଏକ ମହାକାଶଯାନ ତିଆରି ହୋଇପାରିବ । ଭାବିଲି, ତାଙ୍କ ଗବେଷଣାଗାରରୁ ଆବଶ୍ୟକ ଜିନିଷପତ୍ର ଆଣି ଏଠି ଲୁଚିକରି ଏକ ମହାକାଶଯାନ ତିଆରି କରିବ, ଯାହାକୁ ନେଇ ଦିନେ ଗୁପ୍ତରେ ମୁଁ ପୁଣି ପୃଥିବୀକୁ ଫେରିଯିବ । ଦେଖାଯାଉ ମୋର ଏ ଗୁପ୍ତ ଅଭିଯାନ କେତେଦୂର ସଫଳ ହେଉଛି । ଏକ ଅଜଣା ଆନନ୍ଦରେ ମୋର ମନ ଚଞ୍ଚଳ ହୋଇ ଉଠିଲା ।

ପ୍ରତିଦିନ ବୁଲିଯିବା ଛଳରେ ମୁଁ ଏହି ପାହାଡ ପାଖକୁ ଗ୍ଲିଆସେ । ସାଙ୍ଗରେ କିଛି କିଛି ଆବଶ୍ୟକ ଉପକରଣ ଲାବୋରେଟୋରିରୁ ନେଇ ଆରମ୍ଭ କରେ ମହାକାଶଯାନ ତିଆରି । ମୋର ସମସ୍ତ ବୁଦ୍ଧି, ବିଜ୍ଞାନଲବ୍ଧ ବିଦ୍ୟା ଖଟାଇ ଯାନ ତିଆରିରେ ଯେତିକି ସଫଳତା ହାସଲ କରୁଥାଏ, ସେତିକି ସେତିକି ଉତ୍କଣ୍ଠା, ଆଗ୍ରହ ମୋ ମନରେ ବଢୁଥାଏ ପୃଥିବୀକୁ ଫେରିଯିବା ଲାଗି ।

ସେଦିନ ସେହି ପାହାଡର ପାଦଦେଶରେ ଏକ ଅଦ୍ଭୁତ ଘଟଣା ଘଟିଲା । ମହାକାଶଯାନଟିର ଇଞ୍ଜିନ୍ ତିଆରି ସେ ଦିନ ଆରମ୍ଭ ହେଉଥାଏ । ସନ୍ଧ୍ୟା ନଇଁ ଆସିଲାଣି ଅନେକ ବେଳୁ । ନିର୍ମଳ ଚନ୍ଦ୍ରାଲୋକ ଗ୍ରିଆଡେ ବିଚ୍ଛୁରିତ ପଡୁଥାଏ । ଭୟର କୌଣସି କାରଣ ନାହିଁ । ହଠାତ୍ ମୋର ଅତି ନିକଟରେ ପାଦ ଶବ୍ଦ ଶୁଣି ମୁଁ ଫେରି ଗ୍ହିଁଲି । ଆଶ୍ଚର୍ଯ୍ୟ ହୋଇଗଲି । ଦୀର୍ଘଦିନ ଧରି ଏହି ନିର୍ଜନ ବନଭୂଇଁ ସହ ମୋର ପରିଚୟ । ହେଲେ ସନ୍ଧ୍ୟାପରେ କେହି ଆସିବା ମୁଁ କୌଣସି ଦିନ ବି ଲକ୍ଷ୍ୟ କରିନାହିଁ । ସନ୍ଧ୍ୟାର ସେହି ଝାପ୍‌ସା ଅନ୍ଧାର ଆଉ ଜହ୍ନ ଆଲୁଅର ଛାଇ ଭିତରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କର ଉପସ୍ଥିତି ଏକ ଅଜ୍ଞାତ ଭୟର ରେଖାପାତ କଲା ମୋ' ମନରେ । ମୁଁ ପିଲାଦିନୁ ଭୂତପ୍ରେତ ଆଦିଙ୍କୁ ବିଶ୍ୱାସ କରେନାହିଁ । ମାତ୍ର ଏ ତ ଜଣେ ଆମରିପର

Digitized by srujanika@gmail.com

ଜୀବନ୍ତ ମସ୍ତିଷ, ପୁଣି ଏଇ ଗ୍ରହର ଜଣେ ବୟୁସ୍କ ଅଧିବାସୀ । ଏକ-ଲୟରେ ମତେ ଏପରି ଅନାଇ ଛିଡ଼ା ହୋଇଛନ୍ତି ଗୋଟିଏ ମୂର୍ତ୍ତିପରି । ମୁଣ୍ଡବାଳ ଧଳା ହେଲାଣି । ଧଳା ବାଳ ଆଉ ଧଳା ଦାଢ଼ି ମଝିରେ ରକ୍ତବର୍ଣ୍ଣର ଚକ୍ଷୁରୁ ତାଙ୍କର ସନ୍ତକ ନିଆଁ ଝରୁଛି । ତାଙ୍କର ସେ ଚାହାଣୀର ଅର୍ଥ ଯାହା ହୋଇଥାଉନା କାହିଁକି, ମୋ' ହୃଦପୃଷ୍ଠା ଉପରେ ଥରିଉଠିଲା । ଏକ ଲୟରେ ମତେ ଅନେଇ ଛିଡ଼ା ହୋଇଥିଲେ ସେ । ମୁଁ ଭାବିନେଲି, ବୋଧହୁଏ ସେ ମୋର ଗୁପ୍ତ ଅଭିଯାନ ସମ୍ପର୍କରେ ସମସ୍ତ ଘଟଣା ଜାଣି ଯାଇଛନ୍ତି ଆଉ ମୋର ଏ ପ୍ରକାର ଗୁପ୍ତ କାର୍ଯ୍ୟ-କଳାପକୁ ଧରିବା ଲାଗି ସେ ନିଜେ ଆସି ଏଠାରେ ପହଞ୍ଚିଛନ୍ତି । ଏଇପରି ନାନା ଚିନ୍ତା ବୁଢ଼ିଆଣୀ ଜାଲପରି ମୋ' ମୁଣ୍ଡରେ ଛନ୍ଦି ହୋଇଗଲା । ପୁଣିଥରେ ମୁଣ୍ଡଟେକି ଅନେଇଲି । ମାତ୍ର ମତେ କିଛି ପଦେହେଲେ ନ କହି ଯେମିତି ଆକସ୍ମିକ ଭାବେ ସେ ଏ ବନଭୂଇଁରେ ଦେଖା ଦେଇଥିଲେ, ସେମିତି ଆକସ୍ମିକ ଭାବେ ଧୀରେ ଧୀରେ ବନଭୂଇଁର କେଉଁ ଘନ ଲତାଗୁଳ୍ମ ଭିତରେ ଅଦୃଶ୍ୟ ହୋଇ-ଯାଉଥିଲେ । ସେହି ଛୋଟିଆ ଛୋଟିଆ ବୁଦା ଉହାଡରେ ରହି କେବଳ ତାଙ୍କର କ୍ରମଶଃ ଅଦୃଶ୍ୟ ହେଉଥିବା ଶରୀରଟିକୁ ନୀରବରେ ନିରୀକ୍ଷଣ କରିବା ଛଡ଼ା ମୋର ଅନ୍ୟ ଉପାୟ ନଥିଲା ।

ସେ ଚାଲିଯାଇଥିଲେ, ଆଉ ମୋ' ମୁଣ୍ଡ ଭିତରେ ଛାଡ଼ି ଯାଇଥିଲେ ଅନେକ ଚିନ୍ତାର ଖିଅ । ମୁଁ ଭାବୁଥିଲି ସେ ଯଦି ଜାଣି-ପାରିଥିବେ ଯେ ମୁଁ ତାଙ୍କ ଗବେଷଣାଗାରରୁ ନୂଆ ନୂଆ ବିଜ୍ଞାନ ଉପକରଣମାନ ଚୋରାଇ ଆଣି ଏହିପରି ଏକ ଗୁପ୍ତ କାମରେ ଲିପ୍ତ ଅଛି, ତେବେ ମୋ' ଅବସ୍ଥା ସାଙ୍ଘାତିକ ହୋଇପଡ଼ିବ । ଏହି ଉପକରଣଗୁଡ଼ିକ ଚୋରିଯିବାର ସନ୍ଦେହ ସେମାନେ ଅନ୍ୟକୁ କରୁଥିଲେ ।

ତାଙ୍କ ଗ୍ରହରେ ଏହି କେତେଦିନ ରହିବା ଭିତରେ ମୁଁ ସେମାନଙ୍କ ପ୍ରକୃତିକୁ ଭଲଭାବରେ ଜାଣିପାରିଛି । ସେମାନେ ଯେତିକି ସ୍ନେହୀ ସେତିକି କ୍ରୋଧୀ । ସେମାନଙ୍କର ସ୍ୱାର୍ଥରେ ସାମାନ୍ୟତମ ଆଘାତ ଲାଗିଲେ ବଡ଼ ଭୟଙ୍କର ହୋଇ ଉଠନ୍ତି ସେମାନେ । ଆଉ ବଡ଼ ନିଷ୍ଠୁର ଭାବରେ ସେ ଆଘାତର ପ୍ରତି ଆଘାତ ଦେଇଥା'ନ୍ତି ।

Digitized by srujanika@gmail.com

ସେହି ମୁହୂର୍ତ୍ତରେ ସେମାନଙ୍କ ବନ୍ଦୀଶାଳାର ଦୃଶ୍ୟ ମୋ' ଆଖି ଆଗରେ ନାଚି ଉଠିଲା । ଦିନେ କୁର୍ବାଲି ମୋତେ ବୁଲାଇ ନେଲାବେଳେ ସେମାନଙ୍କ ବନ୍ଦୀଶାଳା ଦେଖାଇବା ଲାଗି ନେଇ ଯାଇଥିଲେ । ରାଜ୍ୟରେ ଗୁପ୍ତ ଭାବେ ବିଦ୍ରୋହ ସୃଷ୍ଟି କରିଥିବା କେତେକଙ୍କ ଲୋକ ଯେଉଁ ଦୟନୀୟ ଅବସ୍ଥାରେ ରହିଥିଲେ ତାହା ସେ ମୋତେ ଦେଖାଇ ଦେଲେ । ବନ୍ଦୀଶାଳାର ସେହି ଅନ୍ଧକାର ଗୃହ ମଧ୍ୟରେ ସେମାନଙ୍କୁ ରଖି ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ ନିଷେଧ କରାଯାଇଛି । ସେମାନେ ସେଠାରେ ଟୋପାଏ ପାଣି ଓ ମୁଠାଏ ଖାଦ୍ୟବିନା ଯେପରି ଶୁଖି ଶୁଖି ମରିବେ ତାହାର ବ୍ୟବସ୍ଥା କରାଯାଇଛି । କିଛିଦିନ ତଳେ ଏଇ ପ୍ରକାର ମଣିଷ ସମାଜ ମଧ୍ୟ ରାସ୍ତା-ଘାଟରେ ପଡ଼ି ଏହିପରି ପୋକମାଛିପରି ମରୁଥିଲେ । ସେଦିନ ସେମାନଙ୍କର ସେହି ଆକୁଳ ଚିତ୍କାର ମୋ' ଅନ୍ତରାତ୍ମାକୁ ଥରାଇ ଦେଇଥିଲା । ଆଜି ମୁଁ ନିଜକୁ ସେମାନଙ୍କ ଅବସ୍ଥାରେ ରହିବାକୁ ଚିନ୍ତା କଲାବେଳେ ମୋ ପଞ୍ଜରା ଥରାଇ ଛାତି ଭିତରୁ ଏକ ଦୀର୍ଘନିଶ୍ୱାସ ବାହାରି ଆସିଲା ।

ବୁଢା ଜହାଜରେ ସେହି ଜ୍ୱଳନ୍ତ ଆଖି ଦୁଇଟି ମତେ ଏକଲୟରେ ଅନେଇ ରହିଥିବାର ଦେଖି ମୋର ହୃତ୍‌ପିଣ୍ଡର ସ୍ପନ୍ଦନ ବଢିବାକୁ ଲାଗିଲା । ମୋର ମନେହେଲା, ସେ ବ୍ୟକ୍ତିଜଣକ ଯେପରି ସେଠାରୁ ଚାଲିଯାଇଛନ୍ତି । ତାଙ୍କ ସ୍ଥାନରେ ଆଜି ଏକ ଭୟଙ୍କର ନରଖାଦକ ତା'ର ଜ୍ୱଳନ୍ତ ଆଖିରେ ମତେ ଗୃହିଁ ରହିଛି । ଠିକେ ସୁବିଧା ଦେଖି ତା'ର ମୁନିଆଁ ମୁନିଆଁ ନଖରେ ମତେ ବିଦାରି ପକାଇବ ।

ବନଭୂଇଁର ମାରବଟା ଭଙ୍ଗି ଲୋକଟି କଠୋର କଣ୍ଠରେ କହିଲା, "କିଏ ତୁ ? ହୁସିଆର !" ଏତିକ କହିସାରି ହଠାତ୍ ବୁଲିପଡ଼ି ସେ ଘଞ୍ଚ ଗଛଗହଳର ଅନ୍ତରାଳରେ ଅଦୃଶ୍ୟ ହୋଇଗଲା ।

ସେଦିନ ଆଉ କୌଣସି କାମ କରିବାକୁ ମୋ' ମନ ଲାଗିଲା ନାହିଁ । ଧୈର୍ଯ୍ୟର ସହ ଆସୁଥିବା ବିପଦର ମୁକାବିଲା ନିମିତ୍ତ ମୁଁ ନିଜକୁ ପ୍ରସ୍ତୁତ କଲି । ପୃଥିବୀକୁ ଫେରିଯିବାର ଆଶା ମୋର ସେହିଠାରେ, ଯେଉଁ ମୁହୂର୍ତ୍ତରେ ଶୀତସକାଳର କୁହୁଡ଼ିପରି

Digitized by srujanika@gmail.com

ଉଭାଇଗଲା । ଅଃ···କାହିଁ ମୋର ପ୍ରିୟ ପୃଥିବୀ ଆଜି ଯୋଜନ ଯୋଜନ ମାଇଲ ଦୂରରେ ଥିବା ସ୍ପାଇରେଲ ନୀହାରିକା ଅନ୍ତର୍ଗତ ଏହି ଅଜଣା ଗ୍ରହ !! ନୀଳ ଆକାଶ କୋଳରେ ଘଡ଼ିଥିବା ଜହ୍ନଟା ବହୁତ ଉପରକୁ ଉଠିଗଲାଣି ଗଭୀର ରାତ୍ରୀର ସୂଚନା ଦେଇ । ଫେରିଯିବା ଲାଗି ମୁଁ ଉଠିଲି ।

ଏହା ଭିତରେ ଅନେକ ଦିନ ବିତିଯାଇଛି । ସେଦିନ ଘଟଣାର ପ୍ରତିକ୍ରିୟା କୌଣସି ଉପାୟରେ ମୁଁ କିଛି ଜାଣିବାକୁ ପାଇନାହିଁ । ତଥାପି ମୋ' ମନର ଭୟ ଏବେ ବି ସମ୍ପୂର୍ଣ୍ଣ କଟି ନଥିଲା । ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ମୁଁ ସେଦିନର ସେ ଘଟଣା ବିଷୟରେ କୌଣସି କିଛି ସନ୍ଧାନ ପାଇପାରିଲି ନାହିଁ । ଭାବିଲି, ବୋଧହୁଏ ଲୋକଟି ମୋର ଏହି କାର୍ଯ୍ୟକଳାପ ବିଷୟରେ ବିଶେଷ କିଛି ଜାଣି ପାରିନାହିଁ । ତେଣୁ ସେ ବାହାରେ କୌଣସି କଥା ପ୍ରକାଶ କରିନାହିଁ । ଏମିତି ଏକ ଗୋଳମାଳିଆ ସିଦ୍ଧାନ୍ତରେ ପହଞ୍ଚି ମୁଁ ପୁଣି ମୋର ସେ ମହାଶୂନ୍ୟ ଯାନ ତିଆରି କରିବାରେ ଲାଗିଗଲି ।

ସେଦିନର ସେ ଭୟ ମୋ' ମନରୁ ସମ୍ପୂର୍ଣ୍ଣ ଭାବେ ଦୂର ହୋଇନଥାଏ । କେତେବେଳେ କେଉଁ ପରିସ୍ଥିତି ଯେ ଅଗ୍ନକ ଭାବେ ମଣିଷର ଜୀବନ ପରିଧି ମଧ୍ୟକୁ ଚାଲିଆସିବ ତାହା କେହି ଜାଣି ନଥା'ନ୍ତି । ଏମିତି ଏକ ଦୋଦୁଲ୍ୟମାନ ପରିସ୍ଥିତି ମଧ୍ୟରେ ରହି ମୁଁ ମୋ' ଯାନ ତିଆରି କରିବାରେ ଲାଗିଥାଏ । ଯେତେଶୀଘ୍ର ମୋ' କାମ ସାରିବି, ସେତେ ଶୀଘ୍ର ମୁଁ ଏହି ବନ୍ଦୀ ଜୀବନରୁ ମୁକ୍ତିଲାଭ କରି ମୋ' ପ୍ରିୟ ପୃଥିବୀକୁ ଫେରିଯିବି । ପୃଥିବୀକୁ ଫେରିଯାଇ ପ୍ରିୟ ପରିଜନ-ମାନଙ୍କ ମୁହଁ ଦେଖିବା ଲାଗି ମୋ' ମନ ଦିନକୁ ଦିନ ବ୍ୟାକୁଳ ହୋଇ ଉଠୁଥାଏ ।

ଦିନକର ଘଟଣା । କୁଣାଲ ଓ ମୁଁ ଏକ ବିଶେଷ କାର୍ଯ୍ୟ ନେଇ ସହର ତଳ ଅଞ୍ଚଳକୁ ଯାଉଥାଉ । ହଠାତ୍ ସେ ଲୋକଟି କେଉଁଠି ଥିଲା କେଜାଣି ଦୌଡ଼ି ଦୌଡ଼ି ଆସି ଆମ ସମ୍ମୁଖରେ ଛିଡ଼ା ହୋଇଗଲା । ମତେ କେମିତି ଏକ ଗୁହାଣିରେ ଗୁହାଁରିହେଲା । ମୁଁ ତାଙ୍କର ସେ ଭୟଙ୍କର ଗୁହାଣୀରେ ଚମକି ଉଠିଲି । ମୋ' ଦେହରୁ ସମସ୍ତ ରକ୍ତ ଶୁଖିଗଲାପରି

Digitized by srujanika@gmail.com

ମତେ ଲାଗିଲା । ମୋ' ମୁହଁରେ ଏ ପ୍ରକାର ପରିବର୍ତ୍ତନର ରଙ୍ଗ କୁର୍ବାଲଙ୍କ ତୀକ୍ଷ୍ଣ ଆଖିରୁ ବାଦ ଯାଉନଥିଲା । ସେ ମତେ ଲକ୍ଷ୍ୟକରି ପଚାରିଲେ "କ'ଣ କିଛି ଭୟ ପାଇଲେ କି ?"

ଏଇ ଅବସରରେ ସେହି ଆଗନ୍ତୁକଙ୍କ ମୁହଁକୁ ଅନାଇ ମୁଁ ସତକୁ ସତ ଭୟଭୀତ ହୋଇଯାଇଥିଲି । ସେଦିନ ଦୂରରେ ରହି ଅଧା ଅନ୍ଧାର ଓ ଅଧା ଆଲୁଅରେ ମୁଁ ତାଙ୍କ ମୁହଁକୁ ଭଲ ଭାବରେ ଦେଖିପାରି ନଥିଲି । ଆଜି ଦିନର ପରିଷ୍କାର ଆଲୁଅରେ ଲକ୍ଷ୍ୟ କଲି ତାଙ୍କର ମୁହଁର ଗାଲେ ପୋଡ଼ିଯାଇଛି । ପରିଷ୍କାର ଦିବାଲୋକରେ ତାଙ୍କୁ ଦେଖି ମଧ୍ୟ ଜଣେ ସହଜରେ ଭୟଭୀତ ହୋଇଯିବ । ତାଙ୍କ ମୁହଁରୁ ଗାଲେ ପୋଡ଼ିଯାଇଛି । ଓ ଗୋଟିଏ ଆଖି ମଧ୍ୟ ନଷ୍ଟ ହୋଇଯାଇଛି ।

କପରି ଏକ ଦୁଃଖଭରା କଣ୍ଠରେ କୁର୍ବାଲ କହିଲେ, "ଏହାଙ୍କ ଚେହେରା ଦେଖି ତୁମେ ଶଙ୍କିତ ହୋଇଯାଉଛ ବୋଧହୁଏ ? ହେଲେ, ଏହି ବ୍ୟକ୍ତି ହିଁ ହେଉଛନ୍ତି ଏ ଗ୍ରହର ଜୀବନଦାତା ଆଉ ଜଣେ ଶ୍ରେଷ୍ଠ ବୈଜ୍ଞାନିକ । କୃତ୍ରିମ ସୂର୍ଯ୍ୟ ତିଆରି ଠାରୁ କୃତ୍ରିମ ମାଧ୍ୟାକର୍ଷଣ ଶକ୍ତି ସବୁର ଆବିଷ୍କାର ମୂଳରେ ଏହାଙ୍କର ଅବଦାନ ବହୁତ କିଛି ଅଛି । ଷୋଳ ବର୍ଷ ବୟସରେ ସେ ତାଙ୍କର ନୂତନ ତଥ୍ୟ ଲାଗି ଆମ ଗ୍ରହର ଶ୍ରେଷ୍ଠ ପୁରସ୍କାର ପାଇଥିଲେ । ତାଙ୍କର ଉନ୍ନତ ଚିନ୍ତାଧାରା ଏ ଗ୍ରହକୁ ଏତେ ଅସୁବିଧା ସତ୍ତ୍ୱେ ତିଷ୍ଠି ରହିବାକୁ ସାହାଯ୍ୟ କରିଛି । ମାତ୍ର ଦୈବର ବିଡ଼ମ୍ବନା ! ଆଜି ଆଉ ସେ କଥା ଚିନ୍ତାକରି ଲାଭନାହିଁ । ତାଙ୍କ ମସ୍ତିଷ୍କ ବିକୃତ ହୋଇଗଲା । ଯଦି ସେ ସୁସ୍ଥ ମସ୍ତିଷ୍କରେ ଥାଆନ୍ତେ, ତାହାହେଲେ ଆଜି ହୁଏତ ଆମ ଗ୍ରହ କେତେ ଉନ୍ନତି କରିଥାଆନ୍ତା ।"

ଯାହାହେଉ ଏ ବ୍ୟକ୍ତିଜଣଙ୍କ ଯେ ପାଗଳ, ଏତକ ଶୁଣିବା ପରେ ଯେଉଁ ଭୟଟା ଏତେଦିନ ଧରି ମୋ' ମୁଣ୍ଡରେ ବସା ବାନ୍ଧି ରହିଥିଲା, ତାହା ଦୂର ହୋଇଗଲା । ମୁଣ୍ଡଟା ମୋର ଏକ ପ୍ରକାର ହାଲୁକା ଲାଗିଲା । ତଥାପି ମୁହଁରେ ଦୁଃଖର ଚିହ୍ନ ଫୁଟାଇ କହିଲି, "ଏପରି ଏକ ଜ୍ଞାନଶ୍ରେଷ୍ଠ ହଠାତ୍ ବିକୃତ ମସ୍ତିଷ୍କ ହେଲେ କପରି ?"

Digitized by srujanika@gmail.com

ତାପରେ ଏକ ଘୋର କଣ୍ଠରେ କୁହାଳି ଆରମ୍ଭ କଲେ ସେହି ବ୍ୟକ୍ତିଙ୍କର ଇତିହାସ । "ଥରେ ଏକ ଗବେଷଣାରେ ମଗ୍ନ ଥିଲାବେଳେ ସେ ବିରାଟ ବିସ୍ଫୋରଣର ସମ୍ମୁଖୀନ ହେଲେ । ସେହି ବିସ୍ଫୋରଣ ଯୋଗୁ ତାଙ୍କର ଗୋଟିଏ ହାତ ମୁହଁ ପୋଡ଼ିଗଲା, ଗୋଟିଏ ଆଖି ହରାଇଲେ ଓ ଶ୍ରବଣ ଶକ୍ତି ମଧ୍ୟ ହରାଇ ବସିଲେ । ଆମ୍ଭମାନଙ୍କର ଅକ୍ଲାନ୍ତ ପରିଶ୍ରମ ଫଳରେ ସେ ସୁସ୍ଥ ହେଲେ । କିନ୍ତୁ ମସ୍ତିଷ୍କର ଭାରସାମ୍ୟ ସେ ହରାଇ ବସିଲେ । ଦିନକୁ ଦିନ ଅନ୍ୟମନସ୍କ ହୋଇଉଠିଲେ ଓ କ୍ରମେ ସମ୍ପୂର୍ଣ୍ଣ ବିକୃତ ମସ୍ତିଷ୍କ ହୋଇଗଲେ । ଏପରି ଏକ ମହାନ୍ ଚିନ୍ତାଶୀଳ ବ୍ୟକ୍ତିଙ୍କର ଏପରି ଦୁର୍ଦ୍ଦଶା ଦେଖି ମନ ମୋର ଦୁଃଖରେ ଭରିଗଲା, ହେଲେ ଉପାୟ ନାହିଁ । ଆମେ କେତେକ ବୈଜ୍ଞାନିକ ମିଶି ସମସ୍ତ ପ୍ରକାର ଚେଷ୍ଟା କଲୁ । କିନ୍ତୁ ଆମର ସବୁ ଚେଷ୍ଟା ବିଫଳ ହେଲା । ଯେଉଁ ଉନ୍ନତ ମସ୍ତିଷ୍କର ସୂକ୍ଷ୍ମ ପରିକଳ୍ପନା ଆମ ଏ ଗ୍ରହର ମଣିଷ ସମାଜକୁ ଧ୍ୱଂସମୁଖରୁ ରକ୍ଷା କରିଥିଲା, ସେହି ମସ୍ତିଷ୍କ ଆଜି ଅକାମୀ ହୋଇପଡ଼ିଛି । ଭାବିଲେ ଦୁଃଖ ଲାଗେ ।"

ଜଣେ ପ୍ରଖ୍ୟାତ ବୈଜ୍ଞାନିକଙ୍କର ଦାରୁଣ ବିପର୍ଯ୍ୟୟର କାହାଣୀ ଶୁଣି ମୋ' ମନରେ ଯେତିକି ପରିମାଣରେ ଦୁଃଖ ଆସିଲା ସେତିକି ପରିମାଣରେ ଆଶ୍ୱସ୍ତି ମଧ୍ୟ ଆସିଲା । ମୁଁ ଏବେ ସମ୍ପୂର୍ଣ୍ଣ ବିପଦମୁକ୍ତ । ଏଥର ମୁଁ ମୋ' ପ୍ରିୟ ପୃଥିବୀକୁ ଫେରି ଯାଇପାରିବି । ମୁଁ ଏଥରକ ଦୁଇଗୁଣ ଉତ୍ସାହରେ ମୋ' ଫେରିବା କାମରେ ଲାଗିପଡ଼ିଲି । ଯାନ ତିଆରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲା । ଏଥରକ ସମସ୍ତ ସୁବିଧା ଦେଖି ଏ ଗ୍ରହ ଛାଡ଼ିବା କଥା । କିଛିଦିନ ଧରି ମୁଁ ଏ ସହରରେ ସ୍ଥାୟୀବାସିନ୍ଦା ରୂପେ ରହିଗଲିଣି । ଏ ସହରର ଅଧିବାସୀମାନଙ୍କ ପ୍ରତି ମୋର ଯେ ଏକ ଗଭୀର ଆକର୍ଷଣ ଆସିଯାଇଛି, ତାହା ମୁଁ ବିଦାୟବେଳରେ ହିଁ ଅନୁଭବ କରୁଛି । ବାସ୍ତବିକ୍ 'ବିଦାୟ' ଏହି ଶବ୍ଦଟି ବଡ଼ ଯନ୍ତ୍ରଣାଦାୟକ । ଏ ରାଜ୍ୟରେ ରହୁଥିବା ପୃଥିବୀବାସୀମାନଙ୍କୁ ମୁଁ ଇଚ୍ଛାକରି ମୋ' ଯିବା ଖବର ଜଣାଇଲି ନାହିଁ । କାରଣ ସେମାନେ ଏଠାରେ ଏକପ୍ରକାର ସ୍ଥାୟୀ ବାସିନ୍ଦା ରୂପେ ରହିଗଲେଣି । ଅନେକ ବିବାହ କରି ପରିବାର ଧରି ନୂଆ ସଂସାରର ମୋହ ଭିତରେ ପୃଥିବୀର ସେ ପୁରୁଣା ଛିଣ୍ଡା ସ୍ମୃତିକୁ ପାଶୋରି ପକାଇଲେଣି । କିଏ କହିବ ପୃଥିବୀ ମାଟିପ୍ରତି ତାଙ୍କ ମନର

Digitized by srujanika@gmail.com

କେଉଁ କୋଣରେ କିଛି ଆକର୍ଷଣ ଅଛି କି ନାହିଁ ? ସେମାନେ ହୁଏତ ମୋ' ଫେରିବାକୁ ଭଲ ଦୃଷ୍ଟିରେ ଦେଖି ନ ପାରନ୍ତି ? ମଣିଷର ମନ ହେଉଛି ଏକ ଅବୁଝ କୋଠରୀ । ଅବୁଝ କୋଠରୀ ମଧ୍ୟରେ କ'ଣ ଯେ ଥାଏ ତାହା ଜାଣିବା କଷ୍ଟକର ।

ପୃଥିବୀକୁ ଫେରିବା ପାଇଁ ଦିନ ଠିକ୍ କଲି । କ୍ରମେ ସେହି ଶୁଭଦିନଟି ମୋର ନିକଟ ହୋଇଆସିଲା । ଫେରିବାର ଦିନ ଯେତେ ଯେତେ ନିକଟ ହେଉଥାଏ ଲୁଇସା ଓ କ୍ୟାମେଲଙ୍କ ସ୍ମୃତି ମୋ' ମନକୁ ସେତିକି ସେତିକି ବ୍ୟାକୁଳିତ କରୁଥାଏ ।

ଡଃ-ଡାଉନ୍‌ଙ୍କର ପୃଥିବୀ ଫେରିବାର ବ୍ୟାକୁଳତା ବୃଦ୍ଧ କ୍ୟାମେଲଙ୍କ ହୃଦୟକୁ ଶୋକାଭିଭୂତ କରିପକାଇଲା । ଡାଏରୀର ଆଉ ଖୁବ୍ କମ୍ ପୃଷ୍ଠା ବାକିଥିଲା ପଢ଼ିବାକୁ ।

ପରିଶେଷରେ ସେହି ଶୁଭ ଦିନଟି ମୋର ପହଞ୍ଚିଗଲା । ରାତିରେ ମତେ ଯାତ୍ରା ଆରମ୍ଭ କରିବାକୁ ପଡ଼ିବ । ସବୁଦିନପରି ନାନା ଆଳାପ ଅଲୋଚନା ସାରି ଦୁଇ ବନ୍ଧୁ ଶୋଇବାକୁ ଗଲୁ । ମୋତେ ସେଦିନ ରାତିରେ ନିଦ ନଥାଏ । କୁବାଲି ପ୍ରତ୍ୟେକ ଦିନପରି ଶୁଭରାତ୍ରୀ ଜଣାଇ ମୋ'ଠାରୁ ବିଦାୟ ନେଇ ଅନ୍ୟ କକ୍ଷକୁ ଚାଲିଗଲେ । କ୍ରମେ ରାତି ଗଭୀରରୁ ଗଭୀରତର ହେଉଥାଏ । ଅସ୍ଥିରତାରେ ମୋ' ମନ ବ୍ୟାକୁଳ ହେଉଥାଏ । ଖୁବ୍ ସତର୍କତାର ସହ ମତେ ଏ ସ୍ଥାନ ଛାଡ଼ିବାକୁ ପଡ଼ିବ । ବାହାରି ପଡ଼ିଲି । ସାଙ୍ଗରେ ଗୋଟିଏ ଛୋଟିଆ ଟର୍ଚ୍ଚ, କିଛି ଶୁଖିଲାଖାଦ୍ୟ ଓ କେତୋଟି ଭୋକଶୋଷ ନାଶକ ପିଲ୍, ମୋ' ଅଧାଲେଖା ଡାଏରୀ ଓ ଆଉ କିଛି ଆବଶ୍ୟକୀୟ ଉପକରଣ··· । ବିଦାୟ ନେବା ପୂର୍ବରୁ କୁବାଲି ଶୋଇଥିବା କକ୍ଷଟିକୁ ଥରେ ଦୃଷ୍ଟି ପକାଇଲି । ମନଟା ମୋର ଏକ ଅଜ୍ଞାତ ଦୁଃଖରେ ଭରିଗଲା । ଦୀର୍ଘ ଦିନର ବନ୍ଧୁତାର ଖିଅଟି ଛିଣ୍ଡିଯିବା ପୂର୍ବରୁ ଶେଷଥର ପାଇଁ ତାଙ୍କୁ ଦେଖିବାକୁ ଚାହୁଁଥିଲି । ମାତ୍ର ତାହା ସମ୍ଭବ ହେଲା ନାହିଁ । ତାଙ୍କପରି ସରଳ-ବିଶ୍ୱାସୀ, ଦୟାପରାୟଣ ଏକ ବନ୍ଧୁ ମୁଁ ମୋ' ଜୀବନକାଳ ଭିତରେ ଖୁବ୍ କମ୍ ଦେଖିଛି । ମୋ' କକ୍ଷରୁ ପାଦଟିଏ ବାହାରକୁ ରଖିବା ପୂର୍ବରୁ କାହିଁକି କେଜାଣି ମତେ ଭାରି କଷ୍ଟ ଲାଗିଲା । ତଥାପି ଆଗକୁ ମୋତେ ପାଦ ପକାଇବାକୁ ପଡ଼ିବ । ମୋ' ପ୍ରିୟ ପୃଥିବୀ, ଆମେରିକା

Digitized by srujanika@gmail.com

ଆଉ ଲୁଇଙ୍କାର ସରଳ ମୁହଁର ଆକର୍ଷଣର ଡୋର, ଏକ ଅଜଣା ଅଶୁଣା ଗ୍ରହର ଓ ବନ୍ଧୁଙ୍କର ଆକର୍ଷଣ ଠାରୁ ଯଥେଷ୍ଟ ଅଧିକ ବୋଧହେଲା ଯାହା ମତେ କ୍ରମେ ଆଗକୁ ଟାଣିନେଲା । ମୁଁ ମୋ' ଯାତ୍ରା ସ୍ଥାନ ଉଦ୍ଦେଶ୍ୟରେ ଚାଲିଲି ।

× × ×

ମହାକାଶ ପୋଷାକ ପିନ୍ଧି ମୁଁ ମୋ ଯାନ ଭିତରକୁ ପ୍ରବେଶ କଲି । ପ୍ରଥମେ ଏହାର ପ୍ରକ୍ଷେପଣ ବେଗ ନିର୍ଭୁଲ ଭାବରେ ନିର୍ଦ୍ଧାରଣ କଲି । କାରଣ ବେଗ ନିର୍ଦ୍ଧାରଣରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ପ୍ରକୃତ ପଥରୁ ମହାଶୂନ୍ୟଯାନ ବିଚ୍ୟୁତ ହୋଇଯାଇପାରେ । ଏଥିପାଇଁ ଟେଷ୍ଟ କରାଯାଇଥିବା ସ୍ୱତନ୍ତ୍ର ଯାନକୁ ଭଲ ଭାବରେ ଯାଞ୍ଚ କରିନେଲି । ଏ ଯାନଟିର ସ୍ୱାତନ୍ତ୍ର୍ୟ ଥିଲା ଏହାର ଦୁଇଟି ସ୍ୱତନ୍ତ୍ର ପକ୍ଷ । ଏହି ପକ୍ଷ ଦୁଇଟି ଯୋଗୁ ଯାନକୁ ନିୟନ୍ତ୍ରଣ କରିବା ସୁବିଧାଜନକ ହୁଏ । ଏ ପ୍ରକାର ଯାନକୁ ଜଳ ଭାଗରେ ଅବତରଣ ନ କରାଇ ସ୍ଥଳ ଭାଗରେ ଅବତରଣ କରିବା ମୋର ଲକ୍ଷ୍ୟଥିଲା । ଆମ ପୃଥିବୀର ଋଷିୟ ମହାକାଶଯାନଗୁଡ଼ିକ ସାଧାରଣତଃ ସ୍ଥଳଭାଗରେ ଅବତରଣ କରିଥାଏ ।

ଏହି ମହାକାଶଯାନଟିର ନିକୁଳ କୋଠରି ମଧ୍ୟସ୍ଥ ବାୟୁମଣ୍ଡଳର ଅମ୍ଳଜାନ, ଆର୍ଦ୍ରତା ଓ ତାପମାତ୍ରା ଆଦି ପରୀକ୍ଷା କରିନେଲି । ସବୁରେ ସମତା ରକ୍ଷାପ୍ରତି ଦୃଷ୍ଟି ଦେଲି । ଏଥରକ ମହାକାଶଯାନ ଏହି ଗ୍ରହପୃଷ୍ଠ ଛାଡ଼ିବା କଥା । ଶେଷଥର ପାଇଁ ମୁଁ ଏ ଗ୍ରହର ଅଧିବାସୀ, ମାଟି, ପାଣି, ପବନ ଓ ମୋର ପରମ ସ୍ନେହୀ ବନ୍ଧୁ କୁଙ୍କାଲିଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଇ ମୁଁ ମୋ' ମହାକାଶଯାନଟି ଛାଡ଼ିଲି ।

ଏକ ବିରାଟ ବିସ୍ଫୋରଣରେ ବନଭୂଇଁର ନିର୍ଜନ ବକ୍ଷକୁ ଥରାଇ ଭୀଷଣ ଗର୍ଜନରେ ମୋ' ମହାକାଶଯାନ ବାୟୁମଣ୍ଡଳକୁ ଲମ୍ଫ ପ୍ରଦାନ କଲା । ମୁହୂର୍ତ୍ତକ ମଧ୍ୟରେ ମୁଁ ମୋ' ଯାନଟି ସହ ମହାଶୂନ୍ୟ କୋଳରେ ହଜିଗଲି । ମହାକାଶଯାନ ତା'ର ପୂର୍ବ ନିର୍ଦ୍ଧାରିତ ଗତିପଥରେ ଚାଲିଥାଏ । କୌଣସି ବ୍ୟତିକ୍ରମର ସୂଚନା ନାହିଁ । ମୁଁ ସ୍ୱସ୍ତିର ନିଶ୍ୱାସ ମାରିଲି । ଆଗେଇ ଚାଲିଛି ମୋର ପ୍ରିୟ ମହାକାଶଯାନ ମହାଶୂନ୍ୟର ଅନନ୍ତ ନୀଳିମା ମଧ୍ୟରେ । ଘଣ୍ଟା ପରେ ଘଣ୍ଟା, ଦିନ ପରେ ଦିନ ଅତିକ୍ରମ କରିଚାଲିଛି ।

Digitized by srujanika@gmail.com

ପଛରେ ଛାଡ଼ି ରହିଲଣି ନୂତନ ଗ୍ରହ, ତା'ର ସୌରଜଗତ ଆଉ ଅସଂଖ୍ୟ ନକ୍ଷତ୍ରମଣ୍ଡଳ । ମୋ' ଯାନ କିନ୍ତୁ ଧାଇଁ ଚାଲିଛି ଆଗକୁ, ଆଉ ଆଗକୁ ସମସ୍ତ ପ୍ରକାର ବାଧା, ବନ୍ଧନକୁ ଦୂରକୁ ଠେଲି ।

ମହାକାଶଯାନରେ ଖଞ୍ଜା ଯାଇଥିବା ଦୂରବୀକ୍ଷଣ ଯନ୍ତ୍ରଦେଇ ସେ ଗ୍ରହ ପାଖରେ ଥିବା ବସ୍ତୁପୁଞ୍ଜକୁ ନିରୀକ୍ଷଣ କରିବାରେ ବ୍ୟସ୍ତ ଥାଏ ମୁଁ । ହଠାତ୍ ଆତଙ୍କରେ ଶିହରି ଉଠିଲି । ଭଲଭାବେ ପୁଣିଥରେ ଅନାଇଲି । ହଁ, ଠିକ୍ ସାମ୍ନାରେ ଏକ ଗ୍ରହାଣୁପୁଞ୍ଜର ବଳୟ । ଛୋଟ ବଡ଼ ହୋଇ ଅନେକ ଗ୍ରହ, ଉପଗ୍ରହ ଭାସି ବୁଲୁଛନ୍ତି ମହାଶୂନ୍ୟ କୋଳରେ । କ୍ରମେ ମୋର ଯାନ ମହାଶୂନ୍ୟରେ ଭାସମାନ ଏହି ଗ୍ରହାଣୁପୁଞ୍ଜର ନିକଟବର୍ତ୍ତୀ ହେଲା । ଆତଙ୍କରେ ଶିହରି ଉଠିଲି ମୁଁ । ଯେ କୌଣସି ମୁହୂର୍ତ୍ତରେ ମୋର ଏହି କ୍ଷୁଦ୍ର ଯାନଟି ଭାସମାନ ଗ୍ରହ ବା ଉପଗ୍ରହ ସହ ଧକ୍କା ଖାଇପାରେ । ମୋର ମାନସିକ ଭାରସାମ୍ୟ ରହିଲା ନାହିଁ । ପର ମୁହୂର୍ତ୍ତରେ ମୋର ମନେ ପଡ଼ିଗଲା—ମହାକାଶ ଯାତ୍ରୀର ମାନସିକ ସ୍ଥିରତା ଏକାନ୍ତ ଆବଶ୍ୟକ । ମାନସିକ ଉଦ୍‌ବେଗ ଦେଖାଦେଲେ ଶରୀରରେ ରକ୍ତଚାପ ବୃଦ୍ଧି ପାଇବ । ମନ ସ୍ଥିର କଲି । କୁବାନ୍‌ଙ୍କ ଆତିଥ୍ୟ, ସେ ଗ୍ରହରେ ପାଉଥିବା ମାନ ସମ୍ମାନ ଓ ଆଦରକୁ ଉପେକ୍ଷା କରି ମୁଁ ଏକ ବିପଦସଙ୍କୁଳ ପଥରେ ପାଦ ଦେଇଛି । ପୃଥିବୀ ପୃଷ୍ଠରେ ମୋର ଜୀବନ୍ତ ଶରୀର ପହଞ୍ଚିବା ଆଶା ଖୁବ କମ । ତେଣୁ ମନକୁ ସ୍ଥିର କରି ସେହି ଅଦୃଶ୍ୟଶକ୍ତି ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଇଲି । କ୍ରମେ ଗ୍ରହାଣୁପୁଞ୍ଜର ନିକଟବର୍ତ୍ତୀ ହେଲା ମୋର ଯାନଟି । ଭାବିଲି, ଯଦି କୌଣସି ଗ୍ରହ ବା ଉପଗ୍ରହ ସହ ମୋ ଯାନଟିର ଧକ୍କା ଲାଗିଯିବ, ତାହାହେଲେ ମୋ ଯାନଟି ନିଶ୍ଚିହ୍ନ ହୋଇଯିବ ଏବଂ ମୋର ମୃତ ଶରୀର ଏହି ବିଭତ୍ସ ଦୃଶ୍ୟର ମୂକସାକ୍ଷୀରୂପେ ମହାଶୂନ୍ୟରେ ହିଁ ରହିଯିବ । କିନ୍ତୁ ସେପରି କିଛି ବିପଦ ଘଟିଲା ନାହିଁ । ମୋ ଯାନଟି ସେହି ଗ୍ରହ, ଉପଗ୍ରହମାନଙ୍କ ମଧ୍ୟରେ ନିର୍ବିଘ୍ନରେ ଚାଲିଗଲା । ଏବେ ମୁଁ ସମ୍ପୂର୍ଣ୍ଣ ବିପଦମୁକ୍ତ । ଅଦୃଶ୍ୟ ଶକ୍ତିର ଆଶୀର୍ବାଦଧାରା ମୋ ଉପରେ ବର୍ଷିଗଲା ବୋଧହୁଏ । ଏବେ ମୁଁ ପ୍ରାୟ ବିପଦମୁକ୍ତ । ଦ୍ରୁତ ବେଗରେ ମୋ ଯାନ ଏହି ଅଜଣା ସୌରଜଗତର ମହାକର୍ଷଣ ଟପି ଆଗେଇ ଚାଲିଲା । ଏଥର ଆମ ସୌରଜଗତର ଆକର୍ଷଣ ଭିତରେ ମୋ ଯାନ ନିର୍ବିଘ୍ନରେ ପ୍ରବେଶ କରିବ । ମନ ମୋର ଏକ ଅପୂର୍ବ ଆନନ୍ଦରେ ପୁଲକିତ ହୋଇ

Digitized by srujanika@gmail.com

ଉଠିଲା । କ୍ରମେ ଆମ ସୌରଜଗତର ଦୂରତମ ଗ୍ରହ ୟୁରେନସ୍, ନେପ୍‌ଚ୍ୟୁନ ଓ ପ୍ଲୁଟୋକୁ ଟପି ମୋ ଯାନ ଆଗେଇ ଚାଲିଲା ।

ମୋର ଏ ଯାତ୍ରା ଥିଲା ଏକ ଦୀର୍ଘ ପଥର ଯାତ୍ରା । ଫଳରେ ଦୀର୍ଘଦିନ ଧରି ଓଜନଶୂନ୍ୟତାର ସମ୍ମୁଖୀନ ହେବାକୁ ପଡ଼ିଥିଲା ମୋତେ । ଏହି ଓଜନଶୂନ୍ୟତାର ପ୍ରଭାବ ଫଳରେ ମୋ ଶ୍ରବଣଶକ୍ତି ନିଷ୍କ୍ରିୟ ହୋଇ ପଡ଼ିଥିଲା । ସାମାନ୍ୟ ଅସୁସ୍ଥତା ଅନୁଭବ କଲି । ଶ୍ରବଣେନ୍ଦ୍ରିୟ ବ୍ୟତୀତ ସ୍ନାୟୁକେନ୍ଦ୍ର ଓ ମାଂସପେଶୀର କ୍ରିୟା ଓଜନଶୂନ୍ୟତା ଦ୍ୱାରା ପ୍ରଭାବିତ ହେଲା । ଓଜନଶୂନ୍ୟତା ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ର କମ୍ପନଦ୍ୱାରା ରକ୍ତରେ ଶ୍ୱେତରକ୍ତକଣିକାର ବୃଦ୍ଧି ଓ ଅନ୍ୟ କେତେକ ପରିବର୍ତ୍ତନ ପାଇଁ ଦାୟୀ ହୋଇପାରେ । ମୋ ଯାନ ଭିତରେ ଥିବା କୃତ୍ରିମ ମାଧ୍ୟାକର୍ଷଣ ସୃଷ୍ଟି—ଯନ୍ତ୍ରର କିଛି ଗୋଳମାଳ ଥିବାରୁ ମୋତେ ଏ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏ ଗୋଳମାଳଟି ସଜାଡ଼ିଦେବା ପରେ ମୋର ଅସୁବିଧା ଦୂର ହୋଇଗଲା । ଏଥର ନିର୍ବିଘ୍ନରେ ମୋ' ଯାନଟି ଭାସି ଚାଲିଲା ।

ମହାକାଶଯାନର ଟେଲିଭିଜନ କ୍ୟାମେରାକୁ ଅନାଇ ମନ ମୋର ଆନନ୍ଦ ଆତିଶଯ୍ୟରେ ଅଧୀର ହୋଇପଡ଼ିଲା । ଟେଲିଭିଜନ କ୍ୟାମେରାରେ ଦେଖାଗଲା ଏକ ଉଜ୍ଜ୍ୱଳ ଗୋଲାକାର ପିଣ୍ଡ । ଏ ଗୋଲାକାର ପିଣ୍ଡଟି ଆଉ କାହାର ନୁହେଁ, ମୋ' ପ୍ରିୟ ପୃଥିବୀ । ଏଥିରେ ମୋର ସନ୍ଦେହ ରହିଲା ନାହିଁ । ଦୂରରୁ ଏହାର ବିଭିନ୍ନ ଅଞ୍ଚଳର ରଙ୍ଗ ନାନା ଭାବରେ ଦେଖାଯାଉଥିଲା । ଏହାର ଗାଢ଼ ସବୁଜରଙ୍ଗ ସବୁଠାରୁ ଥିଲା ଆକର୍ଷଣୀୟ । ବିଭିନ୍ନ ଗଛଲତାର ସମାବେଶ ପୃଥିବୀଙ୍କୁ ଏକ ସୁନ୍ଦର ସବୁଜ ରଙ୍ଗର ଗାଲିଚାରୁ ଘେରା ଫୁଟ୍‌ବଲଟି ପରି ଦେଖାଯାଉଥିଲା । ପୃଥିବୀ ପୃଷ୍ଠର ରଙ୍ଗୀନ ଶୋଭା ଦୂରବୀକ୍ଷଣଯନ୍ତ୍ର ସାହାଯ୍ୟରେ ମତେ ମୁଗ୍ଧ କରୁଥିଲା । ମହାଶୂନ୍ୟ କୋଳରେ ଏକ ଭାସମାନ ବସ୍ତୁ ଭଳି ଏହା ଭାସି ବୁଲୁଥିଲା । ଉଜ୍ଜ୍ୱଳ ଆଲୋକବର୍ତ୍ତୁଳ ଓ ସବୁଜରଙ୍ଗର ସମାବେଶରେ ରଞ୍ଜିତ ଏହି ଗୋଲାକାର ପିଣ୍ଡ କ୍ରମେ ମୋ' ଟେଲିଭିଜନ କ୍ୟାମେରାରେ ସ୍ପଷ୍ଟ ହୋଇ ଉଠୁଥିଲା । ଏହି ସୁନ୍ଦର ଗୋଲାକାର ପିଣ୍ଡ ଭିତରେ ଆଉ ଗୋଟିଏ ସୁନ୍ଦର କଅଁଳ ମୁଖମଣ୍ଡଳର ଛବି ଭାସି ଉଠିଲା ମୋ' ଆଖିର

Digitized by srujanika@gmail.com

ପରଦାରେ । କାହାର···କାହାର ଏ ମୁହଁଟି···ଛଳଛଳ ଆଖିରେ ମୋ' ଫେରିବା ପଥକୁ ଚାହିଁ ବସିଛି ! ହାୟ ! ପ୍ରସିଦ୍ଧ ବୈଜ୍ଞାନିକ ଡଃ-ଡାଭିନ୍ ଆନନ୍ଦ ଆତିଶଯ୍ୟରେ ଅଧୀର ହୋଇ, ବାତ୍ସଲ୍ୟ ମମତାରେ ଅନ୍ଧହୋଇ ଭୁଲି ଯାଇଛନ୍ତି ଯେ ତାଙ୍କର ମହାଶୂନ୍ୟରେ ରହିବାର ମାତ୍ର କେତୋଟି ମାସ ମଧ୍ୟରେ ପୃଥିବୀରେ କେତେ ବର୍ଷ ଯେ ବିତିଯାଇଥିବ ? ଆଉ ଏହି କ୍ଷଣଭଙ୍ଗୁର, ନିତ୍ୟ ପରିବର୍ତ୍ତନଶୀଳ ପୃଥିବୀ ପୃଷ୍ଠରେ କେତେ ଯେ ପରିବର୍ତ୍ତନର ରଙ୍ଗ ଲାଗିଥିବ, ଯାହା ଦେଖିଲେ ଆଉ ଚିହ୍ନି ହେବନାହିଁ କି ଜାଣି ହେବ ନାହିଁ ।

ପୃଥିବୀର ସବୁଜବନାନୀ, ସାଗର, ମହାସାଗର, ନଦୀ, ନାଳ ଆଦି ଗାର ପଡ଼ିଲାପରି ମନେ ହେଉଛି । ନିମିଷକ ବିଳମ୍ବ ମୋତେ ବୋଧ ହେଉଛି ଗୋଟିଏ ଯୁଗପରି । ପୃଥିବୀ ଓ ମୋର ପ୍ରିୟ ଆମେରିକା ମାଟିର ସ୍ପର୍ଶ ପାଇଁ ଘାଘଦ୍ଧନ ଧରି ଦୂରରେ ଥିବା ମନ ମୋର ବ୍ୟାକୁଳ ହୋଇଉଠିଲା । ମନ ହେଉଥାଏ ଏହି ମହାଶୂନ୍ୟଯାନ ମଧ୍ୟରୁ ଡେଇଁପଡ଼ି ପକ୍ଷୀଟିଏପରି ମୋ' ପ୍ରିୟ ଆମେରିକା କୋଳକୁ ଉଡ଼ିଯିବାକୁ । ମାତ୍ର ଆହୁରି ଯେ ଅନେକ ଦୂର । ମୁଁ କେବଳ ଅନନ୍ତ ମହାଶୂନ୍ୟ କୋଳରେ ଭାସୁଛି ।

ହଠାତ୍ ଏକ ବିରାଟ ବିସ୍ଫୋରଣ ଶବ୍ଦରେ ଯାନ ଭିତରେ ଥିବା ଅମ୍ଳଜାନ ଟାଙ୍କିଟା ଫାଟିଗଲା ଆଉ ତା' ସହ ପାଣି ଫୋଟକାପରି ଫାଟିଗଲା ମୋ' ପ୍ରତ୍ୟାବର୍ତ୍ତନର ଆଶା, ଆକାଂକ୍ଷା, ସୁଖ, ଆନନ୍ଦ ସବୁକିଛି··· । ଅମ୍ଳଜାନ ସବୁ ନିର୍ଗତ ହୋଇଯାଉଛି···, ମୁଁ···ମୃତ୍ୟୁର ଦ୍ୱାର ଦେଶରେ । ତା'ପରେ କେବଳ ଗାର ପଡ଼ି ଚାଲିଛି ଡାଏରୀରେ । ଆଃ-ଖ୍ରି···ଷ···ଣି···କା···ଷ୍ଟ···ଲୁ···ଇ···ସା ।

× × ×

ଯୋଜନ ଯୋଜନ ମାଇଲ ଦୂରରୁ ଉଡ଼ି ଆସିଥିବା ମହାକାଶ-ଯାନଟି ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରି ଏପରି ଏକ ଦୁର୍ଘଟଣାର ସମ୍ମୁଖୀନ ହେବ, ତାହା ଡଃ-ଡାଭିନ୍‌ଙ୍କ କଳ୍ପନାର ବାହାରେ ଥିଲା । ହଠାତ୍ ଏପରି ଏକ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇ ସେ ହତୋତ୍ସାହ ହୋଇପଡ଼ିଛନ୍ତି । କିପରି

Digitized by srujanika@gmail.com

ଭୂପୃଷ୍ଠରେ ପହଞ୍ଚିବେ ସେହି ଚିନ୍ତା ତାଙ୍କୁ ବ୍ୟାକୁଳ କରିଛି । ତଥାପି ଅସୀମ ଧୈର୍ଯ୍ୟଧର ତାଙ୍କ ପ୍ରିୟ ପୃଥିବୀବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କ ମହାନ୍ ଆବିଷ୍କାରର ଶେଷବାର୍ତ୍ତା ଦେବାକୁ ସେ ଭୁଲି ନାହାନ୍ତି । ଅଧା ଅଧା ଭାବେ ଲେଖାଥିବା ସମସ୍ତ ଅକ୍ଷରଗୁଡ଼ିକୁ ଏକାଠି କରି ପଢ଼ୁ ପଢ଼ୁ କ୍ୟାପ୍ଟେନଙ୍କ ଆଖି କୋଣରେ ଲୁହ ଜକେଇ ଆସିଥିଲା । ଖୁବ କରୁଣ ଆଉ ମର୍ମସ୍ପର୍ଶୀ ଥିଲା ଡଃ ଡାଉନ୍‌ଙ୍କର ମୃତ୍ୟୁକାଳୀନ ଶେଷବାର୍ତ୍ତା ।

ଅମ୍ଳଜାନ ଟାଙ୍କି ଫାଟି ଯାଇଛି । ଶ୍ୱାସକ୍ରିୟା ପାଇଁ ସମସ୍ତ ଅମ୍ଳଜାନ ସରି ଯାଇଛି । ଶ୍ୱାସରୁଦ୍ଧ ହୋଇ ଯାଇଥିବ । କି କଷ୍ଟରେ ଶ୍ରେଷ୍ଠ ବୈଜ୍ଞାନିକଙ୍କ ପ୍ରାଣପକ୍ଷୀଟି ପିଞ୍ଜରା ଛାଡ଼ି ଉଡ଼ି ଯାଇଥିବ ? ଭାବିବାମାତ୍ରେ କ୍ୟାପ୍ଟେନଙ୍କ ଆଖିରେ ଲୁହ ଭରିଗଲା । ଡାଏରୀର ପଛ ପୃଷ୍ଠାରେ କେବଳ ପଡ଼ି ରହିଛି ପାଣିର ଅସ୍ପଷ୍ଟ ଦାଗ । ତାହା ବାସ୍ତବରେ ପାଣି ନୁହେଁ । ମହାଶୂନ୍ୟରେ ବା ପାଣି ଆସିବ କେଉଁଠୁ ? ବୋଧହୁଏ ଯନ୍ତ୍ରଣା ଜର୍ଜରିତ ଡଃ.-ଡାଉନଙ୍କ ଆଖିରୁ ପଡ଼ିଥିବା ଲୁହର ଦାଗ ।

ବସିଥିବା ଚେୟାରର ବାଡ଼ାକୁ ଆଉଜି ଦୂର ଆକାଶକୁ ଚାହିଁରହି ଏକ ପଥର ମୂର୍ତ୍ତିପରି ବସି ରହିଲେ କ୍ୟାପ୍ଟେନ । ତାଙ୍କର ଗୋଟିଏ ପାଖରେ ପଡ଼ି ରହିଥିଲା ଡଃ. ଡାଉନଙ୍କ ଡାଏରୀ ଏବଂ ଅନ୍ୟ ପାଖରେ ଡାଉନ ଓ ଲୁଇସାଙ୍କର ଏକାଠି ଫଟୋଟି । ତାଙ୍କୁ ଆଜି ଚାରିଆଡ଼ କପରି ନିହାତି ନିଛାଟିଆ ଲାଗୁଛି, ଶୂନ୍ୟ ଲାଗୁଛି । ତାଙ୍କୁ ଲାଗୁଛି ସେ ଯେପରି ଜୀବନର ଶେଷ ପାହାଚରେ ପାଦ ଥୋଇଛନ୍ତି । ଆଉ ପାଦେ ଆଗକୁ ବଢ଼ିଲେ ମହାକାଳ ସ୍ରୋତରେ ଭାସିଯାଇ ସେ ଯେପରି ଲୀନ ହୋଇଯିବେ କେଉଁ ଏକ ଅସ୍ତିତ୍ୱହୀନ ଅଜ୍ଞାତ ରାଜ୍ୟରେ ।

ହଠାତ୍ ଉଠିପଡ଼ି ଡାଏରୀଟିକୁ ହାତରେ ଧରି ସେ ଏକମୁହାଁ ହୋଇ ଚାଲିଲେ । ଏହିପରି ଚାଲି ଚାଲି ନିଜର ଅଜାଣତରେ ସେ ପହଞ୍ଚି ଯାଇଥିଲେ ଲୁଇସାର କବର ନିକଟରେ । ଆସନ୍ନ ସନ୍ଧ୍ୟାର ଅନ୍ଧାର ଧୀରେ ଧୀରେ ଓହ୍ଲାଇ ଆସୁଥାଏ ପୃଥିବୀ ବକ୍ଷକୁ । ସେହି ଝାପ୍‌ସା ଅନ୍ଧାର ମଧ୍ୟରେ କବର ଭିତରୁ ସେ ଦେଖିବାକୁ ପାଇଲେ, ଅଭିମାନିନୀ ପ୍ରିୟତମା ଲୁଇସାର ଛଳଛଳ ମୁହଁଟି, ଯାହାକୁ ସେ ହାତରେ ପାଇ ସୁଦ୍ଧା ଆପଣାର କରି ପାରିନଥିଲେ । ସମୟର ସେହି

Digitized by srujanika@gmail.com

ଦ୍ରୁତଗାମୀ ନଦୀ ସ୍ରୋତରେ ପ୍ରାଣପ୍ରିୟା ତାଙ୍କର ଭାସି ଯାଇଥିଲା ଖୁବ ଦୂରକୁ··· । କବରର ଖୁବ୍ ନିକଟରେ ତାଙ୍କୁ ଅସ୍ପଷ୍ଟଭାବେ ଦେଖାଗଲା ଅଜଣା ଗ୍ରହରୁ ଖସି ପଡ଼ିଥିବା ସମ୍ପୂର୍ଣ୍ଣ ଏକ ନୂତନ ଧରଣର ମହାକାଶଯାନ ମଧ୍ୟରେ ଡଃ. ଡାଉନଙ୍କ ମୁଣ୍ଡ । ମୁଣ୍ଡଟି ତାଙ୍କର ରକ୍ତରେ ଧୋଇ ହୋଇ ବୀଭତ୍ସ ଦେଖାଯାଉଛି । ଧାର ଧାର ହୋଇ ଅଶ୍ରୁଧାରା ଦୁଇ ଆଖିରୁ ବୋହିବାକୁ ଲାଗିଲା କ୍ୟାନେଲଙ୍କର । ତାଙ୍କୁ ଜଣା ଗଲା ସେ ଯେପରି ବହୁ ପଥ ଅତିକ୍ରମ କରି ଏକ ଅଜଣା ଗ୍ରହରେ ପହଞ୍ଚି ଯାଉଛନ୍ତି । ସେହି ଗ୍ରହରେ ତାଙ୍କ ଗୁରୁପତ୍ନୀ ସେ ଦେଖିବାକୁ ପାଉଛନ୍ତି ଅନେକ ଲୁଇସା ଓ ଅନେକ ଡାଉନ୍ । ଥକ୍କା ହୋଇ ସେ ସେଇଠି ବସି ପଡ଼ିଲେ । କବର ପଡ଼ିଆର ସବୁଜ ଘାସର ଗାଲିଚ୍ଛ ତାଙ୍କୁ ବେଶ୍ ମୁଲାୟମ ଲାଗିଲା । ତାଙ୍କର ଶେଷଶଯ୍ୟା ସେ ପ୍ରସ୍ତୁତ କରିନେଲେ ସେହି ସବୁଜ ଘାସର ଗାଲିଚ୍ଛ ଉପରେ । ସ୍ୱପ୍ନ ପରି ତାଙ୍କୁ ଜଣା ପଡ଼ୁଥାଏ । ସେହି କବର ଭିତରୁ ଏକ ଅପୂର୍ବ ସୁନ୍ଦରୀ ନାରୀମୂର୍ତ୍ତି ଆସି ତାଙ୍କ ହାତ ଧରି ଟାଣି ନେଉଛି କେଉଁ ଏକ ଅଜ୍ଞାତ ରାଜ୍ୟକୁ··· ।

ରାତି ପାହି ସକାଳ ହେଲା । କ୍ୟାନେଲଙ୍କୁ ଖୋଜି ଖୋଜି ତାଙ୍କର ପ୍ରିୟ ପରିଜନ-ମାନେ ପାଇଲେ ଏକ ଭଙ୍ଗା କବର ନିକଟରୁ । ହେଲେ ତାଙ୍କର ପ୍ରାଣପକ୍ଷୀଟି ଉଡ଼ି ଯାଇଥିଲା ଏକ ଅଜଣା ରାଜ୍ୟକୁ ।

କିନ୍ତୁ କୁଆଡ଼େ ଗଲା··· । ବହୁ ତଥ୍ୟ ସମ୍ବଳିତ ଡଃ. ଡାଉନଙ୍କର ସେହି ଡାଏରୀ ? ମୃତ କ୍ୟାନେଲଙ୍କଠାରୁ କିଏ ନେଲା ସେ ଡାଏରୀ ? କ'ଣ ବା ତାର ଉଦ୍ଦେଶ୍ୟ ? ଏ ସବୁ ପ୍ରଶ୍ନ ଅସମାଧିତ ହୋଇ ରହିଲା ଓ ତା ସହ ଉତ୍ତର ଆମେରିକାର ଦକ୍ଷିଣ ପୂର୍ବ ଅଞ୍ଚଳରେ ବର୍ମୁଡ଼ାଠାରେ ଘଟୁଥିବା ସେହି ରହସ୍ୟଜନକ ଆଉ ଭୟାନକ ଅନ୍ତର୍ଦ୍ଧାନ ଘଟଣାଗୁଡ଼ିକର ପ୍ରକୃତ ତଥ୍ୟ ଏବେ ସୁଦ୍ଧା ବି ଲୋକମାନଙ୍କ ଅଗୋଚରରେ ରହିଗଲା ।

—ସମାପ୍ତ—

Digitized by srujanika@gmail.com

ଶ୍ରୀମତୀ ଜ୍ୟୋତିର୍ମୟୀ ମହାନ୍ତି

ଲେଖିକା ଏକାଧାରରେ ଜଣେ ଗାଳ୍ପିକା, ଔପନ୍ୟାସିକା ଓ ଶିଶୁସାହିତ୍ୟିକା ମଧ୍ୟ । ଗତ ପନ୍ଦରବର୍ଷ ଧରି ତାଙ୍କର ରଚନାମାନ ଡଗର, ମୀନାବଜାର, ପ୍ରଜାତନ୍ତ୍ର ତଥା ସମାଜ ପୃଷ୍ଠାରେ ପ୍ରକାଶ ପାଇ ଆସୁଅଛି ।

ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକା ହିସାବରେ ସେ ବିଷୁବମିଳନ ଦ୍ୱାରା ଓ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଜୀବନର ଜଟିଳତତ୍ତ୍ୱକୁ ସରଳ କରି ଲେଖିବା ତାଙ୍କ ଲେଖାର ଏକ ବିଶେଷତ୍ୱ ।

ସେ ସାତପୁର ନିବାସୀ ଲେଖକ ଶ୍ରୀ ଗୋପୀନାଥ ମହାନ୍ତିଙ୍କ କନ୍ୟା ଅଟନ୍ତି ଏବଂ ଜଗତସିଂହପୁର ନିବାସୀ ଶ୍ରୀ ଜଗଦାନନ୍ଦ ମହାନ୍ତିଙ୍କ ପୁତ୍ର ଅଜିତ୍ ମହାନ୍ତିଙ୍କୁ ବିବାହ କରିଛନ୍ତି ।

ପାଠପଢ଼ାର ପରିସମାପ୍ତି ପରେ ସେ ଯଶୋବନ୍ତ ବିଦ୍ୟାପୀଠରେ ସହକାରୀ ଶିକ୍ଷୟିତ୍ରୀ ଥିଲେ । ଏବେ ତରଡ଼ାପଡ଼ା ୟୁ. ଜି. ଏମ୍. ଇ. ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି ।

ପ୍ରକାଶକ

Digitized by srujanika@gmail.com

ଶ୍ରୀମତୀ ଜ୍ୟୋତିର୍ମୟୀ ମହାନ୍ତି

ଲେଖିକା ଏକାଧାରରେ ଜଣେ ଗାଳ୍ପିକା, ଔପନ୍ୟାସିକା ଓ ଶିଶୁସାହିତ୍ୟିକା ମଧ୍ୟ । ଦୀର୍ଘ ପନ୍ଦରବର୍ଷ ଧରି ତାଙ୍କର ଗଳ୍ପମାନ ଡଗର, ମୀନାବଜାର, ପ୍ରଜାତନ୍ତ୍ର ତଥା ସମାଜ ପୃଷ୍ଠାରେ ପ୍ରକାଶ ପାଇ ଆସୁଅଛି ।

ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକା ହିସାବରେ ସେ ବିଷୁବମିଳନ ଦ୍ୱାରା ଓ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ବିଜ୍ଞାନର ଜଟିଳତତ୍ତ୍ୱକୁ ସରଳ କରି ଲେଖିବା ତାଙ୍କ ଲେଖାର ଏକ ବିଶେଷତ୍ୱ ।

ସେ ସାତପୁର ନିବାସୀ ଲେଖକ ଶ୍ରୀ ଗୋପୀନାଥ ମହାନ୍ତିଙ୍କ କନ୍ୟା ଅଟନ୍ତି ଏବଂ ଜଗତସିଂହପୁର ନିବାସୀ ଶ୍ରୀ ଜଗଦାନନ୍ଦ ମହାନ୍ତିଙ୍କ ପୁତ୍ର ଅଜିତ୍ ମହାନ୍ତିଙ୍କୁ ବିବାହ କରିଛନ୍ତି ।

ପାଠପଢ଼ାର ପରିସମାପ୍ତି ପରେ ସେ ଯଶୋବନ୍ତ ବିଦ୍ୟାପୀଠରେ ସହକାରୀ ଶିକ୍ଷୟିତ୍ରୀ ଥିଲେ । ଏବେ ତରଡ଼ାପଡ଼ା ୟୁ. ଜି. ଏମ୍. ଇ. ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଟନ୍ତି ।

ପ୍ରକାଶକ

Digitized by srujanika@gmail.com